

ପାକିସ୍ତାନକୁ ଜୟଶଙ୍କରଙ୍କ କଡ଼ାବାର୍ତ୍ତା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସଞ୍ଜୟଙ୍କ ନାଁରେ ୭୨ କୋଟି ସମ୍ପତ୍ତି କରିଦେଲେ ମହିଳା ଫ୍ୟାନ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୧ Vol. 22 No-121 31 JULY 2025 THURSDAY, BHUBANESWAR ଗୁରୁବାର, ୩୧ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# ସ୍ଥିତି ନିୟନ୍ତ୍ରଣାଧୀନ





- ୩ ଜିଲ୍ଲାର ୮ ବ୍ଲକର ୮୧ ଗାଁ ପ୍ରଭାବିତ
- ୫୮୬୯ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର
- ଅଧିକ ୭ ଦିନ ରନ୍ଧାଖାଦ୍ୟ ପ୍ରଦାନ ନିର୍ଦ୍ଦେଶ
- ଜିଲ୍ଲାପାଳଙ୍କ ରିପୋର୍ଟ ପରେ କ୍ଷତିପୂରଣ

ଭୁବନେଶ୍ୱର,୩୦।୭(ଭାସ୍କର ନ୍ୟୁଜ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ରାଜ୍ୟର ୩ ଜିଲ୍ଲାରେ ବନ୍ୟା ବିପ୍ଳାତରେ ୩୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନିଜ ଟିମ୍ ସହ ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ କରିବା ସହିତ ପ୍ରଭାବିତଙ୍କୁ ଆଉ ୭ ଦିନ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳମାନେ କ୍ଷୟକ୍ଷତି ରିପୋର୍ଟ ଦେବାପରେ ସରକାର ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ ରାଜ୍ୟର ୩ ଜିଲ୍ଲା- ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟାସ୍ଥିତି ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ ସାମିଲ ଥିଲେ। ସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ଲୋକସେବା ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୩ ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ପ୍ରଭାବିତ ହୋଇଛି। ବାଲେଶ୍ୱରର ୪ଟି ବ୍ଲକ ବସ୍ତା, ବାଲିଆପାଳ, ଭୋଗରାଇ, ଜଳେଶ୍ୱର, ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରିପୋଖରୀ ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ ବନ୍ୟାରେ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁ ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୫୮୬୯ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ବିଭିନ୍ନ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ବନ୍ୟାସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ • ପୃଷ୍ଠା ୫ ଦେଖନ୍ତୁ

## ଇସ୍ରୋ-ନାସାର 'ନିସାର' ଉତ୍କ୍ଷେପଣ ସଫଳ

# ପ୍ରାକୃତିକ ବିପର୍ଯ୍ୟୟର ଦେବ ଆଗୁଆ ସୂଚନା



ଶ୍ରୀହରିକୋଟା,୩୦।୭: ଭାରତ ଓ ବିଶ୍ୱପାଇଁ ବୁଧବାର ଥିଲା ଏକ ଐତିହାସିକ ଦିନ। ନାସା ଓ ଇସ୍ରୋ ପକ୍ଷରୁ ମିଳିତ ଭାବେ ବିକଶିତ ନିସାର ସାଟେଲାଇଟ୍‌କୁ ସଫଳତାର ସହ ଉତକ୍ଷେପଣ କରାଯାଇଛି। ଜିଏସଏଲଭି-ଏଫ୧୬ ଜରିଆରେ ଏହାକୁ ବୁଧବାର ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ମହାକାଶ କେନ୍ଦ୍ରରୁ ଉତକ୍ଷେପଣ କରାଯାଇଥିଲା। ଏହା ଶ୍ରୀହରିକୋଟାସ୍ଥିତ ମହାକାଶ କେନ୍ଦ୍ରରୁ ୧୦୨ତମ ପ୍ରକ୍ଷେପଣ। ନିସାର ମିଶନ ପାଇଁ ୨୭.୩୦ ଘଣ୍ଟାର ଓଲଟା ଗଣତି ମଙ୍ଗଳବାର ଦିନ ୨.୧୦ରୁ ଆରମ୍ଭ ହୋଇଥିଲା। ନିସାର ହେଉଛି ଏକ ପର୍ଯ୍ୟବେକ୍ଷଣ ଉପଗ୍ରହ। ଏହି ଉପଗ୍ରହକୁ ଜିଏସଏଲଭି-ଏଫ୧୬ ଜରିଆରେ ଉତକ୍ଷେପଣ କରାଯାଇଛି। ଏହାକୁ ୭୩୪ କିମି ସୂର୍ଯ୍ୟ ସମକାଳୀନ କକ୍ଷପଥରେ ସ୍ଥାପନ କରାଯିବ। ନିସାର ଉପଗ୍ରହ ପ୍ରତି ୧୨ ଦିନରେ ପୁରା ବିଶ୍ୱକୁ ସ୍କାନ କରିବ। ଏହି ଉପଗ୍ରହ ଭୂମିକମ୍ପ, ସୁନାମୀ, ଆଗ୍ନେୟ ଉଦ୍‌ଗୀରଣ ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସତର୍କ ସୂଚନା ପ୍ରଦାନ କରିବ। ଏହାକୁ ପୃଥିବୀର ମ୍ୟାଗନେଟିକ୍ ରିଜୋନାନ୍ସ ଇମେଜିଂ ବୋଲି କୁହାଯାଉଛି। ନାସାର ଏଲ ବ୍ୟାଣ୍ଡ ଏବଂ ଇସ୍ରୋର ଏସ ବ୍ୟାଣ୍ଡ ସହ ୨୩୯୨ କିଲୋଗ୍ରାମ ଓଜନର ଏହା ହେଉଛି ପ୍ରଥମ ଉପଗ୍ରହ। ଏହା ଦୁଇଟି ଫ୍ରିକ୍ୱେନ୍‌ସିରେ ପୃଥିବୀର ନିରୀକ୍ଷଣ କରିବ। ଗୋଟିଏ ସାଟେଲାଇଟରେ ଦୁଇଟି ରାଡାର ସିଷ୍ଟମ ସ୍ଥାପନ କରିବା ଏକ ଅନନ୍ୟ ଇଞ୍ଜିନିୟରିଂ ସଫଳତା ବୋଲି କୁହାଯାଉଛି। ଏହି ଉପଗ୍ରହ ପୃଥିବୀ ଉପରେ ଘଟୁଥିବା ବିଭିନ୍ନ ଘଟଣାର ମଧ୍ୟ ଅଧ୍ୟୟନ କରିପାରିବ। ସମୁଦ୍ର ବରଫର ଗତି, ଝଡ଼ର ପଥ, ଉଦ୍ଭିଦ ଓ ଜଙ୍ଗଲରେ ପରିବର୍ତ୍ତନ, ଭୂମିକମ୍ପ ଇତ୍ୟାଦିର ଗତିବିଧି ଉପରେ ନଜର ରଖିବ। ଏହାବ୍ୟତୀତ ଜଳବାୟୀ ପରିବର୍ତ୍ତନ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ମଧ୍ୟ ଏହା ସହାୟକ ହୋଇପାରିବ। ୧.୫ ବିଲିୟନ ଆମେରିକୀୟ ଡଲାରରେ ତିଆରି ଏହି ସାଟେଲାଇଟ୍ ବିଶ୍ୱର ସବୁଠାରୁ ମହଙ୍ଗା ସାଟେଲାଇଟ୍। ଇସ୍ରୋ ଏହି ସାଟେଲାଇଟ୍ ପାଇଁ ୪୬୯.୪ କୋଟି ଟଙ୍କା ଖର୍ଚ୍ଚ କରିଛି।

## ସଂକ୍ଷେପରେ...

### ଶୁକ୍ରବାର ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୩୦।୭(ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ଶୁକ୍ରବାର ସନ୍ଧ୍ୟା ୫.୩୦ରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଅଧ୍ୟକ୍ଷତା କରିବେ। ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

### ୨ରେ ପିଏମ୍-କିଷାନ ସହାୟତା

ନୂଆଦିଲ୍ଲୀ,୩୦।୭: ଆସନ୍ତା ୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍-କିଷାନ ଯୋଜନାରେ ସହାୟତା ରାଶି ପଠାଇବେ। ଡିବିଟି ମାଧ୍ୟମରେ ପ୍ରତ୍ୟେକ ଚାଷୀଙ୍କ ନିକଟକୁ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏଥିରେ ୯କୋଟି ୭୦ଲକ୍ଷ ଚାଷୀ ଉପକୃତ ହେବେ।

### ଭାରତ ଉପରେ ଟ୍ରମ୍ପଙ୍କ ୨୫% ଟାରିଫ

ନୂଆଦିଲ୍ଲୀ,୩୦।୭: ରୁଷିଆ ସହ ଭାରତର ବାଣିଜ୍ୟିକ ସଂପର୍କ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ନିଜେ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି।


### ୨ ଆତଙ୍କବାଦୀ ନିପାତ

ଶ୍ରୀନଗର,୩୦।୭: ସୀମାରେ ଅନୁପ୍ରବେଶ ପାଇଁ ଉଦ୍ୟମ କରୁଥିବାବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ଜଣ ଆତଙ୍କୀ ନିହତ ହୋଇଛନ୍ତି। ଜାମ୍ମୁକାଶ୍ମୀରର ପୁଞ୍ଚରେ ଏହା ଘଟିଛି। ଅନ୍ୟପକ୍ଷରେ ଆଉ କେତେକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

ସେନ୍‌ସେକ୍ସ: ୮୧,୪୮୧.୮୬
ସର୍ବାଧିକ: ୩୦ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୩୦।୭।୨୦୨୫ ର ମତାମତ

ଶ୍ରୀମନ୍ଦିରର ସୁରକ୍ଷା ନେଇ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ୍ ନୁହେଁ କି ?





### ଆଜିର ପ୍ରସଙ୍ଗ

ଦେବଦୂତ ଡାକ୍ତରମାନଙ୍କୁ ସରକାର ସମ୍ମାନିତ କରିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଭିଜିଲାନ୍ସ ଜାଲରେ ଆଉଜଣେ ସହକାରୀ ଯନ୍ତ୍ରୀ

# ଝରକା ବାଟେ ଟଙ୍କାଭର୍ତ୍ତି ବ୍ୟାଗ୍ ଫିଙ୍ଗିଲେ



ଭୁବନେଶ୍ୱର,୩୦।୭(ଭାସ୍କର ନ୍ୟୁଜ): ରାଜ୍ୟରୁ ଦୁର୍ନୀତିରୂପକ ଭୂତକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ବେଶ୍ ସକ୍ରିୟ ହୋଇପଡ଼ିଛି। ପ୍ରତିଦିନ କେହି ନା କେହି ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଛନ୍ଦି ହେଉଛନ୍ତି। ଚଢାଉ ସମୟରେ କୋଟି କୋଟି ଟଙ୍କାର ସମ୍ପତ୍ତି ମଧ୍ୟ ଠାବ କରାଯାଉଛି। ତେବେ ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉଜଣେ ସହକାରୀ ଯନ୍ତ୍ରୀ। ଭୁବନେଶ୍ୱର ଜିଇଡି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଘରେ ଭିଜିଲାନ୍ସ ଚଢାଉ ଆରମ୍ଭ ହୋଇଛି। ତେବେ ଝରକାବାଟେ ଟଙ୍କାଭର୍ତ୍ତି ବ୍ୟାଗ ଫିଙ୍ଗି ବାବୁ ଜଣକ ଖସିବାପାଇଁ ଯେଉଁ ଉଦ୍ୟମ କରିଥିଲେ ତାହା ବିଫଳ ହୋଇଛି। ଭିଜିଲାନ୍ସ ଚଢାଉ ସମୟରେ ତାଙ୍କର ସମ୍ପତ୍ତି ଦେଖି ତାଟକା ହୋଇଥିଲା । ମଙ୍ଗଳବାର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଭିଜିଲାନ୍ସ ଚଢାଉ କରିଥିଲା। ରାଜକିଶୋରଙ୍କ ସହ ଅଶୋକଙ୍କର ମିଳିତ ଭାବେ ସମ୍ପତ୍ତି ଥିବାର ପ୍ରମାଣ ମିଳିବା ପରେ ଭିଜିଲାନ୍ସ ଅଶୋକଙ୍କ ଘରେ ଚଢାଉ କରିଥିଲା। ଅଶୋକ ପଣ୍ଡା ଫିଙ୍ଗିଥିବା ବ୍ୟାଗରେ ୧ ଲକ୍ଷ ଟଙ୍କା, ସୁନା, ରୁପା ଓ ଆଇଫୋନ୍ ରହିଥିବାର ଦେଖିବାକୁ ମିଳିଥିଲା। ଏହାପରେ ତାଙ୍କର ଏକାଧିକ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଜାରି ରହିଛି। ତାଙ୍କର ଉତ୍କଳକନିକା ଗ୍ୟାଲେରିଆରେ ଦୁଇଟି ଆଉଟ୍‌ଲେଟ୍, ସିମ୍ଫୋନୀ ମଲ୍‌ରେ ଗୋଟିଏ ଆଉଟଲେଟ୍, ଭୁବନେଶ୍ୱର ସୋମନାଥ ନଗରରେ ୪ ମହଲା କୋଠା, ଡୁମୁଡୁମାରେ ୩ ମହଲା ଘର, କସମୋପୋଲିସରେ ଗୋଟିଏ ଫ୍ଲାଟ୍ ରହିଛି। ତାଙ୍କର ଗୋଟିଏ କାର୍ ଥିବାବେଳେ ଡାକ ବିଭାଗର ୩ଟି ଆକାଉଣ୍ଟରେ ୧୭ଲକ୍ଷ ଟଙ୍କା ଜମା ଥିବା ଭିଜିଲାନ୍ସ ସୂଚନା ପାଇଛି। ଚଢାଉ ସମ୍ପୂର୍ଣ୍ଣ ହୋଇନଥିବାରୁ ସମ୍ପତ୍ତି ସଂପର୍କରେ ସବିଶେଷ ବିବରଣୀ ମିଳିପାରି ନାହିଁ।

## ଭୟଙ୍କର ଭୂକମ୍ପରେ ଥରିଲା ରୁଷିଆ

# ମାଡ଼ି ଆସିଲା ବିନାଶକାରୀ ସୁନାମୀ





- ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୮.୮
- ଦୋହଲିଲା ଘର, ଭୁଶୁଡ଼ିଲା ଛାତ
- ଖେଳଣା ଭଳି ରାସ୍ତାରେ ନାଚିଲେ ଗାଡ଼ି
- ପ୍ରାଣ ବଞ୍ଚାଇବା ପାଇଁ ଦୌଡ଼ିଲେ ଲୋକେ
- ଜାପାନ, ଆମେରିକା ସମେତ ୧୨ ରାଷ୍ଟ୍ରକୁ ସତର୍କ ସୂଚନା

ନୂଆଦିଲ୍ଲୀ,୩୦।୭: ରୁଷରେ ବୁଧବାର ସକାଳେ ଏକ ବଡ଼ଧରଣର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୮.୮ ଥିବା ସୂଚନା ଦିଆଯାଇଛି। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ବଡ଼ ବଡ଼ ଅଟ୍ଟାଳିକା ଭୁଶୁଡ଼ି ପଡ଼ିବା ସହ ଗାଡ଼ିଗୁଡ଼ିକ ରାସ୍ତାରେ ଖେଳଣା ଭଳି ନାଚୁଥିବା ଦେଖିବାକୁ ମିଳିଥିଲା। ପ୍ରାଣ ବଞ୍ଚାଇବା ପାଇଁ ଲୋକମାନେ ଏଣେତେଣେ ଦୌଡ଼ିବା ଭୂମିକମ୍ପର ଭୟାବହତାକୁ ଦର୍ଶାଉଥିବା କୁହାଯାଉଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ଭିତରେ ବୋଲି ସୂଚନା ଦିଆଯାଇଛି। ବୁଧବାର ସକାଳୁ ସକାଳୁ ରୁଷର ପୂର୍ବ କାମଚଟକା ଅଞ୍ଚଳରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ଭୂମିକମ୍ପ ଅଧିକ ଭୟଙ୍କର ବୋଲି ୟୁଏଏସ ଜିଓଲୋଜିକାଲ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ଭିତରେ ହୋଇଥିବାରୁ ପ୍ରଥମେ ସୁନାମୀ ନେଇ ସତର୍କ ସୂଚନା ଦିଆଯାଇଥିଲା। ତେବେ ଏହାର କିଛି ସମୟ ପରେ ବିନାଶକାରୀ ସୁନାମୀ ସ୍ଥଳଭାଗ ଆଡକୁ ମାଡ଼ି ଆସିଥିଲା। ପ୍ରାୟ • ପୃଷ୍ଠା ୫ ଦେଖନ୍ତୁ

## ଲୋକସଭାରେ କେନ୍ଦ୍ର ଖଣିମନ୍ତ୍ରୀଙ୍କ ସୂଚନା

# କୋଇଲା ଉତ୍ପାଦନରେ ଓଡ଼ିଶା ଦେଶରେ ଏକ ନମ୍ବର



ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୭ (ବ୍ୟୁରୋ): କୋଇଲା ଉତ୍ପାଦନରେ ଦେଶରେ ଓଡ଼ିଶା ଏକ ନମ୍ବର । କୋଇଲା ଉତ୍ପାଦନ ହେଉଥିବା ରାଜ୍ୟ ମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ କୋଇଲା ଓଡ଼ିଶାରୁ ହେଉଛି ଉତ୍ପାଦନ । ୨୦୨୪-୨୫ ମସିହାରେ ଓଡ଼ିଶାର ବିଭିନ୍ନ କୋଇଲା ଖଣିରୁ ୨୬୯.୩୬ ମିଲିଅନ ଟନ କୋଇଲା ଉତ୍ପାଦନ ହୋଇଥିବା ବେଳେ ବାହାର ଦେଶ ଓ ରାଜ୍ୟକୁ ଓଡ଼ିଶାରୁ ଯୋଗାଣ ହୋଇଛି ୨୫୪.୬୩ ମିଲିଅନ ଟନ । ଗତ ତିନି ବର୍ଷ ହେବ କୌଣସି ପାୱାର ପ୍ଲାଣ୍ଟରେ କୋଇଲାର ସଂକଟ ଦେଖା ଯାଇନାହିଁ । ଓଡ଼ିଶାରୁ ଅଧିକ କୋଇଲା ଉତ୍ପାଦନ ହେବା ଦେଶ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି । ବାହାରୁ ହେଉଥିବା କୋଇଲା ଆମଦାନୀ ୨୦୨୪-୨୫ ରେ ଯଥେଷ୍ଟ କମିଛି । ୨୦୨୩-୨୪ ରେ ବାହାରୁ ଭାରତକୁ ୨୬୪.୫୩ ମିଲିଅନ ଟନ କୋଇଲା ଆମଦାନୀ ହୋଇଥିବା ବେଳେ ୨୦୨୪-୨୫ ରେ ଏହା କମି ୨୪୩.୬୨ ମିଲିଅନ ଟନକୁ ଖସିଆସିଛି । ଯାହାଦ୍ୱାରା ୨୦୨୩-୨୪ ତୁଳନାରେ ୨୦୨୪-୨୫ ରେ ଦେଶର ୬୦,୬୮୧.୬୭ କୋଟି ଟଙ୍କାର ବୈଦେଶିକ ମୁଦ୍ରା ସଞ୍ଚୟ ହୋଇ ପାରିଛି ।

## ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ଘଟଣା


# ୬ଜଣଙ୍କୁ ବାନ୍ଧିଲା କ୍ରାଇମ୍‌ବ୍ରାଞ୍ଚ



କଟକ/ଭୁବନେଶ୍ୱର,୩୦।୭(ଭାସ୍କର ନ୍ୟୁଜ): ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ଘଟଣାରେ କ୍ରାଇମବ୍ରାଞ୍ଚ ତା'ର ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ପ୍ରଶ୍ନପତ୍ର ଭାଇରାଲ ପଛରେ ୨ଲକ୍ଷ ୬୪ହଜାର ଟଙ୍କା କାରବାର ହୋଇଛି। ସେ ଆହୁରି କହିଛନ୍ତି ଯେ ଏହି ଘଟଣାର ମୁଖ୍ୟ କାର୍ପଟଦାର ହେଉଛନ୍ତି କଟକସ୍ଥିତ ବୋର୍ଡ ଅଫିସରେ ଡାଟା ଏଣ୍ଟ୍ରି ଅପରେଟର ଥିବା ଜିତେନ ମହାରଣା। ତାଙ୍କ ବ୍ୟତୀତ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଲେ ବିଜୟ କୁମାର ମିଶ୍ର, ସନାତନ ବିଶୋଇ, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ ଓ ଜୟନ୍ତ କୁମାର ରାଉତ। ଏହାପୂର୍ବରୁ ମଙ୍ଗଳବାର କ୍ରାଇମବ୍ରାଞ୍ଚ ରାୟଗଡ଼ା ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ତଥା ଡଙ୍ଗରବୋରି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଜୟ ମିଶ୍ରଙ୍କୁ ଉଠାଇ ଆଣି ଜେରା କରିଥିଲା। ଏଥିପୂର୍ବରୁ ଏହି ଘଟଣାରେ ଗତ ଶୁକ୍ରବାର ବୋର୍ଡ ସଭାପତି ଜଣେ ବରିଷ୍ଠ ଅଧିକାରୀ ଏବଂ ୫ଜଣ ସେକ୍ସନ ଅଧିକାରୀଙ୍କୁ ଅନ୍ୟ ବିଭାଗକୁ ବଦଳି କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ସହସମ୍ପାଦକ ଓ ସେକ୍ସନ ଅଫିସରଙ୍କୁ ବଦଳି କରାଯାଇଥିବା ସୂଚନା ମିଳିଛି। ତେବେ କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବାପାଇଁ ଅଦାଲତରେ ଆବେଦନ କରାଯିବ। ସେମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ମିଳିପାରିବ ବୋଲି କ୍ରାଇମବ୍ରାଞ୍ଚ ଆଶାପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ ଏହି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଲାଗି ୧୯୩ଟି ପରୀକ୍ଷାକେନ୍ଦ୍ର ସ୍ଥାପନ କରାଯାଇଥିଲା ଓ ୭୫ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ଏହି ପରୀକ୍ଷା ଦେଇଥାନ୍ତେ। ତେବେ ପ୍ରଶ୍ନପତ୍ର ଲିକହେବା କାରଣରୁ ଏହାକୁ ବାତିଲ କରି ଦିଆଯାଇଥିଲା, ଯାହାକୁ ନେଇ ଆଶାୟୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା।

## ବନ୍ୟାପାଣିରେ ଦେବଦୂତ

# ଗର୍ଭବତୀଙ୍କୁ ଟ୍ରଲିରେ ବୋହିଲେ ଡାକ୍ତର



କେନ୍ଦ୍ରାପଡ଼ା,୩୦।୭(ଭାସ୍କର ନ୍ୟୁଜ): କୁହାଯାଏ ଡାକ୍ତରମାନେ ହେଉଛନ୍ତି ଦ୍ୱିତୀୟ ଦେବତା। ଏହାକୁ ବାସ୍ତବ ରୂପ ଦେଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଶ୍ମୀରଞ୍ଜନ ମହାନ୍ତି। ବନ୍ୟାପାଣିରେ ପଶି ଗର୍ଭବତୀଙ୍କୁ ଟ୍ରଲିରେ ବୋହିଲେ ଡାକ୍ତର। ଟ୍ରଲିରେ ଟାଣିଟାଣି ଆଣି ହସ୍ପିଟାଲରେ ନିଜେ ଭର୍ତ୍ତିକଲେ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଶ୍ମୀରଞ୍ଜନ ମହାନ୍ତିଙ୍କ ଏହି ରୋଗୀ ସେବାକୁ ଏବେ ଭୁରିଭୁରି ପ୍ରଶଂସା କରୁଛନ୍ତି ଅଞ୍ଚଳବାସୀ। ଆଉ କହୁଛନ୍ତି, ଡାକ୍ତର ହେବ ତ ଏମିତି ହେବ। ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଯୋଗୁ ତଳି ଅଞ୍ଚଳରେ ପାଣି ପଶିଛି। ଫଳରେ ଅନେକ ସ୍ଥାନ ଜଳମଗ୍ନ ହୋଇଛି। ମୁଖ୍ୟ ରାସ୍ତାରେ ବନ୍ୟାପାଣି ପ୍ରବାହିତ ହେଉଛି। ଯାହାଫଳରେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଏହାରି ଭିତରେ ରାଜନଗର ବ୍ଲକ ଚକିବାଙ୍କ ଗ୍ରାମର ସଂଘମିତ୍ରା ରାଉତଙ୍କୁ ଗର୍ଭଯନ୍ତ୍ରଣା ହେଉଥିବାବେଳେ ବନ୍ୟାଯୋଗୁ ଗାଁକୁ ଆସିପାରି ନଥିଲା ଆମ୍ବୁଲାନ୍ସ। ଫଳରେ ଡାକ୍ତର ରଶ୍ମୀରଞ୍ଜନ ମହାନ୍ତି ଓ ତାଙ୍କ ଟିମ୍ ବନ୍ୟାପାଣିରେ ଚାଲିଚାଲି ଯାଇ ତାଙ୍କ ଘରେ ପହଞ୍ଚିଥିଲେ।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଲୋକେ ଦେଖୁଛନ୍ତି ଆଖି ଫାଡ଼ି ଫାଡ଼ି
ଗାଡ଼ି ଘୋଡ଼ା କୋଠାବାଡ଼ି,
କୁବେର ପ୍ରବର ଅଫିସରଙ୍କର
ସୁନା ରଙ୍ଗଦିଆ ଚଡ଼ି ।
ଭିଜିଲାନ୍ସ ଧରି ଛଡ଼ି,
ଆୟ ବହିର୍ଭୂତ ସବୁ ନେଇଯାଏ
କୁବେରଙ୍କୁ ନଙ୍ଗା ଛାଡ଼ି !



ବାରିପଦା(ଭାସ୍କର ନ୍ୟୁଜ୍): ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବନଖଣ୍ଡ ବିଶ୍ୱ ବାଘ ଦିବସକୁ ବାଘ ସଂରକ୍ଷଣ ଓ ସାମୁଦାୟିକ ସହଭାଗିତାକୁ ପ୍ରୋତ୍ସାହିତ କରି ଉତ୍ସାହର ସହ ପାଳନ କରିଛି। ଦିନଟି ଆରମ୍ଭ ହୋଇଥିଲା ଦେବକୁଣ୍ଡ, ସୀତାକୁଣ୍ଡ ଓ ବ୍ରହ୍ମଣକୁଣ୍ଡରେ ପରିଚ୍ଛନ୍ନତା ଅଭିଯାନରୁ, ଯେଉଁଥିରେ ୪୦୦ରୁ ଅଧିକ ଅଂଶଗ୍ରହଣକାରୀ, ନିକଟସ୍ଥ ଗାଁର ଲୋକେ, ସ୍କୁଲ ଛାତ୍ରଛାତ୍ରୀ, ଇକୋ-ଡେଭଲପମେଣ୍ଟ କମିଟି (ଇଡିସି) ଓ ବନ ସୁରକ୍ଷା ସମିତି (ଭିଏସଏସ) ସଦସ୍ୟମାନେ ଭାଗ ନେଇଥିଲେ। ଏହାପରେ 'ଏକ ପେଡ୍ ମା କେ ନାମ' ପହଞ୍ଚ ଅଧୀନରେ ଗୋଡିପୋଖରୀ, ବୁଡାମାରା, ବୁଢାବାଲଙ୍ଗ, ଜାମୁଗଡିଆ ଓ ମାନଭଙ୍ଗା ଗାଁରେ ୨୦୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦଘାଟନ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ସିଂହ ଯାଦବ ଭର୍ଚ୍ଚୁଆଲ ମାଧ୍ୟମରେ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀ ହେମକାନ୍ତ ସୋୟ, ଆଇଏଏସ, ଜିଲ୍ଲାପାଳ ଓ ଡିଏମ, ମୟୂରଭଞ୍ଜ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଆଇପିଏସ, ଏସପି, ମୟୂରଭଞ୍ଜ; ଡକ୍ଟର ସମ୍ରାଟ ଗୌଡା ଡିଏସ, ଆଇଏଫଏସ, ଉପନିର୍ଦ୍ଦେଶକ, ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବିଭାଗ; ଶ୍ରୀ ଏ. ଉମା ମହେଶ, ଡିଏଫଓ, ବାରିପଦା; ଓ ଶ୍ରୀ ବିବେକାନନ୍ଦ ପଟ୍ଟନାୟକ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ମୟୂରଭଞ୍ଜ, ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସ୍କୁଲ ଛାତ୍ରଛାତ୍ରୀ, ଶିମିଳିପାଳ ଅଞ୍ଚଳର ଗାଁ ଲୋକେ, ଇଡିସି ଓ ଭିଏସଏସ ସଦସ୍ୟ, ସରପଞ୍ଚ ଓ ୱାର୍ଡ ସଦସ୍ୟ, ବନ କର୍ମଚାରୀ ଓ ଅଧିକାରୀ, ଇଲେକ୍ଟ୍ରୋନିକ ଓ ମୁଦ୍ରିତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



## ଦୁର୍ଘଟଣାରେ ଜଣେ ଗୁରୁତର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ମୋହନା ଥାନା ଅନ୍ତର୍ଗତ ହିକିରିକୁପା ଗାଁ ପାଖରେ ଏକ ବସ୍ ସହ ବାଇକ୍ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ କୈଳାସ ରଇତ ତାଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର କିରନ କୁମାର ସାହୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ବାଡେଗୁଡା ପଞ୍ଚାୟତ ଶିମିଳି ଗାଁର ସାନୁନି ମଲ୍ଲିକଙ୍କ ସହ ମେରାପଲ୍ଲୀ ପଞ୍ଚାୟତ କୁଙ୍କୁଣୀ ଭାଲିଆ ସାହିର ବସନ୍ତ ମଲ୍ଲିକ ବାଇକରେ ଗାଁକୁ ଯାଉଥିବା ବେଳେ ଏକ ଘରୋଇ ବସ୍ ହିକିରିକୁପା ଗାଁ ପାଖରେ ସେମାନଙ୍କୁ ଧକ୍କା ଦେଇଥିଲେ।

## ବିଦ୍ୱାନ ଆଧ୍ୟାତ୍ମିକବାଦୀ ଟି.ଭି.ଭାସ୍କର ରାଓଙ୍କ ପରଲୋକ

ଆସିକା (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ରଘୁନାଥ ନଗର ବାସିନ୍ଦା ଭି ଭାସ୍କର ରାଓଙ୍କ ୭୪ ବର୍ଷ ବୟସ ରେ ନିଜ ବାସ ଭବନରେ ଦେହାନ୍ତ ହୋଇଯାଇଛି। ଗତ କିଛିଦିନ ହେଲା ମଧୁମେହ ଓ କୀଡ୍ନି ରୋଗରେ ପୀଡିତ ରହିଥିଲେ। ଗତକାଲି ରାତି ପ୍ରାୟ ୧୧ଘଣ୍ଟା ସମୟରେ ଦେହାନ୍ତ ହୋଇଥିଲା। ତାଙ୍କର ମୃତ୍ୟୁ ସମୟରେ ତାଙ୍କ ସ୍ତ୍ରୀ ଆର.ସୂର୍ଯ୍ୟକାନ୍ତି,ଭାଇ ମୁରଲୀଧର ରାଓ ଉପସ୍ଥିତ ଥିଲେ। ସେ ଆସିକା ସହରର ପୁଡୁଗେଶ୍ୱର ପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ରେ ଅଧ୍ୟୟନ କରିବା ପରେ ହରିହର ହାଇସ୍କୁଲ ଓ ପରେ ଆସ୍କା ବିଜ୍ଞାନ ମହାବିଦ୍ୟାଳୟରେ କଲେଜ ପାଠ ପଢ଼ା ଶେଷ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଇଂରେଜ ଭାଷା ରେ ଏମଏ ପାସ କରିଥିଲେ। ଆସିକା କଳିଙ୍ଗା ରୋଡରେ ଥିବା ବିଏସଏନଏଲ କାର୍ଯ୍ୟାଳୟରେ ନିଜର କର୍ମମୟ ଜୀବନର ଅବସର ନେଇଥିଲେ। ଏହାପରେ ସେ ରାଜ୍ୟ ଓ ଜିଲ୍ଲାରେ ଜଣେ ଶ୍ରୀମା ଅରବିନ୍ଦ ଆଧ୍ୟାତ୍ମିକ ପ୍ରେମୀ ଏବଂ ଏକାଧାରରେ ବକ୍ତା, ବାଗ୍ମୀ ରୂପେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ରହିଥିଲେ। ସେ ବରିଷ୍ଠ ନାଗରିକ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ମିଶି ବିବେକାନନ୍ଦ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ମାର୍ଗ ଦର୍ଶନ କରୁଥିଲେ। ଆଜି ତାଙ୍କ ମୃତ୍ୟୁ ଖବର ପାଇବା ପରେ ଆସିକା ଅଞ୍ଚଳର ଶହ ଶହ ଜନ ସାଧାରଣ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଆଜି ପତଞ୍ଜଳି ଯୋଗ ଶିବିର ପକ୍ଷରୁ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶୋକ ସଭାର ଆୟୋଜନ କରାଯାଇଛି। ତାଙ୍କ ଶେଷ ଦର୍ଶନରେ ଅଜିତ ପଟନାୟକ, ବଦ୍ରି ପାତ୍ର, ସନ୍ତୋଷ ପାତ୍ର, ଗଣେଶ ରଥ, ପୀତବାସ ମହାପାତ୍ର, ଦିଲ୍ଲୀପ ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ଜେନା, ସୁନୀଲ ପାଣିଗ୍ରାହୀ, ଅନିଲ ପାଣିଗ୍ରାହୀ, ସମେତ ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ, ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁରେ ଗୋଟିଏ ଯୁଗର ଅବସାନ ଘଟିଛି। ତାଙ୍କ ମୃତ ଶରୀରଏକ ବିରାଟ ପଟୁଆରରେ ନଗର ପରିକ୍ରମା କରିବା ପରେ ହିନ୍ଦୁ ରୀତିନୀତି ଅନୁସାରେ ଋଷିକୂଲ୍ୟା ଏବଂ ବଡ଼ ନଦୀ ସଙ୍ଗମ ସ୍ଥଳରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିଲା।

### ଡାକ୍ତରଙ୍କ ଘରୁ ଡକାୟତି ଘଟଣା ||||||||||||||||||||

## ୬ ଡକାୟତ ଗିରଫ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ଥାନା ଅଧିନସ୍ଥ ଚାଟରାଚକଡ଼ା ପଂଚାୟତର ଓଲଡ଼ି ଗ୍ରାମର ଡାକ୍ତର ମହମ୍ମଦ ଜଲିଲ୍ ଖାଁଙ୍କୁ ଘରୁ ଚଳିତ ମାସ ୧୦ ତାରିଖରେ ଭିଜିଲାନ୍ସ ଅଧିକାରୀ ପରିଚୟ ଦେଇ ୮ ଜଣ ଦୁର୍ବୃତ୍ତ ଲୁଟିନେଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଆଜି ଡେରାବିଶ ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନସ୍ଥ ପୋଇଲୋ ଅଞ୍ଚଳର ଅଭିଳାସ ନାୟକ (୨୦), ଡେରାବିଶ ଥାନା ଅଧିନସ୍ଥ ଓଲଡ଼ି ଅଞ୍ଚଳର ପ୍ରଫୁଲ୍ଲ ବେହେରା (୪୩), ସେକ୍ ସରାଫୁଲ ଅଲ୍ଲି (୩୫), ହଳଦିଆ ଅଞ୍ଚଳର ଜାକିର ଖାନ (୪୧. କେନ୍ଦ୍ରାପଡ଼ା ଟାଉନ ଥାନା ରଣପଡ଼ା ଅଂଚଳର ସେକ୍ ରାଜୁ (୩୨) ଓ ଗରାପୁର ଅଞ୍ଚଳର ଅବୁଜାଫର ଖାଁ (୩୦)। ସମସ୍ତ ଅଭିଯୁକ୍ତମାନଙ୍କୁ ଡେରାବିଶ ପୋଲିସ୍ ଆଜି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଡେରାବିଶ ଥାନା ଅଧିକାରିଣୀ




ଅମ୍ବିକା ପ୍ରସାଦ ଦାସ ପ୍ରକାଶ କରିଛନ୍ତି। ତେବେ ଅଭିଯୁକ୍ତ ମାନଙ୍କ ଠାରୁ ଦୁଇଟି ବାଇକ୍, ନଗଦ ୫୦ ହଜାର ଟଙ୍କା ଓ ୪ଟି ମୋବାଇଲ ଜବତ ହୋଇଥିବା ଜଣାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଦୁର୍ବୃତ୍ତ ଫେରାର ରହିଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଚଳିତ ମାସ ୧୦ ତାରିଖ ଅପରାହ୍ନ ୨ଟା ସମୟରେ ତିନୋଟି ବାଇକ୍‌ରେ ୮ ଜଣ ଲୋକ ଆସି ଡାକ୍ତରଙ୍କ ଘରୁ ଲୁଟ କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଅଭିଯୁକ୍ତ ଡାକ୍ତରଙ୍କ ଘର ସମ୍ମୁଖରେ ରହିଥିବା ବେଳେ ଅନ୍ୟ ୬ ଜଣ ଡାକ୍ତରଙ୍କ ଘରକୁ ପଶିଯାଇଥିଲେ। ସେଠାରେ ସେମାନେ ଭୁବନେଶ୍ୱରରୁ ଆସିଥିବା ଭିଜିଲାନ୍ସ ଅଧିକାରୀର ପରିଚୟ ଦେଇ ଚଢ଼ାଉର ବାହାନା କରିଥିଲେ। ଘରର ସମସ୍ତ ସଦସ୍ୟଙ୍କ ମୋବାଇଲ୍ ଫୋନ୍ ନିଜ କବଜାକୁ ନେବା ସହିତ ଘରର ସିସିଟିଭି ସଂଯୋଗକୁ କାଟି ଦେଇଥିଲେ। ପରେ ଘରର ସମସ୍ତ ଆଲମିରା ଓ ଲକର ଖୋଲି ଘରେ ଥିବା ସମସ୍ତ ସୁନା ଅଳଙ୍କାର, ନଗଦ ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ଏଥିସହିତ ଘରର ସମସ୍ତ ସଦସ୍ୟଙ୍କୁ ଗୋଟିଏ ଘରେ ପୁରାଇ ବାହାରୁ ବନ୍ଦ କରି ସେମାନେ ଆରାମରେ ଘଟଣା ସ୍ଥଳରୁ ଚମ୍ପଟ ମଧ ମାରିଥିଲେ। ତେବେ ଏହି ଦୁର୍ବୃତ୍ତମାନେ ଭିଜିଲାନ୍ସ ଚଢ଼ାଉ ଆଳରେ ପାଖାପାଖି ଦେଢ଼ଘଣ୍ଟା ଧରି ଡାକ୍ତରଙ୍କ ଘରେ ଲୁଟପାଟ କରିଥିଲେ ମଧ ନିକଟସ୍ଥ କେହି ପଡ଼ୋଶୀ ଲୁଟର ସୁରକ ମଧ ପାଇନଥିଲେ। ଏ ସମ୍ପର୍କରେ ଡାକ୍ତର ଜଲିଲ ଡେରାବିଶ ଥାନାରେ ଅଭିଯୋଗ କରିବାପରେ ଡେରାବିଶ ପୋଲିସ ୧୧୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଖୋଜିବା ଜାରି ରହିଥିଲା।

## କ୍ରସର ମାଲିକ ସଂଘ ସଭାପତିଙ୍କ ସ୍ମୃତିଚାରଣ ସଭା



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା କ୍ରସର୍ ମାଲିକ ସଂଘ ର ପ୍ରଥମ ସଭାପତି ଫକୀର ଚରଣ ସାମଲଙ୍କ ବିୟୋଗରେ ଏକ ସ୍ମୃତି ଚାରଣ ସଭା ଚଣ୍ଡିଖୋଲ ସନ୍ନିକଟ ଆରୁହା ସ୍ଥିତ ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ କାର୍ଯ୍ୟାଳୟ ଠାରେ ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ ସଭାପତି ଚନ୍ଦନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ଚାରଣ ସଭାରେ ସଂଘ। ସମ୍ପାଦକ ଲକ୍ଷ୍ମୀଧର ବେହେରା, ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ରୋଟାରୀଆନ୍ ଅଜାମ୍ବର ସାହୁ, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାମଲ, ରବୀନ୍ଦ୍ର ପାତ୍ର, ଶରତ କୁମାର ଦେବ, ଧନେଶ୍ୱର ସେଠୀ, ବିଶ୍ୱତୋଷ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମଲ ଙ୍କ ବହୁମୁଖି ପ୍ରତିଭାର ଗୁଣ ଗାନ କରିଥିଲେ। ସ୍ୱର୍ଗତ ସାମଲ ଯାଜପୁର ଜିଲ୍ଲାରେ ପ୍ରଥମେ କ୍ରସର ବ୍ୟବସାୟ ଆରମ୍ଭ କରି ଶିକ୍ଷିତ ଯୁବ ଉଦ୍ୟୋଗୀ ମାନଙ୍କୁ କ୍ରସର ବ୍ୟବସାୟ ପ୍ରତି ଆକୃଷ୍ଟ କରି ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ୟମ କରିଥିଲେ। କ୍ରସର ମାଲିକ ସଂଘ ଗଠନ କରି ତାହାର ସଭାପତି ହେବା ସହିତ କ୍ରସର ମାଲିକ ସଂଘ ର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ବହୁ କାର୍ଯ୍ୟ କରିଥିଲେ। ଜଣେ ଦୃଢ଼ ଭାବରେ ସଂଗଠକ,ସମାଜସେବୀ, ସ୍ନେହୀ, ବନ୍ଧୁବତ୍ସଳ, ମେଳାପି, ପରୋପକାରୀ ବ୍ୟକ୍ତି ଭାବେ ସମଗ୍ର ଯାଜପୁର ଜିଲ୍ଲାରେ ପରିଚିତ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

■ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଚୋରି ଘଟଣା

## ସନ୍ଦେହରେ ଜଗନ୍ନାଥ

ମହାକାଳପଡ଼ା(ଭାସ୍କର ନ୍ୟୁଜ୍): ମହାକାଳପଡ଼ା ବ୍ଲକ୍ ତଥା ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଜମ୍ବୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଚୋରି ଘଟଣାର ତଦନ୍ତ ସମୟରେ ପୋଲିସକୁ ଏକ ମନିପର୍ସ ମିଳିଥିଲା। ଏହି ପର୍ସରୁ ଚୋରଙ୍କ ସମ୍ପର୍କରେ ସୁରାକ ମିଳିଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ଗତ ଶନିବାର ଓ ରବିବାର ଛୁଟି ଥିବାରୁ ସୋମବାର କର୍ମଚାରୀମାନେ ବ୍ୟାଙ୍କ ଆସିଥିଲେ। କର୍ମଚାରୀମାନେ ବ୍ୟାଙ୍କ ଖୋଲିବାରୁ ଭିତରେ ଥିବା କମ୍ପ୍ୟୁଟର ଡ୍ରୟାର ସ୍କାଏ ଲାଇଟ୍ ଆଦି ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ବ୍ୟାଙ୍କର ଶାଖା ପରିଚାଳକ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଏକ ମନିପର୍ସ ଓ ଗାମୁଛା ବ୍ୟାଙ୍କ ନିକଟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମନିପର୍ସରୁ ମିଳିଥିବା ଆଧାର କାର୍ଡ ଜମ୍ବୁ ଗ୍ରାମର ଜଗନ୍ନାଥ ମଣ୍ଡଳଙ୍କର ବୋଲି ଜଣାପଡ଼ିଛି। ପୋଲିସ ଜଗନ୍ନାଥଙ୍କୁ ଖୋଜିବା ସମୟରେ ସେ ଫେରାର ଥିବା ଜଣାପଡ଼ିଛି। ବ୍ୟାଙ୍କରୁ ସେପରି କିଛି ବଡ଼ଧରଣର ଚୋରି ହୋଇ ନ ଥିବା ଏବଂ ଟିଫିନ ବକ୍ସ ଭଳି କେତେକ ଛୋଟ ଜିନିଷ ଚୋର ନେଇ ଯାଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଉଦୟ ସମ୍ମାନରେ ସମ୍ମାନିତ ହେଲେ ସରପଞ୍ଚ ସାଗରିକା

ବଡ଼ଚଣା(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତ ସରପଞ୍ଚ ସାଗରିକା ବିହାରୀ ଭୁବନେଶ୍ୱର ଠାରେ ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଉଦୟ ସମ୍ମାନରେ ଯୁବ ପ୍ରେରଣା ଭାବେ ସମ୍ମାନିତ ହୋଇଥିବା ସୂଚନା ମିଳିଛି। ଶ୍ରୀମତୀ ବିହାରୀ କୋଭିଡ ସମୟରେ ନିଜ ପଞ୍ଚାୟତରେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସହିତ ଅନେକ କ୍ଷେତ୍ରରେ ଜନସାଧାରଙ୍କୁ ସହଯୋଗ କରିବାରେ ସଫଳତା ପାଇଁ ତାଙ୍କୁ ଆଜି ଏହି ସମ୍ମାନ ମିଳିପାରିଛି। ଦୈନିକ ହିନ୍ଦି ଖବର କାଗଜର ବାର୍ଷିକ ଉଛବାରେ ବିଭିନ୍ନ ବିଭାଗରେ ୧୦ ଜଣଙ୍କୁ ଏହି ସମ୍ମାନର ସମ୍ମାନୀତ କରାଯାଇଛି। ଏହି ସମ୍ମାନ ପାଇଁ ବଡଚଣା ତଥା ଚଣ୍ଡିତଳ ପଞ୍ଚାୟତ ବାସୀଙ୍କ ପାଇଁ ଗୌରବ ବୋଲି ସରପଞ୍ଚ ଶ୍ରୀମତୀ ବିହାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଅରୁଣ କୁମାର ସାହୁ, ବାବୁ ସିଂ, ଜୟନାରାୟଣ ମିଶ୍ର, ହିନ୍ଦି ଖବର କାଗଜର ଏଡ଼ିଟର ଚିଫ୍ ରାମକୃଷ୍ଣ ଖଣ୍ଡେଲାୱାଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମାନ ପାଇଥିବାରୁ ସରପଞ୍ଚ ଶ୍ରୀମତୀ ବିହାରୀ ଚଣ୍ଡିତଳ ପଞ୍ଚାୟତ ବାସୀଙ୍କୁ ଶ୍ରେୟ ଦେଇଛନ୍ତି।



## ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବିଜେପି ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ପକ୍ଷରୁ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସର ମୁଖିଆ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛି। ବିଜେପିର ଅଭିଯୋଗ ବିଜେଡି ଓ କଂଗ୍ରେସର ନେତା ଦୁଷ୍କର୍ମ ଅଭିଯୋଗରେ ଜେଲ ଯାଇଛନ୍ତି। ତେଣୁ ଏହି ଦୁଇ ଦଳ ନାରୀ ନିର୍ଯାତନା ନେଇ ଯେଉଁ ଆନ୍ଦୋଳନ କରୁଛନ୍ତି ତାହା ମୂଲ୍ୟହୀନ ତଥା ଧର୍ମକୁ ଆଖି ଠାର ବୋଲି କହି ବିଜେପି ଏହି ବିକ୍ଷୋଭ କରିଛି। ସେତିକି ନୁହେଁ ରାଜ୍ୟବାସୀଙ୍କ ନିକଟରେ ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ସାଧାରଣ ଜନତାଙ୍କ ସମ୍ମୁଖକୁ ଆଣିବା ପାଇଁ ଏହି ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଛି ବୋଲି କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି। ବିକ୍ଷୋଭରେ ସାମିଲ ନେତା ମାନେ କହିଛନ୍ତି ଯେ, ମହିଳା ଦୁଷ୍କର୍ମ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ନିଜ ଶାସନ କାଳର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୁରେଇ ରଖିବା ପାଇଁ ଉଭୟ କଂଗ୍ରେସ ଏବଂ ବିଜେଡି ଦଳ ଅପପ୍ରୟାସ ଆରମ୍ଭ କରିଦେଇଛନ୍ତି। ଏହା ଅତ୍ୟନ୍ତ ଲଜ୍ୟାଜନକ ବୋଲି ବିଜେପି ଜିଲ୍ଲା ସଭାପତି କହିଛନ୍ତି। ବିଜେପି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ଓ ସମର୍ପିତ ସରକାର। ମହିଳା ସୁରକ୍ଷା ପ୍ରସଙ୍ଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶକ୍ତ,ତ୍ୱରିତ ଏବଂ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ବିଜେପି ସରକାରର କଡା ଅଭିମୁଖ୍ୟ ଦେଖି ରାଜ୍ୟର ମା ଓ ଭଉଣୀଙ୍କ ଆତ୍ମବିଶ୍ୱାସ ବଢିଛି। ରାଜ୍ୟର ମା' ଓ ଭଉଣୀମାନଙ୍କୁ ନ୍ୟାୟ ଓ ସମ୍ମାନ ଦେବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି। ଏହି ବିକ୍ଷୋଭରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଉପସଭାପତି ଗୋପୀନାଥ ରାମ, ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ର ସଭାପତି ମମତା ସିଂ, କେନ୍ଦୁଝର ନଗର ମଣ୍ଡଳ ପୂର୍ବତନ ସଭାପତି ବିଶ୍ୱଜିତ ତ୍ରିପାଠୀ ସମସ୍ତ ମଣ୍ଡଳ ସଭାପତି,ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସମେତ ଜିଲ୍ଲା ସଂଗଠନର ସମସ୍ତ ମୋର୍ଚ୍ଚା ର ନେତୃବୃନ୍ଦ ଏବଂ ସହସହ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ

ବାରିପଦା(ଭାସ୍କର ନ୍ୟୁଜ୍):ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ (ନିରାକରଣ ଓ ନିୟନ୍ତ୍ରଣ) ସମ୍ବନ୍ଧୀୟ ) ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ନିରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରମ ଅଧିକାରୀ ଶ୍ରୀ ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଲେବର ଆକ୍ଟ ସମ୍ବନ୍ଧ ରେ ବିସ୍ତୃତ ଭାବେ ଅବଗତ କରାଇବା ସହ ଅତୀତରେ ଜିଲ୍ଲାରେ ଉଦ୍ଧରିତ ଅନେକ ଶିଶୁ ଶ୍ରମିକ ବର୍ତ୍ତମାନ ଉଚ୍ଚ ଶିକ୍ଷିତ ଓ ଉତ୍ତମ କର୍ମ ନିଯୁକ୍ତ ବୋଲି ସୂଚାଇଥିଲେ। ଏହି ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଅଭିଯାନରେ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ଢ଼ାବା,




ହୋଟେଲ ଓ ଅନ୍ୟାନ୍ୟ ଅନୁଷ୍ଠାନ ରେ ଅଚାନକ ଚଢ଼ାଉ କରାଯାଇ କମଳମତି ଶିଶୁ ଶ୍ରମିକ ଙ୍କୁ ଉଦ୍ଧାର କରି ସେମାନଙ୍କୁ ଉପଯୁକ୍ତ ସ୍ଥାନ ରେ ଥଇଥାନ ବ୍ୟବସ୍ଥା କରାଯାଉଛି। ଏହି ପ୍ରକ୍ରିୟା ନିରନ୍ତର ଚାଲୁ ରହିବ ଏବଂ ଏହି ସାମାଜିକ ବ୍ୟାଧିର ମୁଳୋତ୍ପାଟନ କରାଯିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ କହିଥିଲେ ଯେ ଦେଶର ପ୍ରଗତିରେ ଶିଶୁ ଓ କିଶୋର ଶ୍ରମିକ ଏକ ବିରାଟ ବଡ ପ୍ରତିବନ୍ଧକ। ଶିଶୁ ଓ କିଶୋର ଶ୍ରମିକ ହେବାର ମୁଖ୍ୟ କେତୋଟି କାରଣ ମଧ୍ୟରୁ ପିତାମାତଙ୍କ ଲାଳନ ପାଳନ ରେ ଦାୟିତ୍ୱହୀନତା, ପରିବାରର ଆର୍ଥିକ ଅଭାବ ଏବଂ ଶିଶୁଟିର ଉପଯୁକ୍ତ ଶିକ୍ଷାର ଅଭାବରୁ ଅନ୍ୟ ମାନଙ୍କ ଭୁଲ ପ୍ରୋରଚନା ଅନ୍ୟତମ। ତେଣୁ 'ଶ୍ରମ ନୁହେଁ – ଶିକ୍ଷା ଚାହୁଁ' ଉକ୍ତିକୁ ଯଥାର୍ଥ ଭାବେ ଫଳପ୍ରସୂ କରିବା ପାଇଁ ଶିଶୁ ଓ କିଶୋର ଶ୍ରମିକ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମରେ ଜିଲ୍ଲାକୁ ଶିଶୁ ଓ କିଶୋର ଶ୍ରମିକ ନିଯୁକ୍ତିରୁ ମୁକ୍ତ କରାଇବା ପାଇଁ ପଡିବ ବୋଲି କହିଥିଲେ। ଏଥି ପାଇଁ ଅନେକ ଜିଲ୍ଲା ସ୍ତରୀୟ କମିଟି ରହିଛି ଯାହା ଦ୍ୱାରା ଅନେକ ଅନାଥ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ମଧ କରାଯାଉଛି। ଏଥିନିମନ୍ତେ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ସଚେତନତାକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ତାଙ୍କ ବକ୍ତବ୍ୟ ରେ ସଚେତନତା ସୃଷ୍ଟି କରିବା ରେ ଗଣମାଧ୍ୟମ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ। ଗ୍ରାମ୍ୟ ସ୍ତରରୁ ସହର ପର୍ଯ୍ୟନ୍ତ ଜିଲ୍ଲା ବ୍ୟାପି ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମ ର ସହଯୋଗ କାମନା କରିଥିଲେ। ସଚେତନତା ମାଧ୍ୟମ ରେ ଆମେ ଚେଷ୍ଟା କରିବା ଯେ ଜିଲ୍ଲା ରେ ୧୪ ବର୍ଷରୁ କମ୍ ବୟସର ଶିଶୁ ଯେମିତି କୌଣସି କାର୍ଯ୍ୟ କ୍ଷେତ୍ର ରେ ନିଯୁକ୍ତି ହେବେ ନାହିଁ ଏବଂ ୧୪ ରୁ ୧୮ବର୍ଷ କିଶୋର ମାନେ ଯେମିତି କୌଣସି ବିପଦ ସଂକୁଳ କାର୍ଯ୍ୟରେ ନିଯୁକ୍ତ ହେବେ ନାହିଁ। ଯଦି ଏହାର ଉଲଂଘନ ହେବାର ଦୃଷ୍ଟି ଗୋଚର ହୁଏ ତେବେ ନିଯୁକ୍ତି ଦାତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୟୂରଭଞ୍ଜ ଜିଲ୍ଲାକୁ ଶିଶୁ ଓ କିଶୋର ଶ୍ରମିକ ମୁକ୍ତ ଜିଲ୍ଲା ଭାବେ ପରିଚିତ କରି ମଡେଲ ଜିଲ୍ଲା ଭାବେ ପରିଗଣିତ କରିବା ପାଇଁ ସମାଜର ସବୁ ବର୍ଗର ଲୋକମାନଙ୍କ ସହଯୋଗ କାମନା କରିଥିଲେ। ମଂଚାସୀନ ଅନ୍ୟାନ୍ୟ ଅତିଥି ବୃନ୍ଦ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ତଥା ଶିଶୁ ଶ୍ରମ ମୁକ୍ତ ଓଡିଶା – ଆମର ସଂକଳ୍ପ ଉପରେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଦୋକାନ ଏବଂ ସ୍ଥାନୀୟ ଆଉଟଲେଟ ମାନଙ୍କରେ 'We Don't Employ Child Labour' ( ଆମେ ଶିଶୁ ଶ୍ରମିକ ନିଯୁକ୍ତ କରୁନାହୁଁ) ର ବୋର୍ଡ ଲଗାଇବାକୁ ମତ ପ୍ରକାଶ ପାଇଥିଲା।ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଓରମାସ ର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ସହକାରୀ ଶ୍ରମ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ସଦସ୍ୟ,ଜିଲ୍ଲା ଶିଶୁ ମଙ୍ଗଳ ସମିତିର କର୍ମକର୍ତା, ବଣିକ ସଂଘର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଡେରାବିଶ ଗସ୍ତ

ଡେରାବିଶ (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାରେ ଗତ ସପ୍ତାହରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁରାମ ଆର ଆୟାର ମଙ୍ଗଳବାର ଡେରାବିଶ ବ୍ଲକକୁ ଗସ୍ତ କରି ବିଭନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଭେଟିଥିଲେ। ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଆୟାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ପହଂଚିଥିଲେ। ସେଠାରେ ଶ୍ରୀ ଆୟାରଙ୍କୁ ବିଡ଼ିଓ ନମିତା ବାରିକ, ବ୍ଲକ ଅଧକ୍ଷା ପ୍ରଭାତି ମଲିକ ପୁଷ୍ପତେଡ଼ା ଦେଇ ବ୍ଲକ ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ। ସେଠାରେ ଜିଲ୍ଲାପାଳ ଶ୍ରୀ ଆୟାର ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିପାଇଁ ପ୍ରତ୍ୟେକ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏବିଡ଼ିଓ ମୃଣ୍ମୟ ରାଉତ,



### ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବ୍ଲକର ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଗୌରବ ସାହୁ, ଡବ୍ଲୁଇଓ ରଶ୍ମି ଦେବୀ, ଇଂ ଅନିଲ ମହାନ୍ତି, ଇଂ ବିଭୁଦତ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ସିଡ଼ିପିଓ ହରପ୍ରିୟା ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ଜିଲ୍ଲାପାଳ ବ୍ଲକ ନିକଟସ୍ଥ ଓବିଓ ଏସ୍‌ଇବିସି ହଷ୍ଟେଲ ପରିସର ଏବଂ ନିକଟସ୍ଥ ଭାଟଭାଗ ଅଙ୍ଗନୱାଡ଼ି କେନ୍ଦ୍ର ପରିସରକୁ ଯାଇ କୁନିକୁନି ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସେଠାରୁ ଜିଲ୍ଲାପାଳ ଠାକୁରହାଟ ସ୍ଥିତ ସୁଦର୍ଶନ ହାଇସ୍କୁଲ ପରିସରକୁ ଯାଇ ବିଦ୍ୟାଳୟ ପରିସର ବୁଲି ଦେଖିବା ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ବାର୍ତ୍ତାଳାପ କରି ଜିଲ୍ଲା କାର୍ଯ୍ୟାଳୟକୁ ଫେରିଯାଇଥିଲେ।

### ଅଗ୍ନିକାଣ୍ଡରେ ପରିବାରର ୩ ସଦସ୍ୟଙ୍କ ମୃତ୍ୟୁ ଘଟଣା |||||||||||||

## ଦୁଇମାସ ବିତିଲା ମିଳିନି ସହାୟତା



କୋରେଇ(ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଗ୍ରାମ ପଞ୍ଚାୟତ ର ବରପଦା ଗ୍ରାମର ଅନାମ ଖଟୁଆଙ୍କ ଘରେ ଗତ ମେ ମାସ ୨ ତାରିଖ ବିଳମ୍ବିତ ରାତିରେ ନିଆଁ ଲାଗି ଯିବାରୁ ଘରେ ଅନାମଙ୍କ ପତ୍ନୀ ନିଆଁ କବଳରେ ଆସି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା ଅର୍ଦ୍ଧଦଗ୍ଧ ହୋଇ ଅନାମ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ ଓ ପରେ ଉଭୟଙ୍କୁ ଉଦ୍ଧାର କରିବାକୁ ଯାଇଥିବା ତାଙ୍କ ନାତି ଅଶୋକ ଖଟୁଆଙ୍କ ମଧ ଶରୀରର କିଛି ଅଂଶ ଜଳି ଯାଇଥିବାରୁ କଟକ ବଡ ଡାକ୍ତରଖାନା ରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା।ଏକ ପରିବାର ୩ ଜଣ ସଦସ୍ୟଙ୍କ ଅଗ୍ନିକାଣ୍ଡରେ ମୃତ୍ୟୁ ହୋଇଥିବାବେଳେ ଏଭଳି ହୃଦୟ ବିଦାରକ ଘଟଣାକୁ ୨ ମାସ ବିତଯାଇଥିଲେ ମଧ ସରକାରୀ ସ୍ତରରେ ପୀଡ଼ିତ ପରିବାରକୁ କୌଣସି ସରକାରୀ ସହାୟତା ମିଳିନଥିବା ଅଭିଯୋଗ ହେଉଛି। ଏଭାଲି ଘଟଣା ଜାଣିବା ପରେ ତତକ୍ଷଣାତ୍ ଏହି ଅଗ୍ନି ବିପନ୍ନ ପରିବାର ପାଖରେ କୋରେଇ ବିଧାୟିକା ଆକାଶ ଦାସ ନାୟକ ପହଞ୍ଚି ସମବେଦନା ଜଣାଇବା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇ ଦେବାର ପ୍ରତିଶୃତି ଦେଇଥିଲେ ହେଁ କାହିଁକି ବିଳମ୍ବ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।ଘଟଣା ଘଟିବା ପରେ ଆର ଆଇ ଦମକଳ ବାହୀନି ଘଟଣା ବିଷୟରେ ସରକାରଙ୍କୁ ଜଣାଇଥିବା ବେଳେ କାହିଁକି ସରକାରୀ ସହାୟତା ମିଳିନାହିଁ ତାହାକୁ ନେଇ କୋରେଇ କଂଗ୍ରେସ ର ବରିଷ୍ଠ ନେତା ହରେକୃଷ୍ଣ ସାହୁ ପ୍ରଶ୍ନ କରିବା ସହ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବୀ କରିଛନ୍ତି।ଦୁଃଖ କେତେବେ କାହା ଭାଗ୍ୟରେ ଲେଖା କେହି ଜାଣି ନଥାନ୍ତି ,ଦୁଃଖ ଦୁର୍ଦ୍ଦଶା ରେ ଭାଙ୍ଗି ପଡ଼ିଥିବା ଅସହାୟ ପରିବାରକୁ ଯଥା ଶୀଘ୍ର ସରକାରୀ ସହାୟତା ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲରେ ମଧ ଦାବୀ ଯୋର ଧରିଛି।ଏହି ସଂକ୍ରାନ୍ତରେ ଆମେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କୁ ଯୋଗା ଯୋଗ କରିଥିଲୁ ସେ କହିଛନ୍ତି ଆମ ପାଖକୁ ଏ ଯାଏ କଟକ ବଡ ମେଡିକାଲ ରେ ମୃତ୍ୟୁ ବରଣ କରିଥିବା ଦୁଇଜଣକ ସବ ବ୍ୟବଚ୍ଛେଦ ର ରିପୋର୍ଟ ଆସିନାହିଁ ତେଣୁ ବିଳମ୍ବ ହେଉଛି ଏହା ଉପରେ ଆମେ ଅବଗତ ଅଛୁ ରିପୋର୍ଟ ଆସିଲେ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବୁ।



କଟକ(ଭାସ୍କର ନ୍ୟୁଜ): ସଂଗଠିକରଣ ନାଁରେ ରେଭେନ୍ସାରେ ଅଧ୍ୟାପକ ପଦବୀ ଉଚ୍ଛେଦ ବନ୍ଦ କରିବା, ରେଭେନ୍ସାରେ ଖାଲି ପଡ଼ିଥିବା ୧୭୦ ଅଧ୍ୟାପକ ପଦବୀ ପୂରଣ କରିବା, ଅଗଣତାନ୍ତ୍ରିକ ଓ ଅବୈଜ୍ଞାନିକ ଭାବରେ ବିଦ୍ୟାଳୟ ପ୍ରଣାଳୀ ଲାଗୁ କରାଇବା ବନ୍ଦ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଏଆଇଡିଏସଓ ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ କରିଥିଲେ । ସେମାନେ ବିଭିନ୍ନ କ୍ଲାସ ରୁମ୍ ଗୁଡିକରେ ପ୍ରଚାର ପ୍ରସାର କରିବା ସହ କମିଟି ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିବାଦ ପ୍ରତିବାଦ ଶୋଭାଯାତ୍ରା କ୍ୟାମ୍ପସ ପରିସରରେ ଏହିଭଳି ଶିକ୍ଷା ବିରୋଧୀ ନିଷ୍ପତ୍ତି ବିରୁଦ୍ଧରେ କୁଳପତିଙ୍କ ଅଫିସ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ପରେ ସେମାନେ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଏହି ଦାବି ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନକୁ ତୀବ୍ର କାରାଯିବା ବୋଲି ଛାତ୍ର ନେତା ମାନେ ଆହ୍ୱାନ ଦେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କମିଟି ସମ୍ପାଦକ ଗାୟତ୍ରୀ ସାହୁ, ଉପସଭାପତି କସକ ଜେନା, ଛାତ୍ର ନେତା ଅଭିଜିତ ଜେନା, ରୁଦ୍ର ମାଧବ ନାୟକ ପରିଚାଳନା କରିଥିଲେ।



■ ତୃଣମୂଳସ୍ତରରେ ସିଡିପିଓଙ୍କ ଦକ୍ଷତା ହିଁ ଆମର ଶକ୍ତି: ଉପ-ମୁଖ୍ୟମନ୍ତ୍ରୀ ■

# ଅଗଷ୍ଟ ୧ରୁ ୧୫ ପର୍ଯ୍ୟନ୍ତ 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତୃଣମୂଳସ୍ତରରେ ସିଡିପିଓମାନଙ୍କ ଦକ୍ଷତା ହିଁ ଆମର ଶକ୍ତି । ବିକଶିତ ଓଡ଼ିଶା ୨୦୩୬ରେ ଓଡ଼ିଶାକୁ ଏକ ଅପପୁଷ୍ଟି ମୁକ୍ତ ରାଜ୍ୟରେ ପରିଣିତ କରିବା ହେଉଛି ଆମର ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ଦିଗରେ ଶିଶୁ ପ୍ରକଳ୍ପ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି । ଆଜି ଲୋକସେବା ଭବନ ସମ୍ମେଳନ କକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ମାନଙ୍କ ନିମନ୍ତେ ଏକଦିବସୀୟ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦଘାଟନ ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନଙ୍କୁ ସୁଭଦ୍ରା ସଫଳତାର ଶ୍ରେୟ ଦେବା ସହ ରାଜ୍ୟରେ ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନିତ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଙ୍ଗନବାଡିର ଭିତ୍ତିଭୂମିକୁ ସୁଦୃଢ କରିବା ସହ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା



ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଇନଫ୍ରା ଆପ-ଓ୍ୱସମ (ଅଙ୍ଗନବାଡି ୱେଲଫେୟର ଆଣ୍ଡ ସର୍ଭିସ ଓଭରସାଇଟ ମନିଟରିଙ୍ଗ ଏଭରିହୋୟାର) କୁ ଲୋକର୍ପଣ କରିଛନ୍ତି । ଅଙ୍ଗନବାଡି ପରିସରରେ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଆସନ୍ତା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅଗଷ୍ଟ ୧ ରୁ ୭ ତାରିଖରୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା 'ଆସ ଯିବା ଅଙ୍ଗନବାଡି' ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନରେ ରାଜ୍ୟବାସୀମାନେ ଅଙ୍ଗନବାଡି କେନ୍ଦ୍ରକୁ ପରିଦର୍ଶନ କରି ଅଙ୍ଗନବାଡିର ଭିତ୍ତିଭୂମି, ସ୍ୱଚ୍ଛତା ଓ କାର୍ଯ୍ୟଶୈଳୀ ଉପରେ ନିଜର ମତାମତ ରଖିବେ। ସେହି ମତାମତକୁ ଦୃଷ୍ଟିରେ ରଖି ଅଙ୍ଗନବାଡିର କାର୍ଯ୍ୟାନ୍ୱୟନ ନିର୍ଦ୍ଧାରିତ କରାଯିବ ବୋଲି ଶ୍ରୀମତୀ ପରିଡା ଦୃଢ ମତ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାରୁ ଆସିଥିବା ୪୦୦ରୁ ଅଧିକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ବିତ ପରାମର୍ଶଦାତା ଓ ସ୍ୱତନ୍ତ୍ର ସଚିବ ଏଲୋରା ମହାନ୍ତି ସିଡିପିଓମାନଙ୍କ ଭୂମିକା ଓ ଡିଡିଓ ହିସାବରେ ସେମାନଙ୍କ ଦାୟିତ୍ୱ ଓ ପ୍ରତିଷ୍ଠାନର କାର୍ଯ୍ୟଶୈଳୀ ଏବଂ ଦ୍ୱିତୀୟ ଅଧିବେଶନରେ ଇତିଶ୍ରୀ ଦାସ ପେନସନ ରୁଲ, ଲିଭ୍ ରୁଲ, ପରଫର୍ମାମାସ୍ ଆପ୍ରାଇଜାଲ ରିପୋର୍ଟ (ପାର), ଟିଏ ରୁଲ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟଶୈଳୀ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ତୃତୀୟ ଅଧିବେଶନରେ ଅତିରିକ୍ତ ସଚିବ, ଜ୍ୟୋତିଶଙ୍କର ମହାପାତ୍ର ପୋଶ ଆଇନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।



କଟକ ମାଣିକ ଘୋଷ ବଜାରସ୍ଥିତ ପୁରାତନ ଶ୍ରୀ ଶନିଦେବଙ୍କ ୮୨ତମ ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସୁଶ୍ରୀ ପାରୁଲ ପଟାଓ୍ୱରୀଙ୍କୁ ନୂତନ ଦାୟିତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୁଧବାର ପୂର୍ବାହ୍ନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରେ ନିର୍ଦ୍ଦେଶିକା ଭାବେ ସୁଶ୍ରୀ ପାରୁଲ ପଟାଓ୍ୱରୀ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭାଗର ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିବାବେଳେ ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ବିତ୍ତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ, ଅତିରିକ୍ତ ଶାସନ ସଚିବ ଭାସ୍କର ରଇତୋ ଏବଂ ଦୀପକ ରାଉତରାୟ ତଥା ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୁଶ୍ରୀ ପଟାଓ୍ୱରୀ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ନୂତନ ନିର୍ଦ୍ଦେଶକ ଭାବେ ଯୋଗ ଦେବା ସହ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭେଟିଥିଲେ । ବିଭାଗର କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଥିଲେ ଏବଂ ସମସ୍ତ ଅଧିକାରୀମାନଙ୍କୁ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୁଶ୍ରୀ ପଟାଓ୍ୱରୀଙ୍କ ଏହି ବିଭାଗରେ ଯୋଗଦେବା ପୂର୍ବରୁ ସେ ରାୟଗଡା ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ ।

## ବିଏମ୍‌ସି ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡେଙ୍ଗୁ ରୋଗର ନିୟନ୍ତ୍ରଣ ଓ ନିରାକରଣ ସହ ଲୋକଙ୍କୁ ସଚେତନ କରାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପଦକ୍ଷେପ ନିଆଯାଇଛି । ବିଏମସିର କର୍ମୀ, ସ୍ୱେଚ୍ଛାସେବୀଙ୍କ ପ୍ରୟାସ ପାଇଁ ଅଶେଷ ଧନ୍ୟବାଦ ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି ଯେ, ଆସନ୍ତୁ ଆମେ ସମସ୍ତେ ନିଜ ନିଜର ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା, ଅଧିକ ସଚେତନ ହେବା ଏବଂ ଡେଙ୍ଗୁ ନିୟନ୍ତ୍ରଣରେ ନିଜର ଯୋଗଦାନ ଦେବା।

## ଜଗନ୍ନାଥଙ୍କୁ ନେଇ ଖେଳ ଖେଳୁଛି ସରକାର: କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ଆରାଧ୍ୟ ଦେବତା। କିନ୍ତୁ ବର୍ତ୍ତମାନ ଜଗନ୍ନାଥଙ୍କୁ ନେଇ ଯାହା ଘଟିଯାଉଛି ସେଥିପାଇଁ ଆମକୁ ବ୍ୟଥିତ କରୁଛି ବୋଲି ପିସିସି ମୁଖପାତ୍ର ଲଲାଟେନ୍ଦୁ ଦାସ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ହିନ୍ଦୁ ଓ ହିନ୍ଦୁତ୍ୱକୁ ନେଇ ଯେଉଁ ହୀନ ରାଜନୀତି ଦେଶରେ ଚାଲିଛି ତାହା ସମସ୍ତଙ୍କୁ ଜଣା। ଏଥିରୁ ମହାପ୍ରଭୁ ଜଗନ୍ନାଥ ବାଦ ପଡୁନାହାନ୍ତି । ୫୦୦,୧୦୦ ଟଙ୍କାରେ ଭିଆଇପି ଦର୍ଶନ ନାରେ ବର୍ଷକୁ ୧୮୦୦ କୋଟି ଅର୍ଥ ବେଆଇନ ଭାବେ ଆଦାୟ କରାଯାଉଛି । ଏହା ତଦନ୍ତ ସାପେକ୍ଷ । ମରାମତି ଓ ତଦାରଖ ଦାୟିତ୍ୱ ଦିଆ ଯାଇଥିବା ସଂସ୍ଥା ଏଏସଆଇ ନୋ ଫଟୋଗ୍ରାଫି ଜୋନରେ ଶ୍ରୀମନ୍ଦିର ଫଟୋ ଉଠାଇ କିପରି ଭାଇରାଲ କଲା ଏବଂ ଏଥିପାଇଁ ଫୌଜଦାରୀ ମକଦ୍ଦମା ରୁଜୁ ହୋଇନାହିଁ କାହିଁକି ? ଶ୍ରୀଜଗନ୍ନାଥ ଫଟୋ ଚିତ୍ରକୁ ବ୍ୟବହାର କରି ଡୋର ମ୍ୟାଟ (ପାପୋଚ) ଅଲ୍ଲି ଏକପ୍ରେସ ନାମକ ସଂସ୍ଥା ଅନଲାଇନରେ ବିକ୍ରୀ କରୁଛି ଏହା ଘୋର ନିନ୍ଦନୀୟ । କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନ କରିବା ସହ ଏସଆଇ ଦ୍ୱାରା ଶ୍ରୀମନ୍ଦିର ଫଟୋ ଭାଇରାଲରେ ଯଦି ଅଘଟଣ ଘଟେ କେନ୍ଦ୍ର ସରକାର ଏସଆଇ ସଂସ୍ଥା ଉତରଦାୟୀ ରହିବେ କି ବୋଲି ପ୍ରଶ୍ନ କରିଥିଲେ । ଶ୍ରୀମନ୍ଦିରରେ ଏତେ ମାତ୍ରାରେ ବିଭ୍ରାଟ, ରଥଯାତ୍ରାରେ ବିଶୃଙ୍ଖଳା ପୂର୍ଣ୍ଣକାଳୀନ ପ୍ରଶସକଙ୍କ ଅନୁପସ୍ଥିତ ହେତୁ ଘଟୁଛି । ଯାହା ବିଜେପି ସରକାର ଆସିବା ପୂର୍ବରୁ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ଦାବି କରୁଥିଲା ହେଲେ ୨୦୨୪ ଫେବୃଆରୀ-୧ରୁ ଆଜି ଯାଏଁ ସରକାରକୁ ଆସିବାପରେ ଶ୍ରୀମନ୍ଦିରରେ ପୂର୍ଣ୍ଣକାଳୀନ ପ୍ରଶାସକ ନାହାନ୍ତି ତଥାପି ବିଜେପି ସରକାର ନୀରବଦ୍ରଷ୍ଟା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୂର୍ଣ୍ଣକାଳନୀ ପ୍ରଶାସକ କାହିଁକି ନିଯୁକ୍ତ କରାଯାଇ ନାହିଁ ବୋଲି ଡକ୍ଟର ଭୂୟାଁ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଲଲାଟେନ୍ଦୁ ଦାସଙ୍କ ସମେତ ଜୟଶ୍ରୀ ପାତ୍ର, ଡ. ଦେବାଶିଷ ଭୂୟାଁ ଓ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ ।

## ପୁଅ ଜନ୍ମ ପରେ ପତ୍ନୀଙ୍କୁ ଛାଡ଼ି ପଳାଇଲେ ଓଏଏସ୍ ବାବୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଡ଼ ଘର ବଡ଼ ଗୁମର କଥା। ଶେଷରେ ଥାନାରେ ପହଞ୍ଚିଲା ପରିବାରର ଗୁମର କଥା। ଏପରି ସଂଗୀନ ଅଭିଯୋଗ ଆଣିଛନ୍ତି ପତ୍ନୀ। ବୁଧବାର ଭୁବନେଶ୍ୱର ମହିଳା ଥାନାରେ ନିଜ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କ ନାମରେ ଅଭିଯୋଗ ଆଣିଛନ୍ତି ଜଣେ ମହିଳା। ତେବେ ଏହି ଅଭିଯୋଗ ଆସିଛି ଜଣେ ଓଏଏସ ବାବୁଙ୍କ ନାମରେ। ରାଜ୍ୟ ସରକାରରେ ଉଚ୍ଚ ପଦବିରେ ଥିବା ଓଏଏସ୍ ଅଧିକାରୀ ସାର୍ଥକ ସୌରଭ ମହାପାତ୍ରଙ୍କ ନାମରେ ତାଙ୍କ ପତ୍ନୀ ଅର୍ଚ୍ଚନା ଦାଶ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଅର୍ଚ୍ଚନା ଅଭିଯୋଗରେ ଦର୍ଶାଇଛନ୍ତି ଯେ ୨୦୨୪ ମସିହାରେ ଧୂମଧାମରେ ତାଙ୍କର ବିବାହ ହୋଇଥିଲା। ବିବାହର ବର୍ଷେ ପରେ ପୁଅ ହୋଇଥିଲା। କେବଳ ସ୍ୱାମୀ ନୁହଁନ୍ତି, ବରଂ ଶାଶୁ କବିତା ମଞ୍ଜରୀ ରଥ ଓ ନଣନ୍ଦ ସାଇନା ସୋନାଲି ମହାପାତ୍ରଙ୍କ ନାମରେ ଅର୍ଚ୍ଚନା ସଂଗୀନ ଅଭିଯୋଗ ଆଣିଛନ୍ତି। ଅଭିଯୋଗରେ ମାନସିକ ନିର୍ଯାତନା ସହ ଗାଳିଗୁଲଜ ଓ ଅବହେଳା ଭଳି ଅଭିଯୋଗ କରିଛନ୍ତି। ଗତ ମେ' ମାସରେ ହୋଇଥିଲା ପୁତ୍ର ସନ୍ତାନ ।ତେବେ ପୁତ୍ର ଜନ୍ମ ହେବା ପରେ ଡାକ୍ତରଖାନା ବେଡ଼ରେ ପତ୍ନୀ ଓ ନବଜାତ ପୁତ୍ରଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ ସ୍ୱାମୀ ସାର୍ଥକ ସୌରଭ। ଆଜିକୁ ତିନି ମାସ ବିତିଯାଇଥିଲେ ବି ସେ କୌଣସି ସମ୍ପର୍କ ନରଖି ଦୂରେଇ ଯାଇଛନ୍ତି। ବାରମ୍ବାର ଫୋନ୍ କରିବାକୁ ଚେଷ୍ଟା କରିଥିଲେ ବି ତାଙ୍କ ସ୍ୱାମୀ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି ବୋଲି ଅର୍ଚ୍ଚନା ଅଭିଯୋଗ ଆଣିଛନ୍ତି।

## ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳାଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ନିଜ ଦୋଷ, ଦୁର୍ବଳତା, ଅପାରଗତା ଏବଂ ପକ୍ଷପାତିତାକୁ ଘୋଡ଼ାଇବାକୁ ଯାଇ ବିଜେପି ଦଳ ଓ ବିଜେପି ସରକାର ନାଟକବାଜୀ କରୁଥିବାରୁ ତାର ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳା କଂଗ୍ରେସର ସଭ୍ୟାମାନେ ଚୂଡ଼ି ଧରି ପ୍ରତିବାଦ କରିଥିଲେ । କଂଗ୍ରେସ କାର୍ଯ୍ୟାଳୟରୁ ଏକ ବିକ୍ଷୋଭ ରାଲି ମାଷ୍ଟରକ୍ୟାଂଟିନ ଛକଦେଇ ଜନପଥରେ ଯାଉଥିଲା ବେଳେ ରାସ୍ତାରେ ପୋଲିସ ଏହି ରାଲିର ପଥ ଅବରୋଧ କରିଥିଲା ।



ପୋଲିସ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବାବେଳେ ମହିଳା କଂଗ୍ରେସ ସଭାନେତ୍ରୀ ଓ ଅନ୍ୟାନ୍ୟ କର୍ମକର୍ତାଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇ ନେଇଥିଲା । ବର୍ଷାରେବି ଏକଘଣ୍ଟା ଧରି ପୋଲିସ ସହ ମହିଳା କଂଗ୍ରେସ କର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା । ଏହି ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ମୋଦି, ବିଜେପି ସଭାପତି ମନମୋହନ ସାମଲ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହିଳା କଂଗ୍ରେସ ଏବଂ ପ୍ରଦେଶ କଂଗେସର ବରିଷ୍ଠ ନେତୃବର୍ଗ ଉପସ୍ଥିତ ଥିଲେ ।

## ଅଗଷ୍ଟ ୯ ତୃତୀୟ କିସ୍ତି ପରେ ଖୋଲିବ ସୁଭଦ୍ରା ପୋର୍ଟାଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁଭଦ୍ରାକୁ ନେଇ ବଡ଼ ଅପଡେଟ ଦେଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଅଗଷ୍ଟ ୯ ତୃତୀୟ କିସ୍ତି ପରେ ଖୋଲିବ ସୁଭଦ୍ରା ପୋର୍ଟାଲ । ୨୧ ବର୍ଷ ହୋଇଥିବା ଯୁବତୀ କରି ପାରିବେ ଆବେଦନ । ୨ ଲକ୍ଷ ବାଦ ପଡିଥିବା ହିତାଧିକାରୀଙ୍କୁ ଯୋଡ଼ିବା ପାଇଁ ଆଉ ଥରେ ହେବ ସର୍ଭେ । ଗାଡି କିଣା ଏବଂ ୫ ଏକର ଜମି ଥିବା ସହ ଆଇଟି ରିଟର୍ଣ୍ଣ କରିଥିବାରୁ ସେମାନଙ୍କୁ ବାଦ ଦିଆଯାଇଛି । ସେହିପରି ୯୩ ହଜାର ହିତାଧିକାରୀଙ୍କୁ ୬୦ ବର୍ଷ ହୋଇଥିବାରୁ ସାମାଜିକ ଓ ସୁରକ୍ଷା ବିଭାଗକୁ ତାଙ୍କ ଲିଷ୍ଟ ପଠେଇ ଦିଆଯାଇଛି। ଭତ୍ତା ପାଇଁ ସେମାନଙ୍କୁ ଆଉ ଆବେଦନ କରିବାକୁ ପଡ଼ିବ ନାହିଁ ।

## ଆରଆଇ ଅମିନ ପ୍ରିଲିମ ପରୀକ୍ଷା ବାତିଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆରଆଇ,ଏଆରଆଇ, ଅମିନ, ଆଇସିଡିଏସ୍, ଏସଏଫଏସ୍ ପ୍ରିଲିମ୍ ପରୀକ୍ଷା ବାତିଲ୍ ହୋଇଛି। ଓଏସଏସଏସସି ପରୀକ୍ଷା ବାତିଲ କରିଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରିଛନ୍ତି ଏଜି ପୀତାମ୍ବର ଆଚାର୍ଯ୍ୟ। ଏହାସହ ଅଗଷ୍ଟ ୧ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ହେବାକୁ ଥିବା ମେନ୍ ପରୀକ୍ଷା ବି ବାତିଲ ହୋଇଛି। ୧୪ ଦିନ ଭିତରେ ସାନି ପରୀକ୍ଷା ନେଇ କମିଶନ ବିଜ୍ଞପ୍ତି ପ୍ରକାଶ କରିବେ । କିନ୍ତୁ ପରୀକ୍ଷାର୍ଥୀଙ୍କୁ ଆଉ ସାନି ଆବେଦନ କରିବାକୁ ପଡ଼ିବନି, ସମସ୍ତଙ୍କୁ ପରୀକ୍ଷା ସୁଯୋଗ ମିଳିବ। ପ୍ରିଲିମ୍ ରେ ତ୍ରୁଟି ଅଭିଯୋଗ ପରେ ସମସ୍ତଙ୍କୁ ପାସ୍ କରାଯାଇଥିଲା। ମାତ୍ର ଏହା ପ୍ରକାଶିତ ବିଜ୍ଞପ୍ତି ନିୟମ ଉଲ୍ଲଙ୍ଘନ ବୋଲି ପିଟିସନ୍ ହୋଇଥିଲା।

## ନଦୀ ପଠାରେ ଚିହ୍ନଟ ହେବ ବ୍ଲାକ୍ ସ୍ପଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନଦୀ ପଠାରେ ଚିହ୍ନଟ ହେବ ବ୍ଲାକ ସ୍ପଟ। କୁମ୍ଭୀର ଆକ୍ରମଣକୁ ରୋକିବା ପାଇଁ ଜଙ୍ଗଲ ବିଭାଗର ମାଷ୍ଟର ପ୍ଲାନ। ନଦୀ ତଟରେ ବ୍ଲାକ ସ୍ପଟ ଚିହ୍ନଟ ସହ ବ୍ୟାରିକେଡ କରାଯିବ ବୋଲି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ଏହା ସହ ସତର୍କତା ସାଇନବୋର୍ଡ ଲାଗିବ। ଯେଉଁ ସ୍ଥାନରେ କୁମ୍ଭୀରଙ୍କ ଗତିବିଧି ଅଧିକ ରହୁଛି ସେ ସ୍ଥାନରେ ସରକାର ଅଧିକ ସତର୍କତା ଅବଲମ୍ବନ କରିବେ। କେନ୍ଦ୍ରାପଡ଼ା ଓ ଜଗତସିଂପୁରରେ ଅଧିକ ବ୍ଲାକ ସ୍ପଟ ଚିହ୍ନଟ।

## ସରକାରୀ ଅଫିସରେ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରୀ ଅଫିସରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା। ସରକାରୀ ବୈଠକ ସଭା ସମିତିରେ ପ୍ଲାଷ୍ଟିକ ଜରି ଲାଗିଥିବା ଫୁଲ ତୋଡ଼ା, ଉପହାର, ପ୍ଲାଷ୍ଟିକ ଖାଦ୍ୟ ପୁଡିଆ, ପ୍ଲେଟ ବ୍ୟବହାର ହେବନି। ଥର୍ମ କୁଲ ପ୍ଲେଟ ଓ ଗିନା ବି ବ୍ୟବହାର ହୋଇ ପାରିବନାହିଁ। ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ସବୁ ବିଭାଗ ସଚିବଙ୍କୁ ଚିଠି ହୋଇଛି ।

## ଶୁଦ୍ଧି ବେଳେ ଭାସିଗଲେ ଯୁବକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦଶ ତୁଠରେ ଶୁଦ୍ଧି ହେଉଥିବା ବେଳେ ଭାସିଗଲେ ଯୁବକ । କୁଆଖାଇ ନଦୀରେ ଭାସିଗଲେ ଯୁବକ । ଏହାପରେ ଅଗ୍ନିଶମ ବିଭାଗ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇଛି । ଦୁଇଜଣ ଭାସି ଯାଇଥିବା ବେଳେ ଜଣଙ୍କୁ ପରିବାର ଲୋକେ ଉଦ୍ଧାର କରିଥିବା ବେଳେ ଆଉ ଜଣେ ଭାସି ଯାଇଛନ୍ତି । ଯୁବକ ଜଣକ ବାଣୀବିହାର ବସ୍ତି ଅଞ୍ଚଳର ବୋଲି ଜଣାପଡିଛି ।

## ମୁଖ୍ୟ ସଚିବଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ ଆଲୋଚନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବୁଧବାର ଲୋକସଭା ଭବନରେ ରାଜ୍ୟର ବରିଷ୍ଠ ସାମ୍ବାଦିକମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ ସଂପର୍କରେ ବିଶଦ୍ ଭାବେ ଆଲୋଚନା କରିଛନ୍ତି । ବୈଠକରେ ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୂଜ କୁମାର ଦାସ ପଟ୍ଟନାୟକ, ବିଭାଗର ନିର୍ଦ୍ଦେଶକ(ବୈଷୟିକ ) ଗୁରବୀର ସିଂଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଓଡ଼ିଶାରେ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଯେଉଁ ଯେଉଁ ଦାବୀ ଉପସ୍ଥାପନ କରିଛନ୍ତି, ସେ ସମ୍ପର୍କରେ ଅଧିକ ବିଚାରବିମର୍ଶ ପୂର୍ବକ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରୟାସରେ ରାଜ୍ୟର ମୋଟ ୭୪୮୬ ଜଣ ସାମ୍ବାଦିକଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୨୧-୨୦୨୪ ବର୍ଷ ମଧ୍ୟରେ ସମୁଦାୟ ୮୦ ଜଣ ମୃତ ସାମ୍ବାଦିକଙ୍କ ନିକଟ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯାଇଛି । କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ୪୯ ଜଣ ସାମ୍ବାଦିକଙ୍କ ପରିବାରଙ୍କୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ପ୍ରତ୍ୟେକ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପୀତବାସ ମିଶ୍ର ଏବଂ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟରେ ଛାତ୍ରୀ ଓ ମହିଳା ସୁରକ୍ଷା ପ୍ରସଙ୍ଗ

## ଅପାରଗତା ଲୁଚାଇବା ପାଇଁ ବିଜେପି ଅପଚେଷ୍ଟା କରୁଛି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟିର ରାଜ୍ୟ ମହିଳା ଶାଖା ଦ୍ୱାରା ଗତ କାଲି ରାଜରାସ୍ତାରେ କରାଯାଇଥିବା ପ୍ରତିବାଦ କାର୍ଯ୍ୟକ୍ରମ ଉପରେ ଆଜି କଡା ପ୍ରତିକ୍ରିୟା ଦେଇଛି ବିଜୁ ଜନତା ଦଳ। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ଇପ୍‌ସିତା ସାହୁ କହିଥିଲେ, ବିଜେପିର ଯୁବ ଓ ମହିଳା ଶାଖାକୁ ରାଜରାସ୍ତାରେ ଦେଖି ସ୍ୱାଭାବିକ ଭାବେ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନ ଆସିଛି ଯେ, ସେମାନେ ରାଜ୍ୟ ବିଜେପି ସରକାରଙ୍କ ଉପରେ ଆସ୍ଥା ହରାଇଲେଣି କି ? ରାଜ୍ୟରେ ଗତ ତେର ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ଅପରାଧ ବୃଦ୍ଧି ଘଟିବା ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇ ପଡିଛନ୍ତି। ବିଜେପି ଯୁବ ଓ ମହିଳା ମୋର୍ଚ୍ଚା ଏହି ପ୍ରତିବାଦ କାର୍ଯ୍ୟକ୍ରମ ମାଧ୍ୟମରେ, ବିରୋଧୀ ଦଳକୁ ଟାର୍ଗେଟ କରିବାକୁ ଅପଚେଷ୍ଟା କରୁଛନ୍ତି କିନ୍ତୁ ଯେତେବେଳେ ବିଜେପି କର୍ମକର୍ତ୍ତା ମାନେ ଦୁଷ୍କର୍ମ ଅଭିଯୋଗରେ ଜେଲ ଯାଉଛନ୍ତି, ସେତେବେଳେ ସେମାନେ ମୁହଁ ଚୁପ ରଖୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହେଉଥିଲା ବେଳେ ରାଜରାସ୍ତାରେ ଚିତ୍କାର କରୁଥିବା ବିଜେପି ନେତାମାନେ, ମୁହଁରେ ତୁଣ୍ଡି ବାନ୍ଧି ବସି ରହୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଥିଲେ। ବିଜେପି ସରକାର ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ଏହି ବିଫଳତାକୁ ଲୁଚାଇବାକୁ ଗତ କାଲି ବିଜେପି ମହିଳା ଓ ଯୁବମୋର୍ଚ୍ଚା ନେତା ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ସାହୁ କହିଥିଲେ।

## କିମ୍‌ସରେ ଓଆରଏସ୍ ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ଓଆରଏସ୍ ଦିବସ ଅବସରରେ ଆଇଏପି ଖୋର୍ଦ୍ଧା ଶାଖା ଏବଂ କିମ୍‌ସ ଶିଶୁ ରୋଗ ବିଭାଗ ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ସଚେତନତା ୱାକାଥନ୍ ଆୟୋଜିତ ହୋଇଯାଇଛି। କିମ୍‌ସ ମୁଖ୍ୟ ଫାଟକରୁ ଏହି ୱାକାଥନ୍ ବାହାରି ହୋଇ ଶିଖରଚଣ୍ଡୀ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଯୋଗଦେଇ କିମ୍‌ସ ଶିଶୁ ରୋଗ ବିଭାଗ ମୁଖ୍ୟ ପ୍ରଫେସର ସେବାରଞ୍ଜନ ବିଶ୍ୱାଳ ଓଆର୍‌ଏସର ଜୀବନ ରକ୍ଷାକାରୀ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଝାଡ଼ା, ବାନ୍ତି, ହଇଜା, ଭାଇରାଲ୍ ଜ୍ୱର, କୋଭିଡ୍ ଓ ଅଂଶୁଘାତ ସମୟରେ ଶରୀରରେ ଜଳଶୂନ୍ୟତା ଦେଖାଦେଲେ ଓଆର୍‌ଏସ୍ ବ୍ୟବହାର କିପରି ଜୀବନ ରକ୍ଷା କରେ ସେ ସମ୍ପର୍କରେ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ନିର୍ମଳ କୁମାର ମହାକୁଡ଼ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର, ପୋଷ୍ଟଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଓ ହେଲ୍‌ଥ କେୟାର କର୍ମଚାରୀ ଭାଗ ନେଇ 'ଏସ୍‌ଆଇପି ସ୍ମାର୍ଟ, ଷ୍ଟେ ଷ୍ଟ୍ରଂ, ସେ ୟେସ୍ ଟୁ ଓଆର୍‌ଏସ୍' ସ୍ଲୋଗାନ ଦେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଓଆର୍‌ଏସ୍: ଏ ସିମ୍ପଲ୍ ସଲ୍ୟୁସନ୍ ଫର୍ ଏ ହେଲ୍‌ଦିଅର ଫ୍ୟୁଚର'। ଅନ୍ୟ ପକ୍ଷରେ କିସ୍ ୱେଲ୍‌ନେସ୍ ସେଣ୍ଟର ପକ୍ଷରୁ ମଧ୍ୟ ଓଆର୍‌ଏସ୍ ଦିବସ ପାଳନ କରାଯାଇଥିଲା। ଏଥିରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, ୱେଲ୍‌ନେସ୍ ସେଣ୍ଟରର ଅଧକ୍ଷା ଓ କିମ୍‌ସ ଶିଶୁରୋଗ ବିଭାଗ ପ୍ରଫେସର ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ଯୋଗଦେଇ ଓଆର୍‌ଏସ୍‌ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।


ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

# ସରକାରୀ ତତ୍ପରତା ନାରୀ ସୁରକ୍ଷା ପାଇଁ ଅପରିହାର୍ଯ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମାଜରେ ପୁରୁଷ ଓ ନାରୀର ଭୂମିକା ସ୍ୱତନ୍ତ୍ର ଏବଂ ନାରୀ ପୁରୁଷ ଉଭୟେ ଉଭୟଙ୍କ ପରିପୂରକ। ନାରୀକୁ ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗା ସଙ୍ଗେ ତୁଳନା କରି ସମାଜ ତାଙ୍କୁ ଉପଯୁକ୍ତ ସମ୍ମାନ ନ ଦେବାରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। କୌଣସି ଘଟଣା ଘଟିଲେ ସରକାର ଓ ପ୍ରଶାସନ ତତ୍ପର ହୁଅନ୍ତି ମାତ୍ର ଲୋକସ୍ମୃତିରୁ ହଟିଗଲେ ଧର୍ମକୁ ଆଖୁଠାର ଭଳି କାର୍ଯ୍ୟାନୁଷ୍ଠାନ ହୁଏ । ଏହି ଧାରାକୁ ଭାଙ୍ଗି ଆଇନ୍ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ନିତାନ୍ତ ଆବଶ୍ୟକ ବୋଲି କହିଛନ୍ତି ମୁଖ୍ୟଅତିଥି ପ୍ରାକ୍ତନ ମହିଳା କମିଶନର ଅଧକ୍ଷା ଲୋପାମୁଦ୍ରା ମହାନ୍ତି । ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୨୦୮ତମ ଆଲୋଚନାଚକ୍ରରେ ସଭାପତିତ୍ୱ କରି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ପୁରାଣରୁ ଉଦାହରଣ ଦେଇ କହିଲେ ନାରୀ ଉପରେ ଅତ୍ୟାଚାର ହେଲେ ସ୍ୱୟଂ ଭଗବାନ ଅବତରୀ ଆସନ୍ତି। ଆଜିର ଆଧୁନିକ ଯୁଗରେ ନାରୀ ସମସ୍ତକ୍ଷେତ୍ରରେ ପୁରୁଷକୁ ଅତିକ୍ରମ କରିପାରିଛି ମାତ୍ର ସମାଜରେ ଏବେ ମଧ ବହୁନାରୀ ପୁରୁଷ ଉପରେ ନିର୍ଭରଶୀଳ ହୋଇ ରହିବା ଦ୍ୱାରା ନିର୍ଯାତନା ବଢ଼ିଚାଲିଛି । ଏଥିପାଇଁ ସମାଜରେ ସଚେତନତା ସୃଷ୍ଟି ହେବା ଏକାନ୍ତ ଆବଶ୍ୟକ। ସମ୍ମାନିତ ବକ୍ତା ସାହିତ୍ୟିକା ସରୋଜିନୀ ସାହୁ, ସାମାଜିକ ବିକାଶ ସଂସ୍ଥାନର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଓଡ଼ିଶା ଲେଖିକା ସଂସଦର ସଭାପତି ଶକୁନ୍ତଳା ବଳିଆରସିଂହ ତାଙ୍କ ଭାଷଣରେ ସାହିତ୍ୟରୁ ଲେଖନୀରେ କିପରି ନାରୀ ନିର୍ଯାତନା ପ୍ରତିଫଳିତ ହୋଇ ସମାଜର ଦୃଷ୍ଟି ଆକର୍ଷଣ କରିଛି ତାହାର ଉଦାହରଣ ଦେଇଥିଲେ। ପ୍ରାରମ୍ଭରୁ ମୁକ୍ତ ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



## ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

### ଦୃଢ଼ ପଦକ୍ଷେପ ଏକାନ୍ତ ଜରୁରି

ଓଡ଼ିଆ ଜାତିର ଆରାଧ୍ୟ ଦେବତା, ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେସ୍ଥଳୀ ଶ୍ରୀକ୍ଷେତ୍ର ପୁରୀ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱର ଏକ ପ୍ରଧାନ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ରୂପେ ପରିଚିତ। ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ତଥା ନାଗରିକ ପୁରୀକୁ ଆସି ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ବର୍ଷବ୍ୟାପୀ ଶ୍ରୀମନ୍ଦିରରେ ଠାକୁରଙ୍କ ରୀତିନୀତି ଓ ପର୍ବପର୍ବାଣୀ ଶାନ୍ତିଶୃଙ୍ଖଳା ମଧ୍ୟରେ ସମାହିତ ହୋଇଥାଏ। ହିନ୍ଦୁ ଧର୍ମାବଲମ୍ବୀଙ୍କ ଏହି ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ଅନ୍ୟ ଧର୍ମର ମୌଳବାଦୀ ଓ ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ଥିବା ନେଇ ଅତୀତରେ ଏକାଧିକବାର ଗୁଇନ୍ଦା ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି ଏବଂ ସେଥିପାଇଁ ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି ବିଭିନ୍ନ ସମୟରେ ଏନ୍.ଏସ୍.ଜି ପକ୍ଷରୁ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ସ୍ୱତନ୍ତ୍ର ଭାବରେ ତଦାରଖ କରାଯିବାର ମଧ୍ୟ ବ୍ୟବସ୍ଥା ହୋଇଛି। ବିଶେଷ କରି ମନ୍ଦିର ଭିତରେ ଫଟୋ ଓ ଭିଡିଓ ଉତ୍ତୋଳନକୁ ସମ୍ପୂର୍ଣ୍ଣ ବାରଣ କରାଯାଇ ଏହା ଉପରେ କଡ଼ା କଟକଣା ଲାଗୁ ହୋଇଛି। ଏସବୁ ସତ୍ତ୍ୱେ ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହେବାର ଅନେକ ଘଟଣା ନଜରକୁ ଆସିଥାଏ, ଯାହା ସୁରକ୍ଷା କର୍ମୀଙ୍କ ଦାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀମନ୍ଦିର ଭିତରକୁ କ୍ୟାମେରା ଓ ମୋବାଇଲ ନେବା ନିଷେଧ ଥିଲେ ହେଁ ମଙ୍ଗଳବାର ପୁରୀ ଗଜପତି ନଗରର ଜଣେ ଯୁବକ ନିଜକୁ ସେବାୟତ ପରିଚୟ ଦେଇ ହିଡେନ୍ କ୍ୟାମେରା ଖଞ୍ଜା ଥିବା ଚଷମା ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ ଏବଂ ପରେ ବେହରଣ ଦ୍ୱାର ନିକଟରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଧରାପଡିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସେହି ଯୁବକଙ୍କ ଗତିବିଧି ସନ୍ଦେହଜନକ ଲାଗିବାରୁ ସୁରକ୍ଷାକର୍ମୀ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ତାଙ୍କ ଚଷମାରେ ଗୋପନୀୟ ଭାବରେ କ୍ୟାମେରା ଲେନ୍ସ ଖଞ୍ଜା ଯାଇଥିବା ଜଣାପଡିଥିଲା। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିବା ସହିତ ସଂପୃକ୍ତ ଯୁବକଙ୍କ ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି। ମଙ୍ଗଳବାର ଶ୍ରୀମନ୍ଦିରର ଅନ୍ୟଏକ ଘଟଣା ମଧ୍ୟ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଆଙ୍କିଛି। ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଓ ଭୋଗ ମଣ୍ଡପ ଆଦିର ଫଟୋ ବାହାରକୁ ନଯିବା ଲାଗି କଟକଣା ଜାରି ଥିଲେ ହେଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ସଂସ୍ଥା (ଏ.ଏସ୍.ଆଇ)ର ଏକ ଏକ୍ସ ଆକାଉଣ୍ଟରେ କିଛି ସମୟ ପାଇଁ ମନ୍ଦିର ରତ୍ନ ଭଣ୍ଡାର ଓ ଭୋଗ ମଣ୍ଡପ ଫଟୋ ଭାଇରାଲ୍ ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ଏଭଳି ଦାୟିତ୍ୱହୀନତାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। କେବଳ ଏହି ଦୁଇଟି ଘଟଣା ନୁହେଁ ଶ୍ରୀମନ୍ଦିର ଉପରେ ଏକାଧିକବାର ସନ୍ଦେହଜନକ ଭାବରେ ଡ୍ରୋନ୍ ଉଡୁଥିବାର ଦେଖାଯାଇଥିଲା ଏବଂ ଏଥିନେଇ ତଦନ୍ତ ଏବେ ବି ଜାରି ରହିଛି। ଶତାଧିକ ପୋଲିସ ଓ ସୁରକ୍ଷା କର୍ମୀ ଶ୍ରୀମନ୍ଦିର ବାହାରେ ଏବଂ ଭିତରେ ମୁତୟନ ଥାଇ ମଧ୍ୟ ବାରମ୍ବାର ଏଭଳି ଘଟଣା ଘଟିବା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି। ମଙ୍ଗଳବାରର ଦୁଇଟି ଘଟଣା ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଶ୍ରୀମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି ଏବଂ ଯେତେ କଠୋର ପଦକ୍ଷେପ ଆବଶ୍ୟକ ପ୍ରଶାସନ ତାହା ନେଇପାରିବେ। ଏଥିସହ ଠାକୁରମାନଙ୍କ ନୀତିକାନ୍ତି ବିଳମ୍ବ ହେବା ଅଭିଯୋଗ ଉପରେ ମଧ୍ୟ ମନ୍ଦିର ପ୍ରଶାସନ ତର୍ଜମା କରୁଛି ଏବଂ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ମନ୍ତ୍ରୀଙ୍କ ଆଶ୍ୱାସନା କିଛିଟା ଆଶ୍ୱସ୍ତି ଆଣିଥିଲେ ହେଁ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ପ୍ରମାଣ କରୁଛି ଯେ ଶ୍ରୀମନ୍ଦିରର ନିରାପତ୍ତା ଆଦୌ ସୁରକ୍ଷିତ ନୁହେଁ ଏବଂ ଆଗକୁ କଠୋର କାର୍ଯ୍ୟାନୁଷ୍ଠାନର ଜରୁରି ଆବଶ୍ୟକତା ରହିଛି।

## ଭାରତରେ ଶିଶୁ ଶ୍ରମିକଙ୍କ ବାସ୍ତବ ସ୍ଥିତି



ହିଂମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୪୩୮୧୭୭୯୧୨

ଆଜିର ଶିଶୁ କାଲିର ନାଗରିକ। ଏମାନେ କେବଳ ଦେଶର ଭବିଷ୍ୟତ ନୁହଁନ୍ତି, ଦେଶର ସମ୍ପଦ ଅଟନ୍ତି। ସବୁଠି ସମଗ୍ର ବିଶ୍ୱରେ ଏହି ସ୍ଲୋଗାନର ନାରା। ପ୍ରତ୍ୟେକ ଶିଶୁ କିପରି ସୁସ୍ଥ ସୁନ୍ଦର ହୋଇ ବଞ୍ଚି ରହିବ ତା'ର ଦାୟିତ୍ୱ ନେବା ପ୍ରତ୍ୟେକ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ। ଏଥିପାଇଁ ବିଶ୍ୱ ସ୍ତରରେ ଓ ଜାତୀୟସ୍ତରରେ ଯୋଜନାର ଅଭାବ ନାହିଁ, ହେଲେ ଏହି ଯୋଜନା ଗୁଡିକ ଦିଗହରା ହୋଇଯାଇଛି। ଫଳସ୍ୱରୂପ, ଶିଶୁ ସମ୍ପଦ ଏବେବି ବିଡମ୍ବିତ ହୋଇ ରହିଛି। ଅଧିକାଂଶ ଶିଶୁ ଶିଶୁ-ଶ୍ରମିକ ଭାବେ ଦୟନୀୟ ଭାବରେ ଜୀବନ ଯାପନ କରୁଛନ୍ତି।

ଶିଶୁମାନଙ୍କୁ ଶ୍ରମକ୍ଷେତ୍ରରୁ ବାହାର କରି ତା'ର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଅନ୍ତର୍ଜାତୀୟ କ୍ଷେତ୍ରରେ ବିଭିନ୍ନ ସଙ୍ଗଠନ ମିଳିତ ଜାତିସଙ୍ଘ ଠାରୁ ଆରମ୍ଭକରି ଆନ୍ତର୍ଜାତିକ ଶ୍ରମସଂସ୍ଥା ସମେତ ଅନ୍ତର୍ଜାତୀୟ ଶିକ୍ଷା ସଂସ୍ଥା କାର୍ଯ୍ୟ କରୁଛି। ଆମ ଦେଶରେ ଏଥିପାଇଁ ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ଆଇନଗତ ବ୍ୟବସ୍ଥା ରହିଛି। ଏସବୁ ସତ୍ତ୍ୱେ, ବାଲ୍ୟ ଖୁସି ସତେ ଯେମିତି ତା' ପାଇଁ ସାତ ସପନ ହୋଇଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ଆହାର ଅଭାବରୁ ହଜିଯାଉଛି ଶିଶୁ ସୁଲଭ ଚପଳତା। ଶିଶୁଟି ଯଦି ଦୁଇଓଳି ଦୁଇମୁଠା ପେଟପୂରା ଖାଦ୍ୟ ଖାଇବାକୁ ପାଇବ ନାହିଁ ଓ ଦି' ଅକ୍ଷର ପାଠ ପଢିବାର ସୁଯୋଗ ପାଇବ ନାହିଁ, ତାହାହେଲେ ସେ ଶିଶୁ ଶ୍ରମିକ ହେବାକୁ ବାଧ୍ୟ ହେବ। ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ ଭାରତରେ ଜନସଂଖ୍ୟାର ଏକ ତୃତୀୟାଂଶ ହେଉଛନ୍ତି ଶିଶୁ। ଏମାନଙ୍କ ମଧ୍ୟରୁ ଶିଶୁ ଶ୍ରମିକଙ୍କ ସଂଖ୍ୟା ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଅଧିକ। ଦାରିଦ୍ର୍ୟ ଓ ଅଶିକ୍ଷା ଏହାର ପ୍ରମୁଖ କାରଣ। ଫଳରେ ପେଟପାଟଣା ପାଇଁ ବହୁସଂଖ୍ୟାରେ ଶିଶୁ ବିଭିନ୍ନ କ୍ଷେତ୍ରରେ ଦୁଃଖ, ଦୁର୍ଦ୍ଦଶା, ଶୋଷଣ ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ପେଟ ଚାଖଣ୍ଡ ପାଇଁ କିଏ ହୋଟେଲ, ଗ୍ୟାରେଜ୍ ତ କିଏ ପୁଣି ବିଡି ବଳିବା, ଖଣିରେ ଇଟା ଭାଙ୍ଗିବା ଭଳି ବିପଦସଂକୁଳ କାମ କରୁଛନ୍ତି। ଆଉ ପୁଣି କିଏ ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ଚାକର ଭାବେ କାମ କରୁଛନ୍ତି। ଏପରିକି କେତେକ ରାସ୍ତାରୁ ବା ଅଳିଆଗଦାରୁ ଭଙ୍ଗା ଟିଣ, ଲୁହା, ପ୍ଲାଷ୍ଟିକ୍ ଜରି ଇତ୍ୟାଦି ଗୋଟାଇ ଗୁଜୁରାଣ ମେଣ୍ଟାଇଥାନ୍ତି। ଏକ ହିସାବ ଅନୁଯାୟୀ ଦେଶରେ ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧,୦୧,୨୮,୬୬୬ ଥିବା ବେଳେ ଆମ ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୩,୩୪,୪୧୬।

ଶିକ୍ଷାକୁ ସାର୍ବଜନୀନ, ମାଗଣ ଓ ବାଧ୍ୟତାମୂଳକ କରିବା ପାଇଁ କେନ୍ଦ୍ର ସରକାର ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି। ଆମ ରାଜ୍ୟରେ ଏହା ୨୦୧୦ମସିହା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେଉଛି। ଏହି ଆଇନ କାର୍ଯ୍ୟ କରିବାର ୧୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏ ଦିଗରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ। ଯେଉଁ ଶିଶୁମାନେ ମଧ୍ୟାହ୍ନଭୋଜନ ଆକର୍ଷଣରେ ବିଦ୍ୟାଳୟକୁ ଆସନ୍ତି, ପାରିବାରିକ ଦାରିଦ୍ର୍ୟ କାରଣରୁ ସେହି ବିଦ୍ୟାଳୟ ଶିକ୍ଷା ପରେ ପାଠପଢା ଛାଡି ଦେଇଥାନ୍ତି। ଆମ ରାଜ୍ୟରେ ସର୍ବଶିକ୍ଷା ଯୋଜନା ୨୦୦୨-୨୦୦୩ ମସିହାରୁ ଆରମ୍ଭ ହେଲାଣି। ଏଥିପାଇଁ ସ୍କୁଲରେ ମାଗଣା ପୁସ୍ତକ, ପୋଷାକ ଓ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ତଥାପି ଆମ ରାଜ୍ୟରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ବିଦ୍ୟାଳୟ ବାହାରେ ରହିଯାଉଛନ୍ତି। ସ୍କୁଲରେ ଉପସ୍ଥାନ ସଂଖ୍ୟା ବଢିଥିଲେ ମଧ୍ୟ ଅଧାରୁ ଅନେକ ଶିଶୁ ପାଠ ଛାଡିବା ଦେଖାଯାଉଛି। ସବୁ ଉଦ୍ୟମ ସତ୍ତ୍ୱେ ଏବଂ ସ୍ୱାଧୀନତାର ୭୮ବର୍ଷ ପରେ ବି ବିଶ୍ୱର ଏକ ତୃତୀୟାଂଶ ନିରକ୍ଷର ଲୋକ ଆମ ଦେଶରେ ଅଛନ୍ତି। ଏହାର କାରଣ ଓ ନିରାକରଣ ସମ୍ପର୍କରେ ତର୍ଜମା କରିବାର ଅଛି।

ଶିଶୁ ଶ୍ରମିକ ବ୍ୟବସ୍ଥାର ଜନନୀ ହେଉଛି ଦାରିଦ୍ର୍ୟ। ଅର୍ଥାତ୍ ଦାରିଦ୍ର୍ୟ ଦୂର ନହୋଇପାରିଲେ ଯେତେ ଯୋଜନା କଲେ ବି ତାହା ଫଳପ୍ରସୂ ହୋଇପାରିବ ନାହିଁ। ଏକ ଆକଳନ ଅନୁଯାୟୀ ଦେଶର ୭୭ ଭାଗ ଲୋକ ଦୈନିକ ୨୦ ଟଙ୍କା ବି ଆୟ କରିପାରୁନାହାନ୍ତି। ମିଳିତ ଜାତିସଂଘର ସହସ୍ରାବ୍ଦୀ ଲକ୍ଷ୍ୟରେ କୁହାଯାଇଥିଲା ୨୦୧୫ ସୁଦ୍ଧା ଦାରିଦ୍ର୍ୟ, କ୍ଷୁଧା ଓ ରୋଗ ବିରୋଧରେ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରାଯିବ। ମାତ୍ର ଅଦ୍ୟାବଧି ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଦାରିଦ୍ର୍ୟ ହେତୁ ଦେଶର ସାକ୍ଷରତା ହାର ୭୫ ପ୍ରତିଶତ ତଳେ ରହିଛି। ୧୦ ବର୍ଷ ବୟସର ଶିଶୁଙ୍କ ମଧ୍ୟରେ ଅର୍ଦ୍ଧେକ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଠପଢାର ସୁଯୋଗ ପାଆନ୍ତି ନାହିଁ। ୧୦ ଭାଗରୁ ଏକ ଭାଗ ଶିଶୁ କଲେଜ ପର୍ଯ୍ୟନ୍ତ ପହଞ୍ଚି ଥାଆନ୍ତି। ଏଦିଗରେ କିପରି ସୁଧାର ଆସିବ ସେ ଦିଗରେ ଚିନ୍ତା କରିବାକୁ ପଡିବ ଓ ସମସ୍ତ ଶିଶୁଙ୍କୁ ଶିକ୍ଷା ସୁଯୋଗ ଦେବାକୁ ହେବ। କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୁଖ୍ୟ ଆୟୁଧ ଓ ପ୍ରଗତିର ଚାବିକାଠି। ଏଣୁ, ଶିକ୍ଷା ଅଧିକାର ଆଇନ ବଳରେ ଶିଶୁ ଶ୍ରମିକମାନଙ୍କୁ ବିଦ୍ୟାଳୟ ପରିସରକୁ ଆଣିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟାବାସ୍ଥା କରାଯିବା ଜରୁରି।

ଏଥିସହିତ ଦେଶର ଗରିବ ଲୋକ ଯେତିକି ରୋଜଗାର କରନ୍ତି ତା'ର ୮୦ ପ୍ରତିଶତ ଖାଦ୍ୟ ପାଇଁ ବ୍ୟୟ କରିଥାନ୍ତି। ତେଣୁ, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସେମାନଙ୍କର ସାମର୍ଥ୍ୟ ରହେନାହିଁ। ଯଦ୍ୱାରା ଦେଶରେ ୪୨ ପ୍ରତିଶତ ଶିଶୁ ପୁଷ୍ଟିହୀନତାର ଶିକାର। ଅର୍ଥାତ୍ ଏମାନଙ୍କ ଓଜନ ବୟସ ଅନୁସାରେ ସ୍ୱାଭାବିକ ଓଜନଠାରୁ ଯଥେଷ୍ଟ କମ୍। ଦେଶର ପ୍ରତି ଏକ ହଜାର ଶିଶୁଙ୍କ ମଧ୍ୟରୁ ୫୩ ଜଣ ଶିଶୁଙ୍କର ଅକାଳ ମୃତ୍ୟୁ ଘଟୁଛି। କେବଳ ସେତିକି ନୁହେଁ ଦେଶରେ ପ୍ରତିଦିନ ୬ ହଜାର ଶିଶୁ ମୃତ୍ୟୁବରଣ କରୁଛନ୍ତି। ଏହା ଏକ ଜାତୀୟ ଲଜ୍ଜା। ଆମ ରାଜ୍ୟ କଥା ଆହୁରି ତଦ୍ରୂପ। ଏବେ ଆମ ରାଜ୍ୟରେ ପ୍ରତି ହଜାରରେ ୫୧ ଶିଶୁ ମୃତ୍ୟୁମୁଖରେ ପଡୁଛନ୍ତି। ଏଥିପାଇଁ ଅର୍ଥନୈତିକ ମାନଦଣ୍ଡ ଅପେକ୍ଷା ସମ୍ବଳର ଅସମ ବଣ୍ଟନ ଓ ମାନସିକତାର ଅଭାବ ହିଁ ପ୍ରମୁଖ କାରଣ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ମାଧ୍ୟମରେ ନିରାପଦ ମାତୃତ୍ୱ ପାଇଁ ଜନନୀ ସୁରକ୍ଷା ଯୋଜନା ରହିଛି। ଶିଶୁମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପୁଷ୍ଟିହୀନତା ଥିବା ଶିଶୁଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଓ ଔଷଧ ଯୋଗାଇବାର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଏହି ଯୋଜନାର ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରୁନାହିଁ।

ଏସବୁ କାରଣରୁ ଶିଶୁ ସମ୍ପଦ ବିଡମ୍ବିତ ଅବସ୍ଥାରେ ରହିଛି। ଯେଉଁମାନେ ଶିଶୁ ଶ୍ରମିକ ହେଉଛନ୍ତି ସେହି କୋମଳମତି ଶିଶୁ ନିର୍ଯ୍ୟାତନା ତଥା ଶୋଷଣ-ପୀଡନର ଶିକାର ହେଉଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ଶିଶୁବିକ୍ରି ଓ ଶିଶୁ ଚାଲାଣ ଭଳି ସ୍ପର୍ଶକାତର ପ୍ରସଙ୍ଗ ତଥା କଳଙ୍କିତ ଘଟଣା ଲୋକଲୋଚନକୁ ଆସୁଛି। ଶିଶୁ ଶ୍ରମିକମାନଙ୍କ ମଧ୍ୟରୁ ୫୩ ପ୍ରତିଶତ ଶିଶୁ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଯେଉଁସବୁ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ପାଇଁ ଆଇନଗତ ଭାବେ ନିଷିଦ୍ଧ କରାଯାଇଛି ସେସବୁ କ୍ଷେତ୍ରରେ ଆଇନକୁ ଉଲ୍ଲଙ୍ଘନ କରି ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଛି। ଏଥିରୁ ଜଣାପଡୁଛି ଶିଶୁ ଶ୍ରମିକ ନିରୋଧ ଆଇନ କେବଳ ନାମକୁ ମାତ୍ର। ରାଜ୍ୟ ତଥା ଦେଶରେ ବହୁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ନା ଅଛି ଧରପଗଡ ନା କାର୍ଯ୍ୟାନୁଷ୍ଠାନ। ଫଳରେ ଶିଶୁ ଶ୍ରମିକମାନେ ଏବେ ବାହାରକୁ ଚାଲାଣ ହେବାକୁ ଲାଗିଲେଣି।

ସମ୍ପ୍ରତି ଚିନ୍ତା କରିବାର ବେଳ ଆସିଛି। ଶିଶୁମାନଙ୍କର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ଅଧିକାର ଯୋଗାଇଦେବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଦରକାର। କେବଳ ସରକାରୀ ସ୍ତରରେ ଉଦ୍ୟମ ଶିଶୁ ଶ୍ରମିକ ପ୍ରତିରୋଧ କରିବାରେ ଯଥେଷ୍ଟ ହେବନାହିଁ। ଏଥିପାଇଁ ସରକାର ବୁଦ୍ଧିଜୀବୀ ସ୍ୱେଚ୍ଛାସେବୀ ସଂଗଠନ,ଶିକ୍ଷକ ସମାଜ, ପିତାମାତା ଓ ଅଭିଭାବକ ଆଗେଇ ଆସିବା ଦରକାର।

## ଆପଣ ସୀମାଶୁଳ୍କ ଠକେଇର ଶିକାର ?



ଯୁଧିଷ୍ଠିର ମହାରଣା
ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ

ଆପଣ କିମ୍ବା ଆପଣଙ୍କ ପ୍ରିୟଜନ କିଏ ବିଦେଶରେ ରହୁଛନ୍ତି କି ? ବେଳେ ବେଳେ ଆପଣ ତାଙ୍କ ଠୁ ଉପହାର ପାଇଥାଆନ୍ତି କିମ୍ବା ସେଠାରୁ କୌଣସି ଜିନିଷ ମଗାଇଥାନ୍ତି। ଏଥିଲାଗି ଆପଣଙ୍କୁ ଏକ ସ୍ୱତନ୍ତ୍ର ଟିକସ ଦେବାକୁ ପଡ଼େ। ଆଇନ ଅନୁସାରେ ବିଦେଶରୁ ଦ୍ରବ୍ୟ କିଣିଲେ ସୀମାଶୁଳ୍କ ଦେବାକୁ ପଡ଼େ। ଭିନ୍ନ ଭିନ୍ନ ସାମଗ୍ରୀ ଉପରେ ଏହାର ହାର ବି ଭିନ୍ନ। ପୁଣି ଏପରି କିଛି ସାମଗ୍ରୀ ଅଛି, ଯାହା ଉପରେ ସୀମା ଶୁଳ୍କ ଲାଗୁ ହୋଇ ନଥାଏ। ଗତ ବଜେଟରେ ଭାରତ ସରକାର କେତେକ ଜୀବନ ରକ୍ଷାକାରୀ କର୍କଟ ଔଷଧ ଆମଦାନୀ ଉପରେ ସୀମା ଶୁଳ୍କ ଛାଡ଼ କରିଥିଲେ। ସେହିପରି ସୁନା, ରୂପା ଓ ପ୍ଲାଟିନମ୍ ଭଳି ଦାମୀ ଧାତୁ ଉପରୁ ମଧ୍ୟ ସୀମାଶୁଳ୍କ କମାଇ ଦେଇଥିଲେ। ପ୍ରତିବର୍ଷ ବଜେଟରେ କେନ୍ଦ୍ର ସରକାର ଅର୍ଥନୀତିକୁ ଚାହିଁ ଏହି ଶୁଳ୍କ ହାର ନିର୍ଣ୍ଣୟ କରିଥାଆନ୍ତି।

ସରଳରେ କହିଲେ ଯେତେବେଳେ କୌଣସି ଦ୍ରବ୍ୟ ସାମଗ୍ରୀ ପରିବହନ ଅନ୍ତର୍ଜାତୀୟ ସୀମା ଦେଇ ହୋଇଥାଏ, ସେତେବେଳେ ତା'ଉପରେ ସୀମାଶୁଳ୍କ ଲାଗେ। ଏହାଦ୍ୱାରା ଦେଶ ଭିତରକୁ ଆସୁଥିବା ସାମଗ୍ରୀ ଉପରେ ନଜର ରଖାଯାଇପାରିବା ସହ ଦେଶରେ ନିଷିଦ୍ଧ ଥିବା ଦ୍ରବ୍ୟର ପ୍ରବେଶ ଉପରେ କଟକଣା ଲଗାଇହୁଏ। ସୀମାଶୁଳ୍କ ବ୍ୟବସ୍ଥା ହେତୁ ଦେଶର ଅର୍ଥନୀତିରେ ସ୍ଥିରତା, ଚାକିର, ସୁରକ୍ଷା, ନାଗରିକ ଅଧିକାର ଏବଂ ପରିବେଶର ସୁରକ୍ଷା ସମ୍ଭବ ହୋଇଥାଏ। ସର୍ବୋପରି ଅନ୍ତର୍ଜାତୀୟ ଅବୈଧ କାରବାର ଉପରେ ଏହା ନିୟନ୍ତ୍ରଣ ରଖେ।

ଆଜିକାଲି ସୀମାଶୁଳ୍କ ଆଦାୟ ଓ ପୈଠ କ୍ଷେତ୍ରରେ ବ୍ୟାପକ ଠକେଇ ଓ ହେରଫେର ହେଉଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ, ଜଣେ ବିଦେଶରୁ କେଉଁ ଜିନିଷ କିଣିଛନ୍ତି କିମ୍ବା କେଉଁଟି ଉପହାର ପାଇଛନ୍ତି ଅଥବା ବ୍ୟବହୃତ ହୋଇଥିବା ଦ୍ରବ୍ୟ ଆଣିଛନ୍ତି, ତାହା ଦର୍ଶାଇ ଥାଆନ୍ତି। ସୀମାଶୁଳ୍କ ଅଧିକାରୀମାନେ ଏହାର ସତ୍ୟତା ଯାଞ୍ଚ କରି ସଂପୃକ୍ତ ବ୍ୟକ୍ତିଙ୍କୁ କ୍ଲିୟରାନ୍ସ ଦେଇଥାଆନ୍ତି। ସାଇବର ଅପରାଧୀମାନେ ମଧ୍ୟ ବିଦେଶରୁ ଆସୁଥିବା ଭାରତୀୟଙ୍କ ଏହି ବାଟ ଦେଇ ଲୁଟିବା ଆରମ୍ଭ କରିଛନ୍ତି।

କେନ୍ଦ୍ର ସରକାର ସୀମାଶୁଳ୍କ ପୈଠ ପ୍ରକ୍ରିୟାକୁ ଅନଲାଇନ କରିଛନ୍ତି। ଭାରତ ସରକାର କଷ୍ଟମ ଟାରିଫ ହାରର ଏକ ଡାଟାବେସ ସିବିଆଇସି ଟାରିଫ ପୋର୍ଟାଲ (www.cbic.gov.in)ରେ ଉପଲବ୍ଧ କରାଇଛନ୍ତି। କଷ୍ଟମ ଡ୍ୟୁଟି ପୈଠ ଲାଗି ଆଇସିଇଜିଏଟିଇ ପୋର୍ଟାଲ ରହିଛି। www.icegate.gov.in କୁ ଯାଇ ଆପଣ ନିଜ ସାମଗ୍ରୀର କଷ୍ଟମ ଡ୍ୟୁଟି ହାର ନିର୍ଣ୍ଣୟ ସହ ଶୁଳ୍କ ପୈଠ କରିପାରିବେ। ଏହାବାଦ ଯଦି ଆପଣଙ୍କ ସମସ୍ୟା ସମାଧାନ ନ ହେଉଛି ତେବେ ଆପଣ କଷ୍ଟମ ହାଉସ ଏଜେଣ୍ଟଙ୍କ ସହ ଯୋଗାଯୋଗ କରିପାରିବେ। ସିଏଚଏଗୁଡ଼ିକ ଲାଇସେନ୍ସପ୍ରାପ୍ତ ବୃତ୍ତିଗତ ସଂସ୍ଥା ହୋଇଥିବାରୁ ସେମାନେ ପ୍ରଯୁଜ୍ୟ ଶୁଳ୍କ ହାର ନିର୍ଣ୍ଣୟ କରିବାରେ ଓ କ୍ଲିୟରାନ୍ସରେ ସହାୟତା କରିଥାନ୍ତି। ନହେଲେ ସିବିଆଇସି ହେଲପ୍‌ଲାଇନ୍‌କୁ କଲ୍ କରି କିମ୍ବା ଇ-ମେଲ୍ କରି ସହାୟତା ଲୋଡ଼ି ପାରିବେ।

ଅନ୍‌ଲାଇନ୍‌ରେ ଉପଲବ୍ଧ ତଥ୍ୟକୁ ଭଲଭାବେ ପଢ଼ିବା ଦରକାର। ଟାରିଫ ଦେଖି ଶୁଳ୍କ ପୈଠ କଲେ ଲୋକମାନେ ଠକାମିରେ ପଡ଼ିବେ ନାହିଁ। ଅଧିକ ଟ୍ୟାକ୍ସ ଦେବାକୁ ପଡ଼ିବ ନାହିଁ। ଏବେ ଅନ୍‌ଲାଇନ୍ କଷ୍ଟମ ସ୍କାମ ଏକ ବଡ଼ ସମସ୍ୟା। ଏସବୁରୁ ବର୍ତ୍ତିବା ପାଇଁ ସଚେତନତା ଜରୁରି।

## ପ୍ରକୃତ ପୋଷାକ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଆଜିର ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ନୂତନ ପୋଷାକ ପରିଧାନ କରିବା ଜରୁରି ମନେ କରାଯାଏ। କିନ୍ତୁ ପ୍ରକୃତ ପରିଚୟ ପୋଷାକ ଦ୍ୱାରା ନୁହେଁ ଆମର ବ୍ୟକ୍ତିତ୍ୱ ସରଳତା ବିନମ୍ରତା ଓ ଆତ୍ମବିଶ୍ୱାସ ଦ୍ୱାରା ଗଠିତ ହୋଇଥାଏ। ଆମେ ବନ୍ଧୁମାନେ ଏକାଠି ହୋଇଥିଲୁ ଏକ କାର୍ଯ୍ୟକ୍ରମରେ। ଆମେ ହସିଥିଲୁ, ମଜା କରୁଥିଲୁ। ହଠାତ୍ ଜଣେ ମହିଳା ଆସି କହିଲେ - ତୁମେ ଗତ କାର୍ଯ୍ୟକ୍ରମରେ ଏହି ପୋଷାକ ପିନ୍ଧି ଆସିଥିଲ ? ମୋ ବନ୍ଧୁ ବିନା ଦ୍ୱିଧାରେ କହିଲେ - ହଁ, ଏହାକୁ ପିନ୍ଧି ଆସିବାରେ ଅସୁବିଧା କ'ଣ ଅଛି ? ଏହା ମୋର ପୋଷାକ, ମୋର ପସନ୍ଦ। ମୁଁ ଏହାକୁ ଯେତେଥର ପିନ୍ଧି ପାରିବି। କାହିଁକି କେହି ଏହାକୁ ବିରୋଧ କରିବେ ? ମୁଁ ବନ୍ଧୁଙ୍କର ଆତ୍ମବିଶ୍ୱାସ ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ତାଙ୍କର ସରଳତା ବିନମ୍ରତା ଆତ୍ମବିଶ୍ୱାସ ମୋ ମନକୁ ଖୁସି ଆଣିଦେଲା। ଆଜିକାଲି ପ୍ରତ୍ୟେକ କାର୍ଯ୍ୟକ୍ରମରେ ନୂତନ ପୋଷାକ ପିନ୍ଧିବା ଆବଶ୍ୟକ ହୋଇପଡୁଛି ନଚେତ୍ ସୋସିଆଲ ମିଡିଆରେ ନିଜ ପ୍ରସିଦ୍ଧିର ଛାୟା କିପରି ସୃଷ୍ଟି କରିବେ ? କିନ୍ତୁ ସତକଥା ହେଉଛି ଆମର ବ୍ୟକ୍ତିତ୍ୱ ଆମର ନୈତିକ ମୂଲ୍ୟବୋଧର ହସ ଆମକୁ ପ୍ରସ୍ଫୁଟିତ କରିଥାଏ। ସମ୍ପର୍କ କେବଳ ହୃଦୟର ସୌନ୍ଦର୍ଯ୍ୟ ଦ୍ୱାରା ବୃଦ୍ଧି ପାଇଥାଏ। ପ୍ରକୃତ ପୋଷାକ ହେଉଛି ସରଳତା ବିନମ୍ରତା ନମନିୟତା। ଯାହା ସମସ୍ତଙ୍କ ହୃଦୟରେ ଏକ ଛାପ ଛାଡ଼ି ଯାଇଥାଏ। ଲୋକପ୍ରିୟତା ପଛରେ ଦୌଡ଼ନ୍ତୁ ନାହିଁ, ନିଜ କାମ ସହିତ ନିଜେ ଲୋକପ୍ରିୟ ହୁଅନ୍ତୁ। ଆପଣଙ୍କର ସରଳତା ଆପଣଙ୍କର ସବୁଠାରୁ ବଡ଼ ପରିଚୟ ବଡ଼ ଲୋକପ୍ରିୟତା। ପ୍ରକୃତ ପୋଷାକ ହେଉଛି ଯାହା ହୃଦୟକୁ ସଂଯୋଗ କରେ। ଆପଣଙ୍କର ସରଳତା ବିନମ୍ରତା ନମନିୟତା ପ୍ରତ୍ୟେକ ସମ୍ପର୍କକୁ ଯୋଡିଥାଏ। ଏହା ଆମର ଆଭ୍ୟନ୍ତରୀଣ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ। ଥରେ ମହାନ ରୁଷୀୟ ଲେଖକ ଲିଓ ଟଲଷ୍ଟୟ କିଛି ସପ୍ତାହ ପାଇଁ ଏକ ସହରରେ ରହିଥିଲେ। ତାଙ୍କର ବିଶ୍ୱବ୍ୟାପୀ ଖ୍ୟାତି ସତ୍ତ୍ୱେ, ସେ ଅତ୍ୟନ୍ତ ସରଳ ଜୀବନଯାପନ କରୁଥିଲେ। ସେ ଭୋଜନ ପାଇଁ ପାଦରେ ଚାଲି ଚାଲି ଯାଉଥିଲେ। ନିଜେ ତାଙ୍କର ପୋଷାକ ସଫା କରୁଥିଲେ ଏବଂ ପାଖରେ ଥିବା ଏକ ବିରାଟ ଗଛର ଡାଳରେ ଶୁଖାଉଥିଲେ। ଅନେକ ଧନୀ ପୁଞ୍ଜିପତି ବ୍ୟବସାୟୀ ମଧ୍ୟ ସେହି ସହରରେ ରହୁଥିଲେ। ଦିନେ ସକାଳେ ଟଲଷ୍ଟୟ ତାଙ୍କର ଅଭ୍ୟାସ ଅନୁସାରେ ବାହାରକୁ ବୁଲିବାକୁ ଯାଇଥିଲେ। ତାଙ୍କୁ ଚିହ୍ନିଥିବା ଅନେକ ଲୋକ ତାଙ୍କୁ ଦେଖି ହସୁଥିଲେ। କିଛି ଜିଜ୍ଞାସୁ ତାଙ୍କ ଠାରୁ ପରାମର୍ଶ ନେବାକୁ ଆସୁଥିଲେ। ଟଲଷ୍ଟୟ ସମସ୍ତଙ୍କୁ ସମାନ କଥା କହୁଥିଲେ - ତୁମେ ତୁମ ଭାଷାର ଉନ୍ନତ କର। ତେବେ ଯାଇ ତୁମର ସମଗ୍ର ଜୀବନ ଉନ୍ନତ ହେବ। ସେହି ସମୟରେ, ଜଣେ ଧନୀ ବ୍ୟକ୍ତିଙ୍କର ହଠାତ୍ ଗୋଡ ଖସିଗଲା। ସେ ତାଙ୍କର ଚାକରକୁ ଅପମାନଜନକ ଶବ୍ଦରେ ଗାଳିଗୁଲଜ କଲେ। ତାଙ୍କର କଟୁ ଏବଂ ଅପମାନଜନକ ଭାଷା ଶୁଣି ସମସ୍ତେ ବିରକ୍ତ ହୋଇଗଲେ। ଟଲଷ୍ଟୟ ଶାନ୍ତ ଭାବରେ ମୁଣ୍ଡ ହଲାଇ କହିଲେ, ଏଥିପାଇଁ ମୁଁ ଆପଣ ମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି। ଆମେ ଯାହା ପିନ୍ଧୁ ଅଛେ ବା ଯାହା ବାହାରକୁ ଦେଖାଯାଉଅଛି ତାହା ପ୍ରକୃତ ପୋଷାକ ନୁହେଁ, ଆମ ଭିତରେ ଆଉ ଏକ ପୋଷାକ ରହିଅଛି। ହାତୀର ଖାଇବା ଦାନ୍ତ ଓ ଦେଖେଇବା ଦାନ୍ତ ଅଲଗା ଅଲଗା। ତେଣୁ ଆମ ମୁହଁରୁ ବାହାରୁଥିବା ପ୍ରତ୍ୟେକ ଶବ୍ଦ ଆମ ଭିତରେ ଥିବା ସତ୍ୟତାକୁ ପରିପ୍ରକାଶ କରଦିଏ। ତେଣୁ ଆମ ଭିତରେ ସଦା ସରଳତା ବିନମ୍ରତା ନମନିୟତା ରହିବା ଦରକାର। ତାହା ହିଁ ହେବ ଆମର ପ୍ରକୃତ ପୋଷାକ।

## ବର୍ତ୍ତମାନ ସମାଜରେ ଖନା ବଚନର ପ୍ରାସଙ୍ଗିକତା



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଜ୍ୟୋତିଷ ବିଦ୍ୟା ବିଶାରଦ ବରାହମିହୀରଙ୍କ ପୁତ୍ରବଧୂ ଲୀଳାବତୀ କହିଥିବା ଜ୍ୟୋତିଷ ସାରକଥା ଖନା ବଚନ ଭାବେ ପ୍ରସିଦ୍ଧ। ଲୀଳାବତୀ ଜ୍ୟୋତିଷ ଶାସ୍ତ୍ରବିଦ୍ୟାରେ ପୃଥିବୀର ସର୍ବଶ୍ରେଷ୍ଠା, ତାଙ୍କର ଗଣନା ଅଭ୍ରାନ୍ତ ଏବଂ ଆଶ୍ଚର୍ଯ୍ୟ ଧରଣର ଥିଲା। ଶ୍ୱଶୁରଙ୍କ ଆଦେଶ ପାଳନ କରି ତାଙ୍କ ସ୍ୱାମୀ ମିହୀର ତାଙ୍କ ଜିହ୍ୱା ଛେଦନ କରିଥିଲେ। ଜିହ୍ୱା ଛେଦନ ପୂର୍ବରୁ ସେ କାଳ ନିରୂପଣ, ଶସ୍ୟ ବିଷୟର ଜ୍ଞାନ, କୃଷିତତ୍ତ୍ୱ ଜ୍ୟୋତିଷର ଅନେକ ସାରକଥା କହିଥିଲେ। ସେ ସବୁ ବଙ୍ଗଳା ଓ ଓଡ଼ିଆ ଭାଷାରେ ଖନା ବଚନ ଭାବେ ପ୍ରଚଳିତ। କିମ୍ବଦନ୍ତୀ ଅନୁଯାୟୀ ଧନ୍ୱନ୍ତରୀ, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟକର୍ପୂର, କାଳି ଦାସ, ବରାହମିହୀର ଓ ବରରୁଚି ଏହି ନଅଜଣ ନବରତ୍ନ। ଏମାନେ ଉଜ୍ଜୟିନୀ ମହାନଗରରେ ବୀର ବିକ୍ରମାଦିତ୍ୟଙ୍କ ରାଜସଭା ଅଳଙ୍କୃତ କରୁଥିଲେ। ଏହିମାନେ ଆର୍ଯ୍ୟୁବେଦ, ଜ୍ୟୋତିଷ, ସାହିତ୍ୟ ଦର୍ଶନ ପ୍ରଭୃତି ବିଷୟରେ ଦିଗବିଜୟୀ ପଣ୍ଡିତ ଥିଲେ। ବରାହମିହୀର ଏହି ନବରତ୍ନଙ୍କ ମଧ୍ୟରେ ଅନ୍ୟତମ। ଲୀଳାବତୀ ଏକ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ, କିନ୍ତୁ ସମୁଦ୍ର ମଧ୍ୟରେ କୌଣସି ଦ୍ୱୀପରେ ବାସ କରୁଥିବା କେତେକ ରାକ୍ଷସ ଲୀଳାବତୀଙ୍କର ପିତୃରାଜ୍ୟରେ ପ୍ରବେଶ କରି ତାଙ୍କୁ ସବଂଶରେ ମାରି ସେହି ରାଜ୍ୟରେ ବାସ କରୁଥିବା ପ୍ରଜାମାନଙ୍କୁ ବିନାଶ କରି ରାଜକୋଷର ସମସ୍ତ ଧନରତ୍ନ ଅପହରଣ କରିନେଲେ। ମାତ୍ର ଲୀଳାବତୀଙ୍କୁ ଅଳ୍ପବୟସ୍କା କୁମାରୀ ଦେଖି ଏବଂ ତାଙ୍କର ସୌନ୍ଦର୍ଯ୍ୟରେ ମୁଗ୍ଧହୋଇ ପ୍ରତିହିଂସା ପରାୟଣ ରାକ୍ଷସମାନଙ୍କ ହିଂସା ବିଦୂରିତ ହେଲା। ସେମାନେ ଧନରତ୍ନ ସହିତ ସୁକୁମାରୀ ଲୀଳାବତୀଙ୍କୁ ଅକ୍ଷତ ଶରୀରରେ ନିଜ ଘରକୁ ନେଇ ଗଲେ। ସେଠାରେ ସୁକନ୍ୟାକୁ ଲାଳନ ପାଳନ କରି ନାନାଦି ଜ୍ୟୋତିଷ ଶାସ୍ତ୍ରଶିକ୍ଷା ଦେଲେ। ଯାହାଦ୍ୱାରା ସେ ପୃଥିବୀର ସର୍ବଶ୍ରେଷ୍ଠା ଜ୍ୟୋତିଷ ରୂପରେ ନିଜର ପରିଚୟ ଦେଇ ଯାଇଛନ୍ତି। ଏଣେ ଉଜ୍ଜୟିନୀରେ ବରାହମିହୀରଙ୍କ ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା, ଜ୍ୟୋତିଷ ବିଶାରଦ ପିତା ତାଙ୍କର ଜନ୍ମକୋଷ୍ଠୀ ବିଚାର କରି ଶତବର୍ଷ ପରମାୟୁ ସ୍ଥାନରେ ଦଶବର୍ଷ ବୋଲି ସ୍ଥିର କଲେ। ତେଣୁ ବରାହମିହୀର ଦଶବର୍ଷ ପୁଅର ମୃତ୍ୟୁହେଲେ ବିଶେଷ କଷ୍ଟଦାୟକ ହେବ ବୋଲି ସଦ୍ୟଜାତ ଶିଶୁଟିକୁ ଗୋଟିଏ କାଷ୍ଠପାତ୍ରରେ ପୁରାଇ ନଦୀଗର୍ଭରେ ଭସାଇ ଦେଲେ। ଉକ୍ତ ପାତ୍ରଟି ଭାସି ଯାଇ ଲୀଳାବତୀ ଥିବା ଦ୍ୱୀପ ନିକଟରେ ଲାଗିଲା। ସେଠାରେ ଜନୈକ ରାକ୍ଷସ ସୁକୁମାର ଶିଶୁଟିକୁ ଦେଖି ତା'ର ରୂପଲାବଣ୍ୟରେ ଆକୃଷ୍ଟ ହୋଇ ଲୀଳାବତୀ ନିକଟରେ ରଖିଲା ଏବଂ ପୁତ୍ରକନ୍ୟା ନିର୍ବିଶେଷରେ ଲୀଳାବତୀ ଓ ମିହିର ଏହି ଦୁହିଁଙ୍କ ଲାଳନ ପାଳନ କରିବା ସଙ୍ଗେ ସଙ୍ଗେ ଜ୍ୟୋତିଷ ବିଦ୍ୟା ଶିକ୍ଷା ଦେଲେ। ଦୁଇ ଜଣ ଶୈଶବ ଅବସ୍ଥା ଅତିକ୍ରମ କରି ଯୌବନରେ ପ୍ରବେଶ କଲେ। ଏକତ୍ର ବାସ ହେତୁ ପରସ୍ପର ପ୍ରତି ପ୍ରେମ ଦୃଷ୍ଟି ପଡିଲା ଓ ପରସ୍ପର ପ୍ରେମରେ ଛନ୍ଦି ହୋଇଗଲେ। ସୁତରାଂ କ୍ରୂର ରାକ୍ଷସମାନଙ୍କ କବଳ ମୁକ୍ତି ପାଇଁ ଉଭୟ ବହୁତ ଚେଷ୍ଟା କରୁଥିଲେ। ଦିନେ ଦୁହେଁ ମାହେନ୍ଦ୍ର ମୁହୂର୍ତ୍ତ ସ୍ଥିରକରି ଘରୁ ବାହାରି ପଡିଲେ ଲକ୍ଷ୍ୟହୀନ ଭାବରେ। ଏହା ଜାଣି ପ୍ରହରୀ ଦଳପତିଙ୍କୁ ସମ୍ବାଦ ଦେଲା। ମାତ୍ର ଦଳପତି ଭାବିଲେ ଯେ ଏମାନେ ମାହେନ୍ଦ୍ର ବେଳାରେ ଅନୁକୂଳ କରୁଥିବାରେ ନିଶ୍ଚୟ କୃତକାର୍ଯ୍ୟ ହେବେ। ତେଣୁ ଜଣେ ରାକ୍ଷସକୁ ଡାକି କହିଲେ, ତୁମ୍ଭେ ଏହି ଦୁଇଜଣଙ୍କୁ କାନ୍ଧରେ ବସାଇ ସମୁଦ୍ରର ଆରପାରିରେ ଛାଡି ଦେଇ ଆସିବ ଏବଂ ଏହି ଆକାଶ ତତ୍ତ୍ୱ, ପୃଥିବୀତତ୍ତ୍ୱ ଓ ପାତାଳତତ୍ତ୍ୱ ପୁସ୍ତକ ତିନିଖଣ୍ଡ ଦେଇ ଗୋଟିଏ ପ୍ରଶ୍ନ କରିବ। ପ୍ରଶ୍ନଟିର ଉତ୍ତର ଦେଲାପରେ ପୂର୍ବୋକ୍ତ ପାତାଳତତ୍ତ୍ୱ ପୁସ୍ତକ ଖଣ୍ଡିକ ତାହାଠାରୁ ଘେନି ଆସିବ। ଭୃତ୍ୟ ପ୍ରଭୁଙ୍କର ଆଦେଶରେ ସେହିପରି କଲା। ସମୁଦ୍ର ଏ ପାଖରେ ଗୋଟିଏ ପ୍ରସବ କଷ୍ଟ ପାଉଥିବା ଗାଈକୁ ଦେଖାଇ ଗର୍ଭସ୍ଥ ସନ୍ତାନର ବର୍ଣ୍ଣ କ'ଣ ବୋଲି ପଚାରିବାରୁ ମିହୀର ଶୁକ୍ଳବର୍ଣ୍ଣ ବୋଲି କହନ୍ତେ ରାକ୍ଷସ ପାତାଳତତ୍ତ୍ୱ ପୁସ୍ତକ ଖଣ୍ଡକ ନେଇ ଚାଲିଗଲେ। କିଛି କ୍ଷଣ ପରେ ଗାଈଟି ବାଛୁରୀ ଜନ୍ମ କଲା ଓ ବର୍ଣ୍ଣ ଅଳ୍ପ ରକ୍ତବର୍ଣ୍ଣ ଦିଶିବାରୁ ମିହୀର ବିରକ୍ତ ହୋଇ ପୁସ୍ତକ ଦୁଇଖଣ୍ଡ ଚିରି ସମୁଦ୍ରରେ ପକାଇ ଦେଲେ। ମାତ୍ର ପରେ ବାଛୁରୀଟି ଶୁକ୍ଳବର୍ଣ୍ଣ ଜାଣିପାରି ବହୁ ପରିଶ୍ରମ କରି ଉକ୍ତ ପୁସ୍ତକର କେତେକ ଅଂଶ ପାଇ ଉଜ୍ଜୟିନୀ ପହଞ୍ଚିଲେ। ବରାହମିହୀର ନିଜର ତ୍ୟକ୍ତ ପୁତ୍ରକୁ ପାଇ ଏବଂ ସମସ୍ତ ଘଟଣା ଗଣନାଦ୍ୱାରା ଜାଣିପାରି ପୁଅ ଓ ବୋହୂଙ୍କୁ ଆଦରରେ ରଖିଲେ। ସମୟ କ୍ରମେ ରାଜା ଓ ରାଜସଭାର ସମସ୍ତ ସଦସ୍ୟମାନେ ଲୀଳାବତୀଙ୍କ ଧୀମତ୍ତାର ପରିଚୟ ପାଇ ତାଙ୍କୁ ରାଜସଭାରେ ସ୍ଥାନ ଦେଲେ। ଏହାଦ୍ୱାରା ବରାହମିହୀର ନିଜକୁ ଅପମାନିତ ମନେ କଲେ। କାରଣ ତାଙ୍କର ଖ୍ୟାତି ଦିନକୁ ଦିନ କମିବାରେ ଲାଗିଲା, ତାଙ୍କର ପ୍ରତିହିଂସା ଦିନକୁ ଦିନ ପ୍ରବଳ ହେଲା। ସେ ଦିନେ ନିଜ ପୁତ୍ର ମିହୀରଙ୍କୁ ଡାକି କହିଲେ : ତୁମେ ଲୀଳାବତୀଙ୍କ ଜିହ୍ୱା ଛେଦନ କର, ତା' ନହେଲେ ଆମ୍ଭର ସମ୍ମାନ ରହିବ ନାହିଁ। ପିତାଙ୍କ ଆଦେଶ ରକ୍ଷା କରି ମିହୀର ଏକ ଛୁରୀ ଧରି ଲୀଳାବତୀଙ୍କ ନିକଟରେ ପହଞ୍ଚିଲେ। ଲୀଳାବତୀ ଏହା ଜାଣିପାରି କହିଲେ: ସ୍ୱାମୀ, ପିତୃାଦେଶ ପାଳନ କରନ୍ତୁ ମାତ୍ର ତାହା କରିବା ପୂର୍ବରୁ ମୋ ଠାରୁ କେତେକ ବିଷୟ ଲେଖି ରଖନ୍ତୁ। ଏହାକହି କାଳ ନିରୂପଣ, ଶସ୍ୟ ବିଷୟକ ଜ୍ଞାନ, କୃଷିତତ୍ତ୍ୱ ଜ୍ୟୋତିଷର ଅନେକ ସାର କଥା କହିଥିଲେ। ତାହା ପରେ ମିହୀର ପିତାଙ୍କ ଆଦେଶରେ ପତ୍ନୀଙ୍କ ଜିହ୍ୱା ଛେଦନ କଲେ। ସେହିଦିନ ଠାରୁ ଲୀଳାବତୀ ଖନା ହେଲେ। ତେଣୁ ଖନାର କଥାକୁ ଖନା ବଚନ କୁହାଯାଏ।

ଖନା ବଚନ ଅନୁଯାୟୀ :- ଚନ୍ଦ୍ରମଣ୍ଡଳ ମଧ୍ୟରେ ତାରା/ ମେଘ ବରଷଇ ମୂଷଳ ଧାରା ॥ ଅର୍ଥାତ୍ ଚନ୍ଦ୍ରମଣ୍ଡଳ ମଧ୍ୟରେ ଅଛି ଗୋଟିଏ ତାରା। ଖନାବଚନ ଅନୁସାରେ ଚନ୍ଦ୍ରମଣ୍ଡଳ ମଧ୍ୟରେ ଗୋଟିକିଆ ତାରା ଦେଖିଲେ ୭ ଦିନ ଭିତରେ ମୂଷଳଧାରାରେ ବର୍ଷା ହୁଏ। ଯଦିଏହା ସତ ହୁଏ, ତେବେ ଆର ସପ୍ତାହକରେ ଆଉ ଏକ ଲଘୁଚାପ ହୋଇଥାଏ। ସେହିପରି ଭାଦ୍ରବ ମାସରେ କଦଳୀ ନକର ରୋପଣ /ରୋପଣ କରି ମରିଲା ସବଂଶେ ରାବଣ ॥ ଅନ୍ତେ ତିକ୍ତ ଦନ୍ତେ ଲୁଣ ମଥାରେ ପଗଡ଼ି / ଭୋଜନରେ ତିନି କୋଣ ପେଟ ଥିବ ପୁରି ॥ ପାଦରେ ସୋରିଷ ତେଲ/ବଇଦ ସାଙ୍ଗରେ ଗେଲ ॥ ସକାଳେ ସଞ୍ଜରେ ଯିଏ ନିତ୍ୟକର୍ମ ସାରେ/ବଇଦ ମାରେନି ହାତ ତା ପଇସାରେ ॥ କାର୍ତ୍ତିକ ବରଷା ହୀନମାନ/ ଅଗ୍ରାଣେ ବରଷା ଲୋକସାନ ॥ ପୌଷେ ଶସ୍ୟ ଯାଇ ନାଶ/ ଖନା କହେ ସର୍ବଶେଷ ॥ ଆଷାଢ଼ ମାସର ବତୁରି ଚାଷ ଅତି ଭାଗ୍ୟ ଥିଲେ ପାଇ/ଠିଆ ହୋଇକରି ଧାନ ବୁଣିଲେ ବସି ଖାଉଥିବୁ ଭାଇ ॥ ଖଟି ଖଟାଏ ଲାଉ ପାଏ। ତା'ର ଅର୍ଦ୍ଧେକ ଯେ ନିତି ଧାଏଁ ॥ ଘରେ ବସି କହେ ବାତ୍ / ତାର ଘରେ ହା ଭାତ୍ ? ପୌଷେ ଗରମି ବୈଶାଖେ ଝଡ/ ପହିଲି ଆଷାଢ଼େ ବରଷେ ଗଡ଼। ଖନା କହେ ଶୁଣ ହେ ସ୍ୱାମୀ/ଶ୍ରାବଣେ ଭାଦ୍ରବେ ନହୁଏ ପାଣି ॥ ଚନ୍ଦ୍ର ମଣ୍ଡଳ ମଧ୍ୟେ ତାରା / ମେଘ ବରଷଇ ମୂଷଳ ଧାରା ॥ କାର୍ତ୍ତିକ ମାସରେ ଦାଣ୍ଡରେ ପାଣି/ ହାଟୁଆ କାଢ଼ିଲେ ବଡ଼ ଗଉଣୀ ॥ ଆଗେ ବୁଣୁ ପଛେ ବୁଣୁ/ ଗର୍ଭଣୀକୁ ଟୁଣୁ ଟୁଣୁ ॥ ଦିବସେ ବରଷା ରାତିରେ ତାରା/ସେ ବରଷା ଧରା ଦୁଃଖରେ ଭରା ॥ ଆଷାଢେ କଢାଣ ନାମକୁ, ଶ୍ରାବଣେ କଢାଣ ଧାନକୁ/ଭାଦ୍ରବେ କଢାଣ ନ୍ୟୂନ, ଆଶ୍ୱିନେ କଢାଣ ଶୂନ୍ୟ ? ବେଙ୍ଗ ଡାକିଲେ ଘନ ଘନ/ ଶୀଘ୍ର ବୃଷ୍ଟି ହେବ ଜାଣ ॥ ବ୍ରାହ୍ମଣ, ନାୟକ, ବର୍ଷା, ବଢି/ଦକ୍ଷିଣା ପାଇଲେ ଯାଆନ୍ତି ଛାଡି ॥ ଗୋରୁ ପୃଷ୍ଠେ ଯାତ୍ରାବେଳେ/ ଯଦି କାକ ବସେ ଭଲେ... ଧନ ରତ୍ନ ବହୁ ମିଳେ/ଭାଗ୍ୟେ ଶୁଭଫଳ ଫଳେ ॥ ଏହିପରି ଅନେକ କଥା ଲେଖିଛନ୍ତି। ସେହିପରି ଖନା ବଚନ ଅନୁଯାୟୀ ମନୁଷ୍ୟ ଶରୀରରେ କେଉଁ ସ୍ଥାନରେ କଳାଯାଇ ଥିଲେ କି ଫଳ ମିଳିଥାଏ ତାହା ମଧ୍ୟ ଲେଖିଛନ୍ତି। ଯେପରି - ମସ୍ତକର ତାଲୁ ଉପରେ - ମହାଜ୍ଞାନୀ। ଲଲାଟର ମଧ୍ୟ ଭାଗରେ - ସୌଭାଗ୍ୟ। ଦକ୍ଷିଣ ଲଲାଟ - ହଠାତ୍ ଧନୀ। ବାମ ଲଲାଟ - ଦୁଷ୍ଟଚରିତ୍ର। ଦକ୍ଷିଣ ଚକ୍ଷୁ ପତାରେ- ଯଶସ୍ୱୀ। ବାମ ଚକ୍ଷୁ ପତାରେ- କଷ୍ଟଦାୟକ। ନାକ ଦଣ୍ଡରେ - ସୁଖୀ। ନାକ ପୁଡାରେ- ମାର୍ଜିତ। ମୁଖର ଦକ୍ଷିଣ ପଟେ - ପ୍ରେମିକ, ବିଳାସୀ। ମୁଖର ବାମ ପଟେ - ପ୍ରବାସୀ ଓ ଲମ୍ପଟ। ମୁଖ ନିମ୍ନରେ- ଲୋଭୀ। ଓଠ ତଳେ - ପ୍ରେମିକ। ଗାଲର ଦକ୍ଷିଣ- ନିରହଙ୍କାରୀ। ଗାଲର ବାମରେ - ପରିଶ୍ରମୀ ଓ ପରିତ୍ୟକ୍ତ। ଗଳ ଦେଶରେ - ଆକସ୍ମିକ ଧନ ଲାଭ ଓ ପ୍ରତିଷ୍ଠା ଲାଭ। କଣ୍ଠରେ - ବିବାହ ପରେ ସୌଭାଗ୍ୟ। ଦକ୍ଷିଣ ବାହୁ - ଭାଗ୍ୟବାନ। ବାମ ବାହୁ - ହୀନ କର୍ମା। ଉଭୟ ବାହୁ - କୂଳ ଶ୍ରେଷ୍ଠ। ଦକ୍ଷିଣ ବକ୍ଷ - ଦୁର୍ବିପାକରେ ସର୍ବସ୍ୱାନ୍ତ। ବାମ ବକ୍ଷ - ଉଗ୍ର ପ୍ରକୃତି ଓ ଅଳସୁଆ। ବକ୍ଷ ମଧ୍ୟେ - କାର୍ଯ୍ୟ ସିଦ୍ଧି। ନଖ — ଦୁଃଖୀ। କର ତଳେ - ଗୋଟିଏ ଚିହ୍ନ - ରାଜା ତୁଲ୍ୟ ସମ୍ମାନ। ଦୁଇଟି ଚିହ୍ନ - ଧନୀ। ତିନୋଟି ଚିହ୍ନ - ରୋଗୀ। ଅଧିକ ଚିହ୍ନ- ବହୁ ସନ୍ତାନ। ପିଠିରେ- ପରୋପକାରୀ। କାଖରେ- ଭାବୁକ। ପେଟର ଦକ୍ଷିଣରେ - ଭାଗ୍ୟବାନ ଓ ଦାନୀ। ପେଟର ବାମରେ - ଦରିଦ୍ର ଓ ରୋଗୀ। ପାଦ ତଳେ- ଶିକ୍ଷିତ ଓ ବିଦେଶ ଯାତ୍ରା। ଏହିପରି ଖନା ବଚନରେ ଲିଖିତ ବାଣୀ କେବେ ଅନ୍ୟଥା ନୁହଁଇ। ଏହା ଆମେ ଓ ଆମ ପୂର୍ବପିଢି ମଧ୍ୟ ଜାଣିଛନ୍ତି। ତେବେ ଅତ୍ୟାଧୁନିକ ଯୁଗରେ ଏକଥାକୁ କେତେକ ବିଶ୍ୱାସ କରନ୍ତି ନାହିଁ ତଥା ଏବେ ପିଢିଏ କଥା ଜାଣି ନାହାଁନ୍ତି କାରଣ ସେମାନଙ୍କ ପିତା ମାତା ଏକଥା ସେମାନଙ୍କୁ ଜଣାଇ ନଥାନ୍ତି। କିନ୍ତୁ ଖନା ବଚନ ହେଉ ଅବା ଜ୍ୟୋତିଷ ଶାସ୍ତ୍ର ତଥା ଜ୍ୟୋତିର୍ବିଜ୍ଞାନ ନିଶ୍ଚିତ ରୂପେ ବିଜ୍ଞାନ ସମ୍ମତ। ଏଥିରୁ ଅନୁମେୟ ଯେ ଆମ ପୂର୍ବ ପୁରୁଷଙ୍କ ଚିନ୍ତାଧାରା ଓ ଜ୍ଞାନ କେତେ ଉନ୍ନତ ଯାହାକୁ ଆମେ ଓ ଆମ ପର ପିଢି ଜାଣିବା ଦରକାର।



ଉମରକୋଟ, (ଭାସ୍କର ନ୍ୟୁଜ୍): ସହର ମୁଖ୍ୟ ରାଜରାସ୍ତା ଏନ୍‌ଏଚ୍ ୩୯ରେ ଧୀରେଧୀରେ ଗ୍ରାସ କରୁଛି କୁଷ୍ଠ ରୋଗ। ସମସ୍ତ ସରକାରୀ ବାବୁ ଅଫିସର ମାନେ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଯାତାୟାତ କରନ୍ତି କିନ୍ତୁ ଦୃଷ୍ଟି ଥାଇ ବି ଏହି ରାସ୍ତାକୁ ଅଣଦେଖା କରୁଛନ୍ତି। ସହରର ଆରମ୍ଭରୁ ହିଁ ରାସ୍ତାର ଅବସ୍ଥା ଖାଲଖମାରେ ଭର୍ତ୍ତି। ଏହି ରାସ୍ତାରେ ସୃଷ୍ଟି ହୋଇଥିବା ଛଟିଆ ଖାଲ ଧୀରେଧୀରେ ବଢିବାରେ ଲାଗିଛି। ରାସ୍ତାର ଭୌଗଳିକ ଅବସ୍ଥା ମରଣଯନ୍ତାରେ ପାଲଟିଛି। ଏହି ରାସ୍ତାରେ ରାଜନେତା, ଜିଲ୍ଲା ଅଧିକାରୀ ସବୁ ସମୟରେ ଯିବାଆସିବା କଲେ ବି କୌଣସି ଅଧିକାରୀ ଓ ଜନ ନେତାଙ୍କ ଫରକ୍ ପଡୁନାହିଁ। ସାଧାରଣ ଜନତା ଏହା ଫଳରେ ପ୍ରତ୍ୟେକ ଦିନ ଛଟବଡ଼ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଏପଟେ ପୂର୍ତ୍ତ ବିଭାଗ ନୀରବଦ୍ରଷ୍ଟା ସାଜିଛି। ପୌର ପରିଷଦ ଅଧିକାରୀ ଧ୍ୱଣ୍ଡରା ମାରୁଛନ୍ତି, କିନ୍ତୁ ସୁନ୍ଦର୍ ଉମରକୋଟ ସ୍ଥାନେସ୍ଥାନେ ଲାଇଟିଙ୍ଗ ବୋର୍ଡ଼ ମାରିଛନ୍ତି। କିଛିଦିନ ପୂର୍ବେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏହି ରାସ୍ତା ଦେଇ ରାଇଘର ଗସ୍ତ କରିଥିଲେ କିନ୍ତୁ ଏହି ରାସ୍ତାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗକୁ ଆକ୍ଷେପ କରି କିଛି ପ୍ରତିକ୍ରିୟା ରଖି ନଥିଲେ। ତେବେ ରାସ୍ତାର ଅବସ୍ଥା କ'ଣ କୁଷ୍ଠରୋଗ ଭଳି ବ୍ୟାପିବ ନା ମନ୍ତ୍ରୀଙ୍କ ଆଦେଶରେ ପୂର୍ତ୍ତ ବିଭାଗ ମରାମତି କରି ମଲମ୍ ମାରିବ ରାସ୍ତାରେ।



# କେନାଲ ବନ୍ଧ ଭାଙ୍ଗି କୃତ୍ରିମ ବନ୍ୟା





ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ମାଛଗାଁ ମୁଖ୍ୟ କେନାଲ ବନ୍ଧ ତରିକୁନ୍ଦ ନିକଟରେ ଭାଙ୍ଗି ୨୦ ଫୁଟର ଘାଇ ହେବାରୁ ବ୍ୟାପକ ଅଞ୍ଚଳ ଜଳାନବ ହୋଇଛି। ପାଣିର ସୁଅ ପ୍ରବଳ ଥିବାରୁ ତରିକୁନ୍ଦ ପଞ୍ଚାୟତ ଅଫିସ ଗୃହ ଓ ପୋଲିସ ଫାଣ୍ଡିରେ ଆଣ୍ଠୁଏ ପାଣି ହେବା ସହିତ ଜାତୀୟ ରାଜପଥ ୫୫ ଉପରେ ଅଢେଇ ଫୁଟର ପାଣି ଚାଲିଛି। ଦିନ ୧.୩୦ରୁ ୨ଟା ଭିତରେ ଆକସ୍ମିକ ଭାବେ ମାଛଗାଁ କେନାଲ ବନ୍ଧ ଭାଙ୍ଗି ଯିବାରୁ ୨୦ରୁ ଉର୍ଦ୍ଧ ଘର ଜଳବନ୍ଦୀ ହୋଇଥିବା ସମୟରେ ବହୁ ଦୋକାନରେ ପାଣି ପସିଯାଇଛି ଓ ବ୍ୟାପକ ଚାଷଜମି ଜଳାନବ ହୋଇ ତରିକୁନ୍ଦ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଏଠାରେ ପ୍ରକାଶ ଥାଉକି ଗତ ୨୦୨୩-୨୪ ବର୍ଷରେ ମଧ ମାଛଗାଁ କେନାଲ ବନ୍ଧ ଭାଙ୍ଗି ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିଲା। ଜଳ ସେଚନ ବିଭାଗର ଦାୟିତ୍ୱହୀନତା, କେନାଲ ସଫେଇ ନାମରେ ଜେସିପି ଲଗାଇ ମାଟି ତାଡ଼ିଦେବା ଓ ଦୁର୍ବଳ କେନାଲ ବନ୍ଧରେ ଗାଡ଼ୱାଲ କରାନଯିବାରୁ ମାଛଗାଁ କେନାଲ କୂଳରେ ଥିବା ତରିକୁନ୍ଦ ବଜାର ଓ ଆଖପାଖ ଅଞ୍ଚଳ ବାରମ୍ବାର ବନ୍ଧ ଭାଙ୍ଗି ବ୍ୟାପକ କ୍ଷତିଗ୍ରସ୍ତ ହେଉଛି। ଏଠାରେ ପ୍ରକାଶ ଥାଉକି ଯେ ମାଛଗାଁ କେନାଲ ଓ ଶାଖା କେନାଲରେ ଜୁଲାଇ ୧୬ ତାରିଖ ସୁଦ୍ଧା ଜଳ ସେଚନ ନିମନ୍ତେ କେନାଲ ପାଣି ପହଞ୍ଚିବା କଥା ମାତ୍ର ଚଳିତବର୍ଷ ଜୁଲାଇ ୧୬ ତାରିଖ ପରିବର୍ତ୍ତେ ଜୁଲାଇ ୨୪ ତାରିଖରେ ମାଛଗାଁ ମୁଖ୍ୟ ଓ ଶାଖା କେନାଲରେ ପାଣି ଛଡାଯାଇଛି। ଜଳ ସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମାନେ କେନାଲ ବନ୍ଧ ତଦାରଖ ନକରି ମନମୁଖୀ ଭାବେ ଭରାପାଣି ଛାଡି ଦେବାରୁ ତରିକୁନ୍ଦ ଠାରେ ବନ୍ୟା ସୃଷ୍ଟି ହୋଇଛି। ଏଠାରେ ପ୍ରକାଶ ଥାଉକି ବାଲିଆ ସବ୍‌ଡ଼ିଭିଜନ ଅନ୍ତର୍ଗତ ତରିକୁନ୍ଦ କେନାଲ ବନ୍ଧର ଅବସ୍ଥା ଦେଖିବା ପାଇଁ ବିଭାଗୀୟ ଯନ୍ତ୍ରୀ ମାନେ ମଧ ଉପସ୍ଥିତ ନଥିଲେ। ଦିନ ୫ଟା ପରେ ବାଲିକୁଦା ସବ୍‌ଡ଼ିଭିଜନ ଦାଇତ୍ୱରେ ଥିବା ସହକାରୀ ଯନ୍ତ୍ରୀ କିଛି ଶ୍ରମିକକୁ ନେଇ କେନାଲ ବନ୍ଧ ମରାମତି କାମ ଆରମ୍ଭ କରିଛନ୍ତି। ତେବେ କେନାଲ ଘାଇ ଯୋଗୁଁ ତରିକୁନ୍ଦ ଅଞ୍ଚଳରେ ହୋଇଥିବା ବନ୍ୟାର କ୍ଷୟକ୍ଷତି କିଏ ଭରଣା କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସରୁନି ୯ ଉଚ୍ଚା ପୋଲ ନିର୍ମାଣ କାମ

# ବର୍ଷା ହେଲେ ଯୋଗାଯୋଗ ବିଚ୍ଛିନ୍ନ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଅବଧି ସରି ୪ବର୍ଷ ବିତିଗଲାଣି। ହେଲେ ୩୨୬ ନମ୍ବର ଜାତୀୟ ରାଜପଥର ୯ଟି ଉଚ୍ଚାପୋଲର କାମ ସରିବାର ନାଁ ଧରୁନି। ବର୍ଷା ହେଲେ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ୧୧୬ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋବିନ୍ଦପାଲି ଠାରୁ ମୋଟୁ ପର୍ଯ୍ୟନ୍ତ ପ୍ରାୟ ୧୫୮ କିମି ରାସ୍ତା ନିର୍ମାଣ ହେଉଛି ଓ ଏହି ଜାଗାରେ ୯ଟି ରଳାପୋଲ ନିର୍ମାଣ କାମ ଆଜିପର୍ଯ୍ୟନ୍ତ ଅଧପତରିଆ ପଡିରହିଛି। ପୋଲଗୁଡ଼ିକର ନିର୍ମାଣ କାମ ମାତ୍ର ୩୫ପ୍ରତିଶତ ସରିଛି। ଅନ୍ୟପକ୍ଷେ ବର୍ଷା ଯୋଗୁ ରାସ୍ତା ମଝିରେ ଖାଲଖମା ହୋଇ ମରଣଯନ୍ତା ପାଲଟିଛି। ମିଳିଥିବା ସୂଚନା ପ୍ରକାରେ ଜୟପୁର-ମାଲକାନଗିରି - ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ମାଲକାନଗିରି ଜିଲ୍ଲା ଦେଇ ଯାଇଛି। ରାସ୍ତା ସହିତ ୯ଟି ସ୍ଥାନରେ ଥିବା ତଳୁଆ ପୋଲକୁ ଭାଙ୍ଗି ସେଠାରେ ଉଚ୍ଚପୋଲ ନିର୍ମାଣ ପାଇଁ ତତ୍କାଳୀନ ସରକାର ଅନୁଦାନ ଦେଇଥିଲେ। ୨ଟି ସ୍ଥାନରେ ଜମି ଅଧିଗ୍ରହଣ ହୋଇପାରୁ ନଥିବାରୁ ପୋଇ କାମ ଆରମ୍ଭ ହୋଇନାହିଁ। ବଳକା ୭ଟି ସ୍ଥାନରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଇତିମଧରେ ଅବଧି ସରି ଦୀର୍ଘ ବର୍ଷ ବିତି ଗଲାଣି ହେଲେ ଏହା ଶେଷ ହୋଇପାରୁ ନାହିଁ। ଏଥିପାଇଁ ଲଗାଣବର୍ଷାରେ ମାଲକାନଗିରି ଜିଲ୍ଲା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ୯ଟି ଚଳୁଆ ପୋଲ ପ୍ରତିବର୍ଷ ବର୍ଷାଦିନେ ବନ୍ୟା ପାଣିରେ ବୁଡ଼ିଯାଉଛି। ଯଦ୍ୱାରା ମାଲକାନଗିରି, କାଲିମେଳା, ମୋଟୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଏହାର ପ୍ରତିକାର ପାଇଁ ସରକାରଙ୍କ ପକ୍ଷରୁ ପାଟ୍ଟାମ, ପୋଟେରୁ, କାଙ୍ଗୁରକୋଣ୍ଡା, ଏମରି-୯୦ ଏବଂ ଏମଭି-୯୬ ଠାରେ ନୂତନ ପୋଲ ନିର୍ମାଣ ପାଇ ୭୯ କୋଟି ବ୍ୟୟ ବରାଦ ହୋଇଛି। ଛତିଶଗଡ଼ ବିଲାସପୁରର ବ୍ରିଜେଶ ଅଗ୍ରୱାଲ କମ୍ପାନି ଏହି ନିର୍ମାଣ କରୁଛି। ୨୦୨୪ ଜୁନ ଶେଷରେ ନିର୍ମାଣ କାମ ସରିବା କଥା। ହେଲେ ୩୫ ପ୍ରତିଶତ କାମରେ ଅଟକି ରହିଛି। ବିଳମ୍ବ କରୁଥିବାରୁ ଦାୟିତ୍ୱ ନେଇଥିବା କମ୍ପାନିକୁ ଗତ ମାର୍ଚ୍ଚ ୨୦ ତାରିଖରେ ବାହାର କରିଦିଆ ଯାଇଛି। ତାଙ୍କ ସହ ହୋଇଥିବା ଚୁକ୍ତି ବାତିଲ କରାଯାଇ ନୂଆ ଟେଣ୍ଡର ଆହ୍ୱାନ କରାଯାଇଛି। ଠିକ ସେହିପରି ଏମଭି-୭, ଏମରି-୧୯, ଏବଂ ମହାରାଜପାଲ୍ଲୀ ପୋଲ ନିର୍ମାଣ ପାଇଁ ୩୭ କୋଟି ମଞ୍ଜୁର ହୋଇଥିଲା। ଛତିଶଗଡ଼ ବିଜାପୁର ଜିଲ୍ଲାର ଶିବଶକ୍ତି ଇଞ୍ଜିନିୟର ୱାର୍କସ କମ୍ପାନି ପକ୍ଷରୁ ନିର୍ମାଣ କରଯାଉଛି। ୨୦୨୫ ମେରେ ଅବଧି ସରିଯାଇଥିଲେ ମଧ କାମ ସରିପାରିନି। ଏହି ୪ଟି ପୋଲର ମଧ ସମାନ ସ୍ଥିତି ରହିଛି। ମାତ୍ର ୩୫ ପ୍ରତିଶତ କାମ ସରିଛି। ଅମଲାଯୋଡ଼ି ଓ ମହାରାଜପାଲୀ ପୋଲ ନିର୍ମାଣ ପାଇଁ ବନ ବିଭାଗ ପକ୍ଷରୁ ପରିବେଶ ଦିଅରେନ୍ସ ଓ ଜମି ଅଧିଗ୍ରହଣ ହୋଇପାରୁ ନଥିବାରୁ ନିର୍ମାଣ କାମରେ ବିଳମ୍ବ ହେଉଥିବା ଜଣାପଡିଛି। ଅନ୍ୟ ୭ଟି ପୋଲ ନିର୍ମାଣ କାମ ମନ୍ଥର ଗତିରେ ଚାଲୁଛି। ତୁରନ୍ତ ନିର୍ମାଣ କାମ ନହେଲେ ପୂର୍ବପରି ପୋଲଗୁଡିକ ବନ୍ୟା ଓ ବର୍ଷା ପାଣିରେ ବୁଡିଯାଇ ମାଲକାନଗିରି, କାଲିମେଳା, ଏମଭି-୭୯, ମୋଟୁ, ଜୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହେବ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଡି.ଏନ. ସୋନ୍ଧୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଅର୍ଥ ପରାମର୍ଶଦାତା ଡଃ ଡି.ଏନ.ସୋନ୍ଧୀ ଚଳିତ ଜୁଲାଇ ୩୧ ତାରିଖରେ ଅବସର ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ବୁଧବାର ଦିନ ପୂର୍ବାହ୍ନରେ ସ୍ଥାନୀୟ ପୋର୍ଟ ପେନସନର୍ସ ଆସୋସିଏସନ, ପାରାଦୀପ କାର୍ଯ୍ୟାଳୟ ପରିସରରେ ଆସୋସିଏସନ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ତାଙ୍କର ଦୀର୍ଘ ସୁସ୍ଥ ନିରାମୟ ଜୀବନ କାମନା କରାଯାଇଥିଲା। ଆସୋସିଏସନର ସଭାପତି ରବିନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ, ଉପସଭାପତି ଅନନ୍ତ କୁମାର ଦାସ ଓ ନିମାଇଁ ଚରଣ ରାଉତ, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, କୋଷାଧକ୍ଷ ଭାବଗ୍ରାହୀ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଦାସ, ନିରଞ୍ଜନ ସ୍ୱାଇଁ, ମହେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ରହି ଅବସର ହେବାକୁ ଯାଉଥିବା ସୋନ୍ଧୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସୋନ୍ଧୀ ପାରାଦୀପ ବନ୍ଦରରେ ନିଜ କାର୍ଯ୍ୟର ଅଭିଜ୍ଞତା ଓ କର୍ମଚାରୀମାନଙ୍କ ଭଲପାଇବା ସମ୍ପର୍କରେ ନିଜର ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ।

# ସରକାରୀ ସୁବିଧାରୁ ବଞ୍ଚିତ ରାଜକିଶୋର



ଆଳି, (ଭାସ୍କର ନ୍ୟୁଜ୍): ଓଳିଏ ଖାଇଲେ ଦି ଓଳି ଉପୋବାସ ରହନ୍ତି ଦି ପ୍ରାଣି। ଜଣଙ୍କର ଗୋଟେ ଗୋଡ଼ ନଥାଇ କୃତ୍ରିମ ଗୋଡ଼ ସାହାଯ୍ୟରେ ଚଳପ୍ରଚଳ କରିବାରେ ବହୁ କଷ୍ଟ ଅନୁଭବ କରୁଥିବା ବେଳେ ଅନ୍ୟ ଜଣେ ସ୍ନାୟୁ ଜନିତ ରୋଗରେ ପୀଡିତ ହୋଇ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅରେହିକଣା ପଞ୍ଚାୟତ ଅଧୀନ ବେଲସରପୁର ଗ୍ରାମରେ। ଗ୍ରାମର ହଳଧର ଧଳଙ୍କ ପୁଅ ରାଜକିଶୋର ଧଳ ବୟସ ପ୍ରାୟ ୬୧ବର୍ଷ ହେବ। ଏହି ଅତିକ୍ରାନ୍ତ ବୟସରେ ସେ ଆଜି ନିସହାୟ। ସେଥିରେ ପୁଣି ଦୀର୍ଘଦିନ ତଳେ ଏକ ଦୁର୍ଘଟଣାରେ ତାଙ୍କର ବାମ ଗୋଡ଼ ହରାଇ ବସିଛନ୍ତି। ପରିବାର କହିଲେ ରାଜକିଶୋର ଓ ତାଙ୍କ ପତ୍ନୀ ଗୀତା। ମନୁଷ୍ୟର ଅତ୍ୟାବଶ୍ୟକ ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ପାଇଁ ସରକାର କେତେ ଯେ କ'ଣ ଯୋଜନା କରୁଥିବା ବେଳେ ରାଜକିଶୋରଙ୍କ କ୍ଷେତ୍ରରେ ନା ଅଛି ପିନ୍ଧିବାକୁ ଭଲ କପଡା, ନା ଖାଇବାକୁ ଅଛି ଖାଦ୍ୟ ନା ଖରା, ବର୍ଷା, ଶୀତରୁ ମୁଣ୍ଡ ଗୁଞ୍ଜିବାକୁ ଅଛି ଖଣ୍ଡେ ଭଲ ଘର। ପାଲ ପକାଇ ରହିଥିବା ଘରେ ଲଗାଣ ବର୍ଷା ହେବା ଦିନଠାରୁ ସ୍ୱାମୀ, ସ୍ତ୍ରୀ ଦି'ଜଣ ରାତି ରାତି ଉଜାଗରରେ ସମୟ କାଟୁଛନ୍ତି। ବର୍ଷାହେବାରୁ ଘରେ ପାଣି ପଶି ଆସବାବ ପତ୍ର ନଷ୍ଟ ହୋଇଯାଉଛି। ସ୍ୱାଧୀନତାର ୭୯ବର୍ଷ ଅତିକ୍ରାନ୍ତ ପରେ ବି ସେ ଆଜି ପରାଧୀନ। ରାଜକିଶୋର ସୁଦୂର କଲିକତା ଯାଇ ଏକ କୃତ୍ରିମ ଗୋଡ଼ ସାହାଯ୍ୟରେ ଯାହା ମାଗିଯାଚି ଟଙ୍କା ଆଣନ୍ତି ସେଥିରେ ପାରିବାର ଚଳେ। ବାର୍ଦ୍ଧକ୍ୟ ଭତ୍ତା ଠାରୁ ଆରମ୍ଭ କରି ଭିନ୍ନକ୍ଷମ ଭତ୍ତା ପାଇଁ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟ ପରେ ସୁଦୂର ଆଳି ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଦଉଡି ଦଉଡି ଆଜି ଏ ଅତିକ୍ରାନ୍ତ ବୟସରେ ସେ ଥକି ଯାଇଛନ୍ତି। ଦୁଇଦୁଇ ଥର ଭୋଟ ପରିଚୟ ଅନଲାଇନରେ ଆବେଦନ କରିଥିଲେ ମଧ ତାହା ରିଜେକ୍ଟ ହୋଇଯାଇଛି। ରାସନ କାର୍ଡ ନ ଥିବାରୁ ରାସନ ସାମଗ୍ରୀ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ସେବାରୁ ବଞ୍ଚିତ ହେଉଛନ୍ତି। ସରକାରୀ କ୍ଷେତ୍ରରେ ସେ ଦଉଡି ଦଉଡି ନ ହେବାରୁ ଏବେ ଗଣମାଧମର ସାହାରା ନେଇଛନ୍ତି। ତେବେ ପ୍ରଶାସନିକ ଅଧିକାରୀ ଏହାକୁ ଦୃଷ୍ଟି ଦେଇ ରାଜକିଶୋରଙ୍କୁ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଭିନ୍ନକ୍ଷମ ଭତ୍ତା ଖଣ୍ଡେ ଯୋଗେଇ ଦେଲେ ଅଭାବି ଜୀବନରେ ବାକି ଜୀବନ କାଟିପାରନ୍ତେ ବୋଲି ଗ୍ରାମବାସୀ ମାନେ ନିବେଦନ କରିଛନ୍ତି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ଏ ସମ୍ପର୍କରେ ଉକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି କିପରି ରାଜକିଶୋରଙ୍କୁ ଖୁବ୍ ଶୀଘ୍ର ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦିଆଯିବ ସେ ବିଷୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

## ବିପଦ ସଙ୍କୁଳ କେନାଲ ଗାର୍ଡ଼ୱାଲରୁ ଷଣ୍ଢ ଉଦ୍ଧାର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ବୁଧବାର ନିଶ୍ଚିନ୍ତକୋଇଲି ଦଳିତ ସାହି ଠାରେ ବିପଦ ସଙ୍କୁଳ କେନାଲ ଗାର୍ଡ଼ୱାଲରୁ ନିଶ୍ଚିତ ମୃତ୍ୟୁ ମୁଖରୁ ୨ଟି ଷଣ୍ଢକୁ ଉଦ୍ଧାର କରାଯାଇଛି। କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଦ୍ୱାରା ନିଶ୍ଚିନ୍ତକୋଇଲି ଅଞ୍ଚଳରେ ବେପରୁଆ ଭାବେ କେନାଲରେ ଗାର୍ଡ଼ୱାଲ ନିର୍ମାଣ କରାଯାଇଛି। ଏହି ଗାର୍ଡ଼ୱାଲରେ କୌଣସି ଘୋଡଣୀ ଦିଆଯାଇ ନାହିଁ। ଏହି ଗାର୍ଡ଼ୱାଲଟି ଖୋଲାମେଲାରେ ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଛି। ଫଳରେ ଆଜି ୨ଟି ଷଣ୍ଢ ଏହି ବିପଦ ସଙ୍କୁଳ କେନାଲ ଗାର୍ଡ଼ୱାଲରେ ପଡି ଯାଇଥିଲେ। ତେବେ ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏହି ଷଣ୍ଢ ୨ଟିକୁ ନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ। ତେବେ ଏହି କେନାଲ ଉପରେ ଘୋଡଣୀ ପକାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ନାର୍ଯ୍ୟ ଦାବି ପାଇଁ ଆମରଣ ଅନଶନ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ରେଢୁଆ ସେବା ସମବାୟ ସମିତିର ସହ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ପ୍ରକାଶ କୁମାର ମହାପାତ୍ର ଧାନ ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗକୁ ନେଇ ୧୦.୧୦.୨୦୨୩ରେ ନିଲମ୍ବିତ ହୋଇଥିଲେ। ମାତ୍ର ୧୯.୯.୨୦୨୪ରେ ତତ୍କାଳୀନ ଏସଏଆର ସିଏସ ଗୁରୁ ପ୍ରସାଦ ବେହେରା ନିଲମ୍ବିତ ସହସମ୍ପାଦକ ପ୍ରକାଶ କୁମାର ମହାପାତ୍ରଙ୍କୁ ପୁନଃ ନିଯୁକ୍ତି ପାଇଁ ସୁପାରିଶ କରିଥିଲେ। ମାତ୍ର ସମବାୟ ସମିତିର ପରିଚାଳନା ପରିଷଦର ୧୩ ଜଣ ସଭ୍ୟ ମଧ୍ୟରୁ ୮ ଜଣ ବିରୋଧ କରି ଡିଆରସିଏସ କୁ ଚିଠି କରିଥିଲେ। ଏଭଳି ରାଜନୈତିକ ଉଦେଶ୍ୟ ଯୋଗୁଁ ନିଲମ୍ବିତ ସହସମ୍ପାଦକ ଚାକିରୀ ପାଇ ପାରିନଥିଲେ। ଅପରନ୍ତୁ ଚାକିରୀ କରିବା ସମୟରେ ଦେଇଥିବା ସମସ୍ତ କାଗଜପତ୍ର ଓ ସଭା ବହିଟି ଚିରି ଦିଆଗଲା। ଏଭଳି ସ୍ଥିତିରେ ନିଲମ୍ବିତ ସହସମ୍ପାଦକ ମାନସିକ ଭାରସାମ୍ୟ ହରାଇ ଚିକିତ୍ସା ହେବା ସହିତ ତାଙ୍କ ସ୍ତ୍ରୀ ଓ ପିଲାମାନେ ସମସ୍ୟାରେ ପଡୁଛନ୍ତି। ଏଭଳି ସ୍ଥିତିରେ ସମ୍ପୃକ୍ତ ସହସମ୍ପାଦକ ପ୍ରକାଶ କୁମାର ମହାପାତ୍ର ଆମରଣ ଅନସନରେ ସହକାରୀ ନିର୍ବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଦିନ ୧୦ଟା ଠାରୁ ବସି ରହିଥିଲେ ମଧ କର୍ତ୍ତୃପକ୍ଷ ତାଙ୍କ ପ୍ରତି ଦୃଷ୍ଟି ଦେଇନାହାନ୍ତି।

## ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କଲେ ମହିଳା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ଯ୍ୟାତନା ସହି ନପାରି ଜଣେ ମହିଳା ଭାର୍ଗବୀ ନଦୀକୁ ଡ଼େଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ବଳଙ୍ଗା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଜଣେ ପୀଡ଼ିତା ଜୀବନ ମୃତ୍ୟୁ ସହିତ ଦିଲ୍ଲୀ ଏମ୍ସ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ପୁଣି ଆଉ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ପାଇଁ ଅଡୁଆ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ନରୁଡ଼ା ଗ୍ରାମର ସନାତନ ଜେନାଙ୍କ ପତ୍ନୀ ନମିତା ଜେନା (୩୫) ବଳଙ୍ଗା ନିକଟସ୍ଥ ଭାର୍ଗବୀ ନଦୀ ପୋଲ ଉପରୁ ନଦୀକୁ ଡ଼େଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ନଦୀରେ ମହିଳା ଭାସି ଯାଉଥିବା ବେଳେ ସ୍ଥାନୀୟ ଲୋକ ମାନେ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ମହିଳା ବଳଙ୍ଗା ଭାର୍ଗବୀ ନଦୀ ପୋଲ ଉପରୁ ଡେଇଁବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖାଦେଇଛି। ପାରିବାରିକ କଳହରୁ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ବଳଙ୍ଗା ଥାନା ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ ଜାରି ରଖିବା ସହିତ ମହିଳାଙ୍କ ଶାଶୁଘର ପରିବାରକୁ ଜେରା କରିଥିବା ଜଣାପଡ଼ିଛି। ନଦୀରେ ବନ୍ୟା ପାଣି ଥିବାବେଳେ ଲୋକମାନେ ବହୁ କଷ୍ଟରେ ମହିଳାଙ୍କୁ ଉଦ୍ଧାର କରିଥିବା ପ୍ରତ୍ୟେକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି।



# ଭୁବନ ଏନ୍‌ଏସିର ଏକାଦଶ ସାଧାରଣ ବୈଠକ



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏକାଦଶ ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତାରେ ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ସମ୍ମାନିତ ଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ଭବାନୀ ଶଙ୍କର ବେହେରା ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଗତ ମାର୍ଚ୍ଚ ମାସ ଠାରୁ ଜୁନ ମାସ ମଧରେ ହୋଇଥିବା ବିଭିନ୍ନ ଖର୍ଚ୍ଚକୁ ପରିଷଦ ବୈଠକରେ ପାରିତ କରାଯାଇଥିଲା। ସ୍ୱାଧୀନତା ଦିବସ ଓ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। କାଉନସିଲର ମାନେ ରାସ୍ତା, ଡ୍ରେନ, ଷ୍ଟ୍ରୀଟଲାଇଟ୍, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ଆବାସ ଯୋଜନା ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ଆୟ ବୃଦ୍ଧି ପାଇଁ ରଗଡ଼ି ଛକ ଓ ବିଦ୍ୟୁତବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ହୋଇଥିବା ପିଣ୍ଡି ଓ ଦୋକାନ ଗୃହକୁ ଆବଣ୍ଟନ କରାଯିବାକୁ ଆଲୋଚନା ହୋଇଥିଲା। ଶେଷରେ ଏନ୍‌ଏସି ଉପାଧକ୍ଷା ମାନିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ୪ ଘଟିକା ସମୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ୯୭୨ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ପ୍ରତି ୱାର୍ଡରୁ ୩ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ଥିଲା। ଦୁଇଦିନ ମଧରେ ଅବଶିଷ୍ଟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ଆବାସ ଭିତ୍ତିଭୂମି ବିଶେଷଜ୍ଞ ଶଶି ଶେଖର ମହାପାତ୍ର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ନାରାୟଣପ୍ରସାଦ ପିଡବ୍ଲୁଡି ରାସ୍ତାର ଘୁଚାଙ୍ଗି ଛକ ନିକଟରେ ଆଜି ଅପରାହ୍ନ ସମୟରେ ଏକ ବାଇକ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ନାରାୟଣ ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଭଟ୍ଟାଗୋରା ଗ୍ରାମର ଟଙ୍କଧର ଭୋଇ ଓ ଆହତ ଜଣକ ଉକ୍ତ ଗ୍ରାମର ବସନ୍ତ ମଲିକ ବୋଲି ଜଣା ପଡିଛି। ସମାଜସେବୀ ପିନାକଧର ରଣା ଖବର ପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇ ଥିବାରୁ ସଂଗେ ସଂଗେ କନ୍ଧମାଳ ଦମକଳ ବାହିନୀକୁ ଖବର ଦେଇଥିଲେ। ଦୁଇ ଆହତଙ୍କୁ ଉଦ୍ଧାର କରି ଅଗ୍ନିଶମ ଗାଡ଼ିରେ ଚିକିତ୍ସା ପାଇଁ ଡାକ୍ତରଖାନା ନିଆ ଯାଇଥିଲା। ହେଲେ ସେଠାରେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗ୍ରାମାଞ୍ଚଳରେ କମୁଛି ବନ୍ୟାଜଳ, ବଢୁଛି ସମସ୍ୟା



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗରରେ ଲଗାଣ ବର୍ଷା ଦ୍ୱାରା ଧାମନଗର ବ୍ଲକରେ ୨୫ ପଞ୍ଚାୟତରେ ବିଭିନ୍ନ ଚାଷ ଜମିରେ ବର୍ଷା ଜଳ ବୁଡି ରହିଥିବା ବେଳେ ୪ଦିନ ତଳେ ବୈତରଣୀ ନଦୀରେ ବନ୍ୟା ଦ୍ୱାରା ଶାଖା ନଦୀ କୋଚିଳା, ଗେଙ୍ଗୁଟି ନଦୀରେ ବନ୍ୟା ଆସି ଏହି ବ୍ଲକର ପଧାନି, ଅର୍ଜୁନପୁର, ହସନାବାଦ, ସୋହଡା, ଖଡ଼ିପଦା, ଦଳାଙ୍ଗ ପଞ୍ଚାୟତରେ ବିଭିନ୍ନ ଚାଷ ଜମି ବୁଡ଼ିରହିଛି। ବନ୍ୟା ଛାଡିଥିଲେ ବି ଏଯାଏଁ ଗାଁ'ରୁ ବନ୍ୟାଜଳ କମୁ ନାହିଁ। ତଳିଆ ଅଞ୍ଚଳ ହସନାବାଦ ପଞ୍ଚାୟତରେ ଅନେକ ଗ୍ରାମ ଭିତରେ ପାଣି ରହିଛି। ବନ୍ୟା ସମୟରେ ପ୍ରଶାସନ ତରଫରୁ ପଲିଥିନ ଓ ଶୁଖିଲା ଖାଦ୍ୟ ଦିଆଯାଇଛି, କିନ୍ତୁ ବନ୍ୟାଞ୍ଚଳରେ ଥିବା ଗୋରୁଗାଈ ଭୋକରେ ଅଛନ୍ତି। ଏପର୍ଯ୍ୟନ୍ତ ବନ୍ୟାଞ୍ଚଳରେ ଥିବା ଗୋରୁଗାଈଙ୍କ ନିକଟରେ ଗୋଖାଦ୍ୟ ପହଞ୍ଚି ପାରିନାହିଁ। ଏ ଦିଗରେ ବ୍ଲକର ବିଡ଼ିଓଙ୍କ ସହ ଯୋଗାଯୋଗ କରାଯାଇଥିଲା ବେଳେ ସେ ଗୋଟେ ଦିନ ଭିତରେ ଗୋଖାଦ୍ୟ ପହଂଚିବ ବୋଲି କହିଥିଲେ। ପ୍ରକାଶ ଥାଉକି ବନ୍ୟାଜଳ ପୁରା ଛାଡି ନଥିବା ବେଳେ ବୁଧବାର ଦିନତମାମ ପ୍ରବଳ ବର୍ଷାରେ ଧାମନଗର ପୁରା ବେହାଲ ହୋଇଯାଇଛି। ଗୋରୁଗାଈ ଓ ଲୋକମାନେ ମଧ ଘରୁ ବାହାରିପାରି ନଥିଲେ। ଏତେ ବର୍ଷା ଯେ ସଙ୍ଗେସଙ୍ଗେ ଜିଲ୍ଲା ପ୍ରଶାସନ ଧାମନଗର ବ୍ଲକର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିଦେଇଥିଲେ। ତେବେ ବନ୍ୟାର ପ୍ରକୋପ ଏବେ ବର୍ଷା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବନ୍ୟାରେ ଉପରୋକ୍ତ ପଞ୍ଚାୟତରେ ବ୍ୟାପକ ଚାଷଜମି ନଷ୍ଟ ହୋଇଥିବା ବେଳେ ଚାଷ ଜମିରୁ ପାଣି ଖସୁ ନ ଥିବାରୁ କ୍ଷୟକ୍ଷତି ଆକଳନ କରିହେଉନ। ଦିନେ ଦୁଇଦିନ ମଧରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ବ୍ଲକ୍ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା କହିଛନ୍ତି।

# କୁଟୀରଶିଳ୍ପ ପାଲଟିଛି ବେଆଇନ କରତକଳ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଛତୁ ଫୁଟିଲା ପରି କରତ କଳ ଚାଲୁଥିବା ବେଳେ ବନ ବିଭାଗ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ନୀରବ ସାଜିବା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବଢ଼ି ଚାଲିଛି। କରତକଳ ମାଲିକକୁ ବନ ବିଭାଗ କ'ଣ ପାଇଁ ଘଣ୍ଟ ଘୋଡ଼ାଉଛି ତାହା ତଦନ୍ତ ସାକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିମାପଡ଼ା ଅଞ୍ଚଳରେ ଶତାଧିକ ବେଆଇନ କରତ କଳ ଚାଲୁଥିବା ବେଳେ ବିଶେଷ କରି ତୁଳସୀ ପୁରରେ ୫୦ରୁ ଊର୍ଦ୍ଧ୍ୱ ବେଆଇନ କରତ କଳ ଚାଲୁଛି। ଯାହାଦ୍ୱାରା କାଠ ଚୋରମାନେ ଗ୍ରାମ ଜଙ୍ଗଲରୁ କାଠ ଚୋରୀ କରି ଏଠାରେ ପେଶି ବାହାରକୁ ଚାଲାଣ କରୁଥିଲେ ମଧ ବେଆଇନ କରତ କଳ ଚଲଉ ଥିବା ବ୍ୟକ୍ତି ଓ ବନ ବିଭାଗଙ୍କ ମଧରେ ମାମୁଁ-ଭଣଜା ସମ୍ପର୍କ ସୃଷ୍ଟି ହୋଇଛି। ଏହି କାରଣରୁ କରତ କଳ ଚଳାଉ ଥିବା ବେଳେ ବ୍ୟକ୍ତି ବେଫିକର ଭାବେ କାହାକୁ ନ ମାନି ବେଆଇନ କରତ କଳ ଚଳାଉଛନ୍ତି। ଏହି କରତ କଳ ଚଳାଉ ଥିବା କେତେଜଣ ବ୍ୟକ୍ତି ରାଜନୀତିକ ଦଳ ସହିତ ସମ୍ପୃକ୍ତ ରହି ବିରୋଧୀ ଦଳର ଭୂମିକା ନିର୍ବାହ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ତୁଳସୀପୁର ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ବେଆଇନ କରତକଳ ଚାଲୁଥିବା ବେଳେ ବନ ବିଭାଗ ଓ ବେଆଇନ୍ କରତ କଳ ଚଲାଉ ଥିବା ବ୍ୟକ୍ତିଙ୍କ ମଧରେ ମଧୁଚନ୍ଦ୍ରିକା ଚାଲୁଥିବା ବାରି ହୋଇପଡ଼ିଛି। ଯାହାପାଇଁ ବନ ବିଭାଗ ଜାଣିଶୁଣି ତୁଳସୀପୁର ନିକଟରେ ଚାଲୁଥିବା କରତ କଳ ଉପରେ ଚଢ଼ଉ କରୁ ନାହିଁ। ଯାହାପାଇଁ ବେଳକୁ ବେଳ ବେଆଇନ କରତ କଳର ସଂଖ୍ୟା ବଢ଼ିବାରେ ଲାଗିଛି। ବେଆଇନ କରତ କଳ ନିମାପଡ଼ା ଅଞ୍ଚଳରେ କୁଟୀର ଶିଳ୍ପରେ ପରିଣତ ହୋଇଛି। ବାହାରଣା ପଞ୍ଚାୟତ ଖେଳାର ନିକଟରେ ଦୁଇଟି କରତ କଳ ରଏଡ଼ ବଜାର ନିକଟରେ ଦୁଇଟି କରତ କଳ, ନିମାପଡ଼ାରେ ତିନୋଟି କରତ କଳ, କଳାପାଞ୍ଚଣ ପଞ୍ଚାୟତରେ ୬ଟି କରତ କଳ, ଡ଼େଙ୍ଗୁଆଁ ପଞ୍ଚାୟତରେ ଦୁଇଟି କରତ କଳ ଏହି କରତ କଳ ମାନଙ୍କରେ କାଠ ପେଶା ଯାଇ ଟ୍ରକ୍ ଓ ୪୦୭, ପିକ୍‌ଅପ୍ ବୋଲେରୋରେ ବାହାରକୁ ଚାଲାଣ କରାଯାଉଛି। କେତେକ ବ୍ୟକ୍ତି ଆଦେଶ ନ ଆଣି ବେଆଇନ କାଠ ଗୋଲା ନିର୍ମାଣ କରି ସେଠାରେ ଚୋରୀ କାଠ ରଖି ବିକ୍ରି କରୁଛନ୍ତି। ଏହି କାଠ ଗୋଲା ମାନଙ୍କରେ ମୂଲ୍ୟବାନ କାଠ ପଣସ, ଗମ୍ଭାରୀ, ଆମ୍ବ, ଶାଗୁଆନ, ଶାଳ, ପିଆଶାଳ ଗଚ୍ଛିତ ରଖିଛନ୍ତି। ବିଦ୍ୟୁତ ବିଭାଗ ମଧ ବେଆଇନ କରତ କଳକୁ ବିଦ୍ୟୁତ୍ ସଂଯୋଗ ଦେଇ ମୋଟା ଅଙ୍କ ହାତେଇଛି। କେତେଜଣ କର୍ମଚାରୀ କରତ କଳ ଚାଲୁଥିବା ସ୍ଥାନରେ ଟହଲ ମାରୁଛନ୍ତି। ବନ ବିଭାଗ ମଧ କରତ କଳ ମାଲିକଙ୍କ ସହିତ ବୁଲୁ ଥିବାର ଶୁଣିବାକୁ ମିଳିଛି। ଅନେକ ସମୟରେ ଏହି କରତକଳ ମାନଙ୍କରେ କାଠ ବିକ୍ରି ସାଙ୍ଗକୁ ନିଶା କାରବାର ବୃଦ୍ଧି ପାଉଥିବା ଜଣାପଡ଼ିଛି।

## ଟ୍ୟୁସନ୍ ସାର୍ ଗଲେ ଜେଲ୍

ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଚାନ୍ଦବାଲି ଥାନା ଅନ୍ତର୍ଗତ ଚନ୍ଦନ ବିନ୍ଧା ଗ୍ରାମରେ ଜଣେ ଟ୍ୟୁସନ୍ ସାର୍ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଚରଣ କରିଥିବା ନେଇ ସମ୍ପୃକ୍ତ ନାବାଳିକାର ବାପା ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରାପ୍ତ ଖବର ଅନୁଯାଇ ସମ୍ପୃକ୍ତ ଛାତ୍ରୀ ଜଣଙ୍କୁ ସେହି ଗ୍ରାମର ଅଜିତ ଭୋଇ ନାମକ ଜଣେ ଯୁବକ ପରୀକ୍ଷା ଆଳ ଦେଖାଇ ସନ୍ଧ୍ୟା ୬ଟା ବେଳେ ଟ୍ୟୁସନ୍ ଆସିବାକୁ ଫୋନ କରିଥିଲେ। ପରେ ଝିଅଟି ଟ୍ୟୁସନ ଆସିବା ପରେ ଅସଦାଚରଣ କରିଥିଲେ। ଏନେଇ ସମ୍ପୃକ୍ତ ନାବାଳିକା ଜଣକ ନିଜ ଘରେ କହିବା ପରେ ନାବାଳିକାର ବାପା ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ବୁଧବାର ସମ୍ପୃକ୍ତ ଯୁବକକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀଙ୍କ ନିକଟରୁ ପ୍ରକାଶ କରାଯାଇଛି।



କେନ୍ଦୁଝର, (ଭାସ୍କର ନ୍ୟୁଜ) : ଧରତୀ ଆବା ଜନଜାତୀୟ ଗ୍ରାମୀଣ ଉତ୍କର୍ଷ ଯୋଜନା ଅଧିନରେ ଚଳିତ ଜୁଲାଇ ୨୯ ତାରିଖ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଉପରେ ଏକ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କେନ୍ଦୁଝର ଆଇଟିଡିଏ ତରଫରୁ ୧୮୦ଟି ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜୀବନଜୀବିକା ଓ ଆଦିବାସୀମାନଙ୍କର ଆର୍ଥିକ ବିକାଶ କିପରି ହୋଇପାରିବ ତାହା ଉପରେ ଆଲୋଚନା କରିବା ସହିତ ତାଲିମ ପ୍ରଦାନ କରାଯାଇଥିଲା । ସେହି ଗ୍ରାମ ଗୁଡିକରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନ ଅନୁସାରେ ସଂପୃକ୍ତ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ, ପରିଚାଳନା ଓ ଆର୍ଥିକ ବୃଦ୍ଧି ଉନ୍ନତି ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରକାରର ପରାମର୍ଶ ଦେଇଥିଲେ । ଆଇଟିଡିଏ କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ପୁନମ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦପୁର, କେନ୍ଦୁଝର ଓ ଚମ୍ପୁଆ ଉପଜିଲ୍ଲାପାଳ, ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ବିଭାଗର କାର୍ଯ୍ୟକ୍ରମ ସଂଯୋଜକ ବାଳକୃଷ୍ଣ ସାହୁ ଓ ଏଫଇଏସ୍ ସ୍ୱେଚ୍ଛାସେବୀ ସଂଗଠନର ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ବର୍ଣ୍ଣ ବୈଭବ ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ଶିବିରରେ ୧୩ଗୋଟି ତହସିଲର ତହସିଲଦାର, ସମସ୍ତ ବନାଞ୍ଚଳ ଅଧିକାରୀ, ସମସ୍ତ ବ୍ଲକ ମଣ୍ଡଳ ସଂପ୍ରସାରଣ ଅଧିକାରୀ, ତେଲକୋଇ ତହସିଲ ଅଧିନସ୍ଥ ୬ଗୋଟି ଗ୍ରାମର ଜଙ୍ଗଲ ଅଧିକାର କମିଟିର ସଭ୍ୟ ଓ ଜଙ୍ଗଲ ଜମି ଅଧିକାର ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

# ମିଳିତ ପ୍ରାଥମିକ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୧୧ଦଫା ଦାବିପତ୍ର

ଆସିକା, (ଭାସ୍କର ନ୍ୟୁଜ) : ଆସିକା ମିଳିତ ପ୍ରାଥମିକ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ୧୧ ଦଫା ଦାବିପତ୍ର ପ୍ରାଦନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଙ୍ଘର ସଭାପତି ସନ୍ତୋଷ କୁମାର ସେଠି, ଉପସଭାପତି ଶିବ ଶଙ୍କର ଜେନା, ରଞ୍ଜିତା ପାତ୍ର କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପ୍ରଧାନ, ସରୋଜ କୁମାର ନାୟକ, ଟୁଲୁ ବେହେରା, ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ କୁମାର ବେହେରା, ରାମନାଥ ପଟ୍ଟନାୟକ, ପଦ୍ମ ସେଠୀ, ସୁନୀଲ କୁମାର ମିଶ୍ର, କାଳୀଚରଣ ପଟ୍ଟନାୟକ, ବଂଶୀଧର ବେହେରା, ଲୀତା ଜେନା, ସୁପ୍ରଭା ସାହୁ, ଅନିତା ପଟ୍ଟନାୟକ, ସିମାଞ୍ଚଳ ସେଠିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସଙ୍ଘ ପ୍ରଦାନ କରିଥିବା ଦାବି ଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବିଦ୍ୟାଳୟରେ ବ୍ୟବହାର ପାଇଁ ଟାବଲେଟ୍ ପାଇଁ ସିମ୍ ଏବଂ ଇଣ୍ଟରନେଟ୍ ସୁଚାରୁ ରୂପେ ଯୋଗାଇ ଦେବା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟାବଲେଟ୍ ଯୋଗାଇଦେବା । ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀ ପ୍ରାୟ ଦିନ ୧୧.୩୦ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସୁଛନ୍ତି । ସେହି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପକାଇବା ସୁବିଧା ୟୁନିଫାଇଟ୍ ଅଟୋମେସେନ୍ ସିଷ୍ଟମରେ ଉପଲବ୍ଧ ତେଣୁ ଏହାର ଅନ୍ୟ ପନ୍ଥା ବାହାର କରିବା । ସ୍ୱଳ୍ପ ଦରମାରେ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ପରିବାର ପ୍ରତିପୋଷଣ କରିବା କଷ୍ଟକର ତେଣୁ ନିଜସ୍ୱ ଖର୍ଚ୍ଚରେ ରିଚାର୍ଜ କରିବା ସମ୍ଭବ ପର ନୁହେଁ । ଶିକ୍ଷଣ ସମୟ ଅପଚୟ କରି କମ୍ପ୍ୟୁଟର୍ କିମ୍ବା ମୋବାଇଲ୍ ଡାଟା ଅପଲୋଡ୍ କରିବା ଦ୍ୱାରା ଶିକ୍ଷଣ କ୍ଷେତ୍ରରେ ବାଧା ସୃଷ୍ଟି ହେବ ତେଣୁ ଡାଟା ଏଣ୍ଟ୍ରି ଅପରେଟରଙ୍କ ଆବଶ୍ୟକତାକୁ ପୁରଣ କରିବା । ପୁନଃଶ୍ଚ ଓଡିଶା ସରକାରଙ୍କ ଅଧୀନସ୍ଥ ପ୍ରତି ବିଭାଗରେ ଏହି ବ୍ୟବସ୍ଥା ଲାଗୁ ହୋଇନଥିବା ବିଦ୍ୟାଳୟମାନଙ୍କରେ ଲାଗୁ କରିବା ସତ୍ତ୍ୱେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ସ୍ପଷ୍ଟ ଅନୁମେୟ ହେଉଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ପ୍ରତି ବିଦ୍ୟାଳୟ ଶିଶୁ ବାଟିକା ଖୋଲା ଯାଇଥିଲେ ମଧ୍ୟ ଉକ୍ତ ଶ୍ରେଣୀ ପାଇଁ ଅଦ୍ୟାବଧି ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି । ପ୍ରାଥମିକ କିମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଯାବତ୍ ନିୟମାନୁସାରେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ । ବର୍ଷ ବର୍ଷ ଧରି ଶିକ୍ଷକତା କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ଓଟିଇଟି ଭଳି ବ୍ୟବସ୍ଥାକୁ ବନ୍ଦ କରିବା । ୟୁନିଫାଇଡ୍ ଅଟୋମେସନ୍ ସିଷ୍ଟମ୍ ଲାଗୁ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାନସିକ ନିର୍ଯ୍ୟାତନା ଦିଆଯାଉଛି । ଶିକ୍ଷକମାନଙ୍କୁ ନିର୍ଦ୍ଧାରିତ ପାଠ୍ୟକ୍ରମର ବିହିଃର୍ଭୁତ କାର୍ଯ୍ୟରେ ନିୟୋଜନ ନକରିବା ପାଇଁ ଅନୁରୋଧ କରିବା, ୨୨ଟି ରାଜ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା ୪୨୦୦ ଗ୍ରେଡ୍‌ପେ ପ୍ରଦାନ କରୁଥିବା ସ୍ଥଳେ ଆମ ବିଭାଗ ଚିର ନିଦ୍ରାରେ ଶୋଇପଡ଼ି ହଠାତ୍ ୟୁନିଫାଇଡ୍ ଅଟୋମେସନ୍ ସିଷ୍ଟମ ଲାଗୁ କରିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## ଶିକ୍ଷକଙ୍କ ବଦଳିକୁ ଛାତ୍ରଛାତ୍ରୀଙ୍କ ବିରୋଧ

# ବିଦ୍ୟାଳୟରେ ପକାଇଲେ ତାଲା

ବାଙ୍କୀ,(ଭାସ୍କର ନ୍ୟୁଜ) : କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡରେ ଥିବା ଦୁଇ ଗୋଟି ବ୍ଲକ ଶିକ୍ଷା ବିଭାଗ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ବଦଳିକୁ ନେଇ ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅବିଭାବକ ମାନେ ତାଲା ପକାଇବା ଘଟଣା ଏବେ ଚର୍ଚ୍ଚାକୁ ଆସିଛି । ଆଜି ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତରେ ଥିବା ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉପ୍ରା ବିଦ୍ୟାଳୟରେ । ଏହି ବିଦ୍ୟାଳୟର ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟତ୍ରୀଙ୍କ ବିନା ଜାଣତରେ ହଠାତ୍ ଗତ ଶନିବାର ଦିନ ଅନ୍ୟତ୍ର ବିଦ୍ୟାଳୟକୁ ବଦଳି କରିଥିବା ନେଇ



ଖବର ପାଇବା ପରେ ଛାତ୍ରଛାତ୍ରୀ ଓ ଅବିଭାବକ ମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସୋମବାର ଦିନ ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀ ଓ ଅବିଭାବକ ମାନେ ତାଲା ପକାଇ ବଦଳି ହୋଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଫେରାଇ ଆଣିବାକୁ ଦାବି କରିବା ସହ ପ୍ରତିବାଦ କରିଥିଲେ । ଏଭଳି ଖବର ପାଇବା ପରେ ମଧ୍ୟ ଶିକ୍ଷା ବିଭାଗର କୌଣସି ଅଧିକାରୀ ପହଞ୍ଚି ନଥିଲେ । ଏଭଳି ଖବର ପାଇବା ପରେ ଅତିରିକ୍ତ ତହସିଲ ଦାର ସୋନମ୍ ପ୍ରିୟଦର୍ଶିନୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଛାତ୍ରୀ ଛାତ୍ର ଓ ଅବିଭାବକ ମାନେ ପ୍ରତିବାଦ ରୁ ଓହୋରିଥିଲେ ।

# ଶ୍ରମିକଙ୍କ ପୁନଃନିଯୁକ୍ତି ଓ ବକେୟା ରାଶି ପ୍ରଦାନ ଦାବି

କେନ୍ଦୁଝର, (ଭାସ୍କର ନ୍ୟୁଜ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଏମ୍‌ଏସ୍‌ପି କାରଖାନାରେ କାର୍ଯ୍ୟରତ ଛଟେଇ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଓ ଅବସର ପରେ ବକେୟା ରାଶି ପ୍ରଦାନ ଦାବିରେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏ ବାବଦରେ ମେ ୨୯ରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ସମାଧାନ କରାନଯାଇ ପ୍ରତ୍ୟେକ ବର୍ଷ ଶ୍ରମିକ ମାନଙ୍କୁ ଛଟେଇ କରାଯାଉଥିବା ଅଭିଯୋଗ ହୋଇଛି । ୨୦୨୩ ଅକ୍ଟୋବରରେ ୧୫ଜଣ ସମେତ ଚଳିତ ବର୍ଷ ମିଶି ୨ଶହରୁ ଊର୍ଦ୍ଧ୍ୱ ଶ୍ରମିକ ମାନଙ୍କୁ ଛଟେଇ କରାଯାଇଛି । ରାଜକିଶୋର ମିଶ୍ର, ତପନ କୁମାର ପ୍ରଧାନ, ରାଜେଶ ମୁଣ୍ଡା ଶ୍ରମିକଙ୍କୁ ମନଇଚ୍ଛା ବାହାର କରି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏହାଛଡା ୧୫ରୁ ଊର୍ଦ୍ଧ୍ୱ ଶ୍ରମିକମାନଙ୍କ ବକେୟା ଅର୍ଥ ରାଶି ପ୍ରଦାନ କରାନଯାଇ ହଇରାଣ କରାଯାଉଥିବା ଜଣାପଡିଛି । ସେନେଇ ସ୍ଥାନୀୟ ସରପଞ୍ଚ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ




ଅଭିଯୋଗ କରିଥିଲେ ହେଁ କମ୍ପାନୀ କୌଣସି ସମାଧାନ କରୁନି । ବେଆଇନ ଭାବେ ଛୋଟେଇ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଓ ଅବସର ଶ୍ରମିକଙ୍କ ବକେୟା ଅର୍ଥ ପ୍ରଦାନ, ଦୀର୍ଘ ବର୍ଷ ଧରି ଠିକାଦାର ଅଧିନରେ କାର୍ଯ୍ୟ କରି ଆସୁଥିବା ଶ୍ରମିକମାନଙ୍କୁ ସ୍ଥାନୀୟ ନିଯୁକ୍ତି ଏବଂ ଅଗ୍ରାଧିକାର । ସର୍ବନିମ୍ନ ମଜୁରୀ, ସିଟିସି ଉଚ୍ଛେଦ, ସପ୍ତାହିକ ଛୁଟିର ଦରମା ପ୍ରଦାନା, ଶ୍ରମିକ ମାନଙ୍କୁ ସୁରକ୍ଷା ଉପକୋରଣ ପ୍ରଦାନ, ଟିଏ, ଡିଏ, ଏଚ୍‌ଆର୍ ଓ ଧୂଳିଧୂଆଁ ବାବଦକୁ ଅର୍ଥ ପ୍ରଦାନ ଆଦି ଦାବି କରିଛନ୍ତି । ଏହାର ନକଲ କେନ୍ଦୁଝର ଜିଲା ଶ୍ରମ ଅଧିକାରୀ, ସଦର ଥାନା ଅଧିକାରୀ, ଜିଲା ପୁଲିସ ଆରକ୍ଷୀ,କେନ୍ଦୁଝର ସିଟିଜେନ ଫୋରମ ସଭାପତି, ଗୋବର୍ଦ୍ଧନ ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି । ମଙ୍ଗଳବାର ତପନ କୁମାର ପ୍ରଧାନ, ରାଜକିଶୋର ମିଶ୍ର, ଦ୍ୱାରିକା ପାତ୍ର, ମଧୁସୂଦନ ସାହୁ, ଧନେଶ୍ୱର ମହାନ୍ତ, ହୃଦାନନ୍ଦ ମହାନ୍ତ, ସନାତନ ନାଏକ, ଦୁଃଶାସନ ଗିରି ପ୍ରମୁଖ ଶ୍ରମିକ ଉପସ୍ଥିତିରେ ଏହି ଦାବିପତ୍ର ଦିଆଯାଇଥିଲା ।

# 'ବିଜ୍ଞାନର ବିକାଶରେ ଦେଶର ପ୍ରଗତି'

ବୋଲଗଡ଼, (ଭାସ୍କର ନ୍ୟୁଜ) : ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ବୋଲଗଡ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସ୍କୁଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସ୍କୁଲ ପରିଚାଳନା କମିଟିର ସଭାପତି ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ, ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଦେବ ପ୍ରସାଦ ସାହୁ, ବିଦ୍ୟାଳୟର ବିଜ୍ଞାନ ପ୍ରମୁଖା ସୁଶ୍ରୀ ରଶ୍ମିତା ରଣସିଂହ ଉପସ୍ଥିତ ରହି ମା ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁବିଜ୍ଞାନ ମେଳାକୁ ସଂଯୋଜନା କରି ପରିଚାଳନା କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୧୮୨ ଜଣ କୁନି ବୈଜ୍ଞାନିକ ମାନେ ବିଭିନ୍ନ ବିଭାଗ ଯଥା ସଂସ୍କୃତି ଜ୍ଞାନ ବିଜ୍ଞାନ ଓ ବୈଦିକ ଗଣିତ ବିଭାଗରେ ଅଂଶ ଗ୍ରହଣ କରିନିଜ ନିଜର ବିଜ୍ଞାନ ପ୍ରତିଭାକୁ ପ୍ରଦର୍ଶନ କରିଥିଲେ । କନିଷ୍ଠ ବର୍ଗର ବିଜ୍ଞାନ ପ୍ରକଳ୍ପ ୪୪ ଟି ଶିଶୁ ବର୍ଗ, ୨୬ ଟି ବାଲ ବର୍ଗ, ୨୦ଟି କିଶୋର ବର୍ଗର ୪ ଟି ବିଜ୍ଞାନ ପ୍ରକଳ୍ପ ଏହି ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା । ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ବୈଜ୍ଞାନିକ ମାନେ ଆଗାମୀ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି । ମନୋନୀତ ଶିଶୁ ବୈଜ୍ଞାନିକ ମାନଙ୍କୁ ସମାରୋହ ଉତ୍ସବରେ ପରିଚାଳନା ସମିତିର ସଭାପତି ସମ୍ପାଦକ ମୁଖ୍ୟ ଅତିଥି ବାସୁଦେବ ବେହେରା ଓ ପରିଚାଳନା ସମିତିର ସଦସ୍ୟା ଗୀତାଞ୍ଜଳି ଦଳାଇ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରିଛନ୍ତି ।



# ଟାଇକୋଣ୍ଡୋ ଚମ୍ପିଆନସିପ୍‌ରେ ଚମକିଲେ ଗଞ୍ଜାମ ଛାତ୍ରୀ




ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ) : ୨୦୨୫ ବର୍ଷ ପାଇଁ ସିବିଏସ୍‌ଇର ଆଞ୍ଚଳିକ ଟାଇକୋଣ୍ଡୋ ଚମ୍ପିଆନସିପ୍ ୨୪ ରୁ ୨୬ ତାରିଖ ଯାଏ ମେଘାଳୟର ଶ୍ରୀଲଙ୍ଗ ସହରରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବି.ଡି.ଡବ୍ଲୁ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶା, ଆସାମ, ଛତିଶଗଡ, ମେଘାଳୟ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବିଭିନ୍ନ ବିଭାଗରେ ପ୍ରାୟ ୬୦୦ ଛାତ୍ରଛାତ୍ରୀ କ୍ରୀଡାରେ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ଓଡିଶା ରାଜ୍ୟ ର ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ସହରର ଦିବ୍ୟାଂଶୀ ବେହେରା ୧୪ ବର୍ଷରୁ କମ୍ ବର୍ଷ ତାଏକୋଣ୍ଡୋ ଖେଳାଳି ଭାବେ ଭାଗ ନେଇ ବ୍ରୋଞ୍ଜ ପଦକ ପାଇ ଗୌରବ ଅର୍ଜନ କରିପାରିଛନ୍ତି । କ୍ରୀଡା ପ୍ରଶିକ୍ଷକ ଇ ଲଳିତ କୁମାରଙ୍କ ପ୍ରେରଣା ରେ ଅନ୍ତଃ ରାଜ୍ୟ କ୍ରୀଡା ରେ ଅଂଶଗ୍ରହଣ କରି ୪ର୍ଥ ରାଉଣ୍ଡରେ ମେଘାଳୟ ଛତିଶଗଡ, ଆସାମ ଓ ଓଡ଼ିଶା ଖେଳାଳଙ୍କ ସହ ଖେଳି ଦିବ୍ୟାଂଶୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଗଞ୍ଜାମ କ୍ଲୋରଫିଲ୍ ସ୍କୁଲ୍ ର ସପ୍ତମ ଶ୍ରେଣୀର ଛାତ୍ରୀ । ତାଙ୍କର ଏହି ସଫଳତାରେ ଟାଇକୋଣ୍ଡୋ ସଂଘ ର ଜିଲ୍ଲା ସମ୍ପାଦକ କେ ମନୋଜ ପ୍ରଧାନ, ଓଡିଶା ତାୟକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଏବଂ କୋଚ୍ ଇ ଲଳିତ କୁମାର କ୍ରୀଡ଼ିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଦିବ୍ୟାଂଶୀ ହେଉଛନ୍ତି ପୁରୁଷତମପୁର ର କଂଗ୍ରେସ ବିଧାୟକ ପାର୍ଥୀ ତଥା ଦକ୍ଷିଣ ଓଡିଶା ଏସସି ସେଲ ର ଅଧକ୍ଷ୍ୟ ଚିତ୍ରସନ ବେହେରା ଓ ମାତା ସୁଜାତା କୁମାରୀ ବେହେରା ଙ୍କ କନ୍ୟା ଯାହାକି ଦୀର୍ଘ ଚାରି ବର୍ଷ ଧରି ପୁରୁଷୋତ୍ତମପୁର ତାଇକୋଣ୍ଡେ ଏକାଡେମିରେ କୋଚ୍ ଶ୍ରୀ ଲଳିତଙ୍କ ପାଖରେ ପ୍ରଶିକ୍ଷଣ ନେଇ ଅନେକ ରାଜ୍ୟ ଜାତୀୟ ପ୍ରତିଯୋଗୀତା ଅନେକ ପଦକ ହାସଲ କରିଛନ୍ତି । ଏହା ଏକ ପୁରୁଷତମପୁର ମାଟିର ଗୌରବ ଅର୍ଜନ କରିଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳାଇ ଯାଇଛି ଓ ଅଭିନନ୍ଦନର ବାର୍ତ୍ତା ଛୁଟୁଛି ।

# ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ନାଗ ପଞ୍ଚମୀ ପୂଜା

ବଲାଙ୍ଗିର, (ଭାସ୍କର ନ୍ୟୁଜ) : ସ୍ଥାନୀୟ ଲୋକନାଥ ମନ୍ଦିର ମାଁ ମନସା ଦେବୀ ମନ୍ଦିରରେ ଶ୍ରାବଣ ମାସର ତୃତୀୟ ପାଳିରେ ନାଗ ପଂଚମୀ ପୂଜା ପାଇଁ ମନ୍ଦିରରେ ଭକ୍ତଙ୍କର ସୁଅ ଛୁଟିଥିଲା । ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ମନ୍ଦିରରେ ବେଶ୍ ଭିଡ ଜମିଥିଲା । ନାଗ ଦଂଶନରେ ବହୁତ ଲୋକଙ୍କ ଜୀବନ ଚାଲିଯାଉଥିବା ବେଳେ ବର୍ଷା ମାସରେ ଗାଁ ଠାରୁ ସହର ମଧ୍ୟରେ ସର୍ପ ଦଂଶନରେ ନିରିହ ଜୀବନ ହାନି ଘଟୁଛି । ଅନେକ ଲୋକ ମଧ୍ୟ ସର୍ପ ଦଂଶନ ଶିକାର ହେଉଛନ୍ତି । ଏଭଳି ସ୍ଥିତିରେ ଅନେକ ଲୋକ ଗୁଣି ଗାରେଡ଼ି କରି ସର୍ପ ଦଂଶନର ଚିକିତ୍ସା କରୁଛନ୍ତି । ଏଭଳି ଅନ୍ଧ ବିଶ୍ୱାସ ଉପରେ ବିଶ୍ୱାସ ନ କରି ସର୍ପ ଦଂଶନ କଲେ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲ୍ ଯାଇ ଚିକିତ୍ସା କରିବା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ନାଗ ପଂଚମୀ ପୂଜା କରଯାଇଥିଲା ଏବଂ ସମସ୍ତେ କରିବାକୁ ଆହ୍ୱାନ କରାଯାଇଛି । ଏହି ଦିନ ନାଗ ଦେବତାଙ୍କୁ ପ୍ରାର୍ଥନା କରି ପରିବାର ଓ ଧନ ଜୀବନର ସୁରକ୍ଷା ନିମନ୍ତେ ଗୋରସ ଅର୍ପଣ କରିଥାନ୍ତି । ଲୋକନାଥ ମନ୍ଦିର ପୂଜକ ଥନାପତି ଓ ବାଳମୁକୁନ୍ଦ ଥନାପତି ପୂଜା ଅର୍ଚ୍ଚନା କରିଥିଲେ । ଏଥିରେ ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ଦେବାଳୟ ସୁରକ୍ଷା କମିଟି ଅଧକ୍ଷ ଜୟକୃଷ୍ଣ ମିଶ୍ର, ପ୍ରକୃତି ମିତ୍ର ସୁଧୀର ମିଶ୍ର, ଶମ୍ଭୁ ଶତପଥି, ପ୍ରକୃତି ମିତ୍ର ପ୍ରଶାନ୍ତ ମହାକୁର, ନରେନ୍ଦ୍ର କବାଟ ଓ ମନରଂଜନ ପୁରୋହିତ ଉପସ୍ଥିତ ଥିଲେ ।




# ନାବାଳିକାର ଅସ୍ୱାଭାବିକ ମୃତ୍ୟୁକୁ ନେଇ ସନ୍ଦେହ

କନ୍ଧମାଳ, (ଭାସ୍କର ନ୍ୟୁଜ) : ଜୁଲାଇ ୨୯ ତାରିଖ ସନ୍ଧ୍ୟାରେ ଫୁଲବାଣୀର ପିଅନପଡା ଅଞ୍ଚଳର ଜନୈକ ୯ ବର୍ଷର ନାବାଳିକା ଝିଅର ଅସ୍ୱାଭାବିକ ମୃତ୍ୟୁ ଫଳରେ ସହରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ପାଇପ ଦୋକାନରେ କାମ କରିଥିବା ହୃଷିକେଶ ମହାପାତ୍ରଙ୍କ ୯ବର୍ଷର ସାନ ଝିଅ ଓଢଣୀରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରେ ବାପା ମାଆ ଓ ବଡ ଭଉଣୀ କେହି ନଥିଲେ । ଝିଅ ଟିଭି ଦେଖୁଥିଲା । କିନ୍ତୁ ସାତଟା ବେଳେ ବଡ ଭଉଣୀ ଟିଉସନରୁ ଫେରି ଦେଖିଲା ବେଳକୁ କବାଟ ଭିତର ପଟ ଝିଡ଼ିକିରେ ଜିଭ ବାହାର କରି ଝୁଲି ରହିଛି । ତତକ୍ଷଣାତ ବାପା ମାଆଙ୍କୁ ଡାକିବାରୁ ଆସି ଦେଖିଲା ବେଳକୁ ସବୁ ଶେଷ ହୋଇଯାଇଛି । ମାଆ ଓ ଭଉଣୀ ସମେତ ନିକ ସମ୍ପର୍କୀୟଙ୍କ କାନ୍ଦରେ ହସ୍ପିଟାଲ ଫାଟିପଡୁଛି । ଏକ କୋମଳ ନିଷ୍ପାପ ଶିଶୁ ଅକାଳରେ ଚାଲି ଯାଇଥିବାରୁ ପିଅନପଡା ସମେତ ସହରରେ ଦୁଃଖର ଛାୟା ଖେଳିଯାଇଛି । ପୋଷ୍ଟମଟମ ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ ।

# ବଞ୍ଚିଥିଲେ ନ୍ୟାୟ ମିଳିବନି କହି ଆତ୍ମହତ୍ୟା ଉଦ୍ୟମ


ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ସଦର ମହକୁମା ସ୍ଥିତ ପଥରଦେଉଳ ସାହିରେ ଅଭାବନୀୟ ଘଟଣା । ବଞ୍ଚିଥିଲେ ନ୍ୟାୟ ମିଳିବନି । ହୁଏତ ମରିଗଲେ ନ୍ୟାୟ ମିଳିବ କହି ଏକ ଭିଡ଼ିଓ ସୋସିଆଲ ମିଡିଆରେ ଛାଡି ଆତ୍ମହତ୍ୟା ଉଦ୍ୟମ କଲେ ଏମ୍‌ବିକେ ମହିଳା । ୬ ବର୍ଷ ଧରି ତାଙ୍କର ଉପରିସ୍ଥ ଅଧିକାରୀ ଦେଉଥିଲେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି । ଆତ୍ମହତ୍ୟା ପଛରେ ବିଏଲ୍‌ସି ଓ ବିପିଏମ୍ ଦାୟୀ ବୋଲି କହିଛନ୍ତି ନାରାୟଣ ପାଟଣା ବ୍ଲକ ସ୍ଥିତ ଏମ୍‌ବିକେ ଭବାନୀ



ପ୍ରଧାନ । ଆଜି ସିଏ ମିଶନ ଶକ୍ତି ଭବନ କାର୍ଯ୍ୟାଳୟରେ ବସି ଆଲୋଚନା କରି ବାହାରକୁ ବାହାରି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ କିଛି ସହକର୍ମୀ ତାଙ୍କୁ ଅଟକାଇଥିଲେ । ସେହି ସମୟରେ ସିଏ ସଂଜ୍ଞା ହୀନ ହୋଇପଡ଼ିଥିବା ଦେଖି ନାରାୟଣ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ଭଳି ଘଟଣା କୋଉ ପରିସ୍ଥିତିରେ ଘଟିଲା ତାର ଉଚ୍ଚାସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି ।

# ଶୈବପୀଠରେ ବୋଲବମ ଭକ୍ତଙ୍କ ଭିଡ଼

କେନ୍ଦୁଝର, (ଭାସ୍କର ନ୍ୟୁଜ) : ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶୈବପୀଠଗୁଡିକ ଗୈରୀକମୟ ହୋଇଉଠିଛି । ଜିଲ୍ଲାର ଅନ୍ୟତମ ପ୍ରଶିଦ୍ଧ ଶୈବ ପୀଠ ବାରହା ଟିପୁରାର ନୀଳକଣ୍ଠେଶ୍ୱର ମନ୍ଦିରରେ କାଉଡ଼ିଆ ମାନଙ୍କର ଲମ୍ବା ଲାଇନ ପରିଲକ୍ଷିତ ହୋଇଥିଲା । ପୂଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଆରମ୍ଭ କରି ଜିଲ୍ଲାର ଅନ୍ୟତମ ସୀମାନ୍ତ ହାଦଲେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଶୈବାଳୟରେ ଶ୍ରାବଣ ସୋମବାରରେ କାଉଡିଆ ଭକ୍ତମାନେ ଶୁଦ୍ଧପୂତ



ଭାବରେ ଅତି ନିଷ୍ଠାର ସହ ଦେବ ଦେବ ମହାଦେବଙ୍କୁ ଜଳାଭିଷେକ କରାଇଥିବାବେଳେ ବହୁ ଭକ୍ତଙ୍କ ଗହଣରେ ପବିତ୍ର ଶିବମନ୍ଦିର ଗୁଡିକରେ ଭିଡ ପରିଲକ୍ଷିତ ହୋଇଛି । ଗୋନାସିକାର ବ୍ରହ୍ମେଶ୍ୱର ମନ୍ଦିର, ଦେଓଗାଁର କୁଶଳେଶ୍ୱର ମନ୍ଦିର, ସିଦ୍ଧମଠର ଧବଳେଶ୍ୱର, ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ଥିବା ପ୍ରଭୁ ବାଞ୍ଛେଶ୍ୱର, ମୁର୍ଗା ମହାଦେବଠାରେ ଥିବା ଶ୍ରୀ ଶ୍ରୀ ଗିରିଶ୍ୱର, ପାଟଣାଠାରେ ଥିବା ପ୍ରଭୁ ପରମେଶ୍ୱର ଓ ଆନନ୍ଦେଶ୍ୱର, ବୋଦାପଳସାଠାରେ ଥିବା ଶ୍ରୀ ଚନ୍ଦ୍ରଶେଖର, ବଡଶାସନଠାରେ ଥିବା ପ୍ରଭୁ ବାଲୁଙ୍କେଶ୍ୱର, ଧୁର୍ପଦାଠାରେ ଶ୍ରୀ ଆଖଣ୍ଡଳମଣୀ, ପୁରୁଣା ସହରଠାରେ ମୁକ୍ତେଶ୍ୱର,ଟୁକୁଣାଠାରେ ଥିବା କୁଣ୍ଡେଶ୍ୱର, ବାର୍ହାଟିପୁରାଠାରେ ଥିବା ଶ୍ରୀ ନୀଳକଣ୍ଠେଶ୍ୱର, ଘଟଗାଁଠାରେ ଥିବା ଶ୍ରୀ ଘଟକେଶ୍ୱର,କେନ୍ଦୁଝର ଅନୁଗୁଳ ସୀମାନ୍ତବର୍ତ୍ତୀ ଖୁଲୁଡିଠାରେ ଥିବା ଶ୍ରୀ ଗିରିଶ୍ୱର, ଶୁଆକାଟୀଠାରେ ଥିବା ପ୍ରଭୁ ପାଟେଶ୍ୱର,ଏକାମ୍ର ବନବିହାରୀଠାରେ ଥିବା ପ୍ରଭୁ ମହାଦେବ, ଗୁଆବାଡ଼ିଠାରେ ଥିବା ଗୁଆ ମାଳିଶ୍ୱର, ଲକ୍ଷ୍ମୀପାଦଠାରେ ଥିବା ବାବା ଚନ୍ଦ୍ରଶେଖର, ରାଙ୍କିଠାରେ ଥିବା ପ୍ରଭୁ ସ୍ୱପ୍ନେଶ୍ୱର,ନରଣପୁର ଘଡଘଡି ମନ୍ଦିର ପ୍ରଭୁ ମହାଦେବ, ତୁରୁମୁଙ୍ଗାଠାରେ ଥିବା ପ୍ରଭୁ ଗିରିଜାଶଙ୍କର, ଢ଼େଙ୍କାପୁରଠାରେ ଥିବା ପ୍ରଭୁ ବିଶେଶ୍ୱର ଆଦି ଶୈବପୀଠରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ଗତ ଶନିବାର ଓ ରବିବାରଠାରୁ କାଉଡିଆ ଭକ୍ତମାନେ ବିଭିନ୍ନ ନଦୀରୁ ଜଳ ଉଠାଇ ଦୀର୍ଘ ରାସ୍ତା ଅତିକ୍ରମ କରି ବିଭିନ୍ନ ଶିବାଳୟରେ ଲମ୍ବାଧାଡିରେ ମହାଦେବଙ୍କୁ ଜଳାଭିଷେକ କରାଇବା ସହ ପ୍ରସାଦ ସେବନ କରିଛନ୍ତି । ଏହି ଅବସରରେ ବିଭିନ୍ନ ଶୈବପୀଠ ମାନଙ୍କରେ ଦାତବ୍ୟ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମାଗଣା ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା ।

# ବ୍ୟାଘ୍ର ସଂଖ୍ୟା ବୃଦ୍ଧି ପାଇଁ ବନବାସୀଙ୍କ ସହଯୋଗ ଲୋଡ଼ା

ମାଲକାନଗିରି,(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ବନ ବିଭାଗ ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି । ସତୀଗୁଡ଼ା ପର୍ଯ୍ୟଟନସ୍ଥଳୀ ସଭାଗୃହରେ ଜିଲ୍ଲା ବନ ଅଧିକାରୀ ସାଇ.କିରନ୍ ଡିଏନ୍‌ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମାହୁକ, ବନ୍ୟ ପ୍ରାଣୀ ସଂରକ୍ଷକ ରାମ କୃଷ୍ଣ ଚୌଧୁରୀ, ପୂର୍ବତନ ବନ୍ୟ ପ୍ରାଣୀ ସଂରକ୍ଷକ ତଥା ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ଯୋଗ ଦେଇଥିଲେ । ଏଥିରେ ସତୀଗୁଡା ଅନୁସୂଚିତ ଜାତି ଜନଜାତି ବାଳିକା ବିଦ୍ୟାଳୟର ୫୦୦ ଛାତ୍ରୀ ଜଙ୍ଗଲୀ ବାଘ ଦେଖି ନ ଥିବା, କେବଳ ଚିତ୍ର ବାଘ ଦେଖିଥିବା କହିଥିଲେ । ମାଲକାନଗିରି ଜିଲ୍ଲାରେ ୧୧୬୦ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ ଲକ୍ଷାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପ୍ରାୟତ ୯୦ ହଜାରରୁ ଊର୍ଦ୍ଧ୍ୱ ବାଘ ଦେଖି ନାହାନ୍ତି । ଜିଲ୍ଲା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ବେଳେ ବିଭିନ୍ନ କାରଣରୁ ଜଙ୍ଗଲ ନଷ୍ଟ ହୋଇଯାଇଛି । ସେଗୁଡିକ ମଧ୍ୟରେ ବାଲିମେଳା ଜଳ ଭଣ୍ଡାର, ସତୀଗୁଡା ଜଳ ଭଣ୍ଡାର, ବିଦ୍ୟୁତ୍ ଓ ଟେଲିଫୋନ ଲାଇନ୍ ସମ୍ପ୍ରସାରଣ, ନୂତନ ରାସ୍ତା ଘାଟ ନିର୍ମାଣ, ପୁରୁଣା ରାସ୍ତା ସମ୍ପ୍ରସାରଣ ଓ ପୋଡୁ ଚାଷ ଇତ୍ୟାଦିରେ ଜଙ୍ଗଲ କ୍ଷୟ ହେବା ଯୋଗୁ ବାଘଙ୍କ ଆଶ୍ରୟସ୍ଥଳୀ ବିଲୁପ୍ତ ପ୍ରାୟ । ଡିଏଫଓ ସାଇ କିରନ୍ ଡିଏନ କହିଥିଲେ, ପୂର୍ବ ଜଙ୍ଗଲକୁ କିପରି ଆମେ ଫେରିପାଇବା ବାଘଙ୍କ ବାସସ୍ଥଳି କିଭଳି ସୁରକ୍ଷିତ ରହିବ ସେଥିପାଇଁ ଛାତ୍ରୀଛାତ୍ରମାନେ ଜନ ସଚେତନ ସୃଷ୍ଟି କରିବା ସହ ପରିବେଶର ସୁରକ୍ଷା, ଚାରାରୋପଣ, ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର ଓ ବନ୍ୟଜନ୍ତୁ ଶିକାର କରୁଥିବା ଲୋକଙ୍କୁ ନିବୃତ ରହିବା ପାଇଁ ସଚେତନତା ସୃଷ୍ଟି କରିବା । ଶିମିଳିପାଳରେ କିପରି ବାଘ ସଂଖ୍ୟା ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି । ବର୍ତମାନ ୮ ଶିଶୁ ଶାବକ ସହ ୪୨ ମହାବଳ ବାଘ ଅଛନ୍ତି । ୨୦୨୬ ସୁଦ୍ଧା ଏହା କିପରି ୬୦କୁ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ୨୦୩୬ ବେଳକୁ ୧୦୦ସଂଖ୍ୟା ବୃଦ୍ଧିକୁ ବିଭାଗ ଏବଂ ସରକାର ଦୃଷ୍ଟିରେ ରଖି କାର୍ଯ୍ୟ କରୁଛନ୍ତି ଓ ସଚେତନ ନାଗରିକ, ବନବାସୀ ଏବଂ ବନ ବିଭାଗ କର୍ମଚାରୀମାନେ ଏଥିପାଇଁ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ । ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ପର୍ଯ୍ୟଟନସ୍ଥଳୀ ପରିସରରେ ବିଭିନ୍ନ ଚାରାରୋପଣ କରାଯିବା ସହ ବ୍ୟାଘ୍ର ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ନୃତ୍ୟ ପରିବେଶଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବନ ବିଭାଗର ସମସ୍ତ କର୍ମଚାରୀ, ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ମାଲକାନଗିରି ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ ।

# ଓଡ଼ିଶା ଝାଡଖଣ୍ଡ ସୀମାନ୍ତରେ ମାଓବାଦଙ୍କ ପୋଷ୍ଟର



କୋଇଡା, (ଭାସ୍କର ନ୍ୟୁଜ) : ସୁନ୍ଦରଗଡ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଓଡ଼ିଶା ଓ ଝାଡଖଣ୍ଡ ସୀମାନ୍ତରେ ମାଓପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ମାଓବାଦୀ ମାନେ ଜୁଲାଇ ୨୮ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ମାଓ ସଙ୍ଗଠନ ପକ୍ଷରୁ ଓଡ଼ିଶା - ଝାଡଖଣ୍ଡ ସୀମାନ୍ତ ଅଞ୍ଚଳରେ ବ୍ୟାପକ ମାଓ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି । ସରଣ୍ଡା ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ବାଙ୍କୋ ଗ୍ରାମରେ ମାଓ ପୋଷ୍ଟର ଲଗାଇଛନ୍ତି । ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବ ରିଜୋନାଲ ବ୍ୟୁରୋ (ମାଓବାଦୀ)ଙ୍କ ପକ୍ଷରୁ ଏହି ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି । ପୋଷ୍ଟର ଗୁଡ଼ିକରେ ମାଓବାଦୀ ନେତା ବସବାରାଜୁ, ସପନି ହାଁସଦା, ଯୋଙ୍ଗା, ମନୋଜ ହେମଲା, ସୀଙ୍ଗରାଇଙ୍କ ସମେତ ଅନ୍ୟ ଶହୀଦଙ୍କ ନାମ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଚେତାବନୀ ଦେଇଛନ୍ତି । ଗୋଟେପଟେ କେନ୍ଦ୍ର ସରକାର ଆଦିବାସୀଙ୍କୁ ନିଜର କହି ଆଦିବାସୀ ଗୌରବ ଦିବସ ପାଳନ କରୁଛନ୍ତି । ଅନ୍ୟପଟେ ଅପରେସନ କାଗାର ନାମରେ ନିରୀହ ଆଦିବାସୀଙ୍କୁ ହତ୍ୟା କରିବା ବିରୋଧରେ ଏକତ୍ରିତ ହେବାପାଇଁ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି ।



ବଡଚଣା(ଭାସ୍କର ନ୍ୟୁଜ):ବାଇଶି ମୌଜା ଠାରୁ ଉଦୟନଗର ବିଦ୍ୟାଧରପୁର ଦେଇ ଜଗନ୍ନାଥପୁର ସେତୁ ପର୍ଯ୍ୟନ୍ତ ଏକ ଗ୍ରାମ୍ୟ ଉନ୍ନୟନ ବିଭାଗର ତିନି କିଲୋ ମିଟରର ରାସ୍ତା ରହିଛି। ପରିତାପର ବିଷୟ ଦୀର୍ଘଦିନ ଧରି ଉକ୍ତ ରାସ୍ତା ମରାମତି ତଥା ରକ୍ଷଣାବେକ୍ଷଣ ଅଭାବରୁ ବର୍ଷା ଦିନରେ ଉକ୍ତ ରାସ୍ତାରେ ଅନେକ ସ୍ଥାନରେ ପାଣି ଜମି ଗମନାଗମନ କରିବା କଷ୍ଟସାଧ ବ୍ୟାପାର ହୋଇ ପଡ଼ିଛି। ଫଳରେ ଉକ୍ତ ବିପଦସଙ୍କୁଳ ରାସ୍ତାରେ ଯାନବାହାନ ଚଳାଚଳ ଓ ଯିବା ଆସିବା କରୁଥିବା ଲୋକ ଦୈନନ୍ଦିନ ବିଭିନ୍ନ ଦୁର୍ଘଟଣା ସହିତ ବହୁ ଅଘଟଣରେ ସମ୍ମୁଖିନ ହେଉଛନ୍ତି। ଯାହା ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଉଦୟନଗର,ବିଦ୍ୟାଧର ପୁର, ଜଗନ୍ନାଥ ପୁର, ଦିଗମ୍ବରପୁର ଗ୍ରାମ ସମେତ ବାଜପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ପ୍ରାୟ ପାଞ୍ଚ ହଜାର ଜନ ସାଧରଣଙ୍କ ସମେତ ଚଣ୍ଡିଖୋଲ ବଜାର, ଧାନମଣ୍ଡଳ ରେଳ ଷ୍ଟେସନ୍, ବଡ଼ଚଣା ହାଇସ୍କୁଲ୍ ଓ କନିଷ୍ଠ ମହିଳା ମହାବିଦ୍ୟାଳୟକୁ ଯିବା ଆସିବା କରିବା ପାଇଁ ନାହିଁନଥିବା ଅସୁବିଧାରେ ଘାଣ୍ଟି ହେଉଛନ୍ତି।ରାସ୍ତାର ଏ ଦୂରାବସ୍ଥାର ବିହିତ ପ୍ରତିକାର ଓ ତୁରନ୍ତ ମରାମତି ନିମନ୍ତେ ଅଞ୍ଚଳର ଜନ ସାଧାରଣ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପିତ କରୁଛନ୍ତି।



## ହେପାଟାଇଟିସ୍ ଦିବସ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ହେପାଟାଇଟିସ ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଏକ ବିରାଟ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାକୁ ସିଡିଏମଓ ଡ଼ାଃ ମହମ୍ମଦ ମୁବାରକ୍ ଅଲ୍ଲୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡ଼ାଃ ପ୍ରଦୀପ କୁମାର ମହାପାତ୍ର, ଏପିଡେମିଲୋଜିଷ୍ଟ ସାବିତ୍ରୀ ରାଉତ , ଆଇଡିଏସପି ଡିଏମ ଶ୍ରୀ ତୁଷାରକାନ୍ତ ପଟ୍ଟନାୟକ , ଏଏନଏମ-ଆଇସି ଟ୍ୟୁଟର ସଂଗୀତା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟାଳୟର ମହେଶ ବେହେରା ଏବଂ ଏସ.ଗୋବିନ୍ଦ ପରିଚାଳନାରେ ସହଯୋଗ କରିଥିଲେ ।

# ଚୌଦ୍ୱାର ପୌରପାଳିକାର କାଉନ୍‌ସିଲ ବୈଠକ

**ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) :** ଚୌଦ୍ୱାର ପୌରପାଳିକାର ଜୁଲାଇ ମାସ ସାଧାରଣ ଅଧିବେଶନ ପୌରସଭାଗୃହରେ ଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବିଧାୟକ ପ୍ରତିନିଧି ପ୍ରେମଚାନ୍ଦ ନାୟକ ବର୍ତ୍ତମାନ ଚୌଦ୍ୱାରର ସ୍ଥିତି ଓ ପରିସ୍ଥିତି ବିଷୟରେ ନିଜର ଅଭିବ୍ୟକ୍ତଏ ରଖିବା ପରେଏଜେଣ୍ଡା ଅନୁସାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଜୁନ୍ ମାସରେ କାଉନ୍‌ସିଲ ବୈଠକ ହୋଇନଥିବାରୁ ଗତ ମେ ମାସରେ ହୋଇଥିବା ସାଧାରଣ ବୈଠକର ବିବରଣୀ ପଠନ ହେବା ପରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ପରେ ଜୁନ୍ ଏବଂ ଜୁଲାଇ ମାସର ଆୟବ୍ୟୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆସନ୍ତା ୭୮ତମ ସ୍ୱାଧୀନତା ଦିବସ ଓ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ପାଳନ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଦୁଇଟି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଏକ ସବ୍‌କମିଟି ଗଠନ କରାଯାଇଥିଲା । ଯେଉଁଥିରେକି ଅଧକ୍ଷା ଶ୍ରୀମତୀ ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ସୁବ୍ରତସାମଲ, ଅଜୟ ବେହେରା, ଅର୍ଜିନୀ ବେହେରା, ଆଶୁତୋଷ ଦାସ, ରଂଜୁଲତା ଦାସ ଓ ଲିଲିବାଳା ସାହୁ ରହିଥିବାବେଳେ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର କମିଟିର କନ୍‌ଭେନର ଭାବେ ମନୋନୀତ ହେଲେ । ଉଭୟ କାର୍ଯ୍ୟକ୍ରମକୁ ଆଡମ୍ବର ପୂର୍ଣ୍ଣଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ପୌରଯନ୍ତ୍ରୀ ପତିତ ପାବନ ପଟ୍ଟନାୟକ, ଅଧିକାରୀ ପିୟୁଷସାହୁ, ଦେବାଶିଷ ମହାପାତ୍ର, ତପନ କୁମାରସାହୁଙ୍କୁ ଏହିକମିଟିକୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଏହାପରେ ନିର୍ବାହୀ ଅଧିକାରୀ ଶ୍ରୀମିଶ୍ର ମୁଖ୍ୟମନ୍ତ୍ରୀ ସହରୀବିକାଶ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲାପରେ ସମସ୍ତ କାଉନ୍‌ସିଲର ମାନେ ନିଜ ନିଜ ୱାର୍ଡ଼ର ବିଭିନ୍ନ ଉନ୍ନତିମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ। ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ପାରମ୍ପରିକ ଇନ୍ଦୁପୂର୍ଣ୍ଣିମାକୁ ଚୌଦ୍ୱାର ପୌରପାଳିକା ତରଫରୁ ପୂର୍ବବର୍ଷ ଭଳି ସମସ୍ତ ବନ୍ଦୋବସ୍ତ କରାଯିବା ସହିତ ଦଶହରା ପୂର୍ବରୁ ସମସ୍ତ ୱାର୍ଡ଼ରେ ଆଲୋକୀକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ ବୋଲି ଅଧକ୍ଷା ଶ୍ରୀମତୀ ସାମଲ ପ୍ରକାଶ କରିଥିଲେ। ଆଜିର ଏହିବୈଠକରେ ସମସ୍ତ କାଉନ୍‌ସିଲର, ପୌରଯନ୍ତ୍ରୀ ଶୁଭଶ୍ରୀ ବେହେରା, ସହାୟକ ଯନ୍ତ୍ରୀ ସଞ୍ଜୟସାମଲ ଓ ଶୁଭଶ୍ରୀ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଶେଷରେ ଉପାଧକ୍ଷ ଶ୍ରୀସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଜ୍ୟ ମହିଳା ଓ ଶିଶୁ ବିକାଶ ସଚିବଙ୍କ ଆସିକା ଗସ୍ତ

# ଆସିକା ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତରୀତ ହେବ ବାବନପୁର

ଆସିକା, (ଭାସ୍କର ନ୍ୟୁଜ୍) : ମହିଳା ଓ ଶିଶୁ ବିକାଶ ସଚିବ ଶୋଭା ଶର୍ମା ଦୁଇ ଦିନିଆ ଗଞ୍ଜାମ ଗସ୍ତରେ ଆସି ଆଜି ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେ ପହଞ୍ଚି ଥିଲେ। ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ବାଲଗୋପାଳ ବେହେରା ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହି ସ୍ୱାଗତ ବେଳେ ଆସିକା ତହସିଲଦାର ସଂଗୀତା ସେଣ, ଆସିକା ବିଡ଼ିଓ ଲିପିନା ଦାସ, ଆସିକା ସିଡିପିଓ ଇନ୍ଦିରା ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ପୃଷ୍ଟି ପୁନଃର୍ବାସ ପରିଦର୍ଶନ କରିବା ସହ କେନ୍ଦ୍ରରେ ଚିକିତ୍ସାଧୀନ ଅପପୃଷ୍ଟି ଶିଶୁ, ଏବଂ ମା ମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାର ଦେଉଥିବା ମାଗଣାରେ ସମସ୍ତ ପରୀକ୍ଷା, ଚିକିତ୍ସା, ଔଷଧ, ପୃଷ୍ଟିକର ଖାଦ୍ୟ ଓ ସେବା ବିଷୟରେ ପଚାରି ବୁଝିଥିଲେ। ଆସିକା ଉପଖଣ୍ଡ ଚିକିତ୍ସାଳୟରେ



ଆବଶ୍ୟକୀୟ ଡାକ୍ତର ଏବଂ କର୍ମଚାରୀ ସେମାନଙ୍କ ନିମନ୍ତେ ଆବଶ୍ୟକୀୟ ରହିବା କୋଠା, ମେଡିକାଲରେ ଆମ୍ବୁଲାନ୍ସ ନଥିବା, ଏକ୍ସରେ ମେସିନର ଆବଶ୍ୟକତା, କୀଡୀନି ରୋଗୀଙ୍କ ଡାଇଲେସିସରେ ବିଭିନ୍ନ ସମସ୍ୟା, ବହୁ ଦିନ ଧରି ବନ୍ଦ ରହିଥିବା ଅସ୍ତ୍ରୋପଚାର କେନ୍ଦ୍ର ସକାଶେ ତୁରନ୍ତ ନିଶ୍ଚେତକ ଡାକ୍ତର ନିଯୁକ୍ତି ସହ ନିକଟରେ ସର୍ଜରୀ ବିଭାଗରେ ଯୋଗ ଦେଇଥିବା ଡାକ୍ତରଙ୍କୁ ବିଭିନ୍ନ ଜରୁରୀ ଅସ୍ତ୍ରୋପଚାର ସୁବିଧା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିଲେ। ଦୀର୍ଘ ଦିନର ପୁରୁଣା ଏକ୍ସରେ ବଦଳି ଉନ୍ନତ ମାନର ଡିଜିଟାଲ ଏକ୍ସରେ, ସମସ୍ତ ରୋଗରେ ଚିକିତ୍ସା ପାଇଁ ଅଲଟ୍ରାସାଉଣ୍ଡ, ମଡେଲ ଶବ ବ୍ୟବଚ୍ଛେଦ ଗୃହ, ଶବ ବୁହା ଗାଡ଼ି ସହ ବର୍ଷା ଦିନେ ମେଡିକାଲ ଠାରେ ରହୁଥିବା ଜଳ ନିଷ୍କାସନ ଓ ରାସ୍ତା ନିର୍ମାଣ, ନୂତନ କର୍ମଚାରୀ ଗୃହ ନିର୍ମାଣ ସକାଶେ ସମୀକ୍ଷା କରି ପ୍ରତିଶୃତି ଦେଇଥିଲେ। ଆସିକା ଅଞ୍ଚଳର ପୁରୁଷ ଓ ମହିଳା ବନ୍ଧ୍ୟା କରଣ ସକାଶେ ଏକ ସ୍ଥାୟୀ କେନ୍ଦ୍ର ଯଥାଶୀଘ୍ର ଖୋଲାଯିବାର ସୂଚନା ଦେଇଥିଲେ। ଶେଷରେ ୧୯୪୮ ପ୍ରତିଷ୍ଠିତ ଏହି ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବାବନପୁର କୁଷ୍ଠ ନିରାକରଣ କେନ୍ଦ୍ର ସମ୍ମୁଖରେ ଚିହ୍ନିତ ହୋଇଥିବା ସ୍ଥାନରେ ତୁରନ୍ତ ସ୍ଥାନାନ୍ତରିତ କରିବାକୁ ନିଷ୍ପତି ହୋଇଥିଲା। ଏହି ଗସ୍ତ ସମୟରେ ଭଞ୍ଜନଗର ଉପ ଜିଲ୍ଲାପାଳ ଉମାଶଙ୍କର ବେହେରା, ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ ପୃଷ୍ଟି,ଏଡିପିଏଚ୍‌ଓଏଫଡବ୍ଲୁ ଡାକ୍ତର କାମେଶ୍ୱର ରାଓ, ଡେପୁଟି ମେନେଜର ରିପ୍ରଡ଼କ୍ଟିଭ ଚାଇଲ୍ଡ ହେଲଥ ପ୍ରଶାନ୍ତ କୁମାର ବରାଳ, ବରିଷ୍ଠ ସହାୟକ ପ୍ରଦୀପ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସାରସକଣା,(ଭାସ୍କର ନ୍ୟୁଜ୍) : ଏହି ବ୍ଲକ ଅନ୍ତର୍ଗତ ଏବଂ ଝାରପୋଖରିଆ ଥାନା ଅଧୀନରେ ଥିବା ପୁରୁଣାପାଣି ଗ୍ରାମର ସଦାଶିବ ଦେହୁରୀ (୨୫)ଙ୍କ ପରିବାର ପକ୍ଷରୁ ଝାରପୋଖରିଆ ଥାନାରେ ଏକ କେସ ରୁଜୁ କରି ଘଟଣାର ସତ୍ୟତା ଥାନା କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଥିଲେ। ପ୍ରକାଶ ଥାଉକି, ସଦାଶିବ ବାଇକ୍ ନେଇ ବେଙ୍ଗଲ ଯାଇଥିଲେ। ୧୨.୩୦ ମିନିଟ୍‌ରେ ଭିଡିଓ କଲ କରି ସ୍ତ୍ରୀ ସହିତ କଥା ହୋଇଥିଲେ। ପରବର୍ତ୍ତୀ ସମୟରେ ତା'ର ମା' ତା ପାଖକୁ ଫୋନ୍ କରିବାରୁ ସେ ଫୋନ୍ ଉଠାଇ ନ ଥିଲା। ଘର ଲୋକ ବ୍ୟସ୍ତ ହୋଇ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କଲେ ମଧ କୌଣସି ପ୍ରକାର ସୂଚନା ପାଇ ନ ଥିଲେ। ଅନ୍ୟ ପଟେ ମଙ୍ଗଳବାର ଦିନ ସକାଳେ ଗ୍ରାମର କିଛି ଲୋକ ଶୌଚ କରିବା ପାଇଁ ଯିବା ସମୟରେ ଜଙ୍ଗଲ ଭିତରେ ଏକ ଝୁଲନ୍ତା ମୃତଦେହକୁ ଦେଖି, ସେମାନେ ତାଙ୍କ ଘରେ ଖବର ଦେଲେ। ଘର ଲୋକ ଥାନାରେ ଜଣାଇବା ପରେ ଝାରପୋଖରିଆ ପୋଲିସର ନିର୍ଦ୍ଦେଶରେ ସାଇଣ୍ଟିଫିକ ଟିମ୍ ଶବ ବ୍ୟବଚ୍ଛେଦ କରିବା ପାଇଁ ବାରିପଦା ପଠାଇଛି। ଝାର ପୋଖରିଆ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯୁକ୍ତଦୁଇ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପ୍ରବେଶ ଉତ୍ସବ ସହିତ ନବାଗତ ଛାତ୍ର, ଛାତ୍ରୀ ମାନଙ୍କ ପାଇଁ ସ୍ୱାଗତ ସମାରୋହ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରବେଶ ଉତ୍ସବ ସମାରୋହ ରେ ଅଧକ୍ଷ ହରିଶ ଚନ୍ଦ୍ର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ବେଳେ ଅଧକ୍ଷ ଯୋଗଦେଇ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ର, ଛାତ୍ରୀ ଙ୍କୁ ସ୍ୱାଗତ ଜଣାଇବା ସହ ବିଦ୍ୟାଳୟର ଗୌରବମୟ ଐତିହ୍ୟ ସହ ପରିଚୟ କରାଇଥିଲେ। ଅଧାପକ ବିଜୟ କୁମାର ଦାଶ ବିଦ୍ୟାଳୟର ଅନୁଶାସନ ବ୍ୟବସ୍ଥା ଓ ସରକାର ଙ୍କ ପ୍ରଦତ୍ତ ସୁବିଧା ସୁଯୋଗ ସମ୍ପର୍କରେ ନବାଗତ ଛାତ୍ର, ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଅବଗତ କରାଇଥିଲେ। ଅଧାପକ ସୁନୀଲ ରାଉତ, ଅଜିତ ବିଶ୍ୱାଳ, ଲକ୍ଷ୍ମୀଧର ପ୍ରଧାନ, ଅଧାପିକା ରାଜଲକ୍ଷ୍ମୀ କର, ରଶ୍ମିରେଖା ସାହୁ, ଜୟନ୍ତୀ ଦାଶ, ଅନୁରାଧା ସାହୁ ପ୍ରମୁଖ ଛାତ୍ର, ଛାତ୍ରୀ ଙ୍କୁ କ୍ୟାମ୍ପସ ରେ ସୁରକ୍ଷା ନେଇ ଅନୁଷ୍ଠାନର ଗଠନ କରାଯାଇଥିବା କମିଟି ଓ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ କୁ ଅଧାପକ ଲକ୍ଷ୍ମୀଧର ପ୍ରଧାନ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ମାନେ ବିଦ୍ୟାଳୟ ସହିତ ଛାତ୍ର, ଛାତ୍ରୀ ମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରି ଅନୁଷ୍ଠାନ ପ୍ରବେଶ କୁ ସ୍ୱାଗତ କରିଥିଲେ। ଏଥସହିତ ଅନୁଷ୍ଠାନ ସମସ୍ତ ନୀତି ନିୟମ କୁ ମାନି ସମୟାନୁବର୍ତ୍ତିତା ସହିତ ଶୃଙ୍ଖଳିତ ଭାବେ ଶିକ୍ଷା ଅଧୟନ କରିବା ସହିତ ସମସ୍ତ ଛାତ୍ର, ଛାତ୍ରୀ ଏବଂ ଅଭିଭାବକ ମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ କରି ପିଜିଟି ଅଧାପକ, ଅଧାପିକା ଯୋଗଦେଇଥିବା ମୋନାଲିଶା ସାହୁ, ମନୋରମା ସାହୁ, ଦୟାସାଗର ପ୍ରଧାନ, ଲିଟନ ପ୍ରସାଦ ଜାଲ୍ଲୀ ଓ ସୋମନାଥ ମହାରଣା ଙ୍କୁ ଉପସ୍ଥିତ ଅତିଥି ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଛାତ୍ର, ଛାତ୍ରୀ ଏବଂ ଅଭିଭାବକ /ଅଭିଭାବିକା ମାନଙ୍କ ଦ୍ୱାରା ଭାବର ଆଦାନ ପ୍ରଦାନ କରାଯାଇଥିବା ବେଳେ ଅନୁଷ୍ଠାନ ପକ୍ଷରୁ ସମସ୍ତ ଛାତ୍ର, ଛାତ୍ରୀ ମାନଙ୍କୁ କ୍ଲାସ ରୁଟିନ ପ୍ରଦାନ କରାଯାଇଥିଲା।

## ମା' ଓ ଝିଅଙ୍କୁ ପାଞ୍ଚବର୍ଷ ସଶ୍ରମ କାରାଦଣ୍ଡାଦେଶ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ଅନ୍ତର୍ଗତ ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏକ ଫୌଜଦାରୀ ମାମଲାର ବିଚାର କରି ଘଟଣାରେ ସମ୍ପୃକ୍ତ ଉଭୟ ମା' ଓ ଝିଅଙ୍କୁ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବା ସହିତ ପାଞ୍ଚ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି । ବିବରଣୀରୁ ପ୍ରକାଶ ଗତ ତା ୬ ନଭେମ୍ବର ୨୦୧୦ ମସିହାରେ କଟକ ଜିଲ୍ଲା ଜଗତପୁର ଥାନା ଚାହାପଦା ନିବାସୀ ଅଞ୍ଜନା ରାଉତ ବଡଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ରାଉତ ବଡଚଣା ଥାନା ନୂଆଗାଁ ତାଙ୍କ ବାପ ଘରେ ପୁଅ ସହିତ ରହୁଥିଲେ ସାବତ ମା' ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁ ପୂର୍ବ ରାଗ ରଖି ସ୍ୱାମୀ ଓ ମୋତେ ୪ ବର୍ଷ ଧରି ମାନସିକ ନିର୍ଯାତନା ଦେଇ ଆସୁଥିଲେ ଭଦ୍ର ଲୋକଙ୍କ ଉପସ୍ଥିତିରେ ସ୍ୱାମୀଙ୍କୁ ଫେରାଇ ଦେବା ପାଇଁ ଯେତେ କାକୁତି ମିନତି ହୋଇଥିଲେ ବି ସେମାନେ ତାଙ୍କୁ କବ୍‌ଜାରେ ରଖି ଛାଡୁ ନଥିଲେ ସ୍ୱାମୀ ଲକ୍ଷ୍ମୀଧର ରାଉତ ବିଷକ୍ରିୟାରେ ବଡଚଣା ମେଡିକାଲରେ ମୃତ ଅବସ୍ଥାରେ ପଡିଥିବା ଆସି ଦେଖି ସେ ଏଥିପାଇଁ ସାବତ ମା ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁଙ୍କୁ ଦାୟୀ କରି ଏତଲା ଦେଇଥିଲେ। ୨୦୬/୨୦୧୦ ରେ ଏକ ମାମଲା ବଡଚଣା ଥାନାରେ ପଞ୍ଜୀକୃତ ହୋଇ ଥିଲା ପରେ ଏହି ମାମଲା ସିଟି କେସ ନଂ ୨୦୬/୨୦୧୨ଚଣ୍ଡିଖୋଲ କୋର୍ଟରେ ବିଚାରଧୀନ ଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆଜି ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ଉଭୟ ବୁଲି ସ୍ୱାଇଁ ଓ କବିତା ସ୍ୱାଇଁଙ୍କୁ ଭାରତୀୟ ପିଙ୍ଗଳ କୋଡ୍ ଦଫା ୩୦୬/୩୪ ରେ ଦୋଷୀ ସାବ୍ୟସ୍ତ କରି ଉଭୟଙ୍କୁ ୫ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୫୦୦୦ ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଆଉ ୬ ମାସର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଡିସନାଲ ପିପିଦେବରାଜ ବେହେରା ପରିଚାଳନା କରୁଥିଲେ। ତତ୍କାଳୀନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝୀ ଏହି କେସର ତଦନ୍ତକାରୀ ଥିଲେ ।

## ଶୋଚନୀୟ ଅବସ୍ଥାରେ ସାହି ରାସ୍ତା

ମରାମତି ନିମନ୍ତେ ଦାବି



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ସମସ୍ତ ସାହି ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ସେଥି ମଧ୍ୟରେ କୋଦଭାଟା, କାଳି ସୁନ୍ଦରୀ ସାହି, ପଠାଣସାହି, ଚଉରିଆ ସାହି ସେପଟେ କୁମ୍ଭାର ପାରା ଆଦି ଅନ୍ୟତମ। ବାରମ୍ବାର ଅଭିଯୋଗ ପରେ ମଧ ରାସ୍ତା ମରାମତି ନ ହେବାରୁ ବର୍ତ୍ତମାନ ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇ ପାଣି ଜମି ରହିଥିବା ଦେଖିବାକୁ ମିଳୁଛି। ଦୀର୍ଘ ଦିନ ଧରି ମରାମତି ଅଭାବରୁ ରାସ୍ତା ଅବସ୍ଥା ଗୁରୁତର ରହିଛି। ତେଣୁ ସ୍ଥାନୀୟ ପ୍ରାସାସନିକ ଅଧିକାରୀ ଓ ଲୋକ ପ୍ରତିନିଧି ଏହା ଉପରେ ନଜର ଦେଇ ତୁରନ୍ତ ଏହାର ସମାଧାନ କରିବା ନିମନ୍ତେ ସାହି ବାସିନ୍ଦା ତରଫରୁ ଦାବି ହଉଛି।

# ଶ୍ରୀରାମ ମନ୍ଦିରରେ ମୂର୍ତ୍ତି ସ୍ଥାପନା ନେଇ ବିଭିନ୍ନ କାର୍ଯ୍ୟକ୍ରମ

ଫୁଲନଖରା(ଭାସ୍କର ନ୍ୟୁଜ୍): ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ଫୁଲନଖରା ନିଆଳି ରାସ୍ତାର ପଞ୍ଚବଟୀ ବଜାର ନିକଟରେ ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବଙ୍କ ପୀଠରେ ନିର୍ମାଣ ହୋଇଥିବା ଶ୍ରୀରାମ ମନ୍ଦିର ମୂର୍ତ୍ତି ଓ ବିଗ୍ରହମାନ ସ୍ଥାପନ କରିବା ନେଇ ପ୍ରଭୁ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ ଲାଲ , ବଜରଙ୍ଗୀ ହନୁମାନ ଓ ଦଶାବତାର ଗରୁଡ଼, ନୃସିଂହ, ବରାହ,ବାମନ ଇତ୍ୟାଦି ମୂର୍ତ୍ତିମାନ ବାଲେଶ୍ୱରରୁ ଏକ ଗାଡ଼ିରେ ଅଣାଯାଇ ୨୭ ତାରିଖ ସନ୍ଧ୍ୟା ସମୟରେ ଇଷ୍ଟ କଲେଜ ବଜାର ନିକଟରେ ଥିବା ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେହି ଠାରୁ ମନ୍ଦିରର କର୍ମକର୍ତ୍ତାମାନେ ବାଜା, ବାଣ, ଲାଇଟ୍ ଏକ ବିରାଟ ପଟୁଆରରେ ରୋଷଣୀ କରି ଶୋଭାଯାତ୍ରାରେ ଶ୍ରୀରାମ ମନ୍ଦିର ପୀଠରେ ପହଞ୍ଚିଥିଲେ । ସମସ୍ତ ମୂର୍ତ୍ତି ୨୧ ଦିନ କାଳ ଧାନଘରେ ରଖାଯାଇ ମନ୍ଦିର ପ୍ରତିଷ୍ଠା ସମୟରେ ମନ୍ଦିରରେ ବିଗ୍ରହ ସ୍ଥାପନ ଓ ସମସ୍ତ ପାର୍ଶ୍ୱ ଦେବାଦେବୀଙ୍କୁ ସ୍ଥାପନ କରାଯିବ । ଏହି ପରିପ୍ରେକ୍ଷୀରେ ୨୭ ତାରିଖ ସକାଳୁ ଠାକୁରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଶ୍ରୀରାମ ମନ୍ଦିର ସମ୍ମୁଖରେ କରାଯିବା ସହିତ ପଣ୍ଡିତ ରବି ନାରାୟଣ ପଣ୍ଡାଙ୍କଦ୍ୱାରା ସୁନ୍ଦରାକାଣ୍ଡ ପାଠ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ମୁରଲୀଧର ପଣ୍ଡା, କେଳୁଚରଣ ଖୁଣ୍ଟିଆ,ମାଗୁଣି ଚରଣ ସାହୁ, ଉମାକାନ୍ତ ବେହେରା,ଅନିଲ କୁମାର ସାହୁ,ଜିଲ୍ଲା ପରିଷଦ ମହେଶ୍ୱର ଦାସ, ସରପଞ୍ଚ ବିଶ୍ୱଜିତ୍ ଭୋଇ,ବଙ୍ଗାଳୀ ଚରଣ ପରିଜା,କିଶୋର କୁମାର ସାହୁ, ଭବାନୀ ଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ନାରୀ ସମାଜ ଶିକ୍ଷାକେନ୍ଦ୍ର ପକ୍ଷରୁ ସେବା କାର୍ଯ୍ୟ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସ୍ଥାନୀୟ ନରଣପୁର ସ୍ଥିତ ପ୍ରସିଦ୍ଧ ଘଡଘଡି ଶିବମନ୍ଦିର ପରିସରରେ କେନ୍ଦୁଝର ନାରୀ ସମାଜ ଶିକ୍ଷାକେନ୍ଦ୍ର ପକ୍ଷରୁ କାଉଡିଆ ମାନଙ୍କୁ ଚା, ବିସ୍କୁଟ ଓ ପାଣି ବଣ୍ଟନ କରାଯାଇଛି। ସୋମବାର ସକାଳ ୬ଟାରୁ ଅନୁଷ୍ଠାନର ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଏହି ମନ୍ଦିରର ମାହାତ୍ମ୍ୟ ଥିବାରୁ ବହୁ ଦୂର ଦୁରାନ୍ତରୁ କାଉଡିଆମାନେ ଆସିଥାନ୍ତି। ସେମାନଙ୍କର ଆବଶ୍ୟକତା ଅନୁଭବ କରି ନାରୀ ସମାଜ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଦୁଇ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ମାନଙ୍କୁ ବଣ୍ଟନ କରାଯାଇଛି। ଏହି ସେବାପାଇ କାଉଡିଆମାନେ ଖୁସି ବ୍ୟକ୍ତ କରିଥିଲେ।

# ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ବ୍ଲକର ରାଜୀବ ଗାନ୍ଧୀ ଭବନଠାରେ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ସଭାପତୀତ୍ୱରେ ରେଢ଼ାଖୋଲ ଉପଖଣ୍ଡରେ ଆଗାମୀ ସ୍ୱାଧିନତା ଦିବସ ପାଳନନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଆଭିମୁଖ୍ୟ ସମ୍ପର୍କରେ ପ୍ରତିପାଦନ କରିଥିଲେ। ଏହି ଦିବସ ପାଳନ ଅବସରରେ ଅବଶ୍ୟକୀୟ କାର୍ଯ୍ୟ, ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ତଥା ଏଥିପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ଗଠନ, ଦିବସ ପାଳନ ଦିନ ଡାକବାଜି



ଯନ୍ତ୍ର ଯୋଗେ ସହରାଞ୍ଚଳରେ ରାମଧୂନ ପରିବେଷଣ, ପ୍ରଭାତ ଫେରି, ପ୍ୟାରେଡ ଅଭ୍ୟାସ, ପ୍ରତିମୂର୍ତ୍ତି ମାନଙ୍କରେ ମାଲ୍ୟାର୍ପଣ, ପ୍ୟାରେଡ଼ ପଡିଆ ସୁସଜ୍ଜୀକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣା ମୁକାବିଲା, ପ୍ୟାରେଡ ପରିଚାଳନା, ଆପତକାଳିନ ସ୍ୱାସ୍ଥ୍ୟସେବା, ଜାତୀୟ ସଂଗୀତ ପରିବେଷଣ, ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ସହରରେ ଅବସ୍ଥାପିତା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାନ ଏହାର ପରିସର ସଫେଇ, ମିନି ଷ୍ଟାଡିୟମ ସଫେଇ ଓ ବାରିକେଡିଂ, ଦିବସ ପାଳନ ଦିନ ଉପଖଣ୍ଡ ଚିକିତ୍ସାଳୟର ରୋଗୀ ଏବଂ ଉପ କାରାଗାରର ଅନ୍ତେବାସୀ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହିତ ଉପଖଣ୍ଡ ସ୍ତରୀୟ ଏହି ଦିବସକୁ ସୁନ୍ଦର, ଆକର୍ଷଣୀୟ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥି ସହିତ ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସମେତ ସ୍କୁଲ କଲେଜ ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପକ ଅଧାପିକା, ବୁଦ୍ଧିଜୀବୀ,ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ବୈଠକରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।


### ପତ୍ନୀ, ଶାଶୂଙ୍କୁ ମାରି ପୋତିଦେଲା ଜ୍ୱାଇଁ

# ମାଟିତଳୁ ମୃତଦେହ ଉଦ୍ଧାର


ବାରିପଦା(ଭାସ୍କର ନ୍ୟୁଜ): ସୈତାନ ସ୍ୱାମୀ। ହତ୍ୟା କଲା ପତ୍ନୀ ଓ ଶାଶୂଙ୍କୁ। ହତ୍ୟା କରିବା ପରେ ଗାତ ଖୋଳି ପୋତିଦେବା ସହ ସେହି ସ୍ଥାନରେ ପୋତିଥିଲା କଦଳୀ ଗଛ। ଦୁଇ ମୃତକ ହେଲେ ପତ୍ନୀ ସୋନାଲୀ ଦଳାଇ ଓ ଶାଶୂ ସୁମତା ଦଳାଇ। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଦେବାଶିଷ ପାତ୍ରଙ୍କୁ ଗିରଫ କରିଛି। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ସରପଙ୍କା ନୂଆଗାଁରେ। ଖବର ପାଇବା ପରେ ପୋଲିସ ମାଟିତଳୁ ଦୁଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗତ ୧୨ ତାରିଖରେ ବାପଘରୁ ସ୍ୱାମୀ ଘରକୁ ଆସିଥିଲେ ସୋନାଲି ଓ ତାଙ୍କ ମାଆ ସୁମତା। ପୂର୍ବରୁ ପାରିବାରିକ କଳହକୁ ନେଇ ବାପଘରେ ସୋନାଲି ରହୁଥିଲା। ତେବେ ବାପଘରୁ ଆସିବା ପରେ ୧୦ଦିନ ଧରି ମା ଓ ଝିଅ ନିଖୋଜ ଥିବା ନେଇ ଅଭିଯୋଗ ଆଣିଥିଲେ ସୋନାଲିଙ୍କ ପରିବାର ଲୋକେ। ଗ୍ରାମବାସୀମାନେ ମଧ୍ୟ ସନ୍ଦେହ କରିଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ସେପଟେ ଦୀର୍ଘଦିନ ଧରି କୌଣସି ଖୋଜ ଖବର ନ ମିଳିବାରୁ ସୋନାଲିଙ୍କ ବାପଘର ଲୋକେ ଦେବାଶିଷଙ୍କ ଘରକୁ ଆସି ପୋଲିସ ସହାୟତାରେ ତନାଘନା କରିଥିଲେ। ପରେ ମାଟିତଳୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ। ଗତ ୧୫ ତାରିଖରେ ଏହି ଡବଲମର୍ଡର ଘଟାଇଥିବା ସ୍ୱୀକାର କରିଛି ଅଭିଯୁକ୍ତ ଦେବାଶିଷ। ଗତ ୨୫ ତାରିଖରେ ଗାଁରୁ ଜଣେ ସଂପର୍କୀୟା ଖୁଡ଼ିଙ୍କୁ ସ୍ୱପ୍ନରେ ଆସି ସୋନାଲି ନିଜ ମୃତ୍ୟୁ ବିଷୟରେ କହିଥିଲେ ବୋଲି ସଂପର୍କୀୟା ଖୁଡ଼ି କହିବା ପରେ ଗାଁ ଲୋକଙ୍କ ସହାୟତାରେ ଖୋଜାଖୋଜି ଚାଲିଥିଲା। ସ୍ୱପ୍ନ ଅନୁସାରେ ଘରପଛ ଲେମ୍ବୁ ବଗିଚାରେ ଏକ ସ୍ଥାନରେ ନୂଆମାଟି ଖୋଳା ଯାଇଥିବା ଦେଖି ଗାଁବାଲାଙ୍କ ସନ୍ଦେହ ହୋଇଥିଲା। ଅଭିଯୁକ୍ତ ଦେବାଶିଷଙ୍କୁ ଗାଁ ଲୋକେ ବାନ୍ଧି ପ୍ରବଳ ପିଟିବା ପରେ ସେ ହତ୍ୟାକରି ପୋତି ଦେଇଥିବା କଥା ସ୍ୱୀକାର କରିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ରାଶିଫଳ

ଗୁରୁବାର, ୩୧ ଜୁଲାଇ ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।




**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।



**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ।




**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ।



**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।




**କନ୍ୟା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ।




**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।




**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ସ୍ଥିତ ଅବସରପ୍ରାପ୍ତ ବଙ୍ଗୀୟ ସାମାଜ ପକ୍ଷରୁ ବିଏସ୍‌ପଦର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୭୬ ତମ ବନ ମହୋତ୍ସବ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଙ୍ଗୀୟ ସାମାଜ ପକ୍ଷରୁ ପିସି ସେନଗୁପ୍ତ, ଶିବ ପ୍ରସାଦ ମିସ୍ତ୍ରୀ, ସୁନୀଲ କୀର୍ତ୍ତନିୟା, ତପନ ପାଲ, ଆକୁମାର ଜୋରଦାର୍, ପ୍ରଶାନ୍ତ ରାୟ, ରଞ୍ଜିତ ବିଶ୍ୱାସ, ଦୁଲାଲ ମଣ୍ଡଲ ଓ ଅନ୍ୟମାନେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ଭତ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବନ ମହୋତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଫୁଲ, ଫଳ ଏବଂ ଔଷଧୀୟ ବୃକ୍ଷର ଚାରାରୋପଣ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ଲାକାର୍ଡ ପ୍ରଦର୍ଶନ ସହ ବୃକ୍ଷ ହିଁ ଜୀବନ, ବୃକ୍ଷର ସୁରକ୍ଷା, ଧରଣୀ ମାତାକୁ ଶସ୍ୟ ଶ୍ୟାମଳା କରିବା ଆଦିର ବାର୍ତ୍ତା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଉପସ୍ଥାପନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଉଭୟ ପାର୍ଶ୍ୱ ବନୀକରଣରେ ଦୁର୍ନୀତି ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ମନମୁଣ୍ଡା ଠାରୁ ହରଭଙ୍ଗା ବ୍ଲକ ମାଧପୁର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ଉଭୟ ପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ହୋଇଥିବା ବନୀକରଣ ରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ମନମୁଣ୍ଡା ଅଞ୍ଚଳର ସୂଚନା ଅଧିକାରୀ କର୍ମୀ ଶଙ୍କର୍ଷଣ ବଘାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସମ୍ବଲପୁରଙ୍କ ଠାରେ ଅଭିଯୋଗ କରିଥିଲେ। ବନୀକରଣରେ ବ୍ୟବହୃତ ସୁରକ୍ଷା ଜାଲି ଯୋଗାଣ ପାଇଁ ଗତ ବର୍ଷ ୨୦.୮.୨୦୨୪ରିଖ ଦିନ ଚିଠି ନଂ ୪୫୨୨ରେ ବୌଦ୍ଧ ଡ଼ିଏଫଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କାର୍ଯ୍ୟ ଆରମ୍ଭରୁ କୌଣସି ସ୍ଥାନରେ ସୂଚନା ଫଳକ ଲଗାଯାଇ ନାହିଁ । ଫଳରେ କେତେ ସଂଖ୍ୟକ ଗଛ ଲଗାଯାଇଛି ତାହା ସ୍ପଷ୍ଟ ହେଉନାହିଁ । ସୁରକ୍ଷା ଜାଲି ପାଇଁ କେତେ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି ତାହା ବି ଉଲ୍ଲେଖ ହୋଇନାହିଁ। ଗଛ ଗୁଡ଼ିକରେ ଦିଆଯାଇଥିବା ସୁରକ୍ଷା ଲୁହା ତାର ବାଡର ଓଜନ କେତେ ରହିବା କଥା ତାହା ବି ଜଣାପଡୁନାହିଁ। ଜଣେ ବ୍ୟକ୍ତି ବା ଗୋଟିଏ ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ ଚୟନ କରିବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ଟେଣ୍ଡର ପକାଇଥିବା ଦୁଇଜଣ ବ୍ୟକ୍ତିଙ୍କୁ ଭାଗବଣ୍ଟା କରି ଗଛର ସୁରକ୍ଷା ବାଡ ଯୋଗାଇବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଗୋଟିଏ ସୁରକ୍ଷା ତାରବାଡକୁ କେତେ ଟଙ୍କାରେ କିଣାଯିବ ତାହା ମଧ୍ୟ ଟେଣ୍ଡର କଲ ନୋଟିସରେ ଉଲ୍ଲେଖ ହୋଇନାହିଁ। ଟେଣ୍ଡରରେ ସୁରକ୍ଷା ତାରବାଡ଼ର ଉଚ୍ଚତା ୬ଫୁଟ ୫ଇଞ୍ଚ ରହିବାକୁ ଉଲ୍ଲେଖ ଥିବାବେଳେ ଏଥିରେ ବ୍ୟବହୃତ ସୁରକ୍ଷା ତାର ବାଡ଼ର ଉଚ୍ଚତା ୬ ଫୁଟ ଭିତରେ ରହୁଥିବା ଅଭିଯୋଗ ହୋଇଛି । ସମସ୍ତ ତାର

## ବଦଳିଲେ ଅଭିଯୁକ୍ତ ଡିଏଫଓ

ବାଡର କ୍ରମିକ ନମ୍ବର ରହିବା ପରିବର୍ତ୍ତେ ତାହା କରାଯାଇନାହିଁ। ଏପରିକି ସୁରକ୍ଷା ଲୁହା ତାର ବାଡ଼ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ବୌଦ୍ଧ ଜିଲ୍ଲାର ମନମୁଣ୍ଡା ବନାଞ୍ଚଳ,ବୌଦ୍ଧ ବନାଞ୍ଚଳ , ପୁରୁଣାକଟକ ବନାଞ୍ଚଳ ଓ ମାଧପୁର ବନାଞ୍ଚଳର ଅଧିକାରୀମାନେ ଓ ପୂର୍ବ ବୌଦ୍ଧ ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ସମେତ ଟେଣ୍ଡର କମିଟି ଅଧ୍ୟକ୍ଷ ଆଶିଷ କହଁର ମିଶି ଯୋଜନାବଦ୍ଧ ଭାବେ ମିଶି କୋଟି କୋଟି ଟଙ୍କା ଚଲୁ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହାର ତଦନ୍ତ ପାଇଁ ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଗତ ତା ୪.୬.୨୦୨୫ରିଖରେ ଶ୍ରୀଯୁକ୍ତ ପ୍ରଧାନ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଉତ୍ତରାଞ୍ଚଳ କମିଶନରଙ୍କ ସଚିବ ବୌଦ୍ଧ ଜିଲ୍ଲାପାଳଙ୍କୁ ଚିଠି ନଂ ୭୨୩୦/ ୨୩.୬.୨୦୨୫ ରିଖରେ ଉକ୍ତ ଦୁର୍ନିତି ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଇତି ମଧ୍ୟରେ ତଦନ୍ତକାରୀ ଅଧିକାରୀ ତଥା ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅନ୍ୟତ୍ର ବଦଳି ହୋଇ ଯାଇଥିବା ବେଳେ ବୌଦ୍ଧ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଦେବପ୍ରିୟ କମ୍ପଙ୍କ ମଧ୍ୟ ଅନ୍ୟତ୍ର ବଦଳି ହୋଇଯାଇଛି । ତେଣୁ ଏହି ସ୍ୱର୍ଶକାତର ଘଟଣାର ତଦନ୍ତ କରି ବୌଦ୍ଧ ବନ ବିଭାଗ ଦ୍ୱାରା ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ନୂତନ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗକାରୀ ଶଙ୍କର୍ଷଣ ବଘାର ଦାବି କରିଛନ୍ତି । ଏ ସଂପର୍କରେ ନୂତନ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କୁ ପଚାରିବାରୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଖୁବ୍ ଶୀଘ୍ର ଉକ୍ତ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

# କୃଷକମାନଙ୍କ ଅନୁଭବ ଭ୍ରମଣ କାର୍ଯ୍ୟକ୍ରମ





ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡ଼ିର ମୁଖ୍ୟ ତଥା ସମ୍ପାଦକ ଏ ଜଗନ୍ନାଥ ରାଜୁଙ୍କ ସଭାପତିତ୍ୱରେ ଓ ପ୍ରୋଗ୍ରାମ ମ୍ୟାନେଜର ବିଜୟ ପ୍ରଧାନଙ୍କ ନେତୃତ୍ୱରେ ପାରିବାରିକ କୈନ୍ଦ୍ରିକ ଗ୍ରାମ ଉନ୍ନତି କାର୍ଯ୍ୟକ୍ରମ (ଏଫଏଫଭିଡିପି) ଅନ୍ତର୍ଗତ ଅନୁଗ୍ରହୀତ ଗ୍ରାମମାନଙ୍କର ୧୫ ଜଣ କୃଷକଙ୍କୁ ନେଇ ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମ ଠାରେ ଥିବା "ଶ୍ରୀ ଜଗନ୍ନାଥ ନର୍ସରୀ"କୁ ଭ୍ରମଣ ପାଇଁ ନିଆଯାଇଥିଲା। ଏହି ନର୍ସରୀ ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ,କୃଷକମାନଙ୍କୁ ବ୍ୟବହାରିକ ଜ୍ଞାନ ଦେଇ ଚିରସ୍ଥାୟୀ ଓ ବୈଜ୍ଞାନିକ ଚାଷ ପ୍ରଣାଳୀ ପାଇଁ ପ୍ରେରିତ କରିବା। ନର୍ସରୀରେ ସେମାନେ ବିଭିନ୍ନ ପ୍ରକାରର ପନିପରିବା ଗଛ , ଫୁଲ ଓ ଫଳ ଗଛ ସବୁ ଦେଖି ଅତ୍ୟନ୍ତ ଖୁସି ଅନୁଭବ କରିଥିଲେ। ଏହା ପରେ କାର୍ଯ୍ୟକ୍ରମର ପ୍ରଶିକ୍ଷକ ମୋହନ ପାତ୍ରଙ୍କ ଦ୍ୱାରା ଗ୍ରାଫ୍ଟିଂ, ଉନ୍ନତମାନର ଗଛ ଲଗାଇବା ପ୍ରଣାଳୀ ଓ ନର୍ସରୀ ପରିଚାଳନା ବିଷୟରେ ବ୍ୟବହାରିକ ପ୍ରଶିକ୍ଷଣ ଦିଆ ଯାଇଥିଲା । ଏଥିସହ ହର୍ଟିକଲ୍‌ଚର ବିଭାଗର ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ବିଷୟରେ ମଧ୍ୟ ସେମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟତଃ ଖୋଲା ଆଲୋଚନା ସମୟରେ କୃଷକମାନେ ସେମାନଙ୍କ ଚାଷ ସମ୍ପର୍କିତ ଅନେକ ପ୍ରଶ୍ନ କରି ସ୍ପଷ୍ଟତା ଗ୍ରହଣ କରିଥିଲେ। ଭ୍ରମଣ ଶେଷରେ ଅନେକ କୃଷକ ନିଜ ଜମିରେ ଲଗାଇବା ପାଇଁ ବିଭିନ୍ନ ପ୍ରକାରର ଗଛ ଓ ଚାରା କିଣିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ଅଫିସର ଶ୍ରୀ ବି ମାନାସା ପରିଚାଳନା କରିଥିଲେ। ଏହି ଅନୁଭବ ଭ୍ରମଣ ଦ୍ୱାରା କୃଷକମାନେ ଉନ୍ନତ ଚାଷ ଅଭ୍ୟାସ ଓ ଦୀର୍ଘକାଳୀନ ଆୟ ବୃଦ୍ଧି ପାଇଁ ଅଧିକ ଉତ୍ସାହିତ ହେବେ ବୋଲି ଆଶା କରାଯାଉଛି। ଏହି କାଯ୍ୟକ୍ରମକୁ ସିସିଡି ଅନୁଷ୍ଠାନ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଲୀନ୍ସ ଫାଉଣ୍ଡସନ ସହାୟତା କରିଥିଲେ।

# ବିପଦରେ ପେପର ହକରଙ୍କ ଜୀବିକା

କନ୍ଧମାଳ (ଭାସ୍କର ନ୍ୟୁଜ୍): ଆମେ ପ୍ରତ୍ୟେକ ଦିନ ଖବର କାଗଜ ପଢ଼ିଥାଉ । ହେଲେ ଏହି ଖବର କାଗଜ ଆମ ନିକଟରେ ପହଞ୍ଚାଇବାରେ ପେପର ହକରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ଏହି କାର୍ଯ୍ୟ ସମ୍ପାଦନ କରିବାକୁ ହକରଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ପ୍ରତ୍ୟେକ ଦିନ ଭୋର ୫ଟାରୁ ଉଠି ହକର ମାନେ ଖବର କାଗଜ ଧରି ପ୍ରତ୍ୟେକ ଘରକୁ ଘର ଯାଇଥାନ୍ତି । ଏହି ସମୟରେ ସେମାନଙ୍କୁ ବହୁ ସମସ୍ୟା ଦେଇ ଗତି କରିବାକୁ ପଡେ। ପୂର୍ବ ସରକାର ହକର ମାନଙ୍କ ପାଇଁ ୨୦୨୧ରେ ଏକ ସ୍ୱତନ୍ତ୍ର ଯୋଜନା କରି ପ୍ରତ୍ୟେକ ହକର ମାନଙ୍କୁ ଏକ ପରିଚୟ ପତ୍ର ପ୍ରଦାନ କରିବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଉକ୍ତ ପରିଚୟ ପତ୍ର ଧାରଣା କରି ହକର ମାନେ ନିର୍ଭୟରେ ଖବର କାଗଜ ବିତରଣ କରୁଥିଲେ । ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ପରିଚୟ ପତ୍ର ଅବଧି ସରି ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ପୁନଃ ନବୀକରଣ କରାଯାଇ ନାହିଁ । ଯାହାକୁ ନେଇ ହକରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ହକରଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ହକର ପରିଚୟ ପତ୍ର ନବୀକରଣ କରି ବାକୁ କନ୍ଧମାଳ ବ୍ଲକ ହକର ସଂଘର ସଭାପତି ଭାଗିରଥି ଭୋଇ ଦାବୀ କରିଛନ୍ତି ।

# ଜରାଜୀର୍ଣ୍ଣ ସ୍କୁଲ ଛାତ ତଳେ ପିଲାଙ୍କ ଭବିଷ୍ୟତ





ମାଥିଲି (ଭାସ୍କର ନ୍ୟୁଜ୍):ସରକାର ବଦଳିଲା ହେଲା ବଦଳିଲା ନାହିଁ ମାଲକାନଗିରି ଜିଲ୍ଲାର ଶିକ୍ଷା ବ୍ୟବସ୍ଥା। କେଉଁ ବିଦ୍ୟାଳୟରେ ଶିକ୍ଷକ ନାହିଁ ତ କେଉଁଠି ଶୌଚାଳୟ ନାହିଁ ତ ଆଉ କେଉଁଠି ପାଣି ଗଳୁଛି ଆଉ କେଉଁଠି ପିଇବା ପାଣି ସମସ୍ୟା ଦେଖାଦେଇଛି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ କୁଟୁଣିପାଲି ପଞ୍ଚାୟତ ଅନ୍ତର୍ଗତ ପୂଜାରିଗୁଡା ପ୍ରାଥମିକ ବିଦ୍ୟାଳୟ ଓ ସର୍ଗିମୁଣ୍ଡାଗୁଡାର ଶ୍ରେଣୀଗୃହ ଅବସ୍ଥା ଅତ୍ୟନ୍ତ ଦୟନୀୟ। ଦୃଶ୍ୟଟି ଦେଖିଲେ ଲାଗୁଛି ଏହା କୌଣସି ବିଦ୍ୟାଳୟ ନୁହେଁ ବରଂ ଏହା ଏକ ଗୋଶାଳା। ବର୍ଷା ଦିନ ହେଇଥିବାରୁ ଛାତରୁ ପାଣି ଗଳିବା ସହ ସନ୍ତସନ୍ତିଆ ହୋଇ ଚଟାଣରୁ ପାଣି ବାହାରୁଛି । ପିଲାମାନେ ପାଠପଢିବା ପାଇଁ ବହୁ ଅସୁବିଧା ହେଉଛନ୍ତି । କିଏ ତ ଅଖା ବସ୍ତାରେ ଆଉ କିଏ ପଲିଥିନ ପକେଇ ବସୁଛନ୍ତି। ସର୍ଗୀମୁଣ୍ଡାଗୁଡା ବିଦ୍ୟାଳୟରେ ପିଲାମାନେ ଯେଉଁ ପାଣି ପିଉଛନ୍ତି ତାହା ନ କହିବା ଭଲ । ବିଦ୍ୟାଳୟ ଅଛି ହେଲେ ନାହିଁ ଶୌଚାଳୟ। ନାହିଁ ନଥିବା ସମସ୍ୟାରେ ଜର୍ଜରିତ। ଗ୍ରାମବାସୀ ଏବଂ ଶିକ୍ଷକ ମାନେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲା ପରେ ମଧ୍ୟ ବିଦ୍ୟାଳୟର ସମସ୍ୟା ଗୁଡ଼ିକ ସମାଧାନ ହୋଇପାରୁନାହିଁ। ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ପିଲାଙ୍କ ଭବିଷ୍ୟତ ସହିତ ଖେଳାଯାଉଛି କଣ ପାଇଁ ? ପ୍ରଶାସନ କରୁଛି କଣ ? ଏଠି ସ୍ପଷ୍ଟ ଅନୁମାନ ହଉଛି କୌଣସି ଅଧିକାରୀ ପରିଦର୍ଶନ କରୁନାହାନ୍ତି ? ଚିନ୍ତାରେ ଛାତ୍ର ଛାତ୍ରୀ ଏବଂ ଅଭିଭାବକ। ସେମାନଙ୍କ ଦୁଃଖ ବୁଝିବ କିଏ ? ସାଧାରଣରେ ଚର୍ଚ୍ଚା କେବେ ପଢ଼ିବେ ଆମ ଅଞ୍ଚଳର ପିଲା ସ୍ମାର୍ଟ କୋଠାରେ । ଦଶନ୍ଧି ପରେ ମଧ୍ୟ ମାଲକାନଗିରି ଜିଲ୍ଲା ଶିକ୍ଷା ବ୍ୟବସ୍ଥା ଅବହେଳିତ।

# ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ସୁକମାରେ ନକ୍ସଲ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଭୀଷଣ ଗୁଳି ଗୁଳା ବର୍ଷଣ ହୋଇ ଯାଇଛି। ନକ୍ସଲଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣରେ ୨ ଜଣ ଯବାନ ଆହତ ହୋଇଛନ୍ତି। ସେହିପରି ଗୁଳି ବିନିମୟ ବେଳେ ଜଣେ ନକ୍ସଲ ମଧ୍ୟ ନିହତ। ସହିଦ ସପ୍ତାହ ଯୋଗୁଁ ନକ୍ସଲମାନେ ଆମ୍ବୁସ ଖଞ୍ଜିଥିଲେ। ଆଇଇଡି ବିସ୍ଫୋରଣରେ ୨ ଜଣ ଯବାନ ଆହତ ହୋଇଛନ୍ତି। ସେହିପରି ଯବାନଙ୍କ ପାଲଟା ଆକ୍ରମଣରେ ଜଣେ ନକ୍ସଲ ନିହତ ହୋଇଥିବା ସୂଚନା ମିଳୁଛି। ଡିଆଇଜି, ସିଆରପିଏଫ ଏବଂ ଏସଟିଏଫ ଯବାନଙ୍କ ଏକ ମିଳିତ ଦଳ ଏହି ଅପରେସନ ଚଳାଇଥିଲେ। ଛତିଶଗଡ଼ର ନକ୍ସଲ ପ୍ରଭାବିତ ସୁକମା ଜିଲ୍ଲାରୁ ମଙ୍ଗଳବାର ସକାଳେ ଏହି ଖବରଟି ଆସିଥିଲା। ଏଠାରେ ଡିଆରଜି, ସିଆରପିଏଫ ଏବଂ ଏସଟିଏଫ ଏବଂ ନକ୍ସଲଙ୍କ ମଧ୍ୟରେ ଗୁଳିଗୁଳା ବର୍ଷଣ ହୋଇଥିଲା । ନକ୍ସଲ ମାନଙ୍କ 'ସହିଦ ସପ୍ତାହ' ବେଳେ ଏହି ଅଞ୍ଚଳରେ ଏକତ୍ରିତ ହେବା ସହ ଯବାନଙ୍କୁ ଆମ୍ବୁସ ଦ୍ୱାରା ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ସୂଚନା ଅନୁଯାୟୀ, ନକ୍ସଲମାନଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସୁରକ୍ଷା ବାହିନୀର ଦଳ ଜଙ୍ଗଲରେ ଏକ ସର୍ଚ୍ଚ ଅପରେସନରେ ଚଳାଇଥିଲେ। ଏହି ସମୟରେ, ନକ୍ସଲମାନେ ଯବାନଙ୍କୁ ଆମ୍ବୁସ ଖଞ୍ଜି ଏକ ଆଇଇଡି ବିସ୍ଫୋରଣ କରିଥିଲେ। ଯେଉଁଥିରେ ଦୁଇ ଜଣ ଯବାନ ଆହତ ହୋଇଥିଲେ। ତଥାପି, ଯବାନ ମାନେ ଦୃଢ଼ତାର ସହ ପାଲଟା ଆକ୍ରମଣ କରିଥିଲେ ଏବଂ ଜଣେ ନକ୍ସଲଙ୍କୁ ନିପାତ କରିବାରେ ସଫଳ ହୋଇଥିଲେ। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ସୁକମା ଏସ୍‌ପି କିରଣ ଚଭନ ଏବଂ ସିଆରପିଏଫ୍ ଡିଆଇଜି ଆନନ୍ଦ ସିଂହ ରାଜପୁରୋହିତ ନିରନ୍ତର ତୀକ୍ଷ୍ଣ ନଜର ରଖିଛନ୍ତି। ସମଗ୍ର ଅଞ୍ଚଳରେ ସୁରକ୍ଷା ବାହିନୀ ମୁତୟନ କରାଯାଇଥିବା ବେଳେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ ଯେ ନକ୍ସଲମାନେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ସହିଦ ସପ୍ତାହ ପାଳନ କରୁଛନ୍ତି। ଯେଉଁଥିରେ ସେମାନେ ସେମାନଙ୍କ ମୃତ ସାଥୀଙ୍କ ସ୍ମୃତିରେ ପ୍ରତିବାଦ ଏବଂ ହିଂସାତ୍ମକ କାର୍ଯ୍ୟକଳାପ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି, ସୁରକ୍ଷା ବାହିନୀ ପୂର୍ବରୁ ଅପରେସନକୁ ଜୋରଦାର କରିଥିବା ସୂଚନା। ଏହି ଏନକାଉଣ୍ଟରରୁ ସ୍ପଷ୍ଟ ଯେ ନକ୍ସଲମାନେ ପୁଣି ଥରେ ଅଞ୍ଚଳରେ ଆତଙ୍କ ବିସ୍ତାର କରିବାକୁ ଷଡଯନ୍ତ୍ର କରୁଛନ୍ତି।

# ୩୬ଟି ଅଭିଯୋଗର ଜନଶୁଣାଣି

କାଳିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଡିଆ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ମୋଟ ୩୬ ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଅବସରରେ ପଡିଆ ବ୍ଲକ୍ ଅନ୍ତର୍ଗତ କାଲଦାପଲ୍ଲୀ ଗ୍ରାମ ରାସ୍ତା, ଏମ୍‌ପିଭି ୫୬ ଗ୍ରାମ ରାସ୍ତା ଦୀର୍ଘଦିନ ଧରି କାଦୁଅ ଭରିହୋଇ ରହିଥିବାରୁ ଏହାର ମରାମତି, ଏମ୍‌ଭି ୫୭ ଗ୍ରାମ ରାସ୍ତା ନିର୍ମାଣ ସମେତ ବିଭିନ୍ନ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିବା ସ୍ଥାନ ଗୁଡିକୁ ନେଇ ହେଉଥିବା ରାଜସ୍ୱ କାର୍ଯ୍ୟାନୁଷ୍ଠାନକୁ ନେଇ ନିଜ ନିଜର ଅଭିଯୋଗ ଜଣାଇଛନ୍ତି। ଏହି ଅଭିଯୋଗ ଗୁଡିକର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଓ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲା ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷ କଲ୍ୟାଣୀ ବିଶ୍ୱାସ ଓ ପଡିଆ ବ୍ଲକ୍ ବିଧାୟକଙ୍କ ପ୍ରତିନିଧି ମନଦୀପଙ୍କର ରାୟଙ୍କ ସମେତ ବିଭିନ୍ନ ବିଭଗର ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ୩ଦିନରେ ପୂର୍ବତନ ସରପଞ୍ଚଙ୍କ ଧାରଣା



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଅନ୍ତର୍ଗତ ରାୟଗଡ଼ ବ୍ଲକର ସଦର ମହକୁମା ଠାରେ ଥିବା ଏସ୍‌ଏସ୍‌ଡି ହାଇସ୍କୁଲ୍‌ରେ ଉନ୍ନତିକରଣ ନାମରେ ପ୍ରଧାନ ଶିକ୍ଷକ ଅର୍ଥ ହରିଲୁଟ୍ କରିଛନ୍ତି ବୋଲି ପୂର୍ବତନ ସରପଞ୍ଚ ଦୀପ୍ତି ପ୍ରଭାଲାଲ ଶବର ଅଭିଯୋଗ କରିଛନ୍ତି । ଆଜିକୁ ୫ ଦଫା ଦାବି ନେଇ ୩ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ସୂଚନାଯୋଗ୍ୟଯେ ୨୦୨୫-୨୦୨୬ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସୁରେଶ ସାହୁକାର କରିଥିବା ଅନିୟମିତତା, ଚଞ୍ଚକତା ତଥା , ମନମୁଖୀ କାର୍ଯ୍ୟ ର ତଦନ୍ତ କରିବା , ୨, ୩ ଜଣ ଅନାଥ ଆଦିବାସୀ ଛାତ୍ରଙ୍କୁ ୨୦୨୨ ମସିହାରେ ବେନିୟମଭାବେ ତଡ଼ି ଦେଇଥିବା, ସେମାନେ ଏବେ ବାହାର ରାଜ୍ୟରେ ଗୋତି ଶ୍ରମିକ ଭାବରେ କାମ କରୁଛନ୍ତି । ସେହିପରି ୨୦୨୧ ମସିହାରୁ ଆଜି ପର୍ଯ୍ୟନ୍ତ ଓ ଆଇଟିଡିଏ କାର୍ଯ୍ୟାଳୟ ତରଫରୁ ହାଇସ୍କୁଲ କେତେ ଟଙ୍କାର ଅନୁଦାନ ପ୍ରକଳ୍ପ ଅନୁଦାନ ଆସିଛି ତାହାର ତଦନ୍ତ କରାଯାଉ । ହାଇସ୍କୁଲ୍ ରେ ୭୦ ଲକ୍ଷ ଟଙ୍କା ପାନୀୟ ଜଳ ପାଇଁ ଓ ଆଇଟିଡିଏ ଅନୁଦାନ ଆସିଥିଲା ତାହା ଠିକ୍ ଭାବ ରେ କାର୍ଯ୍ୟକାରୀ ତଦନ୍ତ କରିବା । ହାଇସ୍କୁଲ୍ ପରିସରରେ କପା ଚାଷ କରାଯାଇଛି,ଏହାର ଅନୁମତ ଜିଲ୍ଲା ମଙ୍ଗଳ ଅଧିକାରୀ ନା କାହା ଅନୁମତିରେ ଚାଷ କରୁଛନ୍ତି ତାହର ତଦନ୍ତ କରିବା ସହ ଏହି ସ୍ଥାନ ରୁ ଜିଲ୍ଲା ବାହରକୁ ବଦଳି କରିବା ପାଇଁ ଦାବି କରିଛନ୍ତି । ସୂଚନା ଯୋଗ୍ୟଯେ ଶବର କହିଛନ୍ତି ଯେ ପୂର୍ବରୁ ସାହୁକାର ଅନ୍ୟ ବିଦ୍ୟାଳୟରେ ଥିଲେ। ଏହିପରି ଦୁର୍ନୀତି କରିଆସିଛନ୍ତି। ଏହାର ଯଦି ଜିଲ୍ଲା ସ୍ତରରେ ସମାଧାନ ନହୁଏ ତାହା ହେଲେ ଭୁବନେଶ୍ୱର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଡଧରଣର ଧାରଣା ବସିବେ ବୋଲି କହିଛନ୍ତି ।

# ଯୋଜନାର ବହୁଦୂରରେ ବିକ୍ରମ ଓ ଅକ୍ଷମ

## ଆବାସ ଯୋଜନା ସାତ ସପନ, ଭଙ୍ଗା ଦଦରା ଘରେ ବିତୁଛି ଜୀବନ





କନ୍ଧମାଳ (ଭାସ୍କର ନ୍ୟୁଜ୍): ସରକାର ଗରିବ ଅସହାୟ ଲୋକଙ୍କ ଆର୍ଥିକ ବିକାଶ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।ହେଲେ ଗରିବ ନିରୀହ ଲୋକଙ୍କ ନିକଟରେ ଯୋଜନା ପହଞ୍ଚି ପାରୁନାହିଁ ।ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନା ବାଟବଣା ସଦୃଶ ମନେ ହୁଏ ।ଗରିବ ଲୋକଙ୍କ ମୁଣ୍ଡ ଉପରେ ଖଣ୍ଡିଏ ପକ୍କା ଘର ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।ହେଲେ ପକ୍କା ଘର ଯୋଜନାର ବହୁ ଦୂରରେ ଗରିବ ହିତାଧିକାରୀ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଗୁଡଭେଲି ପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଦର ଗ୍ରାମରୁ । ଗୁଡଭେଲିପଦର ଗ୍ରାମର ଦୁଇଭାଇ ବିକ୍ରମ ନାଏକ ଓ ଅକ୍ଷମ ନାଏକଙ୍କ ଠାରେ ।ଆଜି ଯାଏ ଉଭୟଙ୍କୁ ସରକାର ପକ୍ଷରୁ ମିଳିପାରିଲାନି ଆବାସ ଘର । ଯାହା ଫଳରେ ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି ଉଭୟ ପରିବାର । ସରକାରଙ୍କ ଏସଇସିସି ତାଲିକାରେ ଉଭୟଙ୍କ ନାମ ନ ଥିବାରୁ ଉଭୟଙ୍କୁ ଆବାସ ଘର ମିଳି ନ ଥିବା କହିଛନ୍ତି । ଦୁଇଭାଇ ବିକ୍ରମ ଓ ଅକ୍ଷମ। ନିଜ ପରିବାର ସହ ଭଙ୍ଗା ମାଟି ଚାଳ ଛପର ଘରେ ରହିଥାନ୍ତି। ଘରଟି ଗତ କିଛି ଦିନର ଲଗାଣ ବର୍ଷାରେ ଝାଟି ମାଟିଥିବାରୁ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ପରିବାର ଗରିବ ହେତୁ ଘରଟି ସଜାଡି ପାରୁନାହାନ୍ତି। ଯାହାଫଳରେ ଉଭୟ ପରିବାର ସେହି ଭଙ୍ଗା ଘରେ ଡରି ଡରି ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଯଦି ବର୍ଷା କି ଝଡ଼ତୋଫାନ ହୁଏ ଘର ଛାଡ଼ି ପଡୋଶୀ କାହା ଘରେ ଆଶ୍ରୟ ନେବେ । ଦୁଇ ଭାଇ ଶ୍ରମିକ ଭାବରେ କାମ କରି ନିଜର ତେଲ ଲୁଣର ସଂସାର ପ୍ରତିପୋଷଣ କରିଥାନ୍ତି ।ସ୍ୱଳ୍ପ ରୋଜଗାର ହେତୁ ପରିବାର ଚଳେଇବା ତାଙ୍କ ପକ୍ଷେ କଷ୍ଟକର ହୋଇ ପଡ଼ିଥିବା ବେଳେ ଭଙ୍ଗା ଘର ମରାମତି କରିବା ତାଙ୍କ ପକ୍ଷରେ ସମ୍ଭବପର ନୁହେଁ ।ତେଣୁ ଦୁଇ ଭାଇ ଭାଗ୍ୟକୁ ଆଦରି ଭଙ୍ଗା ଘରେ ପଡି ରହିଛନ୍ତି ।ଯେଉଁଠି ଦି ଓଳି ଠିକ ଭାବରେ ଖାଇବା ସମ୍ଭବ ହୋଇ ନଥିବାବେଳେ ବେଳେ ଭୋକ ଉପାସରେ ମଧ୍ୟ ଶୋଇବାକୁ ପଡିଥାଏ ।ଏମାନଙ୍କ ମୁଣ୍ଡ ଉପରେ ଚାଳ ଛପର ମାଟି ଘର ଥିବା ବେଳେ ତାହା ଭାଙ୍ଗି ରୁଜି ପଡ଼ି ରହିଛି । ଉକ୍ତ ଭଙ୍ଗା ଦଦରା ମାଟି ଘରକୁ ମରାମତି କରିବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବପର ନୁହେଁ ।ଯେଉଁଠି ଦି ଓଳି ଖାଇବା ସମ୍ଭବ ନୁହେଁ ସେଠି ଘର ମରାମତି କଥା ପଚାରେ କିଏ। ବର୍ଷା ଦିନେ ପାଣି ଗଳୁ ଥିବାରୁ ଘର ସାରା ପାଣି ହୋଇ ଦିନକୁ ଦିନ ମଧ୍ୟ ଉପାସରେ ରହିବାକୁ ପଡେ ବୋଲି କୋହଭରା କଣ୍ଠରେ ଦୁଇ ଭାଇ କହିଛନ୍ତି । ଘର ଖଣ୍ଡିଏ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଡିଓ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କର ସମସ୍ୟାର କୌଣସି ସମାଧାନ ହୋଇ ପାରି ନ ଥିବା କୁହନ୍ତି । ଅନେକ ଅଯୋଗ୍ୟ ହିତାଧୀକାରୀ ଆବାସ ଯୋଜନାରେ ପକ୍କା ଘର ପାଉଥିବା ବେଳେ କିଛି ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ବିକ୍ରମ ଓ ଅକ୍ଷମ ଭଳି ଦୁଇ ଗରିବ ନିରୀହ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡିଏ ପାଇ ପାରି ନ ଥିବା ଦୁଃଖର କଥା ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାରେ ତଦନ୍ତ କରି ଉକ୍ତ ଅସହାୟ ଦୁଇ ଭାଇକୁ ତୁରନ୍ତ ଘର ଖଣ୍ଡିଏ ଖଣ୍ଡିଏ ଯୋଗାଇ ଦେବାକୁ ବିକ୍ରମ ଓ ଅକ୍ଷମଙ୍କ ପରିବାର ସହ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଦୁଇ ଚୋରା ଲୁହାପଥର ବୋଝେଇ ଗାଡ଼ି ଜବତ






ଲହୁଣୀପଡ଼ା(ଭାସ୍କର ନ୍ୟୁଜ୍): ସରକାର ଲୁହା ପଥର ଚୋରି ରୋକିବାକୁ ବିଭିନ୍ନ ପ୍ରକାର ପ୍ରୟାସ କଲେ ସୁଦ୍ଧା ଚୋରି ରୋକିବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ସରକାର ଚୋରି ରୋକିବାକୁ କିଛି ନୂଆ ଚିନ୍ତା କଲା ବେଳେ ଚୋର ଆଉ ପାଦେ ଆଗ କୁ ଯାଇ ଚୋରି କରୁଛି। ସରକାର କେବଳ କାଗଜ ପତ୍ରରେ ଚୋରି ବନ୍ଦ ହୋଇ ଯାଇଛି ବୋଲି ଡ଼ିବି ଡ଼ିବି ପିଟୁଥିବା ବେଳେ ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କା ର ଖଣିଜ ସମ୍ପଦ ଚୋରି ହେଉ ଥିବା ଦେଖିବାକୁ ମିଳୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟାଙ୍କ ଯୋଡ଼ା ଓ ବାହାଡା ପୋଷ ରାସ୍ତାକୁ ସଂଯୋଗ କରୁଥିବା ଏନ୍‌ଏଚ୍୧୦ ନିକଟରେ ଗଢ଼ି ଉଠି ଥିବା ନୀଳଚକ୍ର ଆଇରନ କ୍ରସର ନିକଟରେ ବେଆଇନ ଭାବେ ଲୋଡ଼ ହୋଇ ଥିବା ଦୁଇଟି ଲୁହା ପଥର ଗାଡି ଛିଡା ହୋଇ ଥିବା ବେଳେ ଗ୍ରାମ ବାସୀ ଙ୍କ ହାବୁଡ଼ରେ ପଡିଯାଇଥିଲା। ଉକ୍ତ ଦୁଇଟି ଗାଡି କୁ କଲେଇପୋଷ ବାହାଡା ପୋଷି ରାସ୍ତାରୁ ଗ୍ରାମବାସୀ ଧରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ଘଟଣା ସ୍ଥଳକୁ ଯାଇ ଗାଡି ଦୁଇଟିକୁ ଜବତ କରି ଜଣେ ଚାଳକକୁ ଗିରଫ କରି ପଚରା ଉଚୁରା ଜାରି ରଖିଥିବା ବେଳେ ଘଟଣା ସ୍ଥଳରୁ ଅନ୍ୟ ଜଣେ ଚାଳକ ଫେରାର ମାରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ କୋଇଡା ଅଞ୍ଚଳରୁ ଓଡି ୦୯ଭି ୨୬୪୭ ଓ ଓଡି୦୯ଭି ୩୮୯୬ ଦୁଇ ଟି ୧୬ ଚକିଆ ଟିପର କଲେଇପୋଷ ବାହାଡା ପୋଷି ରାସ୍ତା ନୀଳ ଚକ୍ର କ୍ରସର ନିକଟରେ ଛିଡା ହୋଇ ଥିବା ବେଳେ ସନ୍ଦେହ କରି ଗ୍ରାମବାସୀ ପଚରା ଉଚରା କରି ଥିଲେ। କିନ୍ତୁ ଚାଳକମାନେ ସଠିକ ଉତ୍ତର ଦେଇ ନ ପାରିବାରୁ ଲୋକଙ୍କ ସନ୍ଦେହ ବଢିଥିଲା ଏବଂ ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଚାଳକକୁ ପଚାରି ବୁଝି ସନ୍ତୋଷ ଜନକ ଉତ୍ତର ଦେଇ ନ ପାଇବାରୁ ଅଧିକ ତଥ୍ୟ ପାଇଁ ଥାନାକୁ ଆଣି ପଚରା ଉଚୁରା ଜାରି ରଖିଛି। ତେବେ ଚୋରି ଲୁହା ପଥର କେଉଁଠୁ ଆସୁଥିଲା କେଉଁଠିକୁ ଯାଉ ଥିଲା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ସରକାର ଏତେ ଟାଇଟ କଲେ ସୁଦ୍ଧା ଚୋରି ଦିନକୁ ଦିନ ବଢ଼ି ଚାଲିଛି। ଏହା କେମିତି ସମ୍ଭବ ହେଉଛି ତାହା ସାଧାରଣରେ ଚର୍ଚ୍ଚା ସୃଷ୍ଟି କରୁଛି। ନିକଟରେ ୨୨. ୦୭. ୨୫ତାରିଖ ଦିନ ରଜାମୁଣ୍ଡା ବାଇପାସ ଛକ ନିକଟରେ ଓଡି ୦୯ଭି ୯୬୩୮ ନମ୍ବର ଟିପରକୁ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରି ସେଥିରେ ବେନିୟମ ଭାବେ ଲୋଡ଼ ଥିବା ମାଙ୍ଗାନିଜ ଗାଡିକୁ ଧରିଥିଲେ। ମାତ୍ର ସେଠାରୁ ମଧ୍ୟ ଚାଳକ ଫେରାର ମାରିଥିଲା ।ତାହା ମଧ୍ୟ କେଉଁ କାରଖାନାକୁ ଯାଉ ଥିଲା ଖଣି ବିଭାଗ ପକ୍ଷରୁ ସ୍ପଷ୍ଟ କରା ଯାଇନାହିଁ। ସେହିପରି ଲହୁଣୀପଡା ଥାନା ଠିଆବେର୍ଣ୍ଣର ଏକ ସରକାରୀ ଜମି ଉପରେ ଅସୁରକ୍ଷିତ ଅବସ୍ଥାରେ ୭୦୦ ଟନରୁ ଉର୍ଦ୍ଧ ହେବ ଲୁହାପଥର ପଡି ରହିଥିବା ଖବର ପାଇ ଖଣିବିଭାଗ ପକ୍ଷରୁ ଚଢ଼ାଉ କରା ଯାଇଥିଲା। ତାକୁ ଜବତ କରିବା ସହିତ କିଏ ରଖିଥିଲା ସରକାରୀ ଜମି ଉପରେ ଓ କାହିଁକି ରଖିଥିଲା ତାର ତଦନ୍ତ ହେବା ଦରକାର। ଏତେ ମାତ୍ରାରେ ଲୁହାପଥର ଚୋରି ହେଉଛି, କିନ୍ତୁ ଖଣିବିଭାଗ ପାଖରେ ଖବର କେମିତି ରହୁନାହିଁ। କି ଖଣିବିଭାଗ ଜାଣି ଶୁଣି ନିଦାବିଷ୍ଟ ସାଜିଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।



କଟକ(ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ଜାଲ ନିଯୁକ୍ତି ଅଭିଯୋଗ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଉକ୍ତ ଅଭିଯୋଗ ଘଟଣାରେ ହୋଇଥିବା ତଦନ୍ତରେ ଶିଥିଳତା ପ୍ରସଙ୍ଗରେ ହାଇକୋର୍ଟ କେନ୍ଦ୍ରାପଡା ଏସ୍‌ପିଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଆବେଦନକାରୀ ଅମରବର ବିଶ୍ୱାଳ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଚିତ ରଞ୍ଜନ ଦାସଙ୍କ ଇଜଲାସ ଉପରୋକ୍ତ ଆଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ଜାଲ ନିଯୁକ୍ତି ହୋଇଥିବା ଅଭିଯୋଗ କରି ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ଅଭିଯୋଗ ଘଟଣାର ୨ ବର୍ଷ ପରେ ବି ପୋଲିସ୍ ତଦନ୍ତ କରିନଥିଲା । ଫଳରେ ଉପରୋକ୍ତ ପ୍ରସଙ୍ଗରେ ପୁଲିସ୍‌ର ତଦନ୍ତରେ ଶିଥିଳତା କରୁଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି କେନ୍ଦ୍ରାପଡଶ ଏସ୍‌ପିଙ୍କୁ ଷ୍ଟାଟସ୍ ରିପୋର୍ଟ ମାଗିଥିଲେ । ହାଇକୋର୍ଟଙ୍କ ଉପରୋକ୍ତ ଆଦେଶ ପରେ ଏସ୍.ପିଙ୍କ ବଦଳରେ ଏହି ମାମଲାରେ କେନ୍ଦ୍ରାପଡା ଡିଏସ୍‌ପି ସତ୍ୟପାଠ ଦାଖଲ କରିବା ଘଟଣାକୁ ନେଇ ନେଇ ଅଦାଲତ ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିସହିତ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କର୍ତବ୍ୟରେ ଅବହେଳା ଘଟଣାରେ କଣ ପାଇଁ ପଦକ୍ଷେପ ନିଆନଯିବା ସେ ସମ୍ପର୍କରେ ହାଇକୋର୍ଟ କେନ୍ଦ୍ରାପଡା ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି ।

# ମାଛ, କ୍ଷୀର, ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ଆମର ଲକ୍ଷ୍ୟ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀଙ୍କ ସମୀକ୍ଷା ବୈଠକ ସ୍ଥାନୀୟ କୃଷି ଭବନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ବୈଠକରେ ଅଧ୍ୟକ୍ଷତା କରି ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ମାଛ, କ୍ଷୀର, ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଷ୍ଠାପର ଉଦ୍ୟମ କରିବା ପାଇଁ ମନ୍ତ୍ରୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ଅ୨୦୩୬ ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ଆତ୍ମନିର୍ଭରଶୀଳ ସହ ମାଛ, ମାଂସ, କ୍ଷୀର, ଅଣ୍ଡା ବିଦେଶକୁ ରପ୍ତାନୀ କରି ଆର୍ଥିକ ଭାବେ ସଶକ୍ତ ହେବା ପାଇଁ ମାନ୍ୟବର ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର କାର୍ଯ୍ୟାଦେଶପତ୍ର ବଣ୍ଟନ ଓ ସେଗୁଡିକର ସ୍ଥିତି ଉପରେ ବିଷଦ ଭାବେ ସମୀକ୍ଷା ହୋଇଥିଲା । ଏହି ଯୋଜନାର ସହାୟତା ଯଥା ସମୟରେ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ପ୍ରାଣିପାଳକମାନଙ୍କ ଆୟ ବୃଦ୍ଧି ପାଇଁ ବିଭାଗ ତରଫରୁ କୁକୁଡ଼ା ପାଳନ, ଗୋ-ପାଳନ ଓ ଦୁଗ୍ଧ ଉତ୍ପାଦନ, ଛେଳି ପାଳନ, ଘୁଷୁରୀ ପାଳନ, ଘାସ ଚାଷ ଆଦି ଅନେକ କାର୍ଯ୍ୟକ୍ରମ କରାଯାଉଛି । ଏହି ସବୁ କାର୍ଯ୍ୟକ୍ରମରେ ଚାଷୀଙ୍କୁ ଠିକ ସମୟରେ ଉଚିତ ପରିମାଣର ରିହାତି ଯୋଗାଇ ଦେଇ ଯୋଜନାକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଅର୍ଥନୈତିକ ବିକାଶ ଦିଗରେ ତତ୍ପର ହେବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ରୀନା ମହାପାତ୍ର, ଏପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ସିଓ୍ୱାର ନିର୍ଦ୍ଦେଶକ ମୃଦୁଳା ଦେବୀ, ସମସ୍ତ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତକାଲି ମଙ୍ଗଳବାର, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।




ମୁମ୍ବାଇଠାରେ ଜେମ୍ସ ଆଣ୍ଡ ଜୁଏଲାରୀ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ ପକ୍ଷରୁ ଆଇଆଇଜେଏସ୍ ଲିଜେଣ୍ଡ ଅଫ୍ ଦ ଇଣ୍ଡଷ୍ଟ୍ରି ସମ୍ମାନ ଅମୃତା ଫଡନାଭିସ୍‌ଙ୍କଠାରୁ ଗ୍ରହଣ କରୁଛନ୍ତି ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମଜୀ। ଓଡ଼ିଶା ଏବଂ ପୂର୍ବ ଭାରତର ପ୍ରଥମ ଜୁଏଲାରୀ ଭାମେ ସମ୍ମାନିତ।

## ଟିପିଏନଓଡିଏଲ ପକ୍ଷରୁ ଜେଆରଡି ଟାଟାଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର




ବାଲେଶ୍ୱର(ଭାସ୍କର ନ୍ୟୁଜ): ଭାରତ ରତ୍ନ ଶ୍ରୀ ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ବାଲେଶ୍ୱରର ନୋସି କମର୍ସିଆଲ ସେଣ୍ଟରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥି ସହିତ ଟିପିଏନଓଡିଏଲ ଅଧୀନରେ ଥିବା ସମସ୍ତ ଡିଭିଜନ କାର୍ଯ୍ୟାଳୟରେ ମଧ୍ୟ ଶ୍ରୀ ଜେଆରଡି ଟାଟାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଓଡ଼ିଶା ରକ୍ତ ଭଣ୍ଡାର ସହଯୋଗରେ ଏହି ଶିବିର ଆୟୋଜନ କରାଯାଇଥିଲା। ସେଥିରେ ଟିପିଏନଓଡିଏଲ କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ଶିବିରରେ ସଫଳତାର ସହ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିର ସେବା ଓ ମାନବ ଧର୍ମ ପ୍ରତି ଜେଆରଡି ଟାଟାଙ୍କର ଥିବା ପ୍ରତିବଦ୍ଧତା ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଥିଲା ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ସଂସ୍ଥାର ଗଭୀର ସମର୍ପଣ ଭାବକୁ ଦର୍ଶାଇଥିଲା। ଏହି ଶିବିରରେ ଟିପିଏନଓଡିଏଲର ସିଇଓ ଶ୍ରୀ ଗଜାନନ ଏସ କାଲେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଯାହା ଶିବିରର ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲା। ଏହା କମ୍ପାନିର ଯତ୍ନ, ସଚୋଟତା ଓ ସାମାଜିକ ଦାୟିତ୍ୱବୋଧକୁ ଦର୍ଶାଉଛି। ଏହି ଅବସରରେ ଶ୍ରୀ କାଲେ କହିଥିଲେ ଯେ, 'ଜେଆରଡି ଟାଟାଙ୍କ ଦୂରଦୃଷ୍ଟି ଓ ଦୟା ଭାବ ଆମକୁ ଅନୁପ୍ରାଣିତ କରିବା ଜାରି ରଖିଛି। ଟିପିଏନଓଡିଏଲରେ ଆମେ ପ୍ରଭାବଶାଳୀ ଅଭିଯାନ ଜରିଆରେ ସେହି ପରମ୍ପରା ବଜାୟ ରଖିବା ଉପରେ ବିଶ୍ୱାସ କରୁ ଯାହା ଦ୍ୱାରା ସମାଜ ଉପକୃତ ହେଉଛି। ଏହି ରକ୍ତଦାନ ଶିବିର ସେ ଦିଗରେ ଆଉ ଏକ ଛୋଟ ତଥା ଅର୍ଥପୂର୍ଣ୍ଣ ପଦକ୍ଷେପ।'' ଏଭଳି ଅଭିଯାନ ଜରିଆରେ ନିଜର ମୂଳ ବିଦ୍ୟୁତ ବଂଟନ ସେବାଠାରୁ ଆଗକୁ ବଢ଼ି ଟାଟାଗ୍ରୁପ ରାଷ୍ଟ୍ର ଗଠନର ମୂଲ୍ୟବୋଧକୁ ବଜାୟ ରଖିଥିବା ବେଳେ ଏହା ସେବା ପ୍ରଦାନ କରୁଥିବା ଅଂଚଳରେ ସକାରାତ୍ମକ ଓ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ଥିତି ନିୟନ୍ତ୍ରଣାଧୀନ...

କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ଓ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚେନ ବ୍ୟବସ୍ଥା କରାଯାଇଛି। ସମୁଦାୟ ୧୦ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଅଧିକ ୭ ଦିନ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବନ୍ୟାଜଳ ଛାଡିବା ପରେ ଜଳବାହିତ ରୋଗ ଯେପରି ନ ବ୍ୟାପେ ସେନେଇ ଜଳଉତ୍ସଗୁଡ଼ିକର ବିଶୁଦ୍ଧିକରଣ ଓ ସାପକାମୁଡ଼ା ଆଦିର ମୁକାବିଲା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କ କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବାପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ୩ ଜିଲ୍ଲାରେ ବନ୍ୟା ବିପ୍ରାତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଣିଥରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ବନ୍ୟା ମୁକାବିଲା ପାଇଁ ବାଲେଶ୍ୱରରେ ୧୭ଟି ଓଡ୍ରାଫ ଓ ୧୩ଟି ଅଗ୍ନିଶମ ଟିମ୍ ମୁତୟନ କରାଯାଇଥିବାବେଳେ ଭଦ୍ରକରେ ଗୋଟିଏ ଏନଡିଆରଏଫ, ଗୋଟିଏ ଓଡ୍ରାଫ ଓ ୧୩ଟି ଅଗ୍ନିଶମବାହିନୀ ମୁତୟନ କରାଯାଇଛି। ସେହିପରି ଯାଜପୁରରେ ଗୋଟିଏ ଓଡ୍ରାଫ, ୧୪ଟି ଅଗ୍ନିଶମ ସେବାଟିମ୍ ମୁତୟନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ମାଡ଼ି ଆସିଲା...

୧୫ ଫୁଟ ଉଚ୍ଚର ଜୁଆର ଉପକୂଳ ଆଡକୁ ମାଡ଼ି ଆସିଥିବାର ଦେଖିବାକୁ ମିଳିଥିଲା। ଏଥିରେ କାମଚଟକା ଉପକୂଳ ବିଶେଷ ପ୍ରଭାବିତ ହୋଇଥିବା କୁହାଯାଉଛି। ସେହିପରି ଜାପାନର ପ୍ରଶାନ୍ତ ମହାସାଗରୀୟ ଉପକୂଳରେ ମଧ୍ୟ ସୁନାମୀ ତାଣ୍ଡବ ରଚିଥିବା ସୂଚନା ଦିଆଯାଇଛି। ଜାପାନର ୧୬ଟି ସ୍ଥାନରେ ସୁନାମୀର ପ୍ରଭାବ ଦେଖିବାକୁ ମିଳିଛି। ସେହିପରି ଆମେରିକାର କାଲିଫର୍ଣ୍ଣିଆ ଓ ହାୱାଇରେ ମଧ୍ୟ ସୁନାମୀ ଆତଙ୍କ ରଚିଛି। ଲୋକଙ୍କୁ ଉଚ୍ଚସ୍ଥାନକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି। ସମୁଦ୍ରରେ ବଡ଼ ବଡ଼ ଲହରୀ ଆସିବା ସହ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ନେଇ ଆଲର୍ଟ ଜାରି କରାଯାଇଛି। ଏହି ଭୂକମ୍ପରେ ରୁଷ ସହ ଜାପାନର ହେକୋଇଡୋ, କାଣ୍ଟୋସଇଜୁ ଓ ଓଗାସାବନା ଦ୍ୱୀପଗୁଡ଼ିକରେ ସୁନାମୀ ଆଲର୍ଟ ଜାରି ହୋଇଛି। ଭୂକମ୍ପ ଦ୍ୱାରା ବହୁ ଲୋକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଏଥିପୂର୍ବରୁ ୧୯୬୦ରେ ଚିଲିରେ, ୧୯୬୪ରେ ଆମେରିକାର ଆଲାସ୍କାରେ, ୨୦୦୪ରେ ଇଣ୍ଡୋନେସିଆର ସୁମାତ୍ରାରେ, ୨୦୧୧ରେ ଜାପାନର ତୋହକୁରେ ଏବଂ ରୁଷର କାମଚଟକାରେ ୧୯୫୨ରେ ଭୟଙ୍କର ଭୂମିକମ୍ପ ସଂଗଠିତ ହୋଇଥିଲା।

**AFFIDAVIT**

By virtue of an affidavit sworn before the Notary Public, Cuttack, dated: 23.07.2025, I Sabita Mallick, Address: village-Pirkudi, Po- Sakadi, Ps-Khajuripada, Dist-Kandhamal, Odisha, PIN-762012, declare that I have changed my son's name from Subrat Kumar Kanhar to Subrat Kumar Mallick. Henceforth, He shall be known as Subrat Kumar Mallick for all purposes.

Sd/- Sabita Mallick

**AFFIDAVIT**

By virtue of an affidavit No. 53 dated: 30.07.2025 sworn before the Executive Magistrate, Bhubaneswar, I Swapnarani Behera, W/o-Soumendra Ranjan Behera, resident of at Gualigaon, Po- Taras, Ps-Rajkanika, Dist-Kendrapara, presently residing at Plot No. N-1/147, IRC Village, Post-IRC Village, Ps- Nayapalli, Bhubaneswar, Dist-Khordha declares that my actual name is Swapnarani Behera which is correctly mentioned in my Aadhar Card & Birth Certificate of my Natural Daughter named Simran Behera. This affidavit is to be produced before the Principal KV-I, Bhubaneswar for information & necessary correction of my name in school Register.

Sd/- Swapnarani Behera

**ଦ.ପୂ. ରେଳପଥ-ଟେଣ୍ଡର**

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଟିଆର୍‌ଡି), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ନିମ୍ନରେ ଉଲ୍ଲେଖିତ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମାଙ୍କ ସଂଖ୍ୟା, ଟେଣ୍ଡର ନୋଟିସ୍ ସଂଖ୍ୟା ଏବଂ କାର୍ଯ୍ୟର ନାମ ନିମ୍ନଲିଖିତ: ୧. ସିକେପି-ଡି-୬୭୭-ଟିଆର୍-ଲାଇନ୍-ଏଏମ୍‌ସି ୨୦୨୫। ତିନିବର୍ଷ ସମୟାବଧି ପାଇଁ ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ପ୍ରାୟ ୧୩.୭୦ କିଲୋମିଟର ୧୩୨/୨୨୦ କେଭି ସିଙ୍ଗଲ୍ ସର୍କିଟ୍ ଏବଂ ଡବଲ୍ ସର୍କିଟ୍ ଟ୍ରାନ୍ସମିସନ୍ ଲାଇନର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା। ଟେଣ୍ଡର ମୂଲ୍ୟ: ଟ.୪୩,୨୩,୦୨୧.୭୯/-। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୮୬,୫୦୦/-। ୨.ସିକେପି-ଡି-୬୩୨-ଏଏମସି-ଏସ୍‌ସିଏଡିଏ। ତିନିବର୍ଷ (୦୩) ସମୟାବଧି ପାଇଁ ଚକ୍ରଧରପୁର ଡିଭିଜନର ଟିଇଏମ୍‌ଏସ୍ ଏବଂ ଟିଡିଏମ୍‌ଏସ୍ ସମ୍ବନ୍ଧୀୟ କାର୍ଯ୍ୟକଳାପ ସହିତ ସାଲଗାଝରି-ଝାରସୁଗୁଡ଼ା ଏବଂ ରାଜଖରସୁଆଁ-ଡାଙ୍ଗୋଆପୋସି ସେକ୍ସନର ୩୫ ଟି ଆର୍‌ଟିୟୁ ସମେତ ଏସ୍‌ସିଏଡିଏ-I ସିଷ୍ଟମର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (ଏଏମ୍‌ସି)। ଟେଣ୍ଡର ମୂଲ୍ୟ: ଟ.୧,୦୩,୮୩,୭୧୨.୪୭। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୦୧,୯୦୦/-। ସମାପ୍ତି ଅବଧି: ପ୍ରତ୍ୟେକ ପାଇଁ ୩୬ ମାସ। ଇ-ଟେଣ୍ଡର ଖୋଲିବାର ସ୍ଥାନ: ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ ଟିଆର୍‌ଡି/ଦକ୍ଷିଣ ପୂର୍ବ ରେଳବାଇ। ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ତାରିଖ ୧୫.୦୦ ଘଣ୍ଟା ପ୍ରତ୍ୟେକ ପାଇଁ। ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ: ୧୫:୩୦ ଘଣ୍ଟା। ପ୍ରତ୍ୟେକ ପାଇଁ ୨୦.୦୮:୨୦୨୫ ତାରିଖ ଦିନ ୧୫.୩୦ ଘଣ୍ଟା। ଇ-ଟେଣ୍ଡର ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରଙ୍କ ପାଖରେ ଶ୍ରେଣୀ-III ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଓଜରଚଝ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ।

(PR-461)

**झारखण्ड सरकार**
**क्षेत्र सर्वेक्षण प्रमण्डल, अग्रिम योजना, पथनिर्माण विभाग, दुमका**

**अति–अल्पकालीन ई–प्रोक्योरमेंट सूचना, (1st Call)**

ई–निविदाप्रसंग सं0:–RCD/FSD/AP/DUM/09/2025-26 दिनांकः–30.07.2025

| | | |
|---|---|---|
| 1. | कार्य का नाम | Consultancy services for preparation of **Detailed Project Report For Diversion Of Simra - Boarijore Road (MDR-208) From LalmatiaChowk To Basdiha Road For The Expansion Of Rajmahal OCP Under Rajmahal Area ECL** including replacement of culverts and bridges, proposal for new culverts and bridges, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stages etc. as required Under Road Division **Goddain** the state of Jharkhand. **(Tentative Length - 12.00 Km)** |
| 2. | अनुमानित लंबाई | 12.00 कि०मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 01.08.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 08.08.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 11.08.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथनिर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं० | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं० | 0651–2401010 |

अतिरिक्तजानकारी के लिए वेबसाईटपर देखें :–http://jharkhandtenders.gov.in

कार्यपालक अभियंता, क्षेत्र सर्वेक्षण प्रमण्डल, अग्रिम योजना, पथनिर्माण विभाग, दुमका

PR 358589 Road(25-26)#D

**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj**

**e-Procurement Notice**

e-Tender Ref No-7/RCD/Daltonganj/2025-26/658 Dated:-29.07.2025

| | | |
|---|---|---|
| 1. | Name of Work | हाथी खाना गोदाम परिसर में अवस्थित अभियंता, पथ निर्माण विभाग, पथ अंचल, डालटनगंज के आवास एवं कार्यपालक अभियंता, राष्ट्रीय उच्च पथ प्रमण्डल, मेदिनीनगर के कार्यालय भवन निर्माण का कार्य (वर्ष 2025–26) |
| 2. | Estimated Cost | Rs. 1,80,00,000.00 (Rupees One Crore Eighty Lakhs) Only. |
| 3. | Bid Security (Amount) | Rs. 3,60,000.00 (Rupees Three Lakhs Sixty Thousand) Only. |
| 4. | Time of Completion | 06 Months |
| 5. | Date of Publication of Tender on Website | 06.08.2025, 10:30 AM |
| 6. | Last Date/Time of Online Bid Submission | 28.08.2025, 12:00 Noon |
| 7. | Date and Time of Bid opening | 29.08.2025, 12:30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj,06562–225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e Procurement cell | 0651-2401010 |

Note : Estimated amount may vary.
For further details can be seen on website http://jharkhandtenders.gov.in.

Executive Engineer
Road Construction Department
Road Division, Daltonganj

PR 358546 Road (25-26)_D

SDCCB
**THE SAMBALPUR DISTRICT CO-OPERATIVE CENTRAL BANK LIMITED**
**Quotation Call Notice**
**Lett. No: 2102 Date: 30.07.2025**

The Sambalpur District Co-operative Central Bank (SDCCB) invites Quotation call notice for AMC of Online UPS for Various Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha. For details please visit Bank's website: www.sambalpurdccb.com. The last date for receipt of proposal is 07.08.2025, 2:00P.M.

SDCCB reserves the right to accept/reject any/all Quotation without assigning any reason thereof.

Sd/-
Chief Executive Officer

**THE SAMBALPUR DISTRICT CO-OPERATIVE CENTRAL BANK**
**HEADOFFICE:BARGARH-768028**
**Email:headoffice@sambalpurdccb.com**

MANAPPURAM HOME FINANCE LTD.
**ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍,ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

**ପଜେସନ୍ ନୋଟିସ୍** (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ତେଣୁ ୯ ଆଇନର ୧୩(୪) ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ। ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ | ଯେଉଁ ଉଦ୍ଦେଶ୍ୟରେ ଏହି ସମ୍ପତ୍ତି ବନ୍ଧକ ରହିଥିବାର ବିବରଣୀ | ଡିମାଣ୍ଡ ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ | ପଜେସନର ତାରିଖ |
|---|---|---|---|---|
| ୧ | ଲକ୍ଷ୍ମୀପ୍ରିୟା ସାହୁ, ସୌଭାଗ୍ୟ ରଞ୍ଜନ ସାହୁ/ ଏମଏଲଫି୦୭୮୦୩୪୫୬ ଖୋର୍ଦ୍ଧା | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ- ଅବସ୍ଥିତି ମୌଜା-ଭାପୁର, ପିଏସ୍ ନଂ ୩୦, ତହସିଲ ନଂ ୪୩୫, ଯାହାକି ଖାତା ନଂ ୭୭୫/୪୨୧ ଅଧୀନ, ସ୍ଥିତିବାନ ପ୍ଲଟ୍ ନଂ ୧୫୯/୨୬୪୫, ଏ୦.୦୬୧ ଡିସିମିଲ(୦.୦୨୪୭ ହେକ୍ଟର), କିସମ- ଘରବାରୀ ଏବଂ ଖାତା ନଂ ୧୧୭୬/୭୬, ଚନ୍ଦନା, ପ୍ଲଟ ନଂ ୧୫୦/୨୬୪୪, ଏ୦.୦୨୦ ଡିସିମିଲ (୦.୦୦୮୧ ହେକ୍ଟର), କିସମ-ଘରବାରୀ, ପିଏସ/ତହସିଲ- ବାଲିପାଟଣା ପରିସୀମା, ଜିଲ୍ଲା-ଖୋର୍ଦ୍ଧା, ପୋଷ୍ଟ-ବନମାଳୀପୁର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୧୦୩, ପୂର୍ବ: ପ୍ଲଟ୍ ନଂ ୧୫୦-ଧୋବେଇ ନାଥ/ ପ୍ଲଟ ନଂ ୧୪୮-ଲକ୍ଷ୍ମଣ ସାହୁ/ପ୍ଲଟ୍ ନଂ ୧୫୯/ ଧୋବେଇ ନାଥ, ପଶ୍ଚିମ- ପ୍ଲଟ୍ ନଂ ୧୫୦, ଜଗୁ ବେହେରା ଓ ଅନ୍ୟମାନେ/ ପ୍ଲଟ୍ ନଂ ୧୪୮, ଗନ୍ଧର୍ବ ସାହୁ/ପ୍ଲଟ ନଂ ୧୫୯, ନଈ କେନାଲ, ଦକ୍ଷିଣ- ପ୍ଲଟ ନଂ ୧୫୦ ନାରାୟଣ ସାହୁ ଏବଂ ଅନ୍ୟମାନେ/ପ୍ଲଟ ନଂ ୧୪୮ ନାରାୟଣ ସାହୁ ଏବଂ ଅନ୍ୟମାନେ/ ପ୍ଲଟ ନଂ ୧୫୯ ଆରିୟନ ସାହୁ ଏବଂ ଅନ୍ୟମାନେ, ଉତ୍ତର- ପ୍ଲଟ ନଂ ୧୫୦ ଅନାବାଦି/ ପ୍ଲଟ ନଂ ୧୪୮ ଅନାବାଦି/ ପ୍ଲଟ ନଂ ୧୫୯ ଅନୁଯାୟୀ ରାସ୍ତା | ୦୯.୦୫.୨୦୨୪ ଏବଂ ଟ. ୪୦୩୭୨୬/- | ୨୯.୦୭.୨୦୨୫ |

ତାରିଖ: ୩୧.୦୭.୨୦୨୫, ସ୍ଥାନ: ଓଡ଼ିଶା
ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍

**AFFIDAVIT**

By virtue of an affidavit sworn before the Executive Magistrate, Sadar, Cuttack, dated: 05.07.2025, I Banita Bhoi, Address: At- Gobindpur, Bentakarpada, Ps-Cuttack Sadar, Dist-Cuttack, Odisha, PIN-754112, declare that I have changed my daughter's name from E Krishnabani to Krishna Bhoi. Henceforth, she shall be known as Krishna Bhoi for all purposes.

Sd/-Banita Bhoi

**AFFIDAVIT**

By virtue of an affidavit sworn before the Executive Magistrate, Nayagarh, dated: 30.07.2025, I Nibedita Rath, Address: At-Goutam Nagar, 5th Lane, Near Siba Temple, Ps-Rayagada, Dist-Rayagada, Odisha, PIN-765001, declare that I have changed my name from Nibedita Behera to Nibedita Rath. Henceforth, I shall be known as Nibedita Rath for all purposes.

Sd/- Nibedita Rath

**AFFIDAVIT**

By virtue of an affidavit sworn before the Executive Magistrate, Khondmals, Phulbani, dated: 19.07.2025, I Rajendra Kanhar, Address: village-Tukulupada, Po-Adasipada, Ps-Khajuripada, Dist-Kandhamal, Odisha, PIN-762029, declare that I have changed my son's name from Lipun Kanhar to Ashok Kanhar. Henceforth, He shall be known as Ashok Kanhar for all purposes.

Sd/- Rajendra Kanhar

**CHANGE OF NAME**

I, Maniram Bag, father of minor daughter B Preeti, resident of At-Patrabasa, PO-Pandigaon, PS-Jajapanta, Dist-Kalahandi, Odisha, PIN-766013, do hereby declare that I have changed the name of my minor daughter from B Preeti to Pritee Bag with effect from 23/07/2025. She shall henceforth be known as Pritee Bag for all purposes.This change has been made through an affidavit sworn before the Notary Public, Bhawanipatna, Kalahandi.

Sd/-Maniram Bag
(Father & Natural Guardian of Minor)

**PARADIP PORT AUTHORITY**
No:CE/PRD/ACCTS-03/25/296
Dtd.25.07.2025
**e-TENDER CALL NOTICE**

Name of the work : **Cleaning of the roads and berms including disposal of debris of Zone-III, Location of Port prohibited area for 2025-26.** Estimated cost: **Rs.1,34,33,173.36/-** Last date & time of submission : 16.08.2025 upto 17:00 Hrs. Refer our website for details: eprocure.gov.in/eprocure/app.

Sd/-Executive Engineer, PRD,PPA

PPA/PR/32/2025-2026 dtd: 30/07/2025

**AFFIDAVIT**

I, Ullapi Suna, W/o Jagabandhu Suna, resident of Village-Dhoben, P.O.-Nishanpur, P.S.-Narla, District-Kalahandi, Odisha, PIN-766101, do hereby solemnly affirm that I have changed my name and surname from Ullapi Suna to Ullapi Durga for all purposes from 28/07/2025. Henceforth, I shall be known and identified as Ullapi Durga for all official, legal, and personal documents. Concerned persons may note.

Sd/- Ullapi Durga
(Formerly known as Ullapi Suna)

**DISTRICT PROJECT OFFICE, SAMAGRA SHIKSHA, DHENKANAL**
Phone & Fax: 95-6762-223175/227082, E-mail: dpcdhenkssa@opepa.nic.in

No: 1316 / dtd: 30.07.2025

**NOTICE INVITING TENDER (NIT)**

Sealed tenders are invited from the reputed & credible manufactures' suppliers supply of "Equipment's, TLMs and Furniture" for 09 no's Saksham Resource Centre at PM SHRI Schools of Dhenkanal District in two bid systems (Technical & Commercial Bid) as detailed below

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Procurement of different equipment's, TLMs & Furniture for SRC | Rs.1000/- | Rs. 70000/- | 18.08.2025 at 2.00 PM | 19.08.2025 at 11.30 AM |

The detailed BID document is available in the website www.dhenkanal.odisha.gov.in & www.osepa.odisha.gov.in. Interested and eligible manufactures/ Suppliers may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By orders of Collector-cum-Chairperson
Sd/-DEO-cum-DPC,
Samagra Shiksha, Dhenkanal

**कार्यालय कार्यपालन अभियंता (वि./याँ) खण्ड,**
**लोक स्वास्थ्य यांत्रिकी विभाग,**
**रायपुर (छ०ग०)**

**निविदा- विज्ञप्ति**

इस कार्यालय की निविदा क्रमांक 02/ तं०या०/ रायपुर, दिनांक 26.06.2025 (सिस्टम टेण्डर न. 170963) का प्रकाशन क्रमांक जी0-252601827 को एतद् द्वारा अपरिहार्य कारणों से निरस्त किया जाता है |

कार्यपालन अभियंता (वि० या०) खण्ड,
लोक स्वास्थ्य यांत्रिकी विभाग,
रायपुर (छत्तीसगढ़)

G-252602442/ 7

ପୋରପରଷଦ କାର୍ଯ୍ୟାଳୟ : ଜୟପୁର
**OFFICE OF THE MUNICIPAL COUNCIL: JEYPORE**
Phone No. : 06854-231098, e-Mail: ulbjeypore@gmail.com

Letter No: 3261
Date: 28.07.2025

**Quotation call notice**
C-774

Sealed quotation in plain paper / letter pad is invited from the interested registered firm/agency for supply of Wealth Centre, Jeypore Municipality 4nos of wealth center Machinery Repairing & Maintenance Jeypore Municipality. They can apply to this office as per specification which is mentioned below. This will be received by the undersigned up to 11.00A.M. on **Dt-04.8.2025** and will be opened at 4.00 P.M. on the same day if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

| SL.no | Name of the Items | Quantity | Rate in Rs. | Amount in Rs. |
|---|---|---|---|---|
| | CHEMICAL; | | | |
| 1 | Hydraulic Oil | | | |
| 2 | MCB-4 Polo (63 Amp) | | | |
| 3 | MCB-3 Polo (32 Amp) | | | |
| 2 | Castrol Spherical grease | | | |
| 3 | Start Button | | | |
| 4 | Stop Button | | | |
| | Emergency Stop Button | | | |
| 1 | Motor base nut & Bolt | | | |
| 2 | Indicator Lamp | | | |
| 3 | Auxiliary Contractor | | | |
| 4 | Petrol | | | |
| | Power Contracor | | | |
| 1 | Shaft (Lathe work/Welding) | | | |
| | Service Charge | | | |

Sd/-Executive Officer
Jeypore Municipality

OIPR 13079/11/0052/2526



ଶ୍ରୀନଗର: ଜମ୍ମୁ କାଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ କର୍ତ୍ତୃପକ୍ଷ ବୁଧବାର ପହଲଗାମ ଏବଂ ବାଲତାଲ ଉଭୟ ରୁଟରେ ଅମରନାଥ ଯାତ୍ରାକୁ ସ୍ଥଗିତ ରଖିଛନ୍ତି। ଖରାପ ପାଗ ଯୋଗୁଁ ଗୁରୁବାର ମଧ ଜମ୍ମୁରେ ଯାତ୍ରା ସ୍ଥଗିତ ରହିବ। ଜମ୍ମୁ ଏବଂ କାଶ୍ମୀରର ସୂଚନା ଏବଂ ଲୋକସମ୍ପର୍କ ବିଭାଗ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏନେଇ ପୋଷ୍ଟ କରିଛନ୍ତି। ଏଥିରେ ସୂଚନା ଦିଆଯାଇଛି ଯେ ପହଲଗାମ ଏବଂ ବାଲତାଲ ଉଭୟ ପକ୍ଷ ଶିବିରରୁ ଶ୍ରୀ ଅମରନାଥଜୀ ଯାତ୍ରାକୁ ୩୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ବିଭାଗ କହିଛି ଯେ ଯାତ୍ରା କ୍ଷେତ୍ରରେ ପ୍ରବଳ ବର୍ଷା ଯୋଗୁଁ ଶିବିରରୁ ତୀର୍ଥଯାତ୍ରୀଙ୍କ ଯାତାୟାତ ପ୍ରଭାବିତ ହୋଇଛି। ତେଣୁ ୩୧ ଜୁଲାଇ ୨୦୨୫ ଭଗବତୀ ନଗର ଜମ୍ମୁରୁ ବାଲତାଲ ଏବଂ ନନୱାନ ଶିବିର ଅଭିମୁଖେ କୌଣସି ଦଳକୁ ଯିବାକୁ ଅନୁମତି ଦିଆଯିବ ନାହିଁ।

### ପାକିସ୍ତାନକୁ ଜୟଶଙ୍କରଙ୍କ କଡ଼ା ବାର୍ତ୍ତା

## ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ



ନୂଆଦିଲ୍ଲୀ: ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଜୟଶଙ୍କର କହିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ କୌଣସି ପ୍ରକାରେ ପାକିସ୍ତାନ ସହିତ ସିନ୍ଧୁ ଜଳ ରାଜିନାମା ନେଇ ଆଲୋଚନା ହେବ ନାହିଁ ଏବଂ ଏହାକୁ ସ୍ଥଗିତ ରଖାଯିବ। ସଂସଦରେ ମନ୍ତବ୍ୟ ଦେଇ ଜଳ ଏବଂ ରକ୍ତ ଏକାଠି ବହିବ ନାହିଁ ବୋଲି ଜୟଶଙ୍କର କହିବା ସହିତ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି। ସିନ୍ଧୁ ଜଳ ରାଜିନାମା ପୁନର୍ବାର କାର୍ଯ୍ୟକାରୀ କରିବାକୁ ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ବହୁ ଉଦ୍ୟମ କରୁଥିବାବେଳେ ତାହାକୁ ଭାରତ ନିଷ୍ଫଳ କରିଦେଇଛି। ଏହା ସହିତ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ)କୁ ବିଶ୍ୱ ଆତଙ୍କବାଦୀ ସଂଗଠନ ତାଲିକାରେ ସ୍ଥାନିତ କରିବାରେ ଭାରତ ସଫଳ ହୋଇଛି ବୋଲି ସେ କହିଛନ୍ତି। ଜୟଶଙ୍କର ଆହୁରି କହିଥିଲେ, ଅପରେସନ ସିନ୍ଦୂର ଯେତେବେଳେ ଆରମ୍ଭ ହେଲା ସେତେବେଳେ ଅନେକ ଦେଶ ଆମ ସହିତ ସମ୍ପର୍କରେ ଥିଲେ। ପରିସ୍ଥିତି କେତେ ଗମ୍ଭୀର ହେବାକୁ ଯାଉଛି ଏବଂ କେତେଦିନ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ ତାହା ସେମାନେ ଅନୁଧ୍ୟାନ କରୁଥିଲେ। ଆମେ ସମସ୍ତ ଦେଶକୁ ଗୋଟିଏ ବାର୍ତ୍ତା ପଠାଇଥିଲୁ ଯେ, ଆମେ ମଧ୍ୟସ୍ଥତା ପାଇଁ ପ୍ରସ୍ତୁତ ନାହୁଁ। ଭାରତ ଏବଂ ପାକିସ୍ତାନ ଭିତରେ ଯାହା ବି ହେବ ତାହା ଦ୍ୱିପାକ୍ଷିକ ହେବ।

## ଫ୍ୟାକ୍ଟ ଚେକ୍ ୟୁନିଟ୍ ମାଧ୍ୟମରେ ମିଥ୍ୟା ଖବର ଏବଂ ଭ୍ରାମକ ସୂଚନାର ମୁକାବିଲା କରୁଛନ୍ତି ସରକାର: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ: ମିଥ୍ୟା ଖବର, ଭ୍ରାମକ ସୂଚନା ଏବଂ ଅନୁଚିତ କାର୍ଯ୍ୟକ୍ରମ ପ୍ରସାରଣ ଉପରେ ଅଙ୍କୁଶ ଲଗାଇବା ପାଇଁ ସରକାର ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ଏହାକୁ ଏକ ସ୍ୱାୟତ୍ତ କର୍ତ୍ତବ୍ୟ ରୂପେ ଗ୍ରହଣ କରି ସରକାର ଜରୁରୀ ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ। ଲୋକସଭାରେ କେନ୍ଦ୍ର ମନ୍ତ୍ରୀ ଦାଖଲ କରିଥିବା ସୂଚନା ମୁତାବକ, ଭ୍ରାମକ ସୂଚନା ଓ ମିଥ୍ୟା ଖବର ପ୍ରସାରଣ ଲାଗି ସରକାର ଅନେକ ଆଇନଗତ ବ୍ୟବସ୍ଥା କରିଛନ୍ତି। ସମ୍ବାଦପତ୍ରଗୁଡ଼ିକୁ ଭାରତୀୟ ପ୍ରେସ୍ ପରିଷଦ (ପିସିଆଇ) ଦ୍ୱାରା ପ୍ରକାଶିତ 'ସାମ୍ବାଦିକ ଆଚରଣର ମାନଦଣ୍ଡ' ପାଳନ କରିବାକୁ ପଡ଼ିଥାଏ। ଏହି ମାନଦଣ୍ଡଗୁଡ଼ିକ ଅନ୍ୟ ବିଷୟଗୁଡ଼ିକ ସହିତ ମିଥ୍ୟା / ଅପମାନଜନକ / ଭ୍ରାମକ ଖବର ପ୍ରକାଶନକୁ ପ୍ରତିରୋଧ କରେ। ପରିଷଦ ଆଇନର ଧାରା ୧୪ ଅନୁଯାୟୀ, ମାନଦଣ୍ଡର କଥିତ ଉଲ୍ଲଂଘନର ତଦନ୍ତ କରାଯାଇପାରିବ ଏବଂ ସମ୍ବାଦପତ୍ର, ସମ୍ପାଦକ, ସାମ୍ବାଦିକ ଇତ୍ୟାଦିଙ୍କୁ ସତର୍କ କରାଯାଇପାରିବ କିମ୍ବା ଭର୍ତ୍ସନା କରାଯାଇପାରିବ। ଟିଭି ଚ୍ୟାନେଲଗୁଡ଼ିକ କେବୁଲ ଟେଲିଭିଜନ ନେଟୱାର୍କ (ନିୟନ୍ତ୍ରଣ) ଆଇନ, ୧୯୯୫ ଅନୁଯାୟୀ କାର୍ଯ୍ୟକ୍ରମ ସଂହିତା ପାଳନ କରିବାକୁ ବାଧ୍ୟ। ଏହି ନିୟମ ଅନୁଯାୟୀ, ଏପରି କୌଣସି କାର୍ଯ୍ୟକ୍ରମ ପ୍ରସାରଣ କରାଯିବା ଉଚିତ୍ ନୁହେଁ ଯେଉଁଥିରେ ଅଶ୍ଳୀଳ, ଅପମାନଜନକ, ଉଦ୍ଦେଶ୍ୟମୂଳକ, ମିଥ୍ୟା ଏବଂ ବିଚାର ଉତ୍ତେଜକ ଇଙ୍ଗିତ ଏବଂ ଅର୍ଦ୍ଧସତ୍ୟ ଥାଏ। କେବୁଲ ଟେଲିଭିଜନ ନେଟୱାର୍କ (ସଂଶୋଧନ) ନିୟମ, ୨୦୨୧ରେ ଟିଭି ଚ୍ୟାନେଲଗୁଡ଼ିକ ଦ୍ୱାରା ସଂହିତାର ଉଲ୍ଲଂଘନ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ତଦନ୍ତ କରିବା ପାଇଁ ଏକ ତ୍ରିସ୍ତରୀୟ ଅଭିଯୋଗ ସମାଧାନ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମ ସଂହିତାର ଉଲ୍ଲଂଘନ କ୍ଷେତ୍ରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ଡିଜିଟାଲ୍ ମିଡିଆରେ ଖବର ଏବଂ ସାମ୍ପ୍ରତିକ ଘଟଣା ପ୍ରକାଶକଙ୍କ ପାଇଁ ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥି ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ଆଚାର ସଂହିତା) ନିୟମ, ୨୦୨୧ (ଆଇଟି ନିୟମ, ୨୦୨୧) ଏକ ଆଚରଣ ସଂହିତାର ବ୍ୟବସ୍ଥା କରିଛି। କେନ୍ଦ୍ର ସରକାରଙ୍କ ସହ ଜଡିତ ମିଥ୍ୟା ଖବର ଯାଞ୍ଚ କରିବା ପାଇଁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଅଧୀନରେ ନଭେମ୍ବର, ୨୦୧୯ରେ ଏକ ଫ୍ୟାକ୍ଟ ଚେକ୍ ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଭାରତ ସରକାରଙ୍କ ମନ୍ତ୍ରଣାଳୟ/ବିଭାଗରେ କ୍ଷମତାପ୍ରାପ୍ତ ଉତ୍ସରୁ ଖବରର ସତ୍ୟତା ଯାଞ୍ଚ କରିବା ପରେ, ଏହି ୟୁନିଟ୍ ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ସଠିକ୍ ସୂଚନା ପୋଷ୍ଟ କରେ। ଓଟିଟି ପ୍ଲାଟଫର୍ମଗୁଡ଼ିକ ବର୍ତ୍ତମାନ ପ୍ରଚଳିତ ଆଇନ ଦ୍ୱାରା ନିଷିଦ୍ଧ କୌଣସି ବିଷୟବସ୍ତୁ ପ୍ରସାରଣ ନକରିବା ପାଇଁ ବାଧ୍ୟ ଅଟନ୍ତି। ସରକାର ୧୯.୦୨.୨୦୨୫ ତାରିଖରେ ଓଟିଟି ପ୍ଲାଟଫର୍ମ ଏବଂ ଓଟିଟି ପ୍ଲାଟଫର୍ମର ସ୍ୱ-ନିୟାମକ ସଂସ୍ଥାଗୁଡ଼ିକୁ ଏକ ପରାମର୍ଶ ଜାରି କରିଛନ୍ତି ଯାହା ଦ୍ୱାରା ସେମାନଙ୍କର ପ୍ଲାଟଫର୍ମରେ କାର୍ଯ୍ୟକ୍ରମର ପ୍ରସାରଣ କରିବା ସମୟରେ ଭାରତୀୟ ଆଇନ ଏବଂ ଆଇଟି ନିୟମ, ୨୦୨୧ ଅନୁଯାୟୀ ନିର୍ଦ୍ଧାରିତ ଆଚରଣ ସଂହିତାର ପାଳନ ସୁନିଶ୍ଚିତ ହୋଇପାରିବ। ସମ୍ପୃକ୍ତ ମନ୍ତ୍ରଣାଳୟ ସହିତ ଉପଯୁକ୍ତ ପରାମର୍ଶ ପରେ, ବର୍ତ୍ତମାନସୁଦ୍ଧା ୪୩ଟି ଓଟିଟି ପ୍ଲାଟଫର୍ମକୁ ବନ୍ଦ କରାଯାଇଛି।

## ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ କଂଗ୍ରେସର ପ୍ରତିକ୍ରିୟା



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଇବା ନେଇ ଘୋଷଣା କରିଛନ୍ତି। ଏହା ଉପରେ ଏବେ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ପ୍ରତିକ୍ରିୟା ସାମନାକୁ ଆସିଛି। ଇନ୍ଦିରା ଗାନ୍ଧୀଙ୍କଠାରୁ ପ୍ରେରଣା ନେଇ ଟ୍ରମ୍ପଙ୍କ ସାମନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛିଡ଼ା ହେବା ଦରକାର ବୋଲି କଂଗ୍ରେସ କହିଛି। ଏହା ସହ ପାର୍ଟି ମହାସଚିବ ଜୟରାମ ରମେଶ କଟାକ୍ଷ କରି କହିଛନ୍ତି ଯେ ଏବେ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀ ପରସ୍ପରକୁ କରୁଥିବା ପ୍ରଶଂସାର କୌଣସି ମୂଲ୍ୟ ନାହିଁ। ଆମେରିକା ରାଷ୍ଟ୍ରପତି ଅଗଷ୍ଟ ୧ରୁ ଭାରତ ଉପରେ ୨୫ ପ୍ରତିଶତରୁ ଅଧିକ ଶୁଳ୍କ ଲାଗୁ କରିବା ପାଇଁ ଘୋଷଣା କରିଛନ୍ତି। ଏହା ସହ ରୁଷରୁ ଆମଦାନୀ କରିବା କାରଣରୁ ଭାରତରୁ ଆମଦାନୀ ହେଉଥିବା ସବୁ ସାମଗ୍ରୀ ଉପରେ ଜରିମାନା ଲଗାଇବା ପାଇଁ ବି ଘୋଷଣା କରିଛନ୍ତି। ଏହା ୨୫ ପ୍ରତିଶତ ଟାରିଫ୍ ବାହାରେ ହେବ। ଜୟରାମ ରମେଶ ଏକ୍ସ ପୋଷ୍ଟରେ ଲେଖିଛନ୍ତି, 'ରାଷ୍ଟ୍ରପତି ଟ୍ରମ୍ପ ଭାରତରୁ ଆମଦାନୀ ଉପରେ ୨୫ ପ୍ରତିଶତ ଶୁଳ୍କ ଓ ଜରିମାନା ଲଗାଇଛନ୍ତି। ତାଙ୍କର ଓ ହାଉଡି ମୋଦୀଙ୍କ ମଧ୍ୟରେ ହୋଇଥିବା ପ୍ରଶଂସାର ଏବେ କୌଣସି ଅର୍ଥ ନାହିଁ।'

## ନଦୀକୁ ଖସିଲା ସୁରକ୍ଷା କର୍ମୀଙ୍କୁ ନେଇ ଯାଉଥିବା ବସ୍



ଶ୍ରୀନଗର: ଜମ୍ମୁ ଓ କଶ୍ମୀରର ଗାଣ୍ଡେରବଲ ଜିଲାରେ ସୁରକ୍ଷା କର୍ମୀଙ୍କୁ ନେଇ ଯାଉଥିବା ଏକ ବସ ନଦୀକୁ ଖସିପଡ଼ିଛି। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ, ପ୍ରବଳ ବର୍ଷା ମଧ୍ୟରେ ଗାଣ୍ଡେରବଲ ଜିଲାର କୁଲାନରେ ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି) କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ବସ ସିନ୍ଧ ନଦୀକୁ ଖସିପଡ଼ିଛି। ବସ୍‌ରେ ଥିବା ସୈନିକଙ୍କ ପାଇଁ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତି ମିଳିପାରିନାହାନ୍ତି।

## ସେନା ଗାଡି ଉପରକୁ ପଥର ଖସି ୨ଅଧିକାରୀ ଶହିଦ୍, ୩ ଯବାନ ଗୁରୁତର

ଲଦାଖ: ଗଲୱାନ୍ ଚାରବାଗ୍ ଅଞ୍ଚଳରେ ଏକ ବଡ଼ ଦୁର୍ଘଟଣା ଘଟିଯାଇଛି। ସେନାର ଗୋଟିଏ ଗାଡ଼ି ଉପରେ ବୋଲ୍ଡର (ବଡ଼ ପଥର) ଖସି ପଡିବାରୁ ୨ଅଧିକାରୀ ସହିଦ ହେବା ସହିତ ୩ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଅଧିକାରୀଙ୍କୁ ଏୟାରଲିଫ୍ଟ କରାଯାଇଛି। ଆହତଙ୍କ ମଧ୍ୟରେ ସେନାର ୨ ଜଣ ମେଜର ଓ ଜଣେ କ୍ୟାପ୍ଟେନ ଅଛନ୍ତି। ସେନାର କାରକେଡ୍ ଦୁରବୁକ୍‌ରୁ ଚୋଙ୍ଗତାସ୍ ଟ୍ରେନିଂ ଯାତ୍ରାରେ ଯାଉଥିଲେ। ଏହି ଦୁର୍ଘଟଣା ବୁଧବାର ସକାଳ ପ୍ରାୟ ୧୧.୩୦ ମିନିଟରେ ଘଟିଥିଲା। ଦୁରବୁକରୁ ଚୋଙ୍ଗତାସ୍ ଯାଉଥିବା ସେନା ଗାଡ଼ି ଭୂସ୍ଖଳନର ଶିକାର ହୋଇଥିଲା। ଏଥିରେ ୧୪ ସିନ୍ଧ ହର୍ସର ଲେଫ୍ଟନାଣ୍ଟ କର୍ଣ୍ଣେଲ ମନକୋଟିଆ ଓ ଦଲଜିତ୍ ସିଂହ ସହିଦ ହୋଇଛନ୍ତି।

## ରେଳ ସୁରକ୍ଷା ପ୍ରଣାଳୀ କବଚ ୪.୦ କାର୍ଯ୍ୟକ୍ଷମ



ନୂଆଦିଲ୍ଲୀ: ଭାରତୀୟ ରେଳବାଇ ଅଧିକ ବ୍ୟସ୍ତବହୁଳ ଦିଲ୍ଲୀ-ମୁମ୍ବାଇ ରେଳ ମାର୍ଗର ମଥୁରା-କୋଟା ସେକ୍ସନରେ ସ୍ୱଦେଶୀ ରେଳ ସୁରକ୍ଷା ପ୍ରଣାଳୀ କବଚ ୪.୦କୁ କାର୍ଯ୍ୟକ୍ଷମ କରିଛି। ଏହା ଦେଶରେ ରେଳ ସୁରକ୍ଷା ପ୍ରଣାଳୀର ଆଧୁନିକୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ଆତ୍ମନିର୍ଭର ଭାରତ' ଦୃଷ୍ଟିକୋଣରୁ ପ୍ରେରଣା ନେଇ ରେଳବାଇ ସମ୍ପୂର୍ଣ୍ଣ ସ୍ୱଦେଶୀ ଭାବରେ କବଚ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ ଡିଜାଇନ୍, ବିକଶିତ ଏବଂ ନିର୍ମାଣ କରିଛି। କବଚ ୪.୦ ଏକ ପ୍ରଯୁକ୍ତିବିଦ୍ୟା-ଆଧାରିତ ପ୍ରଣାଳୀ। ଏହାକୁ ଜୁଲାଇ ୨୦୨୪ ରେ ଗବେଷଣା ଡିଜାଇନ୍ ଏବଂ ମାନକ ସଂଗଠନ (ଆରଡିଏସଓ) ଦ୍ୱାରା ଅନୁମୋଦନ କରାଯାଇଥିଲା। ଭାରତୀୟ ରେଳବାଇ ୬ ବର୍ଷ ମଧ୍ୟରେ ସାରା ଦେଶର ବିଭିନ୍ନ ମାର୍ଗରେ କବଚ ୪.୦କୁ କାର୍ଯ୍ୟକ୍ଷମ କରିବାକୁ ପ୍ରସ୍ତୁତ ହେଉଛି। ୩୦ ହଜାରରୁ ଅଧିକ ଲୋକଙ୍କୁ କବଚ ପ୍ରଣାଳୀ ଉପରେ ତାଲିମ ଦିଆଯାଇଛି। କବଚ ପ୍ରଭାବଶାଳୀ ବ୍ରେକ୍ ପ୍ରୟୋଗ ଦ୍ୱାରା ଲୋକୋ ପାଇଲଟମାନଙ୍କୁ ଟ୍ରେନର ଗତି ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିବ। କୁହୁଡ଼ି ଭଳି କମ୍ ଦୃଶ୍ୟମାନତା ପରିସ୍ଥିତିରେ ମଧ୍ୟ, ଲୋକୋ ପାଇଲଟମାନଙ୍କୁ ସିଗନାଲ ପାଇଁ କ୍ୟାବିନ୍ ବାହାରକୁ ଦେଖିବାକୁ ପଡ଼ିବ ନାହିଁ। ପାଇଲଟମାନେ କ୍ୟାବିନ ଭିତରେ ଲାଗିଥିବା ଡ୍ୟାସବୋର୍ଡରେ ସୂଚନା ଦେଖିପାରିବେ। କବଚ ହେଉଛି ଏକ ସ୍ୱଦେଶୀ ଭାବରେ ବିକଶିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ। ଟ୍ରେନ୍ ଗତିକୁ ନିରୀକ୍ଷଣ ଏବଂ ନିୟନ୍ତ୍ରଣ କରି ଦୁର୍ଘଟଣାକୁ ରୋକିବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଭାରତୀୟ ରେଳବାଇ ପ୍ରତିବର୍ଷ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରିଥାଏ। ଯାତ୍ରୀ ଏବଂ ଟ୍ରେନର ସୁରକ୍ଷା ବୃଦ୍ଧି ପାଇଁ ନିଆଯାଇଥିବା ଅନେକ ପଦକ୍ଷେପ ମଧ୍ୟରୁ କବଚ ଅନ୍ୟତମ।

## ଛତିଶଗଡର ସାଂସଦଙ୍କ ସହ ବିଷ୍ଣୁଦେବଙ୍କ ଆଲୋଚନା



ରାୟପୁର/ନୂଆଦିଲ୍ଲୀ: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ନୂଆଦିଲ୍ଲୀସ୍ଥି ଛତିଶଗଡ ଭବନରେ ଛତିଶଗଡର ସାଂସଦମାନଙ୍କୁ ଭେଟି ଆଲୋଚନା କରିଥିଲେ। ଛତିଶଗଡର ୧୭ଜଣ ସାଂସଦ ସଂସଦରେ ପ୍ରତିନିଧିତ୍ୱ କରୁଛନ୍ତି। ରାଜ୍ୟର ବିକାଶ ନେଇ ଏହି ସାଂସଦମାନଙ୍କ ସହ ବିଷ୍ଣୁଦେବ ଆଲୋଚନା କରିଥିବା ବେଳେ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ଛତିଶଗଡର ବିକାଶ ପାଇଁ ସାଂସଦମାନେ କାର୍ଯ୍ୟ କରୁଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ କ୍ଷେତ୍ରରେ ଛତିଶଗଡ ଯେଭଳି ବିକଶିତ ରାଜ୍ୟ ଭାବେ ଉଭା ହୁଏ। ସେ ନେଇ ଧ୍ୟାନ ଦେବାକୁ ଶ୍ରୀ ସାଏ ନିବେଦନ କରିଥିଲେ। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ସୁଦ୍ଧା ଯେଉଁ ବିକଶିତ ଭାରତର ସ୍ୱପ୍ନ ଦେଖୁଛନ୍ତି ତାକୁ ସାକାର କରିବା ପାଇଁ ସମସ୍ତେ ଧ୍ୟାନ ଦେବା ଉଚିତ ବୋଲି ବିଷ୍ଣୁଦେବ କହିଥିଲେ। ଆଲୋଚନ ସମୟରେ ଛତିଶଗଡରେ କାର୍ଯ୍ୟକାରି କରାଯାଇଥିବା ନୂଆ ଶିକ୍ଷନୀତି ଉପରେ ଶ୍ରୀ ସାଏ ବିଷଦ ଭାବେ ଅବଗତ କରାଇଥିଲେ। ଏଥିସହ ଛତିଶଗଡରେ ଶିଳ୍ପପତିମାନଙ୍କୁ ପୁଞ୍ଜି ନିବେଶ, ଯୁବବର୍ଗଙ୍କୁ ନିଯୁକ୍ତି, ଆର୍ଥିକ ବିକାଶ ଏବଂ କୃଷକମାନଙ୍କ ବିକାଶ ଉପରେ ଆଲୋଚନା କରାଯିବା ସହ ରାଜ୍ୟରୁ ମାଓବାଦ ଦୂର କରିବା ପାଇଁ ଆଲୋଚନା କରାଯାଇଥିଲା।

# ବାଣିଜ୍ୟ



ନୂଆଦିଲ୍ଲୀ: ଆଇଟି କମ୍ପାନୀଗୁଡ଼ିକରେ ଛଟେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଇନଫୋସିସ୍ ସିଇଓ ସଲିଲ ପାରେଖ ଏହି ବର୍ଷ ପ୍ରାୟ ୨୦୦୦୦ କଲେଜ ସ୍ନାତକଙ୍କୁ ନିଯୁକ୍ତି ଦେବାର କମ୍ପାନୀର ଯୋଜନାକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି, ବର୍ଷର ପ୍ରଥମ ତ୍ରୈମାସିକରେ ୧୭୦୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ସେହି ସମୟରେ, ଏହି ବର୍ଷ କମ୍ପାନୀରେ ପ୍ରାୟ ୨୦୦୦୦ କଲେଜ ସ୍ନାତକଙ୍କୁ ଅନ୍ତର୍ଭୁକ୍ତ କରିବାର ଯୋଜନା ଅଛି। କୃତ୍ରିମ ବୁଦ୍ଧିମତ୍ତା ସହିତ, କମ୍ପାନୀ ଆଜିକାଲି ଏହାର କର୍ମଶକ୍ତି ବୃଦ୍ଧି କରିବା ଉପରେ ମଧ୍ୟ ଧ୍ୟାନ ଦେଉଛି। ଏହି ବିଷୟରେ ସୂଚନା ଦେଇ ସିଇଓ କହିଛନ୍ତି ଯେ ଇନଫୋସିସ୍ ଉଭୟ କ୍ଷେତ୍ରରେ ନିବେଶ ସହିତ ନିଜକୁ ଆଗେଇ ରଖିଛି। ଏପର୍ଯ୍ୟନ୍ତ ଇନଫୋସିସ୍‌ରେ ବିଭିନ୍ନ ସ୍ତରରେ ପ୍ରାୟ ୨୭୫୦୦୦ କର୍ମଚାରୀଙ୍କୁ ଏଆଇ ଏବଂ ଡିଜିଟାଲ୍ ଦକ୍ଷତାରେ ତାଲିମ ଦିଆଯାଇଛି। ସମ୍ପ୍ରତି, ଟାଟା କନସଲ୍ଟାନ୍ସି ସର୍ଭିସେସ୍‌ରେ ୧୨,୦୦୦ କର୍ମଚାରୀଙ୍କ ଛଟେଇ ଖବର ପ୍ରକାଶ ପାଇବା ପରେ, ଇନଫୋସିସ୍ ରେ ନିଯୁକ୍ତି ଘୋଷଣା କରାଯାଇଛି।

## ଶିକ୍ଷା ସମ୍ବଳ ଯୋଜନା ବ୍ୟାଚ୍‌ର ଶୁଭାରମ୍ଭ



ALLEN CAREER INSTITUTE KOTA (RAJASTHAN) path to success

କୋଟା, (ଭାସ୍କର ନ୍ୟୁଜ୍): ଏଲଏନ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟ ଏବଂ ଆଲେନ କ୍ୟାରିଅର ଇନଷ୍ଟିଚ୍ୟୁଟ୍ ପ୍ରାଇଭେଟ୍ ଲିମିଟେଡର ମିଳିତ ତତ୍ତ୍ୱାବଧାନରେ ବୁଧବାର ଶିକ୍ଷା ସମ୍ବଳ ଯୋଜନା ବ୍ୟାଚର ଶୁଭାରମ୍ଭ ଏବଂ ଓରିଏଣ୍ଟେସନ୍ ହୋଇଥିଲା। ଏହି ଯୋଜନା ଅଧୀନରେ ମନୋନୀତ ୧୨୬ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଦ୍ୱିତୀୟ ବର୍ଷ। ଓରିଏଣ୍ଟେସନ୍‌ରେ ମନୋନୀତ ୧୨୬ ଜଣ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହିତ ଉପସ୍ଥିତ ଥିଲେ। ବାରନ ରୋଡ୍ ନୟା ନୋହରାରେ ଅବସ୍ଥିତ ଆଲେନ ସୁପଥ କ୍ୟାମ୍ପସର ସୁହାସ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ କିଟ୍ ବ୍ୟାଗ୍ ଏବଂ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ଯୋଜନା ଅଧୀନରେ, ଆଲେନ ନିଟ୍-୨୦୨୬ ପାଇଁ ୧୦୦ ପ୍ରତିଶତ ଛାତ୍ରବୃତ୍ତିରେ ମାଗଣା ଶିକ୍ଷା ଏବଂ ଏଲଏନ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟ ଦ୍ୱାରା ମାଗଣା ରହିବା ଏବଂ ଖାଦ୍ୟ ବ୍ୟବସ୍ଥା କରିଛନ୍ତି। କାର୍ଯ୍ୟକ୍ରମରେ, ଆଲେନ୍‌ର ନିର୍ଦ୍ଦେଶକ ଏବଂ ଏଲ୍ଏନ୍ ମାହେଶ୍ୱରୀ ପରମାର୍ଥ ଟ୍ରଷ୍ଟର ଟ୍ରଷ୍ଟି, ଡକ୍ଟର ଗୋବିନ୍ଦ ମାହେଶ୍ୱରୀ, ରାଜେଶ ମାହେଶ୍ୱରୀ ଏବଂ ଡକ୍ଟର ନବୀନ ମାହେଶ୍ୱରୀ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାରକୁ ସ୍ୱାଗତ କରିଥିଲେ। ଟ୍ରଷ୍ଟି ଡକ୍ଟର ନବୀନ ମାହେଶ୍ୱରୀ କହିଛନ୍ତି ଯେ ଏହି ପ୍ରକଳ୍ପର ପ୍ରେରଣାର ଉତ୍ସ ହେଉଛନ୍ତି ବୈକୁଣ୍ଠବାସୀ ଲକ୍ଷ୍ମୀନାରାୟଣ ମାହେଶ୍ୱରୀ, ଯିଏ ଆମକୁ ଶିକ୍ଷାର ଗୁରୁତ୍ୱ ବୁଝାଇଥିଲେ ଏବଂ ଦାନଶୀଳତା ପାଇଁ କାମ କରିବାକୁ ଶିଖାଇଥିଲେ। ତେଣୁ, ଟ୍ରଷ୍ଟର ନାମ ଏଲଏନ ମାହେଶ୍ୱରୀ ପରମାର୍ଥ ନ୍ୟାସ ରଖାଯାଇଛି। ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ନିଟ୍-୨୦୨୬ ପାଇଁ ମାଗଣା କୋଚିଂ ଦିଆଯାଉଛି। ଆଲେନ୍ ଉପାଧ୍ୟକ୍ଷ ବିଜୟ ସୋନି ନିଟ୍ ପରୀକ୍ଷା ଏବଂ ଆଲେନ୍‌ରେ ପ୍ରଦାନ କରାଯାଇଥିବା ସୁବିଧା ବିଷୟରେ ସୂଚନା ଦେଇଥିଲେ। ବିଲ୍ଡିଂ ପ୍ରିନ୍ସପାଲ୍ ଅମିତ କାବ୍ରା କ୍ୟାମ୍ପସ୍ ବ୍ୟବସ୍ଥା ଏବଂ ଶ୍ରେଣୀ ବିଷୟରେ ସୂଚନା ଦେଇଥିଲେ।

## ସୋନି ଇଣ୍ଡିଆ ପକ୍ଷରୁ ବ୍ରାଭିଆ-୫ ଉନ୍ମୋଚିତ

ନୂଆଦିଲ୍ଲୀ: ସୋନି ଇଣ୍ଡିଆ ପକ୍ଷରୁ ବ୍ରାଭିଆ ସିରିଜ୍‌ର ନୂଆ ୯୮ ଇଂଚ ବ୍ରାଭିଆ ୫କୁ ଉନ୍ମୋଚନ କରାଯାଇଛି। ଏହା କେବଳ ଏକ ଟିଭି ନୁହେଁ, ବରଂ ଏକ ସିନେମା କାନଭାସ ଯାହାକୁ ସମ୍ପୂର୍ଣ୍ଣ ଭିଜୁଆଲ ଅନୁଭୂତି ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହାର ବୃହତ୍ ୯୮ ଇଂଚ୍‌ର ସ୍କ୍ରିନ୍ ବ୍ୟାପକତା ପ୍ରଦାନ କରୁଥିବା ବେଳେ କଗ୍ନିଟିଭ୍ ପ୍ରୋସେସର ଏକ୍ସଆର୍ ସ୍କ୍ରିନ୍‌ର ରଙ୍ଗ ଓ ଗତି ଆଦିକୁ ପରିଚାଳନା କରି ଜୀବନ୍ତ ଭଳି ଅନୁଭବ ପ୍ରଦାନ କରୁଛି। ଡଲ୍‌ବି ଭିଜନ ଓ ଡଲ୍‌ବି ଆଟମସ ବିବିଧ ସ୍ୱଚ୍ଛତା ଓ ଉନ୍ନତ ସରାଉଣ୍ଡ୍ ସାଉଣ୍ଡ ପ୍ରଦାନ କରୁଛି ଯାହା ଏକ ଅସଲି ସିନେମା ହଲ୍ ଅନୁଭବ ପ୍ରଦାନ କରୁଛି। ଏହାର ସୋନି ପିକ୍‌ଚର୍ କୋର୍ ଆପଣଙ୍କ ଲିଭିଂ ରୁମ୍‌କୁ ଏକ ପ୍ରାଇଭେଟ୍ ସ୍କ୍ରିନ୍ ଲାଉଞ୍ଜରେ ପରିଣତ କରି ଷ୍ଟୁଡିଓ ମାନର ବ୍ଲକ୍‌ବ୍ଲଷ୍ଟର୍ ପ୍ରଦାନ କରୁଛି। ନୂଆ ବ୍ରାଭିଆ ୫ର ଏଆଇ ପ୍ରୋସେସର ଏକ୍ସଆର୍ ଉନ୍ନତ ଛବି ମାନ ପ୍ରଦାନ କରୁଛି। ଡଲ୍‌ବି ଭିଜନ ଓ ଡଲ୍‌ବି ଆଟ୍‌ମସ୍ ବ୍ୟବହାର କରାଯାଇଥିବା ବ୍ରାଭିଆ ୫ ଅସଲି ସିନେମା ଭଳି ଅନୁଭବ ଘରେ ପ୍ରଦାନ କରିବ। ଗ୍ରାହକମାନେ ସିନେମା ଘର ମାନର ଜୀବନ୍ତ ଛବିକୁ ଘରେ ଦେଖିପାରିବେ। ଏହି ପ୍ରଯୁକ୍ତି ଟିଭିର ଉଭୟ ଭିଜୁଆଲ୍ ଓ ସାଉଣ୍ଡ୍ ମାନକୁ ବଢ଼ାଉଛି। ଷ୍ଟୁଡିଓ କାଲିବ୍ରେଟେଡ୍ ମୋଡ୍ ମାଧ୍ୟମରେ ବ୍ରାଭିଆ ୫ ଘରେ ସିନେମା ଭଳି କଂଟେଂଟ୍ ପ୍ରଦାନ କରୁଛି। ନେଟଫ୍ଲିକ୍ସ ଆଡାପ୍ଟିଭ୍ କାଲିବ୍ରେଟେଡ୍ ମୋଡ୍ ଓ ସୋନି ପିକ୍‌ଚର୍ସ କୋର୍ କାଲିବ୍ରେଟେଡ୍ ମୋଡ୍, ପ୍ରାଇମ୍ ଭିଡିଓ କାଲିବ୍ରେଟେଡ୍ ମୋଡ୍ ଗ୍ରାହକମାନଙ୍କୁ ଓଟିଟି କଂଟେଂଟ୍ ଦେଖିବାର ଭିନ୍ନ ଅନୁଭୂତି ପ୍ରଦାନ କରୁଛି। ସୋନି ପିକ୍‌ଚର କୋର୍ ଜରିଆରେ ଗ୍ରାହକମାନେ କ୍ଲାସିମ୍ ସିନେମାଠାରୁ ଆରମ୍ଭ କରି ବ୍ଲକ୍‌ବଷ୍ଟର୍ ପର୍ଯ୍ୟନ୍ତ ବ୍ୟାପକ ସିନେମାର ବର୍ଣ୍ଣମାଳାକୁ ୪କେ ବ୍ଲୁ-ରେ ମାନ ସହ ହାସଲ କରିପାରିବେ। ସୋନି ଇଣ୍ଡିଆ ପକ୍ଷରୁ ଏହା ଉପରେ ତିନି ବର୍ଷର ୱାରେଂଟି ପ୍ରଦାନ କରାଯାଉଛି। ଏହା ଉପରେ ନିର୍ଦ୍ଦିଷ୍ଟ କେତେକ କ୍ରେଡିଟ୍ କାର୍ଡ ଉପରେ ୨୫,୦୦୦ ଟଙ୍କାର ଇଏମ୍ଆଇ ଏବଂ ୧୯,୯୯୫ ଟଙ୍କାର ଇଏମ୍ଆଇ ସ୍କିମ୍ ସହିତ ଗ୍ରାହକମାନଙ୍କ ପାଇଁ ଏହି ଟିଭି କିଣିବାକୁ ଅଧିକ ସହଜ କରାଯାଇପାରିବ। ଏହାର କେ-୯୮ଏକ୍ସଆର୫୫ଏ ମଡେଲ୍‌ର ଦାମ୍ ୬,୪୯,୯୯୦ ଟଙ୍କା ରହିଛି। ୨୦୨୫ ଜୁଲାଇ ୨୩ରୁ ଏହା ସମସ୍ତ ସୋନି ରିଟେଲ୍ ଷ୍ଟୋର୍, ସୋନିଂ ସପିଂ ପୋର୍ଟାଲ, ଅଗ୍ରଣୀ ରିଅଲ ଇଷ୍ଟେଟ୍ ଷ୍ଟୋର୍ ଓ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହୋଇଛି।

## ଓଡ଼ିଶାରେ ସବୁଜ ଶକ୍ତି ଦକ୍ଷତା କେନ୍ଦ୍ରର ଶୁଭାରମ୍ଭ



କଟକ (ଭାସ୍କର ନ୍ୟୁଜ୍): ଟାଟା ପାୱାର ପକ୍ଷରୁ ଏହାର ଦକ୍ଷତା ବିକାଶ ଶାଖା, ଟାଟା ପାୱାର ସ୍କିଲ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ (ଟିପିଏସଡିଆଇ) ଜରିଆରେ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ସହଯୋଗିତାରେ ଓଡ଼ିଶାର କଟକରେ ଟିପିଏସଡିଆଇ ଗ୍ରିନ ଏନର୍ଜି ସ୍କିଲ ସେଂଟର (ସବୁଜ ଶକ୍ତି ଦକ୍ଷତା କେନ୍ଦ୍ର)ର ଶୁଭାରମ୍ଭ କରାଯାଇଛି। ଅକ୍ଷୟ ଶକ୍ତି କ୍ଷେତ୍ରରେ ଭବିଷ୍ୟତ ପାଇଁ ଦକ୍ଷତା ପ୍ରସ୍ତୁତ ସହ ଓଡ଼ିଶାର ଯୁବବର୍ଗଙ୍କୁ ସଶକ୍ତ କରିବା ଏବଂ ଭାରତର ସ୍ୱଚ୍ଛ ଶକ୍ତି ବିପ୍ଳବରେ ସହାୟତା ଦେବା ଦିଗରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କେନ୍ଦ୍ରକୁ କଟକର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଆଇଏଏସ ଦତାତ୍ରେୟ ଭାଉସାହେବ ସିନ୍ଦେ ଉଦଘାଟନ କରିଥିବା ବେଳେ ଚିଫ ଓଡିଶା ଡିଷ୍ଟ୍ରିବ୍ୟୁସନ ବିଜନେସ, ଟାଟା ପାୱାର - ଗଜାନନ କାଲେ, ଟିପିସିଓଡିଏଲର ସିଇଓ ଅରଭିନ୍ଦ ସିଂହ ଓ ଟିପିଏସଡିଆଇର ମୁଖ୍ୟ ଆଲୋକ ପ୍ରସାଦ ଉପସ୍ଥିତ ଥିଲେ। ଟିପିଏସଡିଆଇ-କଟକ କେନ୍ଦ୍ର ପକ୍ଷରୁ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ, ରକ୍ଷଣାବେକ୍ଷଣ, ଶକ୍ତି ଦକ୍ଷତା ଓ ବୈଦ୍ୟୁତିକ ସୁରକ୍ଷା ଭଳି ଅକ୍ଷୟ ଶକ୍ତି ପ୍ରଯୁକ୍ତି ଉପରେ ଶିଳ୍ପ ସମନ୍ୱିତ ପ୍ରାକ୍ଟିକାଲ ତାଲିମ ପ୍ରଦାନ କରାଯିବ। ଏନସିଭିଇଟି ଓ ଏନଏସଡିସି ମାନ ଅନୁସାରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏହା ଭାରତ ସରକାରଙ୍କ ପ୍ରମୁଖ ଅଭିଯାନ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜିଳି ଯୋଜନା (ପିଏମଏସଜିଏମବିୱାଇ) ଓ ରାଜ୍ୟ ସରକାରଙ୍କ ରୁଫଟପ ସୋଲାର ଗ୍ରହଣୀୟତା ମିସନକୁ ସମର୍ଥନ କରିବ। ଅଂଶଗ୍ରହଣକାରୀମାନେ ଜାତୀୟ ସ୍ୱୀକୃତିପ୍ରାପ୍ତ ସାର୍ଟିଫିକେସନ ହାସଲ କରିବେ ଯାହା ଦ୍ରୁତ ଗତିରେ ବଦଳୁଥିବା ସବୁଜ ଶକ୍ତି କ୍ଷେତ୍ରରେ ନିଯୁକ୍ତି ହାସଲ କରିବା କ୍ଷମତାରେ ଉନ୍ନତି ଆଣିବ। ଏହି କେନ୍ଦ୍ର ଓଡ଼ିଶାର ଯୁବବର୍ଗଙ୍କୁ ସୋଲାର ଫଟୋ ଭୋଲଟାଇକ ପ୍ରଯୁକ୍ତି ସମ୍ପର୍କିତ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ରୁଫଟପ ସମନ୍ୱୟ ପାଇଁ ବିଦ୍ୟୁତ ବଂଟନ କ୍ଷେତ୍ରର କ୍ଷେତ୍ର ପ୍ରସ୍ତୁତି ଓ ବୈଷୟିକ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଟିପିଏସଡିଆଇ ପକ୍ଷରୁ ଗ୍ରିଡ-ସଂଯୁକ୍ତ ରୁଫଟପ ସୋଲାର ବ୍ୟବସ୍ଥା ଉପରେ ଡିସକମ ଅଧିକାରୀମାନଙ୍କ ପାଇଁ ଏକ ବ୍ୟାପକ ଷ୍ଟୁଡେଂଟ ହ୍ୟାଣ୍ଡବୁକ ମଧ୍ୟ ଉନ୍ମୋଚନ କରାଯାଇଛି।

## ଶୀର୍ଷ ସ୍ଥାନ ବଜାୟ ରଖିଛି ଫର୍ଚ୍ୟୁନ୍ ଗ୍ଲୋବାଲ୍

ନୂଆଦିଲ୍ଲୀ : ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ୨୦୨୫ ଫର୍ଚ୍ୟୁନ୍ ଗ୍ଲୋବାଲ୍ ୫୦୦ ତାଲିକାରେ ୮୮ତମ ସ୍ଥାନରେ ପହଞ୍ଚିଛି। ମୋଟ ୯ଟି ଭାରତୀୟ କମ୍ପାନୀ ଏହି ତାଲିକାରେ ସ୍ଥାନ ପାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ତାଲିକାରେ ସର୍ବୋଚ୍ଚ ସ୍ଥାନ ପାଇଥିବା ଭାରତୀୟ କମ୍ପାନୀ। ରିଲାଏନ୍ସ ଲଗାତାର ୨୨ ବର୍ଷ ଧରି ପ୍ରତିଷ୍ଠିତ ଫର୍ଚ୍ୟୁନ୍ ଗ୍ଲୋବାଲ୍ ୫୦୦ ତାଲିକାରେ ନିଜର ସ୍ଥାନ ବଜାୟ ରଖିଛି। କୌଣସି ଘରୋଇ କ୍ଷେତ୍ରର ଭାରତୀୟ କମ୍ପାନୀ ଏତେ ଦୀର୍ଘ ସମୟ ପର୍ଯ୍ୟ' ଏହି ତାଲିକାରେ ରହିପାରିନାହିଁ। 'ଫର୍ଚ୍ୟୁନ୍ ଗ୍ଲୋବାଲ୍ ୫୦୦' ତାଲିକାରେ, ମୋଟ ରାଜସ୍ୱ ଆଧାରରେ କମ୍ପାନୀଗୁଡ଼ିକୁ ସ୍ଥାନ ଦିଆଯାଇଛି। ତାଲିକାରେ ପାଞ୍ଚଟି ସରକାରୀ କ୍ଷେତ୍ରର ଏବଂ ଚାରିଟି ଘରୋଇ କ୍ଷେତ୍ରର ଭାରତୀୟ କମ୍ପାନୀ ଅନ୍ତର୍ଭୁକ୍ତ ରହିଛନ୍ତି। ରିଲାଏନ୍ସ ୮୮ତମ ସ୍ଥାନ ଅଧିକାର କରିଥିବା ବେଳେ ଏଲଆଇସି ୯୫ତମ ସ୍ଥାନରେ, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ୧୨୭ତମ ସ୍ଥାନରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୬୩ତମ ସ୍ଥାନରେ, ଓଏନଜିସି ୧୮୧ତମ ସ୍ଥାନରେ, ଏଚଡ଼ିଏଫସି ବ୍ୟାଙ୍କ ୨୫୮ତମ ସ୍ଥାନରେ, ଟାଟା ମୋଟର୍ସ ୨୮୩ତମ ସ୍ଥାନରେ, ବିପିସିଏଲ ୨୮୫ତମ ସ୍ଥାନରେ ଏବଂ ଆଇସିଆଇସିଆଇ ବ୍ୟାଙ୍କ ୪୬୪ତମ ସ୍ଥାନରେ ରହିଛନ୍ତି। ଫର୍ଚୁନ୍ ଗ୍ଲୋବାଲ୍ ୫୦୦ ତାଲିକାରେ ୱାଲମାର୍ଟ, ଆମାଜନ ଏବଂ ଷ୍ଟେଟ୍ ଗ୍ରୀଡ୍ ପ୍ରଥମ ତିନୋଟି କମ୍ପାନୀ ରହିଛନ୍ତି। ଏହା ବ୍ୟତୀତ, ଚାଇନା ନ୍ୟାସନାଲ୍ ପେଟ୍ରୋଲିୟମ୍, ସାଉଦି ଆରାମକୋ ଏବଂ ଆପଲ୍ ଭଳି କମ୍ପାନୀଗୁଡ଼ିକ ଶୀର୍ଷ ୧୦ ରେ ସ୍ଥାନ ପାଇଛନ୍ତି।

## ବଜାଜ ଫିନସର୍ଭ ଇକ୍ୱିଟି ସେଭିଙ୍ଗସ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ: ବଜାଜ ଫିନସର୍ଭ ଏଏମସି ପକ୍ଷରୁ ଏକ ଓପନ-ଏଣ୍ଡେଡ ସ୍କିମ ବଜାଜ ଫିନସର୍ଭ ଇକ୍ୱିଟି ସେଭିଙ୍ଗ୍ସ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି ଯାହା ଇକ୍ୱିଟି, ମଧ୍ୟସ୍ଥ ଲାଭ ଓ ଋଣ ଉତ୍ପାଦଗୁଡିକରେ ନିବେଶ କରିଥାଏ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ଜୁଲାଇ ୨୮ ତାରିଖ ୨୦୨୫ରେ ଆରମ୍ଭ ହୋଇଛି ଏବଂ ଅଗଷ୍ଟ ୧୧ ତାରିଖ ୨୦୨୫ରେ ବନ୍ଦ ହେବ। ଏହି ଫଣ୍ଡ ନିବେଶକଙ୍କୁ ପାରମ୍ପରିକ ସ୍ଥାୟୀ ଆୟ ଉତ୍ପାଦ ଓ ଉଚ୍ଚ ଅସ୍ଥିରତାଯୁକ୍ତ ଇକ୍ୱିଟି-ଭିତିକ ନିବେଶଗୁଡିକ ମଧ୍ୟରେ ଅନ୍ତରକୁ ଦୂର କରିବା ପାଇଁ ଏକ ମାଧ୍ୟମ ପ୍ରଦାନ କରୁଛି। ଏହି ରଣନୈତିକ ଆବଂଟନ ସ୍ଥାୟୀ ଆୟ କ୍ଷମତା ସହିତ ଦୀର୍ଘାବଧି ପୁଁଜି ବୃଦ୍ଧି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ଫଣ୍ଡ୍‌ର ଶୁଭାରମ୍ଭ ସମ୍ପର୍କରେ ବଜାଜ ଫିନସର୍ଭ ଏଏମସିର ପରିଚାଳନା ନିର୍ଦ୍ଦେଶକ ଗଣେଶ ମୋହନ କହିଛନ୍ତି, 'ବଜାଜ ଫିନସର୍ଭ ଇକ୍ୱିଟି ସେଭିଙ୍ଗ୍ସ ଫଣ୍ଡ ନିବେଶକଙ୍କୁ ଏକ ସଂତୁଳିତ ଆଭିମୁଖ୍ୟ ମାଧ୍ୟମରେ ଆର୍ଥିକ ବିଶ୍ୱାସ ଓ ଏକ ସ୍ଥିର ସମ୍ପତି ସୃଷ୍ଟି ସୁଯୋଗ ଦେଇଥାଏ। ଅଭିବୃଦ୍ଧି-ଆଧାରିତ ଇକ୍ୱିଟି, ସ୍ଥିର ଋଣ ଓ କମ୍ ରିସ୍କର ମଧ୍ୟସ୍ଥି ଲାଭକୁ ଏକତ୍ରିତ କରି ଏହା କମ୍ ଅସ୍ଥିରତା ସହ ନିରନ୍ତର ରିଟର୍ଣ୍ଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

## ୱି ପକ୍ଷରୁ ୱି ଫାଇନାନ୍ସର ଶୁଭାରମ୍ଭ

ନୂଆଦିଲ୍ଲୀ: ଦେଶର ଅଗ୍ରଣୀଟେଲିକମ୍ ଅପରେଟରୱି (ଭୋଡାଫୋନ୍ ଆଇଡିଆ) ପକ୍ଷରୁୱି ଆପ୍‌ରେ ଏକ ବ୍ୟାପକ ପ୍ଲାଟଫର୍ମ ୱି ଫାଇନାନ୍ସର ଶୁଭାରମ୍ଭ କରାଯାଇଛି ଯାହା ଗ୍ରାହକମାନଙ୍କୁ ସହଜରେ ଋଣ, ଫିକ୍ସଡ୍‌ଡିପୋଜିଟ୍ ଓ କ୍ରେଡିଟ୍ କାର୍ଡ ହାସଲ କରିବାରେ ସହାୟକହେବ। ୱିରସିଏମ୍ଓ ଅବନୀଶ ଖୋସ୍‌ଲା କହିଛନ୍ତି ଯେ, 'ଡିଜିଟାଲ୍ ସମାଧାନ ଜରିଆରେ ଆମ ଗ୍ରାହକଙ୍କ ଜୀବନରେ ସୁବିଧା ଆଣିବା ଲାଗି ୱିରେ ଆମେ ପ୍ରତିବଦ୍ଧ ରହିଛୁ। ୱି ଫାଇନାନ୍ସସହିତୱି ଆପ୍‌ରେ ଆର୍ଥିକ ସମାଧାନକୁ ସହଜ, ଶୀଘ୍ର ଓ ପହଂଚିବାକରି ଆମେ ଗ୍ରାହକ ମାନଙ୍କୁ ବିନା ଜଟିଳତାରେ ସେମାନଙ୍କ ଫାଇନାନ୍ସ ନିୟନ୍ତ୍ରଣ କରିବାକୁ ସକ୍ଷମ କରୁଛୁ। ବିଶ୍ୱସନୀୟ ଆର୍ଥିକ ଅନୁଷ୍ଠାନଗୁଡ଼ିକସହିତ ଆମସହଯୋଗିତା ପ୍ରତିଗ୍ରାହକସେମାନଙ୍କ ଆବଶ୍ୟକତା ଅନୁସାରେସଠିକ୍‌ଉତ୍ପାଦ ପାଇବାକୁ ସୁନିଶ୍ଚିତ କରୁଛି। ଆମରବିଶ୍ୱାସରହିଛି ଯେ ଏହିଡିଜିଟାଲ୍ ପ୍ରଥମ ଓ କାଗଜବିହୀନ ପଦକ୍ଷେପ କୋଟିକୋଟି ଭାରତୀୟଙ୍କୁ ସେମାନଙ୍କ ଫାଇନାନ୍ସ ପରିଚାଳନାକୁ ସହ ଜକରିବ।'

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର



ବାଟୁମି: ଭାରତର ୧୯ ବର୍ଷୀୟା ମହିଳା ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ଫିଡେ ମହିଳା ବିଶ୍ୱକପ୍‌ରେ ସେ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ଦିବ୍ୟାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି।



### ଓଭାଲ ଟେଷ୍ଟ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷଣା

# ବାଦ୍ ପଡିଲେ ବେନ ଷ୍ଟୋକ୍ସ, ଜୋଫ୍ରା ଆର୍ଚରଙ୍କ ସମେତ ୪ ଖେଳାଳି



ନୂଆଦିଲ୍ଲୀ: ଇଂଲଣ୍ଡ ଓ ଭାରତ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଶେଷ ଟେଷ୍ଟ ଗୁରୁବାର ଓଭାଲରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ନିଜର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଆହତ କାରଣରୁ ଅଧିନାୟକ ବେନ ଷ୍ଟୋକ୍ସ ପଞ୍ଚମ ଟେଷ୍ଟରୁ ବାହାରି ଯାଇଛନ୍ତି। ତାଙ୍କ ସ୍ଥାନରେ ଓଲି ପୋପଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଘରୋଇ ଦଳ ନିଜର ଚୂଡ଼ାନ୍ତ ଏକାଦଶରେ ଚାରୋଟି ବଡ଼ ପରିବର୍ତ୍ତନ କରିଛି। ଅଧିନାୟକ ବେନ ଷ୍ଟୋକ୍ସ ଆହତ କାରଣରୁ ବାଦ୍ ପଡ଼ିବା ଇଂଲଣ୍ଡ ଦଳକୁ ବଡ଼ ଝଟକା ଲାଗିଛି। କାରଣ ଷ୍ଟୋକ୍ସ ସିରିଜରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଦମଦାର ପ୍ରଦର୍ଶନ କରୁଥିଲେ। ସେ ବ୍ୟାଟିଂରେ ୩୦୪ ରନ କରିବା ସହ ବୋଲିଂରେ ୧୭ ୱିକେଟ୍ ନେଇ ସିରିଜ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ଥିଲେ। ଷ୍ଟୋକ୍ସଙ୍କ ସହ ସ୍ପିନର ଲିୟାମ ଡାସନ, ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଛି। ଏହି ଚାରି ଜଣଙ୍କ ସ୍ଥାନରେ ଜ୍ୟାକବ ବେଥେଲ, ଗସ ଏଟକିଂସନ, ଜେମି ଓଭରଟନ ଓ ଜୋଶ ଟଙ୍ଗଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଓଲ୍ଡ ଟ୍ରାଫର୍ଡରେ ଖେଳା ଯାଇଥିବା ଚତୁର୍ଥ ଟେଷ୍ଟକୁ ଡ୍ର ରଖି ଭାରତ ସିରିଜ୍‌କୁ ଜୀବନ୍ତ ରଖି ପାରିଛି। ଶେଷ ଟେଷ୍ଟ ଜିତି ସିରିଜ୍ ବରାବର କରିବା ଲକ୍ଷ୍ୟ ନେଇ ଭାରତ ମଇଦାନକୁ ଓହ୍ଲାଇବ। ଅନ୍ୟପଟେ ଇଂଲଣ୍ଡ ଓଭାଲ ଟେଷ୍ଟ ଜିତି ସିରିଜ୍ ୩-୧ରେ ଜିତିବାକୁ ଲକ୍ଷ୍ୟ ରଖିଛି। ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ଜ୍ୟାକ କ୍ରାଉଲି, ବେନ ଡକେଟ୍, ଓଲି ପୋପ(ଅଧିନାୟକ), ଜୋ ରୁଟ୍, ହ୍ୟାରି ବ୍ରୁକ, ଜ୍ୟାକବ ବେଥେଲ, ଜେମି ସ୍ମିଥ(ୱିକେଟ୍ କିପର), କ୍ରିସ ୱୋକ୍ସ, ଗସ ଏଟକିଂସନ, ଜେମି ଓଭରଟନ, ଜୋଶ ଟଙ୍ଗ।

# ଟି-୨୦ରେ ଅଭିଷେକ ନମ୍ବର-୧ ବ୍ୟାଟ୍ସମ୍ୟାନ୍



ନୂଆଦିଲ୍ଲୀ: ଟିମ ଇଣ୍ଡିଆର ଓପନର ଅଭିଷେକ ଶର୍ମା ବିଶ୍ୱର ନମ୍ବର ୧ ଟି-୨୦ ବ୍ୟାଟସମ୍ୟାନ ହୋଇଛନ୍ତି। ଆଇସିସି ରାଙ୍କିଂରେ, ଅଭିଷେକ ଶର୍ମା ଟ୍ରାଭିସ ହେଡଙ୍କୁ ପଛରେ ପକାଇ ଦେଇଛନ୍ତି। ଟ୍ରାଭିସ ହେଡ ବହୁତ ଦିନ ଧରି ନମ୍ବର ୧ ରାଙ୍କିଂରେ ଥିଲେ, କିନ୍ତୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ତାଙ୍କର ପ୍ରଦର୍ଶନ ବହୁତ ଭଲ ନ ଥିଲା, ଯାହା ଫଳରେ ତାଙ୍କୁ କ୍ଷତି ସହିବାକୁ ପଡିଲା। ଫଳସ୍ୱରୂପ ବର୍ତ୍ତମାନ ଅଭିଷେକ ନମ୍ବର ୧ ସ୍ଥାନ ଅଧିକାର କରିଛନ୍ତି। ଅଭିଷେକଙ୍କ ରେଟିଂ ପଏଣ୍ଟ ୮୨୯ ଏବଂ ଟ୍ରାଭିସ ହେଡ ୮୧୪ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ଭାରତର ତିଲକ ବର୍ମା ତୃତୀୟ ସ୍ଥାନରେ ଅଛନ୍ତି। ସୂର୍ଯ୍ୟକୁମାର ଯାଦବ ଷଷ୍ଠ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ଜୋଶ ଇଙ୍ଗଲିସ ୬ ବ୍ୟାଟସମ୍ୟାନଙ୍କୁ ପଛରେ ପକାଇ ଟପ ୧୦ରେ ପ୍ରବେଶ କରିଛନ୍ତି। ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଟପ ୧୦ରୁ ବାହାର ହୋଇ ୧୧ ନମ୍ବରକୁ ଖସି ଆସିଛନ୍ତି। ଅଭିଷେକ ଏପର୍ଯ୍ୟନ୍ତ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ୧୬ ଇନିଂସରେ ୩୩.୪୩ ହାରରେ ୫୩୫ ରନ କରିଛନ୍ତି। ବଡ଼ କଥା ହେଉଛି ତାଙ୍କର ଷ୍ଟ୍ରାଇକ ରେଟ ପ୍ରାୟ ୨୦୦। ଅଭିଷେକ ୧୯୩.୮୪ ଷ୍ଟ୍ରାଇକ ରେଟ ସହିତ ଟି-୨୦ ଅନ୍ତର୍ଜାତୀୟରେ ସର୍ବାଧିକ ରନ କରିଥିବା ବ୍ୟାଟ୍ସମ୍ୟାନ। ତାଙ୍କ ବ୍ୟାଟ ରୁ ୨ଟି ଶତକ ଏବଂ ୨ଟି ଅର୍ଦ୍ଧଶତକ ଆସିଛି। ସେ ୪୧ ଛକା ଏବଂ ୪୬ ଚୌକା ମାରିଛନ୍ତି। ଅଭିଷେକ ଗତବର୍ଷ ୬ ଜୁଲାଇରେ ଜିମ୍ବାୱେ ବିପକ୍ଷରେ ଡେବ୍ୟୁ କରିଥିଲେ। ପ୍ରଥମ ମ୍ୟାଚରେ ସେ ନିଜର ଖାତା ମଧ୍ୟ ଖୋଲିପାରି ନ ଥିଲେ କିନ୍ତୁ ପରବର୍ତ୍ତୀ ମ୍ୟାଚରେ ଏହି ବ୍ୟାଟ୍ସମ୍ୟାନ ଶତକ ହାସଲ କରି ଚମତ୍କାର କରିଥିଲେ। ଅଭିଷେକ ସେହି ମ୍ୟାଚରେ ୮ ଛକା ମାରିଥିଲେ। ଏହି ଶତକ ପରେ, ସେ ଲଗାତାର ୭ ମ୍ୟାଚରେ ବିଫଳ ହୋଇଥିଲେ ଏବଂ ତା'ପରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅର୍ଦ୍ଧଶତକ କରିଥିଲେ। ଏହା ପରେ, ସେ ଚଳିତ ବର୍ଷ ଫେବୃଆରୀରେ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ଏକ ଶତକ କରିଥିଲେ। ୱାଙ୍ଖେଡେରେ ଖେଳାଯାଇଥିବା ସେହି ମ୍ୟାଚରେ ଅଭିଷେକ ୫୪ ବଲରେ ୧୩୫ ରନ କରିଥିଲେ। ଏଥିରେ ୧୩ ଛକା ଥିଲା। ଏହି ବିସ୍ଫୋରକ ବ୍ୟାଟିଂ ଆଧାରରେ, ଅଭିଷେକ ଆଜି ଟି-୨୦ ରାଙ୍କିଂର ଶୀର୍ଷରେ ପହଞ୍ଚିଛନ୍ତି।

## ଚତୁର୍ଥ ଓଡ଼ିଶା ହକି ସଂଘ ଚାମ୍ପିୟନସିପ୍ ପାଇଁ ଚୟନ କ୍ୟାମ୍ପ




ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ହକି ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଚତୁର୍ଥ ଓଡ଼ିଶା ହକି ସଂଘ ଚାମ୍ପିୟନସିପ୍ ୨୦୨୫ ପାଇଁ କ୍ୟାମ୍ପ ଆୟୋଜନ କରାଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ମାଣ୍ଡାଙ୍ଗୀଙ୍କ ନେତୃତ୍ୱରେ ଆଜି ଏହି ଚୟନ ଶିବିର ଆୟୋଜନ ହୋଇଯାଇଛି। ଏହି କ୍ୟାମ୍ପକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଥିଲେ। ଏହି କ୍ୟାମ୍ପ ଦ୍ୱାରା ଜିଲ୍ଲାର ଉଦୀୟମାନ କ୍ରୀଡ଼ାବିତଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ସମସ୍ତ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ଜୁନିୟର ଓ ସବ୍ ଜୁନିୟର ବର୍ଗ ବାଳକ ଓ ବାଳିକାଙ୍କ ପାଇଁ ଆଜି ଏହି କ୍ୟାମ୍ପ ଆୟୋଜନ କରାଯାଇଛି। ଜିଲ୍ଲାର ୨୨ଟି ସ୍କୁଲ୍ ଓ କଲେଜ୍ ରୁ ମୋଟ ୧୪୨ ଜଣ ବାଳକ ବାଳିକା ଏଥିରେ ଭାଗ ନେଇଥିଲେ।

## ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିଅନ୍‌ସିପ୍: ମୟୂରଭଞ୍ଜକୁ ବ୍ରୋଞ୍ଜ ପଦକ



ବାରିପଦା (ଭାସ୍କର ନ୍ୟୁଜ) : କଟକ ଠାରେ ଅନୁଷ୍ଠିତ ୭୭ ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିୟାନସିପରେ ମୟୁରଭଞ୍ଜ ପୋଲିସ ଟିମ ୫ମ ରାଉଣ୍ଡରେ ୪ର୍ଥ ଆଇ ଆର ବି ଏନ, ଦେଓଗଡ଼କୁ ୩-୦ ସେଟରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି ଓ ପୁରସ୍କାର ସ୍ୱରୂପ ଦଳକୁ ବ୍ରୋଞ୍ଜ ମେଡାଲ ସହ ୧୦ ହଜାର ନଗଦ ରାଶି ମିଳିଛି। ଚମ୍ପିୟାନସିପର ଶ୍ରେଷ୍ଠ ଖେଳାଳି ଭାବେ ଅଞ୍ଜନ ବେହେରାଙ୍କୁ ଟ୍ରଫି ଓ ୨ ହଜାର ପୁରସ୍କାର ରାଶି ମିଳିଛି। ଖବର ପାଇ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଆଜି ପୂର୍ବାହ୍ନରେ ସମସ୍ତ ଖେଳାଳିଙ୍କ ସମେତ ମ୍ୟାନେଜର ଓ କୋଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ରିଜର୍ଭ ଇନ୍‌ସପେକ୍ଟର ଆଲୋକ କାନୁନଗୋ, ମୟୁରଭଞ୍ଜ ପୋଲିସ ସଂଘର ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସୁରଜ କୁମାର ରାଜ, କ୍ରୀଡା ସଂଗଠକ ଭାନୁପ୍ରତାପ ଭଞ୍ଜଦେଓ, ଏନ ଆଇ ଏସ କୋଚ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ଚାମ୍ପିୟାନସିପରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଅଞ୍ଜନ ବେହେରା, ମିଲୁ ମହାନ୍ତ ଓ ଜନ୍ମେଜୟ ଦାସ ଜାତୀୟ ସ୍ତରୀୟ ପୋଲିସ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ଓଡିଶା ପୋଲିସ ଦଳର ଚୟନ ଶିବିରକୁ ମନୋନୀତ ହୋଇଛନ୍ତି।

### ପାକ୍ ସହ ଖେଳିବ ନାହିଁ ଭାରତ ଚାମ୍ପିଅନ୍ସ

ନୂଆଦିଲ୍ଲୀ: ଗୁରୁବାର ହେବାକୁ ଥିବା ୱାର୍ଲ୍ଡ ଚମ୍ପିଆନସିପ୍ ଅଫ୍ ଲିଜେଣ୍ଡସ୍ (ଡବ୍ଲ୍ୟୁସିଏଲ)ର ସେମିଫାଇନାଲରେ ଭାରତ ଚମ୍ପିଆନ୍ସ ପାକିସ୍ତାନ ଚମ୍ପିଆନ ସହିତ ଖେଳିବାକୁ ମନା କରି ଦେଇଛି। ଭାରତ ଚମ୍ପିଆନ୍ସ ମଙ୍ଗଳବାର ୱେଷ୍ଟଇଣ୍ଡିଜକୁ ମାତ୍ର ୧୩.୨ ଓଭରରେ ହରାଇ ସେମିଫାଇନାଲକୁ ପହଞ୍ଚି ଯାଇଛି। କିନ୍ତୁ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବାକୁ ନେଇ ଭାରତ ପ୍ରଥମରୁ ଆପତ୍ତି କରିଥିଲା। ଏହାପୂର୍ବରୁ ବି ଗ୍ରୁପ ଷ୍ଟେଜର ଭାରତ ଓ ପାକିସ୍ତାନ ମ୍ୟାଚ ବାତିଲ କରି ଦିଆଯାଇଥିଲା। କାରଣ ଖେଳାଳି ଓ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ସ୍ପନସର ବିରୋଧ କରିଥିଲେ। 'ଡବ୍ଲୁସିଏଲ୍'ର ମୁଖ୍ୟ ସ୍ପନସରମାନଙ୍କ ମଧ୍ୟରୁ ଗୋଟିଏ 'ଇଜିମାଇଟ୍ରିପ୍' ଭାରତ-ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲ୍ ମ୍ୟାଚରୁ ନିଜର ନାମ ପ୍ରତ୍ୟାହାର କରି ନେଇଛି।

---

XXVII-12

ଓଡ଼ିଶା ସରକାର

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

File No. /2025

## ଘୋଷଣା

Date: ୨୧ .6.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : ପାଖନାମୁଣ୍ଡା ଥାନା : ମାଲକାନଗିରି ତହସିଲ :ମାଥିଲି ଜିଲା : ମାଲକାନଗିରି ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର -ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୁ- ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା : ୪୦୩ /୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ପାଖନାମୁଣ୍ଡା ଥାନା : ମାଲକାନଗିରି ତହସିଲ :ମାଥିଲି ଜିଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୁ -ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ -ତଥା -ତହସିଲଦାର ,ମାଥିଲି ଙ୍କ ତହସିଲ କାର୍ଯ୍ୟାଳୟ ,ମାଥିଲି କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ : ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପାଖନାମୁଣ୍ଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମି ର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଭୂମି ଅନୁସୂଚୀ

ମୌଜା:ପଖନାମୁଣ୍ଡା, ଥାନା-ମାଥିଲି ନଂ-୫୯, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨ | ୮୪୩ | ୦.୬୯୯ | ୦.୦୨୮ | ଧାନ ଏକ | .ଅର୍ଜୁନ କିଲ ପି-ମୁରଲି କିଲ ସୟାରୀ କିଲ ସ୍ୱା-ମୁରଲୀ କିଲ ଜା-ଗାଦବା ବା-କଡାମେଟା |
| ୭ | ୧୦୮୫ | ୦.୪୫୦ | ୦.୩୨୬ | ଡଙ୍ଗର ଏକ | ଭକଡାଉ ମୁଦୁଲି, ଜମୁନା ମୁଦୁଲି ପି-ବଡ ମୁଦୁଲି ଜା-ପରଜା ବା-ନିଜଗାଁ ଗୁଡା ଜାମୁଗୁଡା |
| ୯ | ୫୯୮ | ୧.୦୭୦ | ୦.୯୩୩ | ଡଙ୍ଗର ଏକ | ବନାମ ରାଜ ଦୁରା ହାଡୁରାମ ଦୁରା ପି-କାଳିଆ ଦୁରା ସମ୍ବାରୀ ଦୁରା ସ୍ୱା-କାଳିଆ ଦୁରା ବୁଦ୍ଧି ଦୁରା ପାର୍ବତୀ ଦୁରା ବୃନ୍ଦାବତୀ ଦୁରା ପି-ଆତକୁ ଦୁରା ଜା-ଭୂମିଆ ବା- ନିଜଗାଁ |
| ୧୯ | ୧୪୫୧ | ୦.୭୫୧ | ୦.୪୬୩ | ଧାନ ଦୁଇ | ସୁରୁ କରାଇ ପି-ମୁଲିଆ କରାଇ ଜା-ଡମ୍ ବା-ନିଜଗାଁଗୁଡା ଜାମୁ ଗୁଡା |
| ୩୦ | ୨୫୪ | ୦.୭୦୯ | ୦.୦୦୮ | ଧାନ ଦୁଇ | ଜଗନ୍ନାଥ ମୁଦୁଲି ରଘୁନାଥ ମୁଦୁଲି ପି-ଦାମ ମୁଦୁଲି ଜା-ପରଜା ବା-ନିଜଗାଁଗୁଡା ଜାମୁ ଗୁଡା |
| ୩୬ | ୨୨୫ | ୨.୯୪୫ | ୧.୦୫୩ | ଧାନ ଏକ | ଡମଣି ନାୟକ ପି-ବୁରୁଷୁ ଓଙ୍ଗି ଜା-ଭୂମିଆ ବା-ନିଜଗାଁଗୁଡା ମାଡକା ଗୁଡା |
| ୪୦ | ୧୨୩୦ | ୨.୦୮୧ | ୦.୨୦୨ | ଧାନ ଦୁଇ | ତ୍ରିଲୋଚନ ଡାକୁଆ ପି-ଦଣ୍ଡପାଣି ଡାକୁଆ ଜା-ଭଣ୍ଡାରି ବା-କଡାମେ °ଟା |
| ୫୧ | ୧୦୭୫ | ୩.୦୦୨ | ୧.୧୧୭ | ଧାନ ଦୁଇ | ନେତ୍ରାନନ୍ଦ ମଲିକ ପି-ନିରଞ୍ଜନ ମଲିକ ଜା-କନ୍ଧ ବା- ନିଜଗାଁ |
| ୫୩ | ୧୦୭୪ | ୩.୧୬୩ | ୦.୫୬୨ | ଧାନ ଦୁଇ | ପରଶୁ ମାଡି ପି-ବାଗା ମାଡି ଜା-ଭୂମିଆ ବା-ନିଜଗାଁଗୁଡା ଜାମୁ ଗୁଡା |
| ୧୪୦/୧୦୯ | ୧୫୩୩ | ୦.୬୦୮ | ୦.୩୩୯ | ଧାନ ଦୁଇ | ରଘୁନାଥ ମାଡି ପି-ବାଗନା ମାଡି ଜା-ଭୂମିଆ ବା-ଜାମୁ ଗୁଡା |
| | ୧୫୩୦ | ୦.୫୧୯ | ୦.୧୧୧ | ଧାନ ଦୁଇ | |
| | ୧୫୫୩ /୧୮୨୮ | ୧.୨୩୭ | ୦.୫୦୪ | ଧାନ ଏକ | |
| | ୧୫୩୨ | ୦.୧୦୧ | ୦.୧୦୧ | ଧାନ ଦୁଇ | |
| ୧୪୦/ ୧୧୧ | ୧୫୫୨ /୧୮୨୯ | ୦.୨୧୦ | ୦.୦୦୨ | ଧାନ ଏକ | ଗୁରୁ ମାଡି ପି-ସମନ୍ଧ ମାଡି ଜା-ଭୂମିଆ ବା-ଜାମୁ ଗୁଡା |
| | ୧୫୫୩/ ୧୮୩୦ | ୦.୫୦୬ | ୦.୪୪୦ | ଧାନ ଏକ | |
| ୬୪ | ୧୦୮୬ | ୩.୦୦୨ | ୦.୯୧୫ | ଡଙ୍ଗର ଏକ | ବୃତି ଭୂମିଆ ପି-ରାମଚନ୍ଦ୍ର ଭୂମିଆ ଜା-ଭୂମିଆ ବା-ନିଜଗାଁଗୁଡା ଜାମୁ ଗୁଡା |
| ୬୬ | ୮୩୯ | ୧.୯୨୭ | ୦.୩୬୯ | ଧାନ ଏକ | ବୁଦା ମୁଦୁଲି ବୈତାରି ମୁଦୁଲି ପି-ବିରଷା ମୁଦୁଲି ମଙ୍ଗୁଳି ମୁଦୁଲି ସ୍ୱା-ବିର୍ସା ମୁଦୁଲି ଜା-ପରଜା ବା-କଡାମେ °ଟା |
| ୬୬ | ୧୫ | ୧.୬୩୦ | ୦.୧୫୦ | ଧାନ ଏକ | ଭାଲୁ ଜାନି ଡମଣି ଜାନି ଲକ୍ଷ୍ମୀ ଜାନି ପି-ବଳରାମ ଜାନୀ ସୁନାଧର ଜାନୀ ଲକ୍ଷ୍ମଣ ଜାନୀ ସିଲୁ ଜାନୀ ପି-ରାମ ଜାନୀ ଜା-ପରଜା ବା-ନିଜଗାଁଗୁଡା ଜାମୁ ଗୁଡା |
| ୮୦ | ୧୦୮୪ | ୦.୫୫୬ | ୦.୦୧୫ | ଡଙ୍ଗର ଏକ | ମଙ୍ଗଳା ଦୋରା ପି-ଶୁକ୍ରା ଦୋରା ଜା-ଦୋରା ବା-ନିଜଗାଁଗୁଡା ଜାମୁଗୁଡା |
| ୮୫ | ୧୦୭୭ | ୧.୦୩୦ | ୦.୦୮୦ | ଧାନ ଦୁଇ | ମାଖନଲାଲ ସାହା ପି-ରେବତି ମୋହନ ସାହା ଜା-କ୍ଷେତ୍ରୟ ବା-କଡାମେଟା |
| ୮୯ | ୨୩ | ୨.୦୫୦ | ୦.୯୩୭ | ଧାନ ଏକ | ମୁତୁଲୁ କାଣ୍ଡିକି ପି-ଡେବର କାଣ୍ଡିକି ବା-ନିଜଗାଁଗୁଡା ମାଡକା ଗୁଡା |
| | ୨୦ | ୦.୪୯୯ | ୦.୨୯୩ | ଜଳାଶୟ | |
| ୧୦୫ | ୧୩ | ୨.୦୩୧ | ୦.୯୭୪ | ଧାନ ଏକ | ସନୁ ନାୟକ ନରସିଂହ ନାୟକ ଡମୁ ନାୟକ ପି-ପାଣ୍ଡୁ ନାୟକ ଜା-ଭୂମିଆ ବା-ନିଜଗାଁଗୁଡା ଜାମୁ ଗୁଡା |
| ୧୧୦ | ୮୦୮ | ୧.୯୪୦ | ୦.୦୨୯ | ଧାନ ଏକ | ସମରା କ୍ରିସାନି ପି-ଶୁକ୍ରା କ୍ରିସାନି ଜା-ଗାଦବା ବା-କଡାମେଟା |
| ୧୧୨ | ୧୫୭୪ | ୧.୩୮୪ | ୦.୨୨୪ | ଧାନ ଏକ | ସମ୍ବାରୁ ଗଉଡ ଶିବ ଗଡଡ ପି-ଚମରା ଗଡଡ ଅର୍ଜୁନ ଗଡଡ ସୂର୍ଯ୍ୟ ଗଉଡ ବଳା ଗଡଡ ପି-ଲକ୍ଷ୍ମଣ ଗଉଡ , ଲରୁ ଗଉଡ , ବୃନ୍ଦା ଗଡଡ, ରାମ ଗଉଡ ଗୁରୁ ଗଉଡ, ଦୁତିକା ଗଉଡ, ପଦ୍ମା ଗଉଡ ପି-ଡମ୍ବୁ ଗଉଡ ପାର୍ବତୀ ଗଉଡ ସ୍ୱା-ଡମ୍ବୁ ଗଡଡ , ଗୁରୁ ଗଡଡ, ଲଳିତା ଗଡଡ ପିତୁନାଧର ଗଡଡ ଜା-ଗଡଡ ବା-ନିଜଗାଁଗୁଡା ଜାମୁଗୁଡା |
| | ୧୫୦୬ | ୦.୧୧୫ | ୦.୧୧୫ | ଡଙ୍ଗର ଏକ | |
| ୧୪୦ /୩୭ | ୧୫୦୬/ ୧୭୮୧ | ୦.୨୪୭ | | ଡଙ୍ଗର ଏକ | ମରେଶ୍ୱର ପଲେଇ ପି-ବ୍ରହ୍ମା ପଲେଇ ଜା-ଖଣ୍ଡାୟତ ବା-କଡାମେଟା |
| ୧୧୭ | ୮୪୧ | ୨.୦୧୪ | ୧.୫୬୩ | ଧାନ ଏକ | ଶୁକ୍ରା ମୁଦୁଲି ପି-ଛିତା ମୁଦୁଲି ଜା-ପରଜା ବା-କଡାମେଟା |
| ୧୨୫ | ୧୪୫୮ | ୦.୬୬୬ | ୦.୨୭୦ | ଡଙ୍ଗର ଏକ | ହରି ମାଡି ପି-ଭୁଜ ମାଡି ଜା-ଭୂମିଆ ବା-ନିଜଗାଁ ଗୁଡା ଜାମୁଗୁଡା |
| ୧୨୭ | ୧୯୨ | ୦.୭୫୧ | ୦.୩୪୫ | ଧାନ ଦୁଇ | ହାଡିରାମ ଭୂମିଆ ପି-ସୁକୁ ଭୂମିଆ ଜା-ଭୂମିଆ ବା-ନିଜଗାଁ ଗୁଡା ମାଡକା ଗୁଡା |
| | ୧୯୩ | ୦.୩୮୧ | ୦.୧୩୭ | ଧାନ ଦୁଇ | |
| | ୧୯୧ | ୦.୬୨୮ | ୦.୦୪୩ | ଧାନ ଦୁଇ | |
| ୧୪୦ / ୧୦୭ | ୧୧୫୮ | ୦.୧୮୦ | ୦.୦୫୭ | ଧାନ ଏକ | ଜଗତାନନ୍ଦ ଖ୍ୱାଙ୍ଗରଡ ପି-ଚନ୍ଦ୍ର ଖ୍ୱାଙ୍ଗରଡ ଜା-ବଞ୍ଜାରା ବା-ତେଙ୍ଗାଗୁଡା |
| | ୧୨୩୭ | ୦.୨୬୯ | ୦.୦୪୧ | ଡଙ୍ଗର ଏକ | |
| | ୧୧୫୩ | ୧.୪୪୧ | ୦.୬୮୯ | ଧାନ ଦୁଇ | |
| | ୨୫୨ | ୧.୧୧୨ | ୦.୮୬୯ | ଡଙ୍ଗର ଏକ | |
| ୧୪୦ /୩୧ | ୪୩ | ୨.୦୦୨ | ୦.୧୨୭ | ଧାନ ଏକ | ଭିଙ୍ଗରାଜ ଜାନି ପି-ସୁନାଧର ଜାନି ଜା-ଦୋରା ବା-ପାଖନାମୁଣ୍ଡା |
| ୧୪୦ /୪୦ | ୧୫୧୩ | ୦.୨୦୦ | ୦.୦୩୯ | ଧାନ ଏକ | ତ୍ରିଲୋଚନ ଡାକୁଆ ପି-ଦଣ୍ଡପାଣି ଡାକୁଆ ଜା-ଭଣ୍ଡାରି ବା-କଡାମେ °ଟା |
| | ୧୫୧୪/ ୧୭୮୦ | ୦.୯୫୩ | ୦.୭୫୧ | ଧାନ ଏକ | |
| | ୧୫୧୫ | ୦.୭୫୧ | | ଧାନ ଏକ | |
| | ୧୫୭୧ | ୦.୬୧୨ | ୦.୫୨୨ | ଧାନ ଏକ | |
| | ୧୫୧୦ | ୦.୦୫୯ | ୦.୦୩୯ | ଧାନ ଏକ | |
| | ୧୫୦୯ | ୦.୨୨୦ | ୦.୧୨୮ | ଧାନ ଏକ | |
| | ୧୦୮୨ | ୦.୬୯୯ | ୦.୪୨୭ | ଡଙ୍ଗର ଏକ | |
| ୧୪୦ /୮୨ | ୨୧୫ | ୦.୮୯୦ | ୦.୧୫୨ | ଡଙ୍ଗର ଦୁଇ | ଡମ୍ବରୁ ପୂଜାରୀ ପି-ହାଡିରାମ ପୂଜାରୀ ବା-ଶୁକଳା ଦେଇ ପୂଜାରୀ ସ୍ୱା-ଡମ୍ବରୁ ପୂଜାରୀ ଜା-ଭୂମୀଆ ବା-ନିଜଗାଁଗୁଡା ମାଡକାଗୁଡା |
| ୧୪୦ /୯୧ | ୮୨୦ | ୦.୨୩୦ | ୦.୦୯୮ | ଧାନ ଦୁଇ | ଭାଗିରଥି ନାୟକ ପି-ରାମୁ ନାୟକ ଜା-ଭୂମିଆ ବା-ନିଜଗାଁ |
| | ୮୧୯ | ୦.୬୮୯ | ୦.୬୬୬ | ଧାନ ଦୁଇ | |

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧୪୦ /୯୨ | ୮୧୨ | ୪.୫୨୨ | ୦.୯୭୪ | ଧାନ ଏକ | ଶୁକ୍ରା ନାୟକ ପି-ବନ୍ଧୁ ନାୟକ ବଳରାମ ନାୟକ ପି-ଅର୍ଜୁନ ନାୟକ ଜା-ଭୂମିଆ ବା-ନିଜଗାଁ |
| | ୮୫୨ | ୨.୧୨୫ | ୦.୦୧୯ | ଧାନ ଦୁଇ | |
| ୧୪୦ /୯୩ | ୬୩୧ | ୧.୦୩୮ | ୦.୦୦୫ | ଧାନ ଦୁଇ | ମଦନ ନାୟକ ପି-ମାଧବ ନାୟକ ଜା-ଭୂମିଆ ବା-ନିଜଗାଁ |
| | ୭୨୫ | ୦.୮୬୫ | ୦.୦୪୩ | ଧାନ ଦୁଇ | |
| | ୮୧୦/ ୧୮୧୦ | ୧.୦୧୩ | ୦.୫୫୩ | ଧାନ ଏକ | |
| ୧୪୦ /୯୫ | ୨୨୯ | ୧.୦୧୧ | ୦.୮୪୬ | ଧାନ ଏକ | .ଅର୍ଜୁନ ନାୟକ ପି-ମାଧବ ନାୟକ ଜା-ଭୂମିଆ ବା-ନିଜଗାଁ |
| ୨୬୮ | ୧୫୩୪ | ୦.୬୧୮ | ୦.୦୪୬ | ଗ୍ରାମ୍ୟ ଜଙ୍ଗଲ | ରାମ ମାଢି ପି-ବୁଟି ମାଢି, ମଙ୍ଗୁଳି ମାଢି ସ୍ୱା: ରାମ ମାଢି ଜା: ଭୂମିଆ ବା: ପଖନାମୁଣ୍ଡା |
| ୧୪୩ | ୧୫୩୬ | ୦.୬୩୦ | ୦.୦୫୩ | ବଡ ଜଙ୍ଗଲ | ରାମ ମାଢି ପି-ବୁଟି ମାଢି, ମଙ୍ଗୁଳି ମାଢି ସ୍ୱା: ରାମ ମାଢି ଜା: ଭୂମିଆ ବା: ପଖନାମୁଣ୍ଡା |
| ୧୪୩ | ୧୨୩୮ | ୦.୪୦୦ | ୦.୩୮୫ | ବଡ ଜଙ୍ଗଲ | ବଗନା ମାଢି ପି-ହରି ମାଢି ଜା: ଭୂମିଆ ବା: ପଖନାମୁଣ୍ଡା |
| ୨୬୦ | ୧୪୫୦ | ୦.୬୦୦ | ୦.୧୦୦ | ବଡ ଜଙ୍ଗଲ | ଡମୁ ମାଢି ପି-ମାଣିକ ମାଢି ଜା: ଭୂମିଆ ବା: ପଖନାମୁଣ୍ଡା |

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧୬୬ | ୨୧୫ | ୦.୨୯୯ | ୦.୦୯୩ | ବଡ ଜଙ୍ଗଲ | ରାମଚନ୍ଦ୍ର ପୂଜାରି ପି-ନରସିଂହ ପୂଜାରି ଜା: ଭୂମିଆ ବା: ପଖନାମୁଣ୍ଡା |
| ୧୪୩ | ୨୪୦ | ୧.୧୧୨ | ୦.୩୨୫ | ଗ୍ରାମ୍ୟ ଜଙ୍ଗଲ | ବଗ ଦୁରା ପି-ଅର୍ଜୁନ ଦୁରା ଜା: ଭୂମିଆ ବା: ପଖନାମୁଣ୍ଡା |
| ୨୫୩ | ୮୩୪ | ୧.୯୪୦ | ୦.୦୧୮ | ଶାଳ ଜଙ୍ଗଲ | ସମାରୁ ମୁଦୁଲି ପି-ବୁଦା ମୁଦୁଲି |
| ୧୪୩ | ୧୫୫୬ | ୩.୩୬୧ | ୦.୦୮୦ | ଜଙ୍ଗଲ | ରଘୁ ମାଢି ପି-ବଗନା ମାଢି |
| ୧୯୪ | ୧୫୪୦ | ୦.୬୧୮ | ୦.୩୫୦ | ବଡ ଜଙ୍ଗଲ | ରଘୁ ମାଢି ପି-ବଗନା ମାଢି |
| ୧୭୪ | ୧୯ | ୦.୬୫୦ | ୦.୩୩୮ | ଜଙ୍ଗଲ | ମଙ୍ଗରାଜ କାଦାକି ପି-ମୁତୁଲୁ ମଦାକି |
| ୨୫୨ | ୨୪୩ | ୦.୪୦୦ | ୦.୨୧୫ | ଗ୍ରାମ୍ୟ ଜଙ୍ଗଲ | ଜିରୁ ମୁଦୁଲି ପି-ଝାଟୁ ମୁଦୁଲି |
| ୧୪୩ | ୨୪୪ | ୧.୬୫୧ | ୦.୨୩୨ | ଗ୍ରାମ୍ୟ ଜଙ୍ଗଲ | ଜିରୁ ମୁଦୁଲି ପି-ଝାଟୁ ମୁଦୁଲି |
| ୨୫୧ | ୨୪୨ | ୧.୯୦୦ | ୦.୮୧୦ | ଗ୍ରାମ୍ୟ ଜଙ୍ଗଲ | ଫୁଲମତି ମୁଦୁଲି ସ୍ୱା-ଗୋବର୍ଦ୍ଧନ ମୁଦୁଲି |
| ୧୫୩ | ୨୩୯ | ୧.୧୮୬ | ୦.୪୫୪ | ଗ୍ରାମ୍ୟ ଜଙ୍ଗଲ | ବଗ ଦୁରା ପି-ଅର୍ଜୁନ ଦୁରା |
| ୧୭୧ | ୭୨୭ | ୦.୭୨୯ | ୦.୦୭୦ | ଗ୍ରାମ୍ୟ ଜଙ୍ଗଲ | ମଦନ ନାୟକ ପି-ମାଧବ ନାୟକ |
| ୧୬୩ | ୪୪ | ୦.୭୪୧ | ୦.୬୨୭ | ବଡ ଜଙ୍ଗଲ | ଧନୁର୍ଜୟ କାଣ୍ଡିକି ପି:ସୁନାଧର କାଣ୍ଡିକି ଜା: ଭୂମିଆ ବା: ପଖନାମୁଣ୍ଡା |
| ୧୯୬ | ୧୪୫୪ | ୧.୩୩୪ | ୦.୬୯୫ | ପତ୍ରାଜଙ୍ଗଲ | ଡମ୍ବ ମାଢ଼ି ପି: ମଣିକ ମାଢ଼ି, ସନାଦରେ ମାଢ଼ି ସ୍ୱା: ଡମ୍ବ ମାଢ଼ି ଜା: ଭୂମିଆ ବା: ପଖନାମୁଣ୍ଡା |
| ୨୦୪ | ୨୫୩ | ୦.୪୨୦ | ୦.୦୧୧ | ବଡ ଜଙ୍ଗଲ | ରଘୁ ଦୁରା ପି-ଭାଗିରଥି ଦୁରା |
| ୧୪୩ | ୨୩୬/ ୧ | ୨.୮୯୯ | ୦.୩୦୫ | ଗ୍ରାମ୍ୟ ଜଙ୍ଗଲ | ବାଗା ଦୁରା ପି: ଅରଜୁନ ଦୁରା, ବୁଦ୍‌ରି ଦୁରା ସ୍ୱା: ବାଗା ଦୁରା ଜା: ଭୂମିଆ ବା: ପଖନାମୁଣ୍ଡା |
| ୧୪୩ | ୨୩୬/ ୨ | ୦.୯୦୨ | ୦.୨୨୨ | ଗ୍ରାମ୍ୟ ଜଙ୍ଗଲ | ବାଗା ଦୁରା ପି: ଅରଜୁନ ଦୁରା, ବୁଦ୍‌ରି ଦୁରା ସ୍ୱା: ବାଗା ଦୁରା ଜା: ଭୂମିଆ ବା: ପଖନାମୁଣ୍ଡା |
| ୧୪୩ | ୨୧୬ | ୦.୬୯୯ | ୦.୨୮୭ | ବଡ ଜଙ୍ଗଲ | ରାମଚନ୍ଦ୍ର ପୂଜାରି ପି-ନରସିଂହ ପୂଜାରି |
| ୨୬୦ | ୫୯୭ | ୧.୭୦୦ | ୦.୧୧୮ | ବଡ ଜଙ୍ଗଲ | ନିଲକୋଟା ଦୁରା ପି-କନମ ଦୁରା |
| ୧୪୩ | ୧୫୩୯ | ୦.୮୯୯ | ୦.୧୦୪ | ବଡ ଜଙ୍ଗଲ | ରାମ ମାଢି ପି-ବୁଟି ମାଢି |
| ୧୪୩ | ୧୦୭୩ | ୦.୪୯୯ | ୦.୦୫୩ | ଗ୍ରାମ୍ୟ ଜଙ୍ଗଲ | ଡମ୍ବରୁ ମାଢି ପି-ପର୍ଣ୍ଣୁ ମାଢି |
| ୧୪୩ | ୧୪୬୦ | ୦.୨୫୦ | ୦.୦୬୨ | ବଡ ଜଙ୍ଗଲ | ଡମୁ ମାଢି ପି-ମାଣିକ ମାଢି |
| ୧୪୫ | ୮୨୯/ ୨ | ୨.୨୩୭ | ୦.୪୪୪ | ପତ୍ରାଜଙ୍ଗଲ | ରାମ ମୁଦୁଲି ପି: ସମାରୁ ମୁଦୁଲି, କମଳା ମୁଦୁଲି ସ୍ୱା: ରାମ ମୁଦୁଲି, ରାଇଶେ ମୁଦୁଲି, ରଜି ମୁଦୁଲି ପି: ରାମ ମୁଦୁଲି ଜା: ପରଜା ବା: ପଖନାମୁଣ୍ଡା |

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୬୯ | ୨୩୦/ ୯ | ୧.୫୦୦ | ୦.୨୧୫ | ପତ୍ରାଜଙ୍ଗଲ | ଡମ୍ବରୁ ମୁଦୁଲି ପି-ସୁଜା ମୁଦୁଲି |
| ୧୯୨ | ୧୨୬୩/ ୩ | ୩.୬୯୨ | ୦.୧୨୬ | ଜଙ୍ଗଲ | ଗୁରୁ ମାଢି ପି-ସମନ୍ଧ ମାଢି |
| ୨୬୫ | ୧୬୨୩ | ୧.୨୫୦ | ୦.୨୦୦ | ଜଙ୍ଗଲ | ଭଗବାନ ମାଝି ପି-ଚଇତୁ ମାଝି |
| ୧୮୬ | ୧୫୩୯/ ୧ | ୦.୩୫୫ | ୦.୨୦୨ | ବଡ ଜଙ୍ଗଲ | ରାମ ମାଢି ପି-ବାଗ ମାଢି |
| ୧୯୩ | ୧୫୫୬/ ୧ | ୩.୩୬୯ | ୦.୦୬୯ | ଜଙ୍ଗଲ | ହାଡିରାମ ମାଢି ପି-ସମନ୍ଧ ମାଢି |
| ୨୯୯ | ୧୦୭୨ | ୦.୨୫୨ | ୦.୧୨୩ | ଗ୍ରାମ୍ୟଜଙ୍ଗଲ | ଡମ୍ବରୁ ମାଢି ପି-ପର୍ଣ୍ଣୁ ମାଢି |
| ୨୫୬ | ୨୦ | ୧.୫୩୨ | ୦.୦୬୨ | ପତ୍ରାଜଙ୍ଗଲ | ବୁଦା ମୁଦୁଲି ପି-ସମାରୁ ମୁଦୁଲି |
| ୧୬୫ | ୧୨୬୩ | ୩.୬୯୨ | ୦.୩୨୫ | ଜଙ୍ଗଲ | ରଘୁ ମାଢି ପି-ବଗନା ମାଢି |
| ୧୮୩ | ୧୨୩୮ | ୦.୬୫୦ | ୦.୦୦୯ | ବଡ ଜଙ୍ଗଲ | ବଗନା ମାଢି ପି-ହରି ମାଢି |
| ୧୬୫ | ୧୫୫୫ | ୧.୨୬୧ | ୦.୩୨୬ | ଜଙ୍ଗଲ | ଡମୁ ମାଢି ପି-ମାଣିକ ମାଢି |
| ୧୭୨ | ୨୯୧ | ୧.୯୫୨ | ୦.୬୦୦ | ଜଙ୍ଗଲ | ସାଦୁରାମ ଗୋଟେ ପି-ରାମୁ ଗୋଟେ |
| ୨୩୯ | ୧୬୨୩/ ୧ | ୧.୨୫୦ | ୦.୩୧୯ | ଜଙ୍ଗଲ | ଟଙ୍କଧର ମାଝି ପି-ଚଇତୁ ମାଝି |
| ୧୬୩ | ୨୩୭ | ୦.୯୦୨ | ୦.୦୬୦ | ଗ୍ରାମ୍ୟଜଙ୍ଗଲ | ରାମଚନ୍ଦ୍ର ପୂଜାରି ପି-ନରସିଂହ ପୂଜାରି |
| ୨୬୯ | ୨୫୦/ ୧ | ୧୭.୯୬୯ | ୦.୫୩ | ଜଙ୍ଗଲ | ମାର୍କଣ୍ଡ ଗୁଗୁଲାଟ ପି-ମାଧବ ଗୁଗୁଲାଟ |
| ୨୦୩ | ୨୫୦/ ୨ | ୧୭.୯୬୯ | ୦.୩୫୬ | ଜଙ୍ଗଲ | ରମେଶ ଗୁଗୁଲାଟ ପି-ମାଧବ ଗୁଗୁଲାଟ |
| ୧୯୯ | ୨୫୦/ ୩ | ୧୭.୯୬୯ | ୦.୧୦୧ | ଜଙ୍ଗଲ | ନରସିଂହ ଦୁରା ପି-ପାଣ୍ଡୁ ଦୁରା |
| ୧୬୬ | ୩୧୫/ ୧ | ୬.୫୫୮ | ୦.୨୯୨ | ଜଙ୍ଗଲ | ଡମୁ ପୂଜାରି ପି-ହାଡିରାମ ପୂଜାରି |
| ୧୬୩ | ୩୨୩/ ୧ | ୧୧.୬୩୭ | ୦.୪୧୦ | ଜଙ୍ଗଲ | ସହଦେବ ପୂଜାରି ପି-ବାଗନା ପୂଜାରି |
| ୧୪୩ | ୩୨୩/ ୨ | ୧୧.୬୩୭ | ୦.୬୬୬ | ଜଙ୍ଗଲ | ଡମୁ ପୂଜାରି ପି-ହାଡିରାମ ପୂଜାରି |
| ୧୪୫ | ୨୦୪ | ୧.୧୧୧ | ୦.୬୦୮ | ଜଙ୍ଗଲ | ମଦନ ନାୟକ ପି-ମାଧବ ନାୟକ |
| ୧୪୯ | ୮୨୬ | ୦.୬୦୦ | ୦.୦୧୬ | ପତ୍ରାଜଙ୍ଗଲ | ଭାଗିରଥି ଅଡଙ୍ଗି ପି-ରାମ ଅଡଙ୍ଗି |
| ୧୪୫ | ୨୫୧ | ୦.୬୫୦ | ୦.୨୫୨ | ଜଙ୍ଗଲ | ରମେଶ ଗୁଗୁଲାଟ ପି-ମାଧବ ଗୁଗୁଲାଟ |
| ୨୨୯ | ୮୧୮ | ୧.୧୦୨ | ୦.୫୫୦ | ପତ୍ରାଜଙ୍ଗଲ | ସୁକ୍ରା ନାୟକ ପି-ବନ୍ଧୁ ନାୟକ |
| ୨୫୫ | ୮୨୮ | ୧.୬୦୧ | ୦.୫୯୩ | ପତ୍ରାଜଙ୍ଗଲ | ରାମ ମୁଦୁଲି ପି-ସମାରୁ ମୁଦୁଲି |
| ୧୪୩ | ୨୪୫ | ୦.୯୫୧ | ୦.୮୫୩ | ଗ୍ରାମ୍ୟଜଙ୍ଗଲ | ଜିରୁ ମୁଦୁଲି ପି-ଝାଟୁ ମୁଦୁଲି |
| | ମୋଟ | ୨୦୭.୦୫୬ | ୩୪.୬୪୨ | | |

### ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି )

ଜିଲ୍ଲା : ମାଲକାନଗିରି — ତହସିଲ : ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩0 ଦିନ ଠାରୁ ଛଅ ମାସ ମଧ୍ୟରେ .

ଉକ୍ତ ଜମି ରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲାପାଳଙ୍କ କାର୍ଯ୍ୟାଳୟ , ମାଲକାନଗିରି ଠାରେ ତା: ୨୦.୦୬.୨୦୨୫ ରିଖ ଦିବା ୧୧.୦୦ ଘଣ୍ଟିକା ସମୟରେ ଉପସ୍ଥିତ ହୋଇ ଜିଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରି ପାରିବେ .

ରାଜ୍ୟପାଳଙ୍କ ଆଦେଶକ୍ରମେ

(ସ୍ୱାକ୍ଷର)

ଜିଲ୍ଲାପାଳ, ମାଲକାନଗିରି

OIPR 24382/14/0010/2526

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ। ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ। ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ପୁଦିନା ପତ୍ରରୁ କିଛି ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ। ଭୁର୍ସିଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ। ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ। ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ। ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ। ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ। ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ।



ବଲିଉଡ୍ ଷ୍ଟାରମାନଙ୍କ ପରି ଅନେକ ଦକ୍ଷିଣ ଅଭିନେତା ମଧ୍ୟ ସେମାନଙ୍କର ଉତ୍କୃଷ୍ଟ ଅଭିନୟ ଏବଂ ଆକ୍ସନ ମାଧ୍ୟମରେ ଖୁବ ଲୋକପ୍ରିୟତା ହାସଲ କରିଛନ୍ତି। ଅଭିନୟ ଜୀବନରେ ଏକ ସଫଳ କଳାକାର ହୋଇପାରିଛନ୍ତି।

ତେବେ ଅନେକ କଳାକାର ଅଛନ୍ତି ଯେଉଁମାନେ ସଫଳତାର ସ୍ୱାଦ ଚାଖିବା ପାଇଁ ଅନେକ ବାଧାବିଘ୍ନ ଓ ସଂଘର୍ଷର ସାମ୍ନା କରିଛନ୍ତି। ଏମିତି ଜଣେ କଳାକାର ହେଉଛନ୍ତି ଦକ୍ଷିଣ ସିନେମାର ସୁପରଷ୍ଟାର ଧନୁଷ। ଧନୁଷ ଏକ ଫିଲ୍ମୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଅଭିନେତାଙ୍କ ପିତା କସ୍ତୁରୀ ରାଜା ଜଣେ ଅଭିନେତା ଏବଂ ନିର୍ଦ୍ଦେଶକ। ଧନୁଷ ବାପାଙ୍କ ପାଦଙ୍କ ଅନୁସରଣ କରି ଅଭିନୟରେ ପାଦ ଦେଇଥିଲେ। ତାଙ୍କର ପ୍ରଥମ ଫିଲ୍ମ ଥିଲା 'ଥୁଲ୍ଲୁଭାଧୋ ଇଲମଇ'। ଯାହା ୨୦୦୨ମସିହାରେ ରିଲିଜ୍ ହୋଇଥିଲା। ଏହାପରେ ଅଭିନେତା ଆଉ ପଛକୁ ଫେରି ନାହାନ୍ତି। ତାଙ୍କ କଠିନ ପରିଶ୍ରମ ପାଇଁ ଇଣ୍ଡଷ୍ଟ୍ରିରେ ଧନୁଷଙ୍କୁ ସୁପରଷ୍ଟାରର ମାନ୍ୟତା ଦିଆଯାଇଥିଲା। ଧନୁଷ ଆଜି ଯେଉଁ ସଫଳତା ହାସଲ କରିଛନ୍ତି ତାହା ପାଇବା ତାଙ୍କ ପାଇଁ ଆଦୌ ସହଜ ନଥିଲା। ଅଭିନେତା ଏକ ସାକ୍ଷାତକାରରେ ଯୋଗ ଦେଇ କ୍ୟାରିୟର ଆରମ୍ଭ ସମୟକୁ ମନେ ପକାଇ କହିଛନ୍ତି, 'ସେଟ୍‌ରେ ଲୋକେ ମୋ ଚେହେରା ଦେଖି ଅଟୋ ଚାଳକ ... ଅଟୋ ଚାଳକ କହି ତାଚ୍ଛଲ୍ୟ କରୁଥିଲେ। ମୋତେ ଏସବୁ ବହୁତ ଆଘାତ ଦେଉଥିଲା। ଅନେକ ସମୟରେ ମୁଁ ଗାଡ଼ିକୁ ଆସି ଘଣ୍ଟାଘଣ୍ଟା ଧରି କାନ୍ଦିଛି। ପୁଣି ନିଜ ମନକୁ ବୁଝାଇ ନିଜ ଉପରେ ଭରଷା ରଖି କାମ ଆରମ୍ଭ କରିଥାଏ।' ଇତିମଧ୍ୟରେ ଧନୁଷ ତାଙ୍କ କଠିନ ପରିଶ୍ରମ ବଳରେ କୋଟି କୋଟି ଟଙ୍କାର ମାଲିକ ହୋଇ ପାରିଛନ୍ତି। ଚେନ୍ନାଇରେ ତାଙ୍କର ଏକ ବିଳାସପୂର୍ଣ୍ଣ ଘର ଅଛି। ଯାହାର ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଅଭିନେତା ପ୍ରାୟ ୨୩୦ କୋଟି ସମ୍ପତ୍ତିର ମାଲିକ। ଧନୁଷ କେବଳ ଦକ୍ଷିଣରେ ନୁହେଁ ବରଂ ବଲିଉଡରେ ମଧ୍ୟ ଅଭିନୟରେ ନିଜର ଛାପ ସୃଷ୍ଟି କରିଛନ୍ତି।



## ୨୩୦ କୋଟି ସମ୍ପତ୍ତିର ମାଲିକ ଧନୁଷ

## କ୍ରୀତିଙ୍କ ବିଉଟି ବ୍ରାଣ୍ଡର ଆୟ ୪୦୦ କୋଟି ଟପିଲା

ବଲିଉଡର ସଫଳ ଅଭିନେତ୍ରୀ କ୍ରୀତି ସାନନ୍। ତାଙ୍କର ଲୋକପ୍ରିୟତା କାହିଁରେ କେତେ। ଅନେକ ହିଟ୍ ଫିଲ୍ମ ସେ ବଲିଉଡକୁ ଭେଟି ଦେଇଛନ୍ତି। ଜୁଲାଇ ମାସ କ୍ରୀତିଙ୍କ ପାଇଁ ବେଶ୍ ଖାସ୍ ଥିଲା। ଗୋଟେପଟେ ସେ ନିଜର ୩୫ତମ ଜନ୍ମଦିନ ପାଳନ କରିଥିବାବେଳେ, ଅନ୍ୟପଟେ ତାଙ୍କର ବିଉଟି ବ୍ରାଣ୍ଡ ହାଇପେନ୍‌କୁ ୨ବର୍ଷ ପୂରିଛି। ସେଣ୍ଟ ଟ୍ରୋପେଜ୍‌ରେ ଭଉଣୀ ନୁପୂର ଓ ବୟଫ୍ରେଣ୍ଡ କରନ ବାହିୟାଙ୍କ ସହ ସେ ଜନ୍ମଦିନ ପାଳନ କରିଥିଲେ। ତାଙ୍କ ବିଉଟି ବ୍ରାଣ୍ଡ୍ ହାଇପେନ୍‌କୁ ୨ବର୍ଷ ପୂରିଛି। ଏ ଅବସରରେ କମ୍ପାନୀ ବଜାରରେ ନିଜର ପ୍ରଦର୍ଶନ ବିଷୟରେ କହିଛନ୍ତି। ହାଇପେନ୍‌ର ସହ-ପ୍ରତିଷ୍ଠାତା ଓ ସିଇଓ ତରୁନ ଶର୍ମା କହିଛନ୍ତି, ଦୁଇବର୍ଷରେ ହାଇପେନ୍‌ର ଆୟ ୪୦୦ କୋଟି ଟପିଛି। ଏତେ କମ୍ ସମୟରେ କ୍ରୀତିଙ୍କ ଏହି ସଫଳତା ଏକ ବଡ଼ ଉପଲବ୍ଧ ବୋଲି ସେ କହିଛନ୍ତି। ମାତ୍ର ଗୋଟିଏ ବର୍ଷରେ କମ୍ପାନୀର ଗ୍ରାହକଙ୍କ ସଂଖ୍ୟା ୧୦ଲକ୍ଷରୁ ୪୦ ଲକ୍ଷ ହୋଇଛି। ୨୦୨୩ ଜୁଲାଇରେ ୩୩ତମ ଜନ୍ମଦିନ ଅବସରରେ ହାଇପେନ୍ ବ୍ରାଣ୍ଡ୍ ଲଞ୍ଚ୍ କରିଥିଲେ କ୍ରୀତି। ଦୁଇବର୍ଷରେ ଶୂନ୍‌ରୁ ହାଇପେନ୍‌କୁ ବିକଶିତ କରିବା ତାଙ୍କ ଜୀବନର ଅନ୍ୟତମ ବ୍ୟକ୍ତିଗତ ଓ ପୂର୍ଣ୍ଣତା ପ୍ରାପ୍ତିର ଯାତ୍ରା ବୋଲି କ୍ରୀତି କହିଛନ୍ତି। ଶେଷ ଥର ଫିଲ୍ମ 'ଦୋ ପତି'ରେ କାଜୋଲଙ୍କ ସହ ପରଦାକୁ ଆସିଥିଲେ କ୍ରୀତି। ଏଥିରେ ତାଙ୍କର ଡବଲ୍ ରୋଲ୍ ଥିଲା। ନେଟ୍‌ଫ୍ଲିକ୍ସରେ ଫିଲ୍ମକୁ ସଫଳତା ମିଳିଥିଲା। ଆଗକୁ ସାଉଥ୍ ଷ୍ଟାର୍ ଧନୁଷଙ୍କ ସହ 'ତେରେ ଇସ୍କ ମେଁ'ରେ ତାଙ୍କୁ ଦେଖିବାକୁ ମିଳିବ।



## ରିଲିଜ୍ ହେଲା 'ଅବତାର-୩'ର ଟ୍ରେଲର

## ୨୧୦୦ କୋଟି ଟଙ୍କାରେ ନିର୍ମାଣ ହୋଇଛି ଫିଲ୍ମ

ହଲିଉଡର ପ୍ରସିଦ୍ଧ ନିର୍ଦ୍ଦେଶକ ଜେମ୍ସ କ୍ୟାମେରୁନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଅବତାର' ତୃତୀୟ ଭାଗ ରିଲିଜ ହୋଇଛି। ୨୧୦୦ କୋଟିର ଫିଲ୍ମ 'ଅବତାର: ଫାୟାର ଆଣ୍ଡ ଆଶ୍' (Avatar: Fire and Ash)ର ଟ୍ରେଲର ରିଲିଜ୍ ହୋଇଯାଇଛି। ଟ୍ରେଲରଟି ରିଲିଜ୍ ହେବା ମାତ୍ରେ ହିଁ ସୋସିଆଲ ମିଡିଆରେ ଏହା ଚହଳ ସୃଷ୍ଟି କରିଛି। ପୂର୍ବ ଦୁଇଟି ଫିଲ୍ମ ଭଳି ଏଥର ମଧ୍ୟ ଜେମ୍ସ କ୍ୟାମେରୁନ୍ ଦର୍ଶକଙ୍କୁ ପାଣ୍ଡୋରାର ଏକ ନୂଆ ଏବଂ ଆହୁରି ରୋମାଞ୍ଚକର ଦୁନିଆକୁ ନେଇଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଟ୍ରେଲରରେ କେବଳ ଚମତ୍କାର ଭିଜୁଆଲ୍ ଇଫେକ୍ଟସ୍ ନୁହେଁ, ବରଂ ଏକ ନୂଆ ଏବଂ ଅଧିକ ଶକ୍ତିଶାଳୀ ଖଳନାୟକର ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟ୍ରେଲରର ଆରମ୍ଭ ପାଣ୍ଡୋରାର ସେହି ପରିଚିତ ନୀଳ ଏବଂ ସବୁଜ ଦୁନିଆରୁ ହୋଇଛି, ଯେଉଁଠାରେ ନା'ଭି ଜନଜାତି ଶୁଖ, ଶାନ୍ତିରେ ବାସ କରୁଥିବାର ଦେଖାଯାଉଛି। ଜେକ୍ ସଲି (ସାମ୍ ୱାର୍ଥିଙ୍ଗଟନ୍) ଏବଂ ନେତିରି (ଜୋ ସାଲଡାନା) ନିଜ ପରିବାର ସହିତ ଏକ ନୂଆ ଜୀବନ ଆରମ୍ଭ କରିଛନ୍ତି। କିନ୍ତୁ ଏହି ଶୁଖ ଶାନ୍ତି ବେଶୀ ସମୟ ପାଇଁ ରହୁନାହିଁ। ଟ୍ରେଲରରେ ଏକ ନୂଆ ବିପଦର ସଙ୍କେତ ମିଳୁଛି। ଏଥର ଲଢେଇ କେବଳ ମଣିଷଙ୍କ ସହ ନୁହେଁ, ବରଂ ପାଣ୍ଡୋରାର ଏକ ନୂଆ ଏବଂ ଭୟଙ୍କର ଜନଜାତି ସହିତ ହେବ। ଏହି ଜନଜାତିକୁ 'ଆଶ୍ ପିପୁଲ' (Ash People) ବା 'ଅଗ୍ନି ମାନବ' କୁହାଯାଉଛି। ସେମାନେ ପାଣ୍ଡୋରାର ଆଗ୍ନେୟଗିରି ଅଞ୍ଚଳରେ ବାସ କରନ୍ତି ଏବଂ ସେମାନଙ୍କର ରଙ୍ଗ ଓ ଚେହେରା ନା'ଭିମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେମାନେ ଅଧିକ କ୍ରୂର ଏବଂ ଆକ୍ରମଣାତ୍ମକ ମନେ ହେଉଛନ୍ତି। ଏହି ଫିଲ୍ମର ମୁଖ୍ୟ ଖଳନାୟକ ହେଉଛି 'ଆଶ୍ ପିପୁଲ'ର ନେତା 'ଭାରାଙ୍ଗ'। ଏହି ଚରିତ୍ରରେ 'ଗେମ୍ ଅଫ୍ ଥ୍ରୋନ୍ସ'ର ଫେମ୍ ଉନା ଚାପଲିନ୍ ଅଭିନୟ କରୁଛନ୍ତି। ଟ୍ରେଲରରେ ତାଙ୍କର ଝଲକ ଅତ୍ୟନ୍ତ ପ୍ରଭାବଶାଳୀ ରହିଛି।




ଚାଲିବା ଦେହ ପାଇଁ ଭଲ। ଡାକ୍ତର ବି ଚାଲିବା ପାଇଁ ସବୁବେଳେ ପରାମର୍ଶ ଦିଅନ୍ତି। ସୁସ୍ଥ ରହିବା ପାଇଁ ଦୈନିକ ଚାଲିବା ଆମ ପାଇଁ ଜରୁରି। ଏକଥା ଆମେ ସବୁବେଳେ ଶୁଣି ଆସିଛୁ ଆଉ ଜାଣିଛୁ ମଧ୍ୟ। ହେଲେ କେବେ ଅନେକ ସମୟରେ ଅଳସୁଆମି ପାଇଁ ଚାଲିବା ପାଇଁ ଅନେକ ଇଚ୍ଛା ପ୍ରକାଶ କରନ୍ତିନି। ମାତ୍ର ଦୈନିକ କେତେ ବାଟ ଚାଲିବା ଜରୁରୀ ଏ ପ୍ରଶ୍ନ ସବୁବେଳେ ଆମ ମନକୁ ଆସେ.. ଜଣେ ସୁସ୍ଥ ରହିବା ପାଇଁ କେତେ ଚାଲିବା ଦରକାର, ଆସନ୍ତୁ ଜାଣିବା...



## ସୁସ୍ଥ ରହିବା ପାଇଁ ଦୈନିକ କେତେ ଚାଲିବା ଦରକାର

ଅନେକ ଦିନ ଧରି ଏକ ଧାରଣା ରହିଆସିଛି ଯେ ସୁସ୍ଥ ରହିବା ପାଇଁ ଦୈନିକ ୧୦,୦୦୦ ଷ୍ଟେପ୍ ଚାଲିବା ଆବଶ୍ୟକ। କିନ୍ତୁ ନିକଟରେ ହୋଇଥିବା ନୂଆ ଅଧ୍ୟୟନରୁ ଏହି ଧାରଣାକୁ ପରିବର୍ତ୍ତନ କରାଯାଇଛି। ବୈଜ୍ଞାନିକମାନଙ୍କ ମତରେ, ସୁସ୍ଥ ରହିବା ପାଇଁ ୧୦,୦୦୦ ଷ୍ଟେପ୍ ଚାଲିବା ବାଧ୍ୟତାମୂଳକ ନୁହେଁ, ଏହା ଠାରୁ କମ୍ ପାଦ ଚାଲିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅନେକ ଫାଇଦା ମିଳିପାରିବ। ଯଦି ଆମେ ୧୦ ହଜାର ନଚାଲି ୭ ହଜାର ଚାଲୁଛନ୍ତି ହାର୍ଟ ଡିଜିଜ୍, ଡିପ୍ରେସନ ଏବଂ ଡାଇବେଟିସ୍‌ର ବିପଦ ଅଧା କମି ଯାଇଥାଏ। ନିକଟରେ 'ଦି ଲାନସେଟ୍ ପବ୍ଲିକ୍ ହେଲ୍‌ଥ' ପତ୍ରିକାରେ ପ୍ରକାଶିତ ଏକ ବଡ଼ ଧରଣର ଅଧ୍ୟୟନ ଅନୁଯାୟୀ, ଦୈନିକ ୭,୦୦୦ ପାଦ ଚାଲିବା ଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ଆସିଥାଏ। ଯେଉଁମାନେ ଦୈନିକ ପ୍ରାୟ ୨ହଜାର ପାଦ ଚାଲନ୍ତି, ସେମାନଙ୍କ ତୁଳନାରେ ୭,୦୦୦ ପାଦ ଚାଲୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ନିମ୍ନଲିଖିତ ସୁଫଳ ଦେଖିବାକୁ ମିଳିଥିଲା- ଅକାଳ ମୃତ୍ୟୁର ଆଶଙ୍କା ୪୭% କମ୍, ହୃଦରୋଗର ଆଶଙ୍କା ୨୫% କମ୍, ଡିମେନ୍ସିଆ (ସ୍ମୃତିଶକ୍ତି ହ୍ରାସ) ଆଶଙ୍କା ୩୮% କମ୍, ଡିପ୍ରେସନ ବା ଅବସାଦର ଆଶଙ୍କା ୨୨% କମ୍, ଏପରିକି ଯେଉଁମାନେ ଦୈନିକ ୨,୦୦୦ ପାଦରୁ ବଢ଼ାଇ ୪,୦୦୦ ପାଦ ଚାଲନ୍ତି, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଅକାଳ ମୃତ୍ୟୁର ଆଶଙ୍କା ୩୬% ପର୍ଯ୍ୟନ୍ତ କମିଯାଏ। ଦ୍ରୁତ ଗତିରେ ଚାଲିବା ଦ୍ୱାରା କ୍ୟାଲୋରୀ ବର୍ଣ୍ଣ ହୁଏ, ଯାହା ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଯଦି ଆପଣ ଦୈନିକ ୧୦,୦୦୦ ପାଦ ଚାଲିପାରୁ ନାହାନ୍ତି, ତେବେ ଚିନ୍ତା କରିବାର କୌଣସି କାରଣ ନାହିଁ। ଆପଣଙ୍କ ଲକ୍ଷ୍ୟ ୭,୦୦୦ରୁ ୮,୦୦୦ ପାଦ ଚାଲିବା ମଧ୍ୟରେ ରଖିପାରିବେ। ଯଦି ଆପଣ ପୂର୍ବରୁ ଅଧିକ ଚାଲୁନାହାନ୍ତି, ତେବେ ଧୀରେ ଧୀରେ ଆରମ୍ଭ କରନ୍ତୁ। ପ୍ରତିଦିନ କିଛି ଅଧିକ ପାଦ ଚାଲିବାକୁ ଚେଷ୍ଟା କରନ୍ତୁ। ମନେରଖନ୍ତୁ, କିଛି ନ କରିବା ଅପେକ୍ଷା କିଛି ଚାଲିବା ସବୁବେଳେ ଭଲ।



## ସଞ୍ଜୟଙ୍କ ନାଁରେ ୭୨ କୋଟି ସମ୍ପତ୍ତି କରିଦେଲେ ମହିଳା ଫ୍ୟାନ

ବଲିଉଡ୍ ନାୟକ, ନାୟିକାଙ୍କ ଫ୍ୟାନ୍ସ ତାଙ୍କୁ ଅନେକ ସମୟରେ ଦାମୀ ଗିଫ୍ଟ ଦେବା, ଶରୀରରେ ଟାଟୁ କରିବା କଥା ଆମେ ଶୁଣିଛେ ଏବଂ ଖବରରେ ମଧ୍ୟ ପଢ଼ିଛେ। ଏପରିକି ସେମାନଙ୍କ ପିଲାଙ୍କ ନାମ ମଧ୍ୟ ନିଜ ପ୍ରିୟ ଷ୍ଟାରଙ୍କ ନାମ ଅନୁସାରେ ରଖିଥାଆନ୍ତି। ହେଲେ ନିକଟରେ ସଞ୍ଜୟ ଦତ୍ତ ତାଙ୍କର ଜଣେ ମହିଳା ଫ୍ୟାନଙ୍କ ବିଷୟରେ ବଡ଼ ଖୁଲାସା କରିଛନ୍ତି। ଫୁଡ୍ ଭ୍ଲଗ ଚ୍ୟାନେଲ କର୍ଲି ଟେଲ୍ସରେ ସଞ୍ଜୟ ତାଙ୍କ ଫ୍ୟାନଙ୍କ ବିଷୟରେ କହିଛନ୍ତି। ସଞ୍ଜୟଙ୍କ ଜଣେ ପ୍ରଶଂସକ ତାଙ୍କ ପାଇଁ ଏପରି କିଛି କାମ କରିଛନ୍ତି ଯାହା ସାଧାରଣ ଲୋକଙ୍କୁ କ'ଣ, ଖୋଦ ସଞ୍ଜୟଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରି ଦେଇଥିଲା। ତାଙ୍କର ଏହି ପ୍ରଶଂସକ ତାଙ୍କର ସମସ୍ତ ସମ୍ପତ୍ତି ସଞ୍ଜୟଙ୍କ ନାଁରେ କରି ଦେଇଥିଲେ। ତାହା ମଧ୍ୟ କୌଣସି ଲକ୍ଷ, ଦୁଇ ଲକ୍ଷ କିମ୍ବା ଦଶ ଲକ୍ଷର ନୁହେଁ, ବରଂ ୭୨ କୋଟି ଟଙ୍କାର। ଦୀର୍ଘ ସମୟ ଧରି ଲୋକମାନେ ଭାବୁଥିଲେ ଏହା ଏକ ଫେକ୍ ନ୍ୟୁଜ୍। କିନ୍ତୁ ନିକଟରେ ଖୋଦ ସଞ୍ଜୟ ଏହାକୁ ସ୍ୱୀକାର କରିଛନ୍ତି। ସେ ସମ୍ପତ୍ତି ସଞ୍ଜୟ କ'ଣ କଲେ ତାହା ବି କହିଛନ୍ତି। ଘଟଣାଟି ହେଉଛି ୨୦୧୮ ମସିହାର। ମୁମ୍ବାଇରେ ରହୁଥିବା ୬୨ ବର୍ଷୀୟା ନିଶା ପାଟିଲ ଦୀର୍ଘଦିନରୁ ଗୁରୁତର ରୋଗରେ ପୀଡ଼ିତ ଥିଲେ। ଏକ ସମୟରେ ତାଙ୍କର ସ୍ୱାସ୍ଥ୍ୟ ଏତେ ଖରାପ ହୋଇଗଲା ଯେ ସେ ଅନୁଭବ କଲେ ଯେ ତାଙ୍କର ଶେଷ ସମୟ ନିକଟତର ହେଉଛି। ଏଥିପାଇଁ ସେ ତାଙ୍କର ସମସ୍ତ ସମ୍ପତ୍ତିକୁ ଅନ୍ୟ କାହାର ନାମରେ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାୟତଃ ଏଭଳି ସମୟରେ ଲୋକମାନେ ସେମାନଙ୍କ ପିଲାମାନଙ୍କୁ, ମନ୍ଦିରକୁ, ସମ୍ପର୍କୀୟମାନଙ୍କୁ କିମ୍ବା କୌଣସି ଏନ୍‌ଜିଓକୁ ଦାନ କରିଥାନ୍ତି। କିନ୍ତୁ ନିଶା ଯାହା କଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା। ନିଶା ଥିଲେ ସଞ୍ଜୟ ଦତ୍ତଙ୍କର ଜଣେ ବହୁତ ବଡ଼ ଫ୍ୟାନ। ତେଣୁ ସେ ବ୍ୟାଙ୍କ ଅଧିକାରୀଙ୍କୁ ତାଙ୍କର ୭୨ କୋଟି ଟଙ୍କାର ସମ୍ପତ୍ତି ସଞ୍ଜୟଙ୍କ ନାମରେ କରିବାକୁ କହିଥିଲେ। ସବୁଠୁ ବଡ଼ କଥା ହେଲା ସଞ୍ଜୟ ତାଙ୍କୁ କେବେ ହେଲେ ଭେଟି ନଥିଲେ। ସେ ତାଙ୍କୁ ଜାଣି ମଧ୍ୟ ନଥିଲେ। ତେଣୁ ନିଶାଙ୍କର ଏହି ପଦକ୍ଷେପ ତାଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିଲା। ନିକଟରେ ସଞ୍ଜୟ ନିଜେ ଏହାର ଖୁଲାସା କରିଛନ୍ତି। କହିଛନ୍ତି ଯେ ଏହି ଘଟଣା ସମ୍ପୂର୍ଣ୍ଣ ସତ୍ୟ। ସାକ୍ଷାତକାରରେ ତାଙ୍କୁ ପଚରା ଯାଇଥିଲା ଯେ ସେ ଏହି ସମ୍ପତ୍ତି କ'ଣ କଲେ? ସଞ୍ଜୟ କହିଛନ୍ତି ଯେ ସେ ଏହି ସମ୍ପତ୍ତିକୁ ନିଶା ପାଟିଲଙ୍କ ପରିବାରକୁ ଫେରାଇ ଦେଇଥିଲେ ଏବଂ ନିଶାଙ୍କ ଏହି ଭଲ ପାଇବା ପାଇଁ କୃତଜ୍ଞତା ଜଣାଇଥିଲେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବେଲପାହାଡ, (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ବେଲପାହାଡ ଥାନା ଅଞ୍ଚଳରେ ଗ୍ରୁପ ଲୋନ କରାଇଦେବା ନା'ରେ ଦୁର୍ବୃତ୍ତମାନେ ସ୍ଥାନୀୟ ମହିଳାମାନଙ୍କୁ ଠକିଥିବା ଜଣାପଡିଛି। ବେଲପାହାଡରର ଏକାଧିକ ମହିଳାଙ୍କ ଠାରୁ ୨୨୦୦ ଟଙ୍କା ଲେଖାଏଁ ନେଇ ଫେରାର ମାରିଛନ୍ତି ୪ ଜଣ ଦୁର୍ବୃତ୍ତ। ଠକେଇର ଶିକାର ହୋଇଥିବା ମହିଳାମାନେ ବୁଧବାର ବେଲପାହାଡ ଥାନାର ଦ୍ୱାରସ୍ତ ହୋଇ ଠକେଇ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ମାଇକ୍ରୋ ଫାଇନେନ୍ସ ଜରିଆରେ ଲୋନ ଦେବୁ ବୋଲି କିଛି ଯୁବକ ବେଲପାହାଡ ଅଞ୍ଚଳର କଟୁଯୋର, ମହିଯୋର, ଛୁଆଲିବେର୍ଣ୍ଣା ପ୍ରଭୃତି ଗ୍ରାମକୁ ଆସି ସେଠାକାର ମହିଳା ମାନଙ୍କ ସହ ଯୋଗାଯୋଗ କରିଥିଲେ। ୨୨୦୦ ଟଙ୍କା ଦେଲେ ୫୦ ହଜାର ଲୋନ ପ୍ରଦାନ କରିବୁ ବୋଲି ସ୍ୱପ୍ନ ଦେଖାଇ ମହିଳାମାନଙ୍କ ଠାରୁ ଟଙ୍କା ନେଇଥିଲେ। ଟଙ୍କା ନେବାପରେ ଏକ ରସିଦ୍ ଦେଇ ଆଉ ଧରାଛୁଆଁ ଦେଇନଥିଲେ। ମହିଳାମାନେ ଗାନ୍ଧୀଛକରେ ଥିବା ସେମାନଙ୍କ ଅଫିସକୁ ଯାଇ ଦେଖିଲା ବେଳକୁ ଅଫିସ ଖାଲି କରି ଦୁର୍ବୃତ୍ତମାନେ ଫେରାର ହୋଇ ସାରିଥିଲେ। ଯାହାଫଳରେ ମହିଳାମାନେ ଠକେଇର ଶିକାର ହୋଇଥିବା ଜାଣିପାରି ବୁଧବାର ବେଲପାହାଡ ଥାନାର ଦ୍ୱାରସ୍ତ ହୋଇ ଲିଖିତ ଅଭିଯୋଗ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ବେଲପାହାଡ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ନିଜ ସର୍ଭିସ୍ ରାଇଫଲ୍‌ରୁ ଗୁଳିକରି ଆତ୍ମହତ୍ୟା



ମାଲକାନଗିରି ତା:- ୩୦/୦୭ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାରେ ଜଣେ ସି ଆର ପି ଏଫ ଯବାନ ନିଜ ସର୍ଭିସ୍ ରାଇଫଲ୍ ?ରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ଯବାନଙ୍କ ନାମ ପପ୍ପୁ ଯାଦବ, ଯିଏ ୨୨ତମ ବାଟାଲିୟନରେ ନିୟୋଜିତ ଥିଲେ। ଏହି ଘଟଣା ଆଜି ସକାଳ ପ୍ରାୟ ୫ଟା ବେଳେ ମିଙ୍ଗାଚଲ ସିଆରପିଏଫ କ୍ୟାମ୍ପରେ ଘଟିଥିଲା। ଯବାନ ଜଣକ ବିହାରର ଭୋଜପୁର ଜିଲ୍ଲାର ବାସିନ୍ଦା ବୋଲି ଜଣାପଡିଛି। ପୋଲିସ ଅନୁଯାୟୀ, ପପ୍ପୁ ଯାଦବ ତାଙ୍କ ଇକ-୪୭ ରାଇଫଲ୍ ?ର ଏକ ଗୁଳି ବେକରେ ବାଜିଲା, ଯାହା ମୁଣ୍ଡକୁ ବିଦ୍ଧ କରିଥିଲା। ଗୁଳିର ଶବ୍ଦ ଶୁଣି ଅନ୍ୟ ଯବାନମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯେଉଁଠାରେ ସେମାନେ ପପ୍ପୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ପପ୍ପୁ ଯାଦବ ଗୋଟିଏ ଦିନ ପୂର୍ବରୁ ଛୁଟିରୁ ଡ୍ୟୁଟିକୁ ଫେରି ଆସିଥିଲେ। ଆତ୍ମହତ୍ୟାର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିଜାପୁର ପୋଲିସ ଅଧିକ୍ଷକ (ଏସପି) ଜିତେନ୍ଦ୍ର ଯାଦବ ଘଟଣାର ସତ୍ୟାସତ୍ୟ ସୁନିଶ୍ଚିତ କରି କହିଛନ୍ତି ଯେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଛି।ଜବାନଙ୍କ ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଇବା ସହ ତାଙ୍କ ପରିବାର ବର୍ଗକୁ ସୂଚନା ଦିଆଯାଇଛି। ଏହି ଘଟଣା ଚଳିତ ବର୍ଷ ସିଆରପିଏଫ ଜବାନଙ୍କ ଦ୍ୱାରା ଆତ୍ମହତ୍ୟାର ୧୪ତମ ଘଟଣା, ଯାହା ଫଳରେ ଯବାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଚାପ ପରିଚାଳନା ଉପରେ ଗମ୍ଭୀର ପ୍ରଶ୍ନ ଉଠୁଛି। ଏହା ପୂର୍ବରୁ ଅକ୍ଟୋବର ୨୦୨୪ରେ, ବିଜାପୁରର ଭୈରାମଗଡ଼ରେ ସିଆରପିଏଫ ହେଡ୍ କନେଷ୍ଟବଳ ପବନ କୁମାର ତାଙ୍କ ସର୍ଭିସ୍ ରାଇଫଲରେ ଆତ୍ମହତ୍ୟା କରିଥିଲେ।

## ଗୋରୁ ଚାଲାଣ ବେଳେ ୨ଗିରଫ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ପଲାସଡିହା ଜଙ୍ଗଲୀ ରାସ୍ତା ଦେଇ ଗୋ ମାଫିଆମାନେ ମଙ୍ଗଳବାର ଦିନବେଳା ପଶ୍ଚିମବଙ୍ଗକୁ ଗୋରୁ ଚୋରା ଚାଲାଣ କରୁଥିବା ସମ୍ପର୍କରେ ପୋଲିସ ସୂଚନା ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚି ୮ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ମୁଣ୍ଡିରୀପାଳ ଗ୍ରାମର କୈଳାସ ବିନ୍ଧାଣି, ବାରିପଦା ସଦରର ଗପିନାଥ ମାରାଣ୍ଡିଙ୍କୁ ଗିରଫ କରିଛି ଶୁଳିଆପଦା ପୋଲିସ। ଏନେଇ ୧୨୬/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

# ଭୁଲରେ ଯାଇଥିବା ୩୧ ହଜାର ଟଙ୍କା ଫେରିପାଇଲେ ଯୁବକ



ବଡ଼ଚଣା, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅଞ୍ଚଳର ଘଟଣା କଳାହାଣ୍ଡି ଜିଲ୍ଲାର ଜଣେ ଯୁବକର ୩୧ ହଜାର ଟଙ୍କା ଭୁଲରେ ବଡ଼ଚଣା ଯୁବକଙ୍କ ବ୍ୟାଙ୍କ ଖାତାକୁ ଚାଲିଯାଇଥିଲା ଏବଂ ସମ୍ପୃକ୍ତ କଳାହାଣ୍ଡି ଯୁବକ ବଡ଼ଚଣା ଥାନାରେ ପହଞ୍ଚି ମୌଖିକ କହିଥିବାରୁ ତାଙ୍କର ସମସ୍ତ ଟଙ୍କା ଫେରିପାଇଥିଲେ। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ପୋଡମିଡା ଗାଁର ସନ୍ଦୀପ ବିମାନ ହାଇଦ୍ରାବାଦର ଏକ କମ୍ପାନୀରେ କାମ କରୁଥିଲେ। ସେ ଘରକୁ ଆସିଥିଲେ ଏବଂ କମ୍ପାନୀ କର୍ତ୍ତୃପକ୍ଷ ସନ୍ଦୀପଙ୍କ ବ୍ୟାଙ୍କକୁ ୩୧ ହଜାର ଟଙ୍କା ପଠାଇବା ବଦଳରେ ଅନ୍ୟ ଜଣେ ଯୁବକ ନିକଟକୁ ପଠାଇ ଦେଇଥିଲେ। ପରେ ସନ୍ଦୀପ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଭୁଲରେ ତୁମ ଟଙ୍କା ଯାଜପୁର ଜିଲା ବଡ଼ଚଣା ଥାନାର ବିଶ୍ୱଜିତ ନାୟକଙ୍କ ପୁଅ ପ୍ରତାପ ଚନ୍ଦ୍ର ନାୟକଙ୍କ ବ୍ୟାଙ୍କ ଖାତାକୁ ପଳାଇଛି। କଳାହାଣ୍ଡି ଯୁବକ ସନ୍ଦୀପ ଆସି ବଡ଼ଚଣା ଥାନା ଅଧିକାରି ମଧୁସ୍ମିତା ବେହେରାଙ୍କୁ ଅବଗତ କରିବା ପରେ ଥାନାଧିକାରି ବଡ଼ଚଣା ଗ୍ରାମର ପ୍ରତାପ ନାୟକଙ୍କୁ ଡାକି ସମସ୍ତ ଘଟଣା କହିବା ପରେ ପ୍ରତାପ ନାୟକ ତାଙ୍କ ବ୍ୟାଙ୍କ ଖାତା ଦେଖିଲା ପରେ ୨୧ ଜୁଲାଇରେ ୨୬ ହଜାର ଏବଂ କିଛି ସମୟ ପରେ ପୁଣି ୫ ହଜାର ଟଙ୍କା ଆସିଥିବା ଜାଣିଥିଲେ। ତେବେ ସନ୍ଦୀପଙ୍କ ସମସ୍ତ ୩୧ ହଜାର ଟଙ୍କା ପ୍ରତାପ ନାୟକ ବଡ଼ଚଣା ଥାନାରେ ଥାନାଧିକାରିଙ୍କ ଉପସ୍ଥିତିରେ ଟଙ୍କା ଫେରସ୍ତ କରିଥିଲେ। ବଡ଼ଚଣା ଥାନା ପକ୍ଷରୁ ପ୍ରତାପଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏବେବି ମାନବିକତା ମରିନାହିଁ ବୋଲି ସାଧାରଣରେ ଚର୍ଚ୍ଚା ର ବିଷୟବସ୍ତୁ ହୋଇଥିବା ବେଳେ ସନ୍ଦୀପ ତାଙ୍କର ସମସ୍ତ ଟଙ୍କା ପୁଲିସ ଦ୍ୱାରା ପାଇଥିବାରୁ ପୁଲିସ ଏବଂ ପ୍ରତାପଙ୍କୁ ସାଧୁବାଦ ଜଣାଇଥିଲେ।

## ମାରଣାସ୍ତ୍ର ଦେଖାଇ ଲୁଟ୍

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଥାନା ଅଧିନ ଦାମୋଦରପୁର (ଅୟର) ଗ୍ରାମର ନିମାଇଁ ଚରଣ ସାସମଲଙ୍କ ଘରେ ରାତି ପ୍ରାୟ ଗୋଟାଏ ସମୟରେ କଳିଙ୍ଗା ଗ୍ରାମର ଧଣ୍ଡ ନାମକ ଜଣେ ଯୁବକ ଅନ୍ୟ ୪ରୁ ୫ ଜଣ ଯୁବକଙ୍କ ସହିତ ମିଶି ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥିଲେ। ଘର ପଛପଟ କବାଟ ତାଡି ଦୁର୍ବୃତ୍ତମାନେ ଘର ମାଲିକଙ୍କୁ ବାହାର ପଟୁ କବାଟ ବନ୍ଦ କରିଦେଇଥିଲେ। ଆଲମିରା ଭାଙ୍ଗି ନଗଦ ୩ହଜାର ୫୦୦ଟଙ୍କା, ସୁନା ଶଙ୍ଖା, ସୁନା ମୁଦି ଓ ଅନ୍ୟାନ୍ୟ ବହୁ ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କାରୁ ଊର୍ଦ୍ଧ ହେବ ନେଇ ଚାଲିଯାଇଛନ୍ତି। ଝରକା ପଟେ ନିମାଇଁ ଚରଣ ସାମଲ ସେମାନଙ୍କୁ ଚିହ୍ନି ପାରି ଜଗତସିଂହପୁର ଥାନାରେ ଅଭିଯୋଗ କରିବା ପରେ ଥାନା କର୍ତ୍ତୃପକ୍ଷ ସନ୍ଧାନୀ କୁକୁର ସହିତ ଅନୁସନ୍ଧାନ କରିଥିଲେ। ଯଦିଓ କୁକୁର ଧଣ୍ଡ ଘରକୁ ଯାଇଥିଲା ମାତ୍ର ସେ ଓ ତା'ର ବାପା ଅନୁପସ୍ଥିତ ଥିବାରୁ ପୋଲିସ ଖାଲି ହାତରେ ଫେରିବା ସହିତ ତଦନ୍ତ ଜାରିରଖିଛି। ବିଶେଷ ସୂତ୍ରରୁ ଖବରପାଇ ସମଙ୍ଗ ବିଟ୍ ହାଉସ ପୋଲିସ ଧଣ୍ଡକୁ ଏକ ପାନ ଦୋକାନରୁ ସନ୍ଧ୍ୟା ୭ଟା ସମୟରେ ଧରି ଅଟକ ରଖିଛନ୍ତି।

# ପାଣି ସମସ୍ୟା ନେଇ ମହିଳାଙ୍କୁ ଜାତିଆଣ ଆକ୍ଷେପ

କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନ ରେ ଆସୁଥିବା କେନ୍ଦ୍ରାପଡା ବ୍ଲକ୍ ଅଧୀନସ୍ଥ ଦୂତିଆଳ ପଞ୍ଚାୟତର ୧୭ ନଂ ୱାର୍ଡରେ ଦୀର୍ଘଦିନ ହେବ ନଳକୂପ ନଥିବାରୁ ଜଳକଷ୍ଟ ଭୋଗୁଛନ୍ତି ସ୍ଥାନୀୟ ଲୋକେ। ଯାହା ପାଇଁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ବି ଅଭିଯୋଗକୁ ଗୁରୁତର ସହ ନେଇ ନଥିଲେ ବିଭାଗର ଯନ୍ତ୍ରୀ ଓ ଅଧିକାରୀ ଯାହାଫଳରେ ଆଜି ପୁନର୍ବାର ଦୂତିଆଳ ଗ୍ରାମର କିଛି ମହିଳାମାନେ ଦାବିପତ୍ର ନେଇ କେନ୍ଦ୍ରାପଡ଼ା ଇଚ୍ଛାପୁର ସ୍ଥିତ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ମହିଳା ମାନଙ୍କ ଅଭିଯୋଗ ଶୁଣିବା ବଦଳରେ ତାଙ୍କୁ ଫାଲତୁ କଥା ନକରିବାକୁ କହି ବିଦା କରି ଦେଇଥିଲେ। କାର୍ଯ୍ୟାଳୟ ବାହାରେ ତାଙ୍କୁ ପଚାରିବାରୁ ସେ କହିଥିଲେ ଯେ ପୂର୍ବରୁ ପଞ୍ଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୨୭୮ ଟି ନଳକୂପ ବସାଇବାକୁ ନିର୍ଦ୍ଦେଶ ଥିଲା। କ୍ରମିକ ନଂ ୯୫/ ୮୧ରେ ଗ୍ରାମ ପାଇଁ ନଳକୂପ ବସାଇ ବାକୁ କାର୍ଯ୍ୟାଦେଶ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ନଳକୂପ ବସାଗଲା ନାହିଁ। ଯାହାଫଳରେ ବାରମ୍ବାର ଜଳଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୌଡୁଛନ୍ତି ଗ୍ରାମର ଶତାଧିକ ମହିଳାମାନେ। ଯେଉଁ ସ୍ଥାନରେ ନଳକୂପର ଆବଶ୍ୟକତା ନାହିଁ ସେଠାରେ ନଳକୂପ ବସାଇ ବିଲ୍ କରୁଥିବା ବେଳେ ଦୂତିଆଳ ଗ୍ରାମରେ ଥିବା ଦୀର୍ଘଦୀନର ଜଳ ସମସ୍ୟାକୁ ଅଣଦେଖା କରିଛି ବିଭାଗ। ତା' ସହ ଉପସ୍ଥିତ ଅଧିକାରୀ ଅଭିଯୋଗ କରିବାକୁ ଆସିଥିବା ମହିଳାଙ୍କୁ ଜାତିଆଣ ଆକ୍ଷେପ କରି କାର୍ଯ୍ୟାଳୟରୁ ବିଦା କରିଥିବା ମହିଳା ପ୍ରତିକ୍ରିୟା ଦେଇଛନ୍ତି। ତେବେ ଏହି ବିଭାଗରେ ଏଭଳି ଅନେକ କାର୍ଯ୍ୟ ଅଧା ପନ୍ତରିଆ ହୋଇ ପଡ଼ିଥିବା ବେଳେ ସ୍ଥାଣୁ ପାଲଟିଛି ବିଭାଗ। ଅଭିଯୋଗ କରିବାକୁ ଆସୁଥିବା ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଏଭଳି ତାଚ୍ଛଲ୍ୟ କରିବା ସମ୍ପୂର୍ଣ୍ଣ ବେଆଇନ ଓ ଅକ୍ଷମଣୀୟ ବୋଲି ଦଳିତ ନେତା ନଗେନ୍ଦ୍ର ଜେନା ପ୍ରତିକ୍ରିୟା ଦେଇଛନ୍ତି।

# ସାପ କାମୁଡାରେ ଯୁବକ ମୃତ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ପତ୍ରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଏସରପୁର ଗ୍ରାମ ର ଜଣେ ଯୁବକ ଗତକାଲି ବିଳମ୍ବିତ ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡିବା ଯୋଗୁଁ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି। ସୂଚନା ସୂତ୍ର ରୁ ପ୍ରକାଶ ଯେ ଆଳି ବ୍ଲକ ରାଏସରପୁର ଗ୍ରାମର ଅଲେଖ ମହାଳିକଙ୍କ ପୁଅ ପ୍ରହଲ୍ଲାଦ(୩୫) ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨ ଟାରେ ଘରେ ଶୋଇଥିବା ବେଳେ ହଠାତ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସାପ କାମୁଡ଼ି ଦେବା ପରେ ତୁରନ୍ତ ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପହଞ୍ଚିବା ପରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହେବା ସହ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୟୁକୋ ବ୍ୟାଙ୍କ୍ ପକ୍ଷରୁ ମେଗା ଋଣ ମେଳା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ମେଗା ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ୨୬ଟି ଏସଏଚଜିକୁ ତିହିଡ଼ି ୟୁକୋ ବ୍ୟାଙ୍କ୍ ପକ୍ଷରୁ ୨କୋଟି ଟଙ୍କା ଋଣ ସହାୟତା ପ୍ରଦାନ କରାଯାଇଛି। ସେହିପରି ଦୋଳସାହି ୟୁକୋ ବ୍ୟାଙ୍କ୍ ପକ୍ଷରୁ ମଧ୍ୟ ୪୯ଲକ୍ଷ ଟଙ୍କା ଋଣ ସହାୟତା ପ୍ରଦାନ କରାଯାଇଥିବା ଜଣାଯାଇଛି। ଏହି ଅବସରରେ ଜୋନାଲ ଅଫିସର ମନୋରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜୋନାଲ ମ୍ୟାନେଜର ସୁଦୀପ ଡାକୁଆ, ମୁଖ୍ୟବକ୍ତା ଏଜିଏମ ଅମ୍ରିତ କୁମାର ମୁର୍ମୁ ଯୋଗଦେଇ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା



ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, କେନ୍ଦ୍ରୀୟ ବ୍ୟାଙ୍କ୍ ଡିଜିଟାଲ କରେନସି, ଅଟଳ ପେନସନ ଯୋଜନା ଉପରେ ଏସଏଚଜି କର୍ମକର୍ତ୍ତାମାନଙ୍କୁ ସଚେତନ କରାଇଥିଲେ। ସମ୍ମାନିତ ଅତିଥିଭାବେ ଏଲଡିଏମ ରାଜୀବ ରଞ୍ଜନ, ଜୋନାଲ ଅଫିସ ମୁଖ୍ୟ ପରିଚାଳକ ନାଗେଶ୍ୱର ରାଓ, ତିହିଡି ଶାଖା ପରିଚାଳକ ଶିବନାରାୟଣ ମହାପାତ୍ର, ଦୋଳସାହି ଶାଖା ପରିଚାଳକ ରାକେଶ କୁମାର ସାହୁ ବ୍ଲକ ପ୍ରକଳ୍ପ ପରିଚାଳକ ରଶ୍ମିତା ନାୟକ, ଡିପିସି ଅଭିଜିତ ନାରାୟଣ, ଜୋନାଲ ଅଫିସ କର୍ମଚାରୀ ପ୍ରେମପ୍ରସନ୍ନ ଦାସ ପ୍ରମୁଖ ଯୋଗଦେଇ ଏସଏଚଜି କର୍ମକର୍ତ୍ତାଙ୍କୁ ଋଣ ବିନିଯୋଗ ଉପରେ ପରାମର୍ଶ ଦେଇଥିଲେ। ତିହିଡ଼ି ୟୁକୋ ବ୍ୟାଙ୍କ୍ ସହକାରୀ ଶାଖା ପରିଚାଳକ ଜ୍ଞାନରଞ୍ଜନ ବେହେରା ଓ କର୍ମଚାରୀ ଆଲୋକ ନାୟକଙ୍କ ସମେତ ବ୍ୟାଙ୍କର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କେନାଲ ସଫେଇକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଜଳ ସେଚନ ବିଭାଗ ଅଧୀନରେ ଥିବା ନୂଆ ଗାଁ ମଝିଖଣ୍ଡରୁ ମାଧବ ପର୍ଯ୍ୟନ୍ତ ବିନା ଟେଣ୍ଡରରେ କେନାଲ ସଫେଇ କରାଯାଉଥିବା ବେଳେ ଏହି ସଫେଇକୁ ନେଇ ଦୁଇଗୋଷ୍ଠୀ ମୁହାଁ ମୁହିଁ, ହେବା ସହ ଘଟଣା ଯାଇ ଥାନାରେ ପହଞ୍ଚିଛି। ଏହି ଘଟଣା ଉଭୟପକ୍ଷ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳ ହୋଇଥିବା ବେଳେ ଘଟଣାକୁ ରଫା ଦଫା କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି ନେତା। ମିଳିଥିବା ସୂଚନା ଅନୁଯାଇ ଉକ୍ତ କେନାଲର କାର୍ଯ୍ୟକୁ ସଫେଇ ନିମନ୍ତେ ଜ୍ୟୋତିରଞ୍ଜନ ମଲିକଙ୍କ ନାମରେ କରାଯାଇଛି। ହେଲେ ପୂର୍ବରୁ କେନାଲକୁ ସଫେଇ କରି ଆସୁଥିବା ନିଆଳି ଜଲାରପୂରର ସାହେବ ନାୟକ ଓ ଅନ୍ୟ ପିଲାମାନେ ଏହାକୁ ବିରୋଧ କରୁଥିଲେ। ଏହି ଘଟଣାକୁ ନେଇ ନିଆଳି ଥାନାରେ ଜ୍ୟୋତିରଞ୍ଜନ ଅଭିଯୋଗ କରିଛନ୍ତି।

## ଅଭିଯୋଗ ପରେ ଯୋଗାଣ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଯୋଗାଣ ବିଭାଗ ପାଲଟି ଯାଇଛି ସ୍ଥାଣୁ। ସତେ ଯେମିତି ବିଭାଗକୁ ଚଲାଉଛନ୍ତି ଅନ୍ୟ କେହି। ଦିନ ୧୧ ସୁଧା ମଧ ଖୋଲୁନାହିଁ କାର୍ଯ୍ୟାଳୟ। କର୍ମଚାରୀଙ୍କ ମୋବାଇଲକୁ ଫୋନ କଲେ ଫୋନ ସ୍ୱିଚ୍ଅଫ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗତ ସୋମବାର ଓ ମଙ୍ଗଳ ବାର ଦିନ। ଦିନ ୧୧ଟା ସୁଧା କାର୍ଯ୍ୟାଳୟ ଖୋଲୁନଥିବା ବେଳେ ଶତାଧିକ ହିତାଧିକାରୀ ବହୁତ ସମୟ ଛିଡା ହୋଇ ହୋହଲା କରୁଥିଲେ। କେତେକ ହିତାଧିକାରୀ ଛୋଟ ପିଲାଙ୍କୁ ଧରି ଛିଡା ହୋଇଥିବା ବେଳେ ଏଥିରେ ବାଦ ପଡ଼ିନଥିଲେ ଦିବ୍ୟାଙ୍ଗ। ଏମିତିକି ହିତାଧିକାରୀ ମାନେ ଅଭିଯୋଗ କଲେ ମଧ କୌଣସି ସଫଳ ମିଳୁନାହିଁ। କେତେ ଜଣ ହାଟଗଣତି ଡିଲରକୁ ନେଇ ପରିଚାଳିତ ହେଉଛି ଡିଲର ବିଭାଗ। ଏମିତିକି ସରକାରୀ କର୍ମଚାରୀ ପେନସନ ଉପଭୋକ୍ତା, ଦୁଇ ବଖରାରୁ ଊର୍ଦ୍ଧ୍ୱ କୋଠାଘର, ଦୁଇ କିଲୋ ୱାଟରୁ ଅଧିକ ସଂଯୋଗ ନେଇଥିବା ଉପଭୋକ୍ତା, ଚାରିଚକିଆ ଯାନରୁ ଊର୍ଦ୍ଧ୍ୱ ବ୍ୟବହୃତ ଗାଡି ମାଲିକ ରହି ରାସନ ହତାଇଥିବା ବେଳେ ସେମାନଙ୍କ ନାମରେ ଅଭିଯୋଗ ହେଲେ ମଧ ଯୋଗାଣ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଉକ୍ତ ଘଟଣା ଉପରେ କଟକ ଜିଲ୍ଲା ପାଳ ବିଧିବଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଶହ ସଠିକ ସମୟରେ କାର୍ଯ୍ୟାଳୟ ଖୋଲିବାକୁ ଦାବି ହେଉଛି।

# ଚାଷୀଙ୍କ ନାମ ପଞ୍ଜିକରଣର ସରଳୀକୃତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ହାତରେ ନମାରି ଭାତରେ ମାରିବାର ଚକ୍ରାନ୍ତ ଚାଲିଛି ବୋଲି ଅଭିଯୋଗ ଉଠାଇ ଅଖିଳ ଭାରତ କୃଷକ ସଭା ଜଳେଶ୍ୱର ଶାଖା ତରଫରୁ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିବାକୁ ନେଇ ଏମିତି ଜଟିଳତା ସୃଷ୍ଟି କରାଯାଇଛି ଯାହା ଫଳରେ ଚାଷୀ ହତାସ ହେବାକୁ ପଡୁଛି। ସରକାର ନିୟମ କରିଛନ୍ତି ପଞ୍ଜିକରଣ ବେଳେ ଲିଗାଲ ହେୟାର ସାର୍ଟିଫିକେଟ ଦେବାକୁ ପଡିବ। ଯାହାକୁ ପାଇବା ପାଇଁ ଚାଷୀକୁ ତହସିଲ ଅଫିସ, ଡାକ୍ତରଖାନାକୁ ବାରମ୍ବାର ଧାଇଁବାକୁ ପଡୁଛି। ବ୍ୟାଙ୍କରେ ଇ-କେୱାଇସି ଦାଖଲ ହୋଇ ନ ଥିଲେ ପଞ୍ଜିକରଣ ହେଉ ନାହିଁ। ପଞ୍ଜିକରଣ କରିବାକୁ ହେଲେ ଚକ୍ଷୁ ସ୍କାନ ବାଧ୍ୟତାମୂଳକ ହୋଇ ଥିବାରୁ ଏହା ଅଧିକ ସମୟ ଲାଗୁଛି। ଗ୍ରାମାଞ୍ଚଳରେ ନେଟ ରହୁ ନ ଥିବା ଯୋଗୁଁ ତାହା ଆଉ ଏକ ସମସ୍ୟା ସୃଷ୍ଟି କରୁଛି। ସବୁଠାରୁ ହାସ୍ୟାସ୍ପଦ କଥା ହେଉଛି ଚାଷୀ ଓ ଜମି ମାଲିକ ଉଭୟ ଉପସ୍ଥିତ ରହିଲେ ଯାଇ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ ହେବା ଶହେ ମହଣ ଘିଅ ପୋଡା ହେଲେ ରାଧା ନାଚିବ ଏଭଳି ବ୍ୟବସ୍ଥା ସରକାର କରିଛନ୍ତି ବୋଲି କୃଷକ ନେତା ଦିଲ୍ଲୀପ କୁମାର ଗିରି ବକ୍ତବ୍ୟରେ କହିଛନ୍ତି। ଦୂରଦୂରାନ୍ତରେ ରହୁଥିବା ଜମି ମାଲିକ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଆସିବାକୁ ମଙ୍ଗୁ ନ ଥିବା ଯୋଗୁଁ ବିଚରା ଚାଷୀଟି ନାମ ପଞ୍ଜିକରଣ ପ୍ରକ୍ରିୟାରୁ ବାଦ୍ ପଡିବା ନିଶ୍ଚିତ ହୋଇ ଉଠିଛି। ଅଖିଳ ଭାରତ କୃଷକ ସଭାର ଜଳେଶ୍ୱର ବ୍ଲକ ସଭାପତି ଓ ସମ୍ପାଦକ ଜୀବନ ପରିଡ଼ା ପ୍ରଶ୍ନ ଉଠାଇଛନ୍ତି ଚାଷୀ ଏ ସମୟରେ ଧାନ ରୁଆ ପୋତା କରିବ ନା ତହସିଲ, ଡାକ୍ତରଖାନା, ବ୍ୟାଙ୍କ, ସମବାୟ ଅଫିସକୁ ଧାଇଁବ। ଏସମସ୍ତ ଅସୁବିଧା ଦର୍ଶାଇ ଅଖିଳ ଭାରତ କୃଷକ ସଭା ତରଫରୁ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ପଞ୍ଜିକରଣ ଶେଷ ତାରିଖ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇବା, ଲିଗାଲ ହେୟାର ସାର୍ଟିଫିକେଟ ଦେବା ନିୟମର ଉଚ୍ଛେଦ, କେବଳ ବ୍ୟାଙ୍କ ଜମା ଖାତାର ନକଲ, ପୂର୍ବ ନିୟମ ଅନୁଯାୟୀ ଚକ୍ଷୁ ସ୍କାନର ବ୍ୟବସ୍ଥା, ଜମି ମାଲିକର କେବଳ ଲିଖିତ ଜମାନବନ୍ଦୀ ନେଇ ପ୍ରକୃତ ଚାଷୀର ନାମ ପଞ୍ଜିକରଣ କରିବା ଆଦି ଦାବୀ କରାଯାଇଛି। ସରକାର ଯଦି ଦାବୀ ପୂରଣ କରିବା ସହିତ ପଞ୍ଜିକରଣ ପ୍ରକ୍ରିୟାକୁ ସରଳୀକୃତ ନ କରନ୍ତି ତେବେ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିବା ସର୍ବଶ୍ରୀ ଦିଲ୍ଲୀପ କୁମାର ଗିରି, ରବୀନ୍ଦ୍ର ବାରିକ, ଜୀବନ ପରିଡ଼ା, ଦିପ୍ତିମାନ ଆଚାର୍ଯ୍ୟ, ଅକ୍ଷୟ କୁମାର ମିଶ୍ର, ଗଣେଶ ପାତ୍ର, ଲକ୍ଷ୍ମୀଧର ପଲାଇ, ବଙ୍କିମ ବିଶ୍ୱାଳ, ଚନ୍ଦନ ଶତପଥୀ, ପ୍ରକାଶ ଦେ, ଉପେନ୍ଦ୍ର ପରିଡ଼ା, ସବିତା ଭୂୟାଁ, ସୁମିତ୍ରା ଦେ, ଜ୍ଞାନେନ୍ଦ୍ର ଜେନା, ରାଜ କୁମାର ଆଚାର୍ଯ୍ୟ, ନରେନ୍ଦ୍ର ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ, କାରଣ ଅସ୍ପଷ୍ଟ




ବେଲପାହାଡ, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅନ୍ତର୍ଗତ ଠୁଙ୍ଗିଆଡେରା ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ଠୁଙ୍ଗିଆଡେରା ଗ୍ରାମର ଦୁବରାଜ ବୁଦୁଲାଙ୍କ ପତ୍ନୀ ଦୀପ୍ତି ବୁଦୁଲା (୪୦) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଗତ ମଙ୍ଗଳବାର ରାତିରେ ଦୁବରାଜଙ୍କ ପରିବାର ରାତ୍ରୀ ଭୋଜନ କରି ଶୋଇଥିଲେ। ବୁଧବାର ସକାଳୁ ନିଦରୁ ଉଠି ଦେଖିଲା ବେଳକୁ ଦୀପ୍ତି ଘରେ ନଥିଲେ। ପରିବାର ଲୋକେ ଦୀପ୍ତିଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ତାଙ୍କ ଘର ନିକଟରେ ଥିବା ଏକ ବର ଗଛରେ ଏକ ଗାମୁଛା ଯୋଗେ ବେକରେ ଫାସ ଲାଗିଥିବା ଦୀପ୍ତିଙ୍କ ଝୁଲନ୍ତା ମୃତଦେହକୁ ଦେଖିଥିଲେ। ସାଇପଡିଶା ଲୋକଙ୍କୁ ଡାକି ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ସ୍ଥାନୀୟ ଏକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡିଛି। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ଦୃଷ୍ଟିକୋଣରୁ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ଅନୁମାନ କରାଯାଉଛି। ଅନ୍ୟ ପଟେ ତାଙ୍କ ସ୍ୱାମୀ ଦୁବରାଜ ଦୀପ୍ତିଙ୍କ ମାନସିକ ସ୍ଥିତି ଠିକ୍ ରହୁନଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଗତ ୨୦୦୩ ମସିହାରେ ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ତିଲିଆ ଗ୍ରାମର ସମ୍ବାରୁ କିଶାନଙ୍କ ଝିଅ ଦୀପ୍ତି ଠୁଙ୍ଗିଆଡେରା ଗ୍ରାମର ଦୁବରାଜଙ୍କ ମଧ୍ୟରେ ବୈଦ୍ଧିକ ରୀତିନୀତିରେ ବିବାହ ହୋଇଥିଲା। ଉଭୟଙ୍କ ଦୁଇ ପୁଅ ଓ ଝିଅ ମଧ୍ୟ ଅଛନ୍ତି। ତେବେ କୌଣସି କଥାକୁ ନେଇ ମାନସିକ ସ୍ଥିତି ହରାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତକଙ୍କ ସ୍ୱାମୀ ଦୁବରାଜଙ୍କ ଅଭିଯୋଗ ଆଧାରରେ ବେଲପାହାଡ଼ ପୋଲିସ କେସ ନମ୍ବର ୧୩/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ କରେଇ ପରିବାରଙ୍କୁ ହସ୍ତାନ୍ତର କରିଛି।

## ପୋଲିସର ଦବଙ୍ଗଗିରି

# ଗ୍ୟାସ୍ ଏଜେନ୍ସିରୁ ଛଡାଇ ନେଲେ ଗ୍ୟାସ ଟାଙ୍କି


କଣ୍ଟାପଡା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ସାଧାରଣ ଲୋକଙ୍କର ପୋଲିସ କିଭଳି ପ୍ରିୟଭାଜନ ହୋଇ ପାରିବ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏମିତିକି ଆମ ପୋଲିସ କାର୍ଯ୍ୟକ୍ରମ କରି ସାଧାରଣ ଲୋକଙ୍କୁ ଡାକି ପୋଲିସ କିଭଳି ଲୋକମାନଙ୍କର ପ୍ରିୟ ହୋଇପାରିବ ଓ ସାଧାରଣ ଲୋକଙ୍କୁ ନ୍ୟାୟ ଦେଇପାରିବ ଏ ନେଇ କାର୍ଯ୍ୟକ୍ରମ ଜାରି ରଖିଛି କିନ୍ତୁ ଓଲଟ ପୂର ପୋଲିସ ର କାର୍ଯ୍ୟ ପୁରା ଓଲଟା। ନିଜ ଖାକୀକୁ ନେଇ ଦେଖାଇଛି ଦବଙ୍ଗ ଗିରି। ଉକ୍ତ ଥାନା ଅଧୀନରେ କାର୍ଯ୍ୟ ରତ ଗୃହ ରକ୍ଷୀ ଅଚ୍ଛୁତ ଜଟ ପୋଲିସ ପୋଷାକ ନ ପିନ୍ଧି ଗତ ଶନିବାର ଦିନ ରାତି ୧୦ ଟା ୩୦ମିନିଟ ସମୟରେ ସାଙ୍ଗରେ ଅନ୍ୟ ଜଣେ ଗୃହ ରକ୍ଷୀକୁ ଧରୀ ବାଇକରେ ଗୋଡ଼ାଇ କଣ୍ଟାପଡା ପ୍ରତାରଦ୍ରା ପୂର ରାସ୍ତା ଏକ ଗ୍ୟାସ ଏଜେନ୍ସି ଗାଡିକୁ ଅଟକାଇ ଥିଲେ। ଗ୍ୟାସ ଗାଡ଼ିରେ ବସିଥିବା ପବିତ୍ର ସାହୁ ନାମକ ଜଣେ ଯୁବକ ଆମକୁ କାହିଁକି ଅଟକାଉଛ ବୋଲି ପଚାରିଥିଲେ। ଆମେ ପୋଲିସ ଗାଡି ଓ ଗ୍ୟାସ ର କାଗଜ ପତ୍ର ଦେଖାଅ ବୋଲି କହିଥିଲେ। ସମସ୍ତ କାଗଜପତ୍ର ଦେଖାଇବା ସତ୍ତ୍ୱେ ଥାନାକୁ ଗାଡି ଆଣ ବୋଲି କହିଥିଲେ। ଥାନାରେ ଥିବା ଅଫିସର ଦେହୁରୀ ବାବୁ ଗ୍ରାମରକ୍ଷୀଙ୍କ ଠାରୁ ଆହୁରି ଉତ୍ପାତ କରି ଦେଖାଇଥିଲେ ଦବଙ୍ଗ ଗିରି। ଦୁଇଟି ଭରା ଥିବା ଗ୍ୟାସ ଟାଙ୍କିକୁ ଜୋର ଜବରଦସ୍ତ ରଖି ଦେଇଥିଲେ। ସମ୍ପୃକ୍ତ ଯୁବକ ଜଣକ ଚାରିଦିନ ହେବ ଗ୍ୟାସ ଟାଙ୍କି ପାଇଁ ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଗଣ ମାଧ୍ୟମ ପ୍ରତିନିଧି ଓ ଉପରିସ୍ଥ ପୋଲିସ ଅଧିକାରୀଙ୍କ ହସ୍ତକ୍ଷେପ ପରେ ସମ୍ପୃକ୍ତ ଯୁବକ ଗ୍ୟାସ ଟାଙ୍କି ଦୁଇଟି ଫେରସ୍ତ ପାଇଥିବା ବେଳେ ସିଲ ଥିବା ଟାଙ୍କିକୁ ଖୋଲି ଗ୍ୟାସକୁ ପୋଲିସ ବ୍ୟବହାର କରିଥିଲେ। ଏହି ଘଟଣା ସାରା ଓଲଟପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଓଲଟପୂର ଥାନା ଆଇଆଇସି କାଦମ୍ବିନୀ ପରିଡାଙ୍କୁ ଫୋନ କରିଥିଲେ ମଧ ସେ ଫୋନ ଉଠାଇ ନଥିଲେ। କଟକ ଗ୍ରାମାଞ୍ଚଳ ଏସପି ଉକ୍ତ ଘଟଣାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଧାନର ଉଚିତ ମୂଲ୍ୟ ପାଇଁ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେଲେ ଚାଷୀ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଓସ୍ତପୁର୍ ପଞ୍ଚାୟତରେ ଓସ୍ତପୁର ସମବାୟ ସମିତିରେ ମହିଳା ଚାଷୀ ନଳିନି ପ୍ରଭା ସ୍ୱାଇଁ ଗତ ଫେବୃଆରୀ ୯ ତାରିଖରେ ଧାନ ବିକ୍ରି ପାଇଁ ସମବାୟ ସମିତିରୁ ଏକ ହାତ ଲେଖା ଟୋକନ ପାଇଥିଲେ। ତା.୧୩/୦୨/୨୫ରେ ଧାନ ଗଦା କରି ଦିନମାନ ଲମ୍ବା ଧାଡ଼ି ରେ ଠିଆ ହୋଇ ସନ୍ଧ୍ୟା ୬ ଘଟିକା ସମୟରେ ଧାନ କିଣୁଥିବା କୃପାମୟୀ ରାଇସ ମିଲକୁ ନିଜର ଧାନ ଓଜନ କରି ଧାନ ବିକ୍ରି କରିଥିଲେ। ଧାନ ଯିବା ପରେ ଧାନ ଟଙ୍କା ପାଇବା ପାଇଁ ଯାହା ନୀୟମାବଳି ରହିଛି ପୂରଣ କରିବା ପାଇଁ ମହିଳା ଚାଷୀ ଜଣକ ସମବାୟ ସେମିତିରେ ଆଖି ସ୍କାନ କରିବାକୁ କହିଥିଲେ। ଇଣ୍ଟରନେଟ୍ ଫେଲ ଥିବାରୁ ପରଦିନ ସକାଳୁ ଆସିବାକୁ କହିଥିଲେ। ମହିଳା ଚାଷୀ ସମିତି କାର୍ଯ୍ୟାଳୟକୁ ଗଲା ପରେ ସମସ୍ତ ଧାନ ବିକ୍ରୀ ପ୍ରାପ୍ୟ ପାଇଁ ଥିବା ଆବେଦନ ତାରିଖ ସରିଯାଇଥିବା କହିଥିଲେ ସମ୍ପାଦକ ପ୍ରେମାଞ୍ଜନ ସାହୁ ତା ସହିତ ଟଙ୍କା ଆସିଯିବ କହି ମାସ ମାସ ଅପେକ୍ଷା କରାଇଲେ ସମ୍ପାଦକ। କିଛିଦିନ ବିତିଗଲା ପରେ ମହିଳା ଚାଷୀ ଦେଖିଲେ ମାର୍ଚ୍ଚ ୨୮ ତାରିଖ ଦିନ ପର୍ଯ୍ୟନ୍ତ ଟଙ୍କା ଖାତାକୁ ଆସିଲା ନାହିଁ। ମହିଳା ଚାଷୀ ସମ୍ପାଦକଙ୍କୁ ଭେଟିବା ପରେ ସମ୍ପାଦକ ସିଧାସଳଖ ଭାବେ କୃପାମୟି ରାଇସ ମିଲ ସହମୂଳ ଚାଲ କରି ଟଙ୍କା ଆଣିବାକୁ ମହିଳା ଚାଷୀଙ୍କୁ ପରାମର୍ଶ ଦେଇ କହିଲେ। ଯାହାଫଳରେ କୌଣସି ଉପାୟ ନପାଇ କେନ୍ଦ୍ରାପଡ଼ା ଜିଲ୍ଲା ବେସାମରିକ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ ଦେଇଥିଲେ ଯୋଗାଣ ବିଭାଗର ତାଗିଦ୍ ପରେ ବି ଶୁଣିଲେନି ସମ୍ପାଦକ କି ସମବାୟ ସମିତିର ତତ୍କାଳୀନ ସଭାପତି ଶେଷରେ କୌଣସି ଉପାୟ ନପାଇ ମହିଳା ଚାଷୀ ନଳିନୀ ପ୍ରଭା ସ୍ୱାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଥାଉକି ନଳିନୀ ପ୍ରଭା ସ୍ୱାଇଁଙ୍କ ସ୍ୱାମୀ ଧରଣୀଧର ସ୍ୱାଇଁ ପକ୍ଷାଘାତ ରୋଗରେ ପୀଡ଼ିତ। କଷ୍ଟ ଅର୍ଜିତ ଫସଲର ମୂଲ୍ୟ ପାଇଁ ଚାହିଁ ବସିଥିବା ନଳିନୀ ଏବେ ନ୍ୟାୟ ଅପେକ୍ଷାରେ। ହେଲେ ପ୍ରଶାସନ ତରଫରୁ ଏ ଘଟଣାକୁ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଦେଖାଦେଇଛି। କହିବାରୁ ଓସ୍ତପୁର ସମବାୟ ସମିତିର ସମ୍ପାଦକଙ୍କ କାର୍ଯ୍ୟକଳାପ ପାଇଁ ଏହିଭଳି ଅନେକ ଚାଷୀ ହିନସ୍ତା ଭୋଗୁଥିବାର ମହିଳା ଚାଷୀ ପ୍ରକାଶ କରିଛନ୍ତି।

# କଲେଜ ପ୍ରିନ୍ସପାଲ ପରିଚୟ ଦେଇ ସାଇବର ଠକେଇ



ଉମରକୋଟ, (ଭାସ୍କର ନ୍ୟୁଜ୍): ନିଜକୁ କଲେଜ ପ୍ରିନ୍ସପାଲ ପରିଚୟ ଦେଇ ସାଇବର ଠକ ଛାତ୍ରଙ୍କ ବାପାଙ୍କ ଠାରୁ ଠକିନେଲେ ତେଇଶି ହଜାର ଟଙ୍କା। ଏଭଳି ଠକେଇ ରେ ଶିକାର ହୋଇଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଖାଣ୍ଡା ପଂଚାୟତର ଲକ୍ଷ୍ମଣ ସାନ୍ତା। ଲକ୍ଷ୍ମଣଙ୍କୁ ଗତକାଲି ୪ଘଣ୍ଟିକା ସମୟରେ ଜଣେ ଅଜଣା ନମ୍ବରରୁ ଫୋନ ଆସିଥିଲା ମୁଁ ପେନ୍ଥାଣି କଲେଜର ପ୍ରିନ୍ସପାଲ କହୁଛି ତମ ପୁଅର ଆଡ଼ମିସନ କରିବାର ଆଜି ଶେଷ ତାରିଖ ଅଛି ବୋଲି କହିଥିଲେ। କ୍ୟୁଆର୍ କୋଡ୍ ପଠେଇ କହିଥିଲେ ଯେ ଏହି କ୍ୟୁଆର୍ କୋଡ଼ରେ ଫୋନ ପେ ମାଧ୍ୟମରେ ଟଙ୍କା ପୈଠ କରିଲେ ତମ ପିଲାର ମୁଁ ଆଡ଼ମିସନ କରେଇ ଦେବି କହିବାରୁ ଲକ୍ଷ୍ମଣ ପ୍ରଥମେ ୬୫୬୯ଟଙ୍କା ପଠାଇଥିଲେ। ପରେ ସାଇବର ଠକ ପୁଣିଥରେ ଫୋନ କରି କହିଥିଲେ ଟଙ୍କା ଆସିନି ଆଉଥରେ ପଠେଇ ବାକୁ। ଲକ୍ଷ୍ମଣ ପୁଣିଥରେ ସେହି କ୍ୟୁଆର୍ କୋଡ଼ରେ ୬୫୬୯ ଟଙ୍କା ପଠେଇଥିଲେ ଏବଂ ୟୁନିଫର୍ମ ବାବଦକୁ ୫୦୦୦ ଟଙ୍କା ଦେବାକୁ ପଡିବ କହିବାରୁ ଲକ୍ଷ୍ମଣ ଦୁଇ ଥର ୫୦୦୦ ଟଙ୍କା ପଠେଇଥିଲେ। ସେହିପରି ମୋଟ ୨୩୧୩୮ଟଙ୍କା ପୈଠ କରିବା ପରେ ବୁଧବାର ସକାଳ ୮ ଘଟିକା ସମୟରେ ପୁଣି ଫୋନ କରି ୨୦୦୦ ଟଙ୍କା ପଠାଓ ନହେଲେ ତମ ପୁଅର ଆଡ଼ମିସନ ହେଇପାରିବ ନାହିଁ ବୋଲି କହିବାରୁ ଲକ୍ଷ୍ମଣ ଉମରକୋଟ ପେନ୍ଥାଣୀ କଲେଜ ପହଞ୍ଚି ପ୍ରିନ୍ସପାଲଙ୍କୁ ଭେଟି ଜାଣିବାକୁ ପାଇଥିଲେ ଯେ ସେ ସାଇବର ଠକେଇର ଶିକାର ହୋଇଛନ୍ତି। ପରେ ଲକ୍ଷ୍ମଣ ବିଜୁ ଛାତ୍ର ଜନତା ଦଳର କିଛି କର୍ମୀଙ୍କ ସହଯୋଗରେ ଉମରକୋଟ ଥାନାରେ ଏନେଇ ଏତଲା ଦେଇଛନ୍ତି।

■ ଶିକ୍ଷା ବ୍ୟବସ୍ଥାର ବିଚିତ୍ର ନୀତି

## ଗୋଟିଏ କୋଠରୀରେ ୫ ଶ୍ରେଣୀର ଛାତ୍ରଛାତ୍ରୀ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ଦେଉଥିବା କୁହାଯାଉଥିବା ବେଳେ ବାସ୍ତବରେ ତାର ବ୍ୟବସ୍ଥା ଓଲଟା।ଏବେ ବି ଅନେକ ବିଦ୍ୟାଳୟରେ ଭିତ୍ତିଭୂମି ଅଭାବ ରହିଛି।ତାର ଏକ ନମୁନା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଗୋଟିଏ କୋଠରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ମୋଟ ୬୯ ଛାତ୍ରଛାତ୍ରୀ ରହିଛନ୍ତି। ଶ୍ରେଣୀ ଗୃହ କହିଲେ ଗୋଟିଏ କୋଠରୀ। ଏକାଠି ବସି ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨ଜଣ ଶିକ୍ଷକ ନିଯୁକ୍ତି ରହିଛନ୍ତି। ପାର୍ଶ୍ୱ ପ୍ରତିକ୍ରିୟାକୁ ଦେଖିଲେ ଏଠାରେ ଶିକ୍ଷକ କିଭଳି ପାଠ ପଢ଼ାଉଛନ୍ତି ସହଜେ ଅନୁମେୟ। ତାହା ବି କୋଠରୀ ଛାତ ଆଃ କରି ବସିଛି। ବର୍ଷାରେ ଛାତ ଉପରୁ ପାଣିର ବନ୍ୟା ହେଉଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରନ୍ତି। ବିପଦ ସଂପନ୍ନ ଭିତରେ ଗୋଟାଏ କୋଠରୀ ମଧ୍ୟରେ ଗାଈ ଗୋରୁ ଭଳି ଛାତ୍ରଛାତ୍ରୀ ଠେଲା ପେଲା ହୋଇ ପାଠ ପଢୁଛନ୍ତି। ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନଙ୍କ ସମେତ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଧାନ ଶିକ୍ଷକ ଜଣାଇଛନ୍ତି। ହେଲେ ନା ହେଇ ପାରୁଛି ବିଦ୍ୟାଳୟ ନିର୍ମାଣ ନା ଶ୍ରେଣୀଗୃହ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଗୁଣାତ୍ମକ ଶିକ୍ଷା ଓ ଭିତ୍ତିଭୂମି ଭୂମିକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏହି ବିଦ୍ୟାଳୟ କିନ୍ତୁ ବେମାତୃ ଭାବର ଶିକାର ସାଜିଛି। ତୁରନ୍ତ ପ୍ରଶାସନ ବିଦ୍ୟାଳୟ ପ୍ରତି ନିଜର ଦେଇ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ଦାବି ହେଉଛି।

## ଶିକ୍ଷା ଚେତନା ଅଭିଯାନର ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ ଅର୍ଗାନାଇଜେସନ ଓ ମେସର୍ସ ମନୋହର ଲାଲ ଦେବୀ ପ୍ରସାଦ ଉଦ୍ୟୋଗର ମିଳିତ ଆନୁକୂଲ୍ୟରେ ୧୧୮ତମ ଶିକ୍ଷା ଚେତନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ଇଂ ପୁରୁଷୋତ୍ତମ ଦାସ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ଡ. ଉମେଶ ଚନ୍ଦ୍ର ଶତପଥୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜନ ଶିକ୍ଷଣ ସଂସ୍ଥାନ, କଳାହାଣ୍ଡି ନିର୍ଦ୍ଦେଶକ ସୁବ୍ରତ କୁମାର ତ୍ରିପାଠୀ, ଲୋକକବି ବେଦବର ଡଙ୍ଗରୀ, ସଂଗଠକ ଚିନ୍ମୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନର ଜିଲ୍ଲା ସଂଯୋଜକ ବସନ୍ତ କୁମାର ନାଏକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ମଙ୍ଗଳୁ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ଓ ସାହିତ୍ୟ, ବିଜ୍ଞାନ, ଗଣିତ, ମହାପୁରୁଷଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ, ଦିବସ ଓ ବିଶିଷ୍ଟ ଘଟଣାବଳୀ, କଳା ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରଶ୍ନମଞ୍ଚର ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମକୁ ସଂଗଠନ ସଂପାଦକ ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଶିକ୍ଷକ ବିଜୟ କୁମାର ମଲ୍ଲିକ ଓ ଗଣକ ଭାବେ ପଙ୍କଜ ମେହେରଉପସ୍ଥିତ ରହି ନିଜ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ପୁରାତନ ଛାତ୍ର ସଂସଦର ଛାତ୍ରଛାତ୍ରୀ ମାନେ ସକ୍ରିୟ ସହଯୋଗ କରିଥିଲେ।

## ଅସୁସ୍ଥ ଗାଈର ଚିକିତ୍ସା କରାଇଲେ ଯୁବକ ସଂଘ କର୍ମକର୍ତ୍ତା

କୋକସରା, (ଭାସ୍କର ନ୍ୟୁଜ୍) : ଅସୁସ୍ଥ ଅବସ୍ଥାରେ ରାସ୍ତା କଡ଼ରେ ରହିଥିବା ଏକ ବୁଲା ଗାଈକୁ ଉଦ୍ଧାର କରି ବେହେରା ଦନ୍ତେଶ୍ୱରୀ ଯୁବକ ସଂଘ କର୍ମକର୍ତ୍ତା ମାନେ ତା'ର ଚିକିତ୍ସା କରାଇଛନ୍ତି। ଏବଂ ଚିକିତ୍ସା ପରେ ସୁରକ୍ଷିତ ସ୍ଥାନକୁ ନେଇ ଗାଈର ଯତ୍ନ ନେଉଛନ୍ତି। ଗତ କିଛି ଦିନ ତଳେ ଗୋରୁ ବେପାରୀ ମାନେ ବଜାରରୁ ଗାଈ ଗୋରୁ କିଣି ନେବା ସମୟରେ ଅସୁସ୍ଥତା ଥିବାରୁ ରାସ୍ତାରେ ଉକ୍ତ ଗାଈକୁ ଛାଡ଼ି ଚାଲିଯାଇଥିବା ଜଣାପଡ଼ିଛି। ଉକ୍ତ ଗାଈର ଗୋଡ଼ରେ ଖଣ୍ଡିଆ ହୋଇ ପୋକ ଲାଗି ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲା। ଏହା ଦେଖିବା ପରେ ଦନ୍ତେଶ୍ୱରୀ ଯୁବକ ସଂଘର କର୍ମକର୍ତ୍ତା ମାନେ ଗାଈକୁ ଉଦ୍ଧାର କରିବା ସହ ପ୍ରାଣୀ ଚିକିତ୍ସା କେନ୍ଦ୍ରର ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିଥିଲେ। ଏହାପରେ ପର୍ଲା ପ୍ରାଣୀ ଚିକିତ୍ସା କେନ୍ଦ୍ରର କର୍ମଚାରୀ ମାନେ ପହଞ୍ଚି ଅସୁସ୍ଥ ଗାଈର ଚିକିତ୍ସା କରିଛନ୍ତି। ଏବେ ଯୁବକ ସଂଘ ପକ୍ଷରୁ ସୁରକ୍ଷିତ ସ୍ଥାନରେ ଗାଈକୁ ରଖି ତାର ଯତ୍ନ ନେଉଥିବା କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି।

## କଳମପୁର ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ



କଳମପୁର, (ଭାସ୍କର ନ୍ୟୁଜ୍) : କଳମପୁର ଥାନାରେ ନୂତନ ଅଧିକାରୀ ଭାବେ ବିଶ୍ୱମ୍ବର କହଁର ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ବିଜେପୁର ଥାନାଧିକାରୀ ଭାବେ ଅବସ୍ଥାପିତ ଥିଲେ। ବିଜେପୁର ଥାନାକୁ କଳମପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କୁ ବଦଳି କରାଯାଇ ଥିବା ବେଳେ ବିଜେପୁରରେ ଅବସ୍ଥାପିତ ଶ୍ରୀ କହଁରଙ୍କୁ କଳମପୁର ଥାନା ଅଧିକାରୀ ଭାବେ ବଦଳି ହୋଇଛି। ଆଜି ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ କଳମପୁର ଅଞ୍ଚଳର ସାମ୍ବାଦିକ ମାନେ ସାକ୍ଷାତ କରିବା ସହିତ ନୂତନ ଥାନାଧିକାରୀ ଶ୍ରୀ କହଁରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏଥିରେ ସାମ୍ବାଦିକ ଶେଷଦେବ ନାଏକ, ଦର୍ଶନ ଗୁପ୍ତା, ଭୋଜରାଜ ଛତ୍ରିଆ, ଅଜିତ ପୁଝାରୀ, ଶରତ ସୁନାନୀ, ଟିକଚନ୍ଦ ବାଗ ପ୍ରମୁଖ ଯାଇ ଥାନାଧିକାରୀ ଶ୍ରୀ କହଁରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏବେଲ ନୂତନ ଥାନାଧିକାରୀ ଶ୍ରୀ କହଁର ପ୍ରତିକ୍ରିୟା ଦେଇ କହିଥିଲେ ଯେ କଳମପୁର ଥାନା ଅଞ୍ଚଳ ପ୍ରାୟତଃ ଶାନ୍ତିପ୍ରିୟ ବୋଲି ମୁଁ ଶୁଣିଛି। ଏଠାରେ କିଛି ସମସ୍ୟା ରହିଛି ତାହା ଉପରେ ଧ୍ୟାନ ଦିଆଯିବ। ବିଶେଷ କରି ଟ୍ରାଫିକ ସମସ୍ୟା, ମହିଳା ସମସ୍ୟା, ମଦ୍ୟପ ସମସ୍ୟା ଓ ଜମିବାଡ଼ି ସମସ୍ୟା ଆଦିରେ ବୃଦ୍ଧି ରୋକିବା ଦିଗରେ ଆମେ କାମ କରିବୁ। ଯଦିଓ କର୍ମଚାରୀ ସଂଖ୍ୟା ଏହି ଥାନାରେ ଯଥେଷ୍ଟ ନଥିଲେ ମଧ୍ୟ ଆମେ ଲୋକଙ୍କ ସୁରକ୍ଷାରେ କଦାପି ଅବହେଳା କରିବୁ ନାହିଁ ବୋଲି କହିଥିଲେ। ଏହି ଥାନା ଅନ୍ତର୍ଗତ ବଡକୁଟ୍ରୁ ଫାଣ୍ଡିରେ ମଧ୍ୟ ନୂତନ ଫାଣ୍ଡି ଅଧିକାରୀ ଭାବେ ଅସିତ ପଣ୍ଡା ଯୋଗଦାନ କରିଛନ୍ତି। ସେ କଳମପୁର ଥାନା ଅବସ୍ଥାପିତ ହୋଇ ନ ଥିବା ପୂର୍ବରୁ କଳମପୁର ଫାଣ୍ଡି ଅଧିକାରୀ ଭାବେ ନିୟୋଜିତ ହୋଇ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରି ଯାଇଛନ୍ତି। ଅବସରକାଳ ଆସନ୍ନ ହେବାରୁ ଶ୍ରୀ ପଣ୍ଡା କଳମପୁର ଥାନା ଅନ୍ତର୍ଗତ ବଡକୁଟ୍ରୁ ଫାଣ୍ଡିରେ ନିୟୋଜିତ ହୋଇଛନ୍ତି। ତାଙ୍କ କାର୍ଯ୍ୟକୁ ନେଇ ଜନ ସାଧାରଣରେ ଆସ୍ଥା ପ୍ରକଟ କରାଯାଇ ଥିବା ବେଳେ ଶ୍ରୀ ପଣ୍ଡା ମଧ୍ୟ ମୋର କାର୍ଯ୍ୟକାଳ ଏଭଳି ଆରମ୍ଭ ଓ ଏହିଠାରେ ହିଁ ଶେଷ ହେବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ସରିଲା ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା

## ପ୍ରଥମ ସ୍ଥାନରେ ସ୍ୱାଭିମାନ, ଶ୍ରୀୟାଂଶୁ ଓ ସୂର୍ଯ୍ୟାଂଶୁ




ଭବାନୀପାଟଣା,(ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍କୁଲ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ କଳାହାଣ୍ଡି କିସ୍‌ର ଉପ-କାର୍ଯ୍ୟନିର୍ବାହୀ ଦୁଷ୍ମନ୍ତ କୁମାର ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲାବେଳେ ସମ୍ମାନିତ ଅତିଥି ଭାବେ ସିନିୟର ନ୍ୟାସନାଲ ଚେସ୍ ଅରବିଟର୍ ରବିନ୍ଦ୍ର ସାହୁ ଏବଂ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥ ବିଶିଷ୍ଟ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡି ଉପସ୍ଥିତ ଥିଲେ। ଅଳ୍ପ ବୟସର ଚେସ୍ ଖେଳାଳୀମାନେ ସେମାନଙ୍କ ନିଷ୍ଠା ଓ ଅଧ୍ୟବସାୟ ବଳରେ ଭବିଷ୍ୟତରେ ଜଣେଜଣେ ଉତ୍ତମ ଖେଳାଳୀ ହୋଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିବା ସହ ଏହି ପ୍ରତିଯୋଗିତାର ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରତିଯୋଗିତାର ୧୭ ବର୍ଷ ବୟସ ବିଭାଗରେ ସ୍ୱାଭିମାନ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପଲକ ରାଣା ଦ୍ୱିତୀୟ ଓ ଆଶୁତୋଷ ମୁଣ୍ଡ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥଲେ। ଅନୁରୂପ ଭାବେ ୧୫ ବର୍ଷ ବୟସ ବିଭାଗରେ ଶ୍ରୀୟାଂଶୁ ସୂତାର ପ୍ରଥମ, ରବି ଶଙ୍କର ପଣ୍ଡା ଦ୍ୱିତୀୟ ଏବଂ ଯଶକନ୍ୟା ସାହୁ ତୃତୀୟ ଏବଂ ୧୧ ବର୍ଷ ବୟସ ବିଭାଗରେ ସୂର୍ଯ୍ୟାଂଶୁ ନାଏକ ପ୍ରଥମ, ସୂର୍ଯ୍ୟାଂଶୁ ସାହୁ ଦ୍ୱିତୀୟ ଓ ଦିବ୍ୟାଂଶ ପଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କଳାହାଣ୍ଡି ଚେସ୍ ଏକାଡେମୀର ଅଧ୍ୟକ୍ଷ ଡ. ଶିବରାମ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଓ ଏକାଡେମୀ ପକ୍ଷରୁ ଧନମନ୍ତ ବେମାଲ, ପବିତ୍ର ମହାନନ୍ଦ, ତୁଳେଶ୍ୱର ଶବର,ସରିତା ବାଗେଇ ଏବଂ ବୃଷଭ ଦାସଙ୍କ ସହ ବହୁ ଶୁଭେଚ୍ଛୁ କାର୍ଯ୍ୟକ୍ରମ ପରିଚାଳନାର ସହଯୋଗ କରିଥିଲେ।

## ଶ୍ରାବଣ ସାହିତ୍ୟ ଆସର ପାଳିତ

କୁନାଗଡ଼ (ଭାସ୍କର ନ୍ୟୁଜ୍): କୁନାଗଡ ସାହିତ୍ୟ ସଂସ୍କୃତି ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଓ ଶ୍ରାବଣ ସାହିତ୍ୟ ଆସର କୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟ ଅତିଥି କୁନାଗଡ଼ ସମ୍ବାଦ ସାହିତ୍ୟ ଘର ସଭାପତି ଅଶୋକ ପଟ୍ଟନାୟକ, ମୁଖ୍ୟ ବକ୍ତା ସାହିତ୍ୟିକ ସର୍ବଶ୍ରୀ ସବାଖ୍ୟା ସାହିତ୍ୟ ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ, ସମ୍ମାନୀତ ବକ୍ତା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରବଣ କୁମାର ସାହୁ, ସମ୍ମାନୀତ ଅତିଥି ସମାଜ କର୍ମୀ ବିଶ୍ୱନାଥ କର, ଅଧ୍ୟାପକ ରାଜେଶ କୁମାର ମୁଣ୍ଡ ଯୋଗ ଦେଇ ସାହିତ୍ୟରେ ଏକନିଷ୍ଠ ସାଧନା ଏକାନ୍ତ ଆବଶ୍ୟକ ଓ କବିମାନେ ମାଟିର କଥା କହନ୍ତୁ ବୋଲି ପ୍ରକାଶ କରିଥିଲେ। ଯୁଗ ଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ ମଞ୍ଚ ପରିଚାଳନା ଓ କିରଣମୟ ସେନାପତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସହ ସଂପାଦକ ନବଘନ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ ସହ ଧନ୍ୟବାଦ ଅର୍ପଣ କରିଥିଲେ। କବି ପ୍ରତାପ ଚନ୍ଦ୍ର ପଣ୍ଡା, ଅର୍ଜୁନ ଗୋପାଳ, ଦୀନେଶ ମେହେର, ଶିବ ପ୍ରସାଦ ମହାରଣାଙ୍କ କବିତା ସଂଯୋଜନାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୬୦ ଜଣ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସଂସଦର ବରିଷ୍ଠ ସଦସ୍ୟ ବ୍ରଜ କିଶୋର ମିଶ୍ର, ଚନ୍ଦ୍ର ଶେଖର ସିଂ, ମନୋଜ ମେହେର, ବେଣୁଧର ବାଗ, ହୃଷିକେଶ ମିଶ୍ର, ହିତେଶ ପାଢ଼ୀ, ଶ୍ୟାମ ସୁନ୍ଦର ପାଢ଼ୀ, ଗୋପାଳ ପାତ୍ର। ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ କାଳେ ମହାରଣା ଓ କୁମୁଦିନୀ ସି।

## କେସିଙ୍ଗା ଷ୍ଟେସନର ସମସ୍ୟାକୁ ନେଇ ଡିଆରଏମ୍‌ଙ୍କୁ ଦାବିପତ୍ର

କେସିଙ୍ଗା, (ଭାସ୍କର ନ୍ୟୁଜ୍) : ରେଳଯାତ୍ରୀ ସଂଘ କଳାହାଣ୍ଡି, କେସିଙ୍ଗା ଶାଖା ପକ୍ଷରୁ ରେଳବାଇ ଡିଆର୍‌ଏମ୍ ସମ୍ବଲପୁରଙ୍କୁ କେସିଙ୍ଗା ରେଳଷ୍ଟେସନରେ ଦେଖାଯାଉଥିବା ସମସ୍ୟା ଗୁଡ଼ିକୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଉକ୍ତ ଦାବି ପତ୍ରରେ କେସିଙ୍ଗା ରେଳଷ୍ଟେସନରେ ଟ୍ରେନ ଆସିବା ୧୫ ମିନିଟ୍ ପୂର୍ବରୁ ଘୋଷଣା, ପ୍ରତ୍ୟେକ ଟ୍ରେନ ୪ ନମ୍ବର ପ୍ଲାଟଫର୍ମରେ ରହିବା, ଭୁବନେଶ୍ୱରକୁ କେସିଙ୍ଗା ଠାରୁ ସିଧା ଟ୍ରେନ୍, ଇସ୍ପାତ ଟ୍ରେନକୁ ରାୟଗଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ, ପ୍ରତ୍ୟେକ ପ୍ଲେଟଫର୍ମରେ ଶୌଚାଳୟର ବ୍ୟବସ୍ଥା, ବୟସ୍କ ରେଳଯାତ୍ରୀଙ୍କ ପାଇଁ ଲିଫ୍ଟର ବ୍ୟବସ୍ଥା, ରାୟପୁର- ଜୁନାଗଡ଼ ପୁସପୁଲ୍ ପାସେଞ୍ଜର ଟ୍ରେନ ରାୟପୁରରୁ ଛାଡ଼ିବା ସମୟ ୨ଟା ପରିବର୍ତ୍ତେ ୩.୩୦ କରିବା, ବନ୍ଦେ ଭାରତ ଟ୍ରେନ ବିଶାଖାପାଟଣାରୁ ଛାଡ଼ିବା ସମୟ ଦିନ ୨ ଟା ପରିବର୍ତ୍ତେ ସକାଳ ୫.୩୦ କରିବା, ରେଳଷ୍ଟେସନ ପାର୍କିଂ ଅଞ୍ଚଳରେ ସବୁ ସମୟରେ ଅନାବଶ୍ୟକ ଯାନବାହାନ ଛିଡ଼ାହୋଇ ଥିବାରୁ ଲୋକଙ୍କ ଯାନବାହାନ ରଖିବାରେ ଅସୁବିଧା, ତେଣୁ ସେ ସବୁ ପ୍ରତି ଧ୍ୟାନ ଦେବା, ଷ୍ଟେସନ ବାହାର ଡିଜିଟାଲ ଡିସପ୍ଲେ ବୋର୍ଡ ଯାହା ଟ୍ରେନର ଆସିବା ଯିବା ଓ କେଉଁ ପ୍ଲାଟଫର୍ମରେ ଆସିବ ସେ ବିଷୟରେ ଅବଗତ କରାଇବା ଏବଂ ଲୋକେ ଦର୍ଶାଇ ଦାବି କେବଳ ରେଳଯାତ୍ରୀ ସଂଘ କଳାହାଣ୍ଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏପରି ଅନେକ ଥର ବିଭିନ୍ନ ଦାବି ନେଇ ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ରେଳ ବିଭାଗ କେସିଙ୍ଗାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ରେଳଯାତ୍ରୀ ସଂଘ କଳାହାଣ୍ଡି ପକ୍ଷରୁ ପ୍ରଦାନ କରାଯାଇଥିବା ଦଶଟି ଦାବିପତ୍ରକୁ ରେଳ ବିଭାଗ କେତେ ମାତ୍ରାରେ ପୂରଣ କରୁଛନ୍ତି ନା ପୂର୍ବଥର ପରି ଚଳିତ ଥର ମଧ୍ୟ ରେଳ ବିଭାଗ କେସିଙ୍ଗା ରେଳଷ୍ଟେସନକୁ ଅଣଦେଖା କରୁଛନ୍ତି ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଆଜି ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ ହୋଇଯାଇଛି। ଏହି କମିଟିର ଅଧ୍ୟକ୍ଷ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ହୋଇଥିବା ବେଳେ କମିଟି ଆବାହକ ଭାବେ ବିଡ଼ିଓ ତ୍ରିପୁରା ମହାନନ୍ଦ, ସିଡ଼ିପିଓ, ବିଇଓ ରାଜେଶ କୁମାର ନାଏକ, ଗଙ୍ଗାଶିଷ୍ଟ ମୁଣ୍ଡ, ଜୟନ୍ତ କୁମାର ସିଂ, ରାମ ବିଲାସ ସାଗର, ସୁଶାନ୍ତ ମୁଣ୍ଡ ମନୋନୀତ ହୋଇଥିଲେ। ଏହି କମିଟିର କାର୍ଯ୍ୟ ହେଉଛି ବ୍ଲକର ଶିଶୁ ମାନଙ୍କର ସୁରକ୍ଷା ଉପରେ କାମ କରିବା। ଶିଶୁ ମାନେ କିପରି ନିର୍ଯ୍ୟାତିତ ନ ହେବେ ଓ ଅନେକ ଜାଗାରେ ଶିଶୁ ମାନଙ୍କୁ ଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଥିବାବେଳେ ଏପରି ଶିଶୁ ମାନଙ୍କୁ ଚିହ୍ନଟ କରି ତାଙ୍କୁ ତାଙ୍କର ସୁରକ୍ଷା ପ୍ରଦାନ କରିବା। ଏହି ଅବସରରେ ଜିଲ୍ଲାରୁ ଆସିଥିବା ଶିଶୁ ସୁରକ୍ଷା ସଦସ୍ୟା ରାଜଲକ୍ଷ୍ମୀ ଦାସ ଓ ସାଥୀ ଉପସ୍ଥିତ ଥିବା ଆଙ୍ଗନୱାଡ଼ି, ଆଶାକର୍ମୀ, ନିର୍ବାଚିତ ପ୍ରତିନିଧି, ପୋଲିସ କର୍ମଚାରୀ ମାନଙ୍କୁ ଶିଶୁ ସୁରକ୍ଷା ଦିଗରେ କିଭଳି କାର୍ଯ୍ୟ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡ଼ିଓ ବିଜୟ କୁମାର ନାଏକ ଓ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ରମିତି କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

## କୂଅ ଭିତରୁ ବିଲୁଆ ଉଦ୍ଧାର



କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସାନପୋଡ଼ାଗୁଡ଼ା ଗ୍ରାମର ମୋହନ ଝାଙ୍କରଙ୍କ ଘର ବାଡ଼ି ପଟେ ଥିବା କୂଅରୁ ମଙ୍ଗଳବାର ଏକ ବିଲୁଆକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ବିଲୁଆଟି ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ଖସିପଡ଼ି ଚିତ୍କାର କରୁଥିଲା। ଏହା ଜାଣିବାକୁ ପାଇ ସ୍ଥାନୀୟ ଯୁବକ ଚୈତନ ମେହେର କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏହାପରେ ପରେ ଅଗ୍ନିଶମ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ ସୁନୀଲ ରଞ୍ଜନ ବାରଲ, ରାଧେଶ୍ୟାମ ପ୍ରଧାନୀ, ମନୋଜ ବିଶ୍ୱାଳ, ହେମନ୍ତ ନାଏକ, ଦିଗାମ୍ବର ଭୋଇ ପ୍ରମୁଖ କର୍ମଚାରୀ ପହଞ୍ଚି ସୁରକ୍ଷିତ ଭାବରେ କୂଅ ଭିତରୁ ବିଲୁଆକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ଗ୍ରାମର ବିରଞ୍ଚି ମାଝୀ, ମଧୁବନ ପାତ୍ର, ମାନଗୋବିନ୍ଦ ଗୋପାଳ, ମଣ୍ଟୁ ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଯୁବତୀଙ୍କ ଦକ୍ଷତା ବିକାଶ ତାଲିମ ଶିବିର



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଭାରତ ଓ ଓଡ଼ିଶା ସରକାରଙ୍କ ଅଭିନବ ରୋଜଗାର ବ୍ୟବସ୍ଥା ଆଧାରିତ ପର୍ଲା ଠାରେ ଦକ୍ଷତା ବିକାଶ ତାଲିମ ଉପରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସାହାନା କମ୍ପାନି ଆୟୋଜନ ବୈଠକରେ ପର୍ଲା ସରପଞ୍ଚ ତ୍ରିଲୋଚନ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବେକାରୀ ଯୁବତୀଙ୍କ ଅଭ୍ୟୁତ୍ଥାନ ତଥା ରୋଜଗାର କ୍ଷମ ହେବା ଉଦ୍ଦେଶ୍ୟରେ ସରକାରଙ୍କ ଦକ୍ଷତା ବିକାଶ ଟ୍ରେନିଂ ଏକ ଆଶା ସଞ୍ଚାର ଦେଇଛି। ଏହାର ସୁଯୋଗ ନେଇ ପର୍ଲା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ବେକାରୀ ଯୁବତୀ ମାନେ ଟ୍ରେନିଂ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ସାହାନା କମ୍ପାନୀର କ୍ଷେତ୍ର ପରିଦର୍ଶକ ଟ୍ରେନିଂ କେନ୍ଦ୍ରର ସମସ୍ତ ବିବରଣୀ ଓ ସୁବିଧା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ଉପରେ ବୁଝାଇ ଥିଲେ। ବିଶେଷ ଭାବେ ଯୁବତୀ ମାନଙ୍କ ପାଇଁ ଟ୍ରେନିଂ, ରହିବା ଖାଇବା ସମସ୍ତ ପ୍ରକାର ସୁବିଧା ବିନା ମୂଲ୍ୟରେ ଥିବା ଓ ପାରିଶ୍ରମିକ ମୂଲ୍ୟ ଓ କମ୍ପାନୀ ତରଫରୁ ସ୍ଥାୟୀ ଜୀବିକା ପ୍ରଦାନ ଉପରେ ବୁଝାଇଥିଲେ। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀ ସମେତ ସମସ୍ତ ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସିଆରପି କର୍ମୀମାନେ ଉପସ୍ଥିତ ରହିଥିଲେ।

## ରାଶିଫଳ

ଗୁରୁବାର, ୩୧ ଜୁଲାଇ ୨୦୨୫

**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିବ୍ରାଟ ଅନୁଭବ କରିବେ।

**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।

**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢ଼ି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ।

**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବିପରୀତ ଲିଙ୍ଗର ଲୋକଙ୍କ ଭେଟିବେ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିବେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ।

**ତୁଳା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ଅନୁଭବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।

**କନ୍ୟା:** ଆଜି ଆପଣ ଅଧିକ କଳ୍ପନାଶୀଳ ହେବେ। ସାହିତ୍ୟର ସୃଷ୍ଟି କରିବା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।

**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡ଼ିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏବଂ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ।

**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏବଂ ସଫଳ କାର୍ଯ୍ୟଙ୍କୁ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବେ।

**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।

**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରରେ ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ସହ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ପାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।

**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।

**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ ଲାଭ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଦାୟକ ଖବର ଆସିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୦୩୯